# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ଜାନୁୟାରୀ ୮/୨୦୨୦ (୧୬ପୃଷ୍ଠା + ସାହିତ୍ୟାୟନ) Sambalpur, Wednesday, January 8 / 2020 ★★

୧୬ଶ ଭାଗ ୨୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-




**ସାଇକୋ କିଲର ଭୂମିକା ଚାହାନ୍ତି ଅକ୍ଷୟ**

ଭାରତ ଭଳି ଦେଶରେ ଡିପ୍ରେଶନ ଏକ ବଡ଼ ସମସ୍ୟା। ତେଣୁ ମୁଁ ସାଇକୋ କିଲର୍ ଭୂମିକାରେ ଅଭିନୟ କରିବାକୁ ଚାହେଁ ବୋଲି ବଲିଉଡ୍ ସୁପରଷ୍ଟାର ଅକ୍ଷୟ କୁମାର କହିଛନ୍ତି।

୦୨

୧୫

**ସୌରଭଙ୍କ ଦ୍ୱିଶତକ**

ସୌରଭ ଗୌଡଙ୍କ ଦ୍ୱିଶତକ ସହାୟତାରେ ଓଡ଼ିଶା ସିକିମ ବିପକ୍ଷ ସି.କେ. ନାଇଡୁ ଟ୍ରଫି କ୍ରିକେଟ ମ୍ୟାଚରେ ଇନିଂସ ବିଜୟ ହାସଲ କରିଛି।



**ସୋଲେମାନୀଙ୍କ ଶେଷକୃତ୍ୟ ସମ୍ପନ୍ନ**

**ଶୋଭାଯାତ୍ରା ବେଳେ ଦଳାଚକଟା: ୪୦ ମୃତ**

........୭........

**୫%କୁ ଖସିବ ଜିଡିପି**

........୭........

**ଆଜିର ସମ୍ପାଦକୀୟ**

**ଅଷ୍ଟ୍ରେଲିଆ ନିଆଁ**

**ଆଜିର ମନ୍ତବ୍ୟ**

“ଜେଏନ୍‌ୟୁରେ ପଶି ଛାତ୍ରୀଛାତ୍ରଙ୍କ ଉପରେ ଆକ୍ରମଣ କରିଥିବା ବ୍ୟକ୍ତିଙ୍କ ବିରୋଧରେ ହତ୍ୟା ଉଦ୍ୟମ ମାମଲା ରୁଜୁ କରାଯାଉ।

–ଅସାଦୁଦ୍ଦିନ ଓୱାଇସି, ଏଆଇଏମ୍ଆଇଏମ୍ ଅଧ୍ୟକ୍ଷ


Vencobb Fresh Chicken — Taste the difference!

07.01.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 85 | 139 | 149 |
| CTC | 84 | 137 | 147 |
| DKL | 83 | 136 | 146 |
| BDK | 80 | 132 | 142 |
| BLS | 80 | 132 | 142 |
| ANG | 84 | 137 | 147 |
| BHM | 87 | 141 | 151 |

*Conditions Apply

Issued in the Interest of Consumers


# ନିର୍ଭୟା ମାମଲା: ମୃତ୍ୟୁ ୱାରେଣ୍ଟ ଜାରି

# ୪ ବଳାତ୍କାରୀଙ୍କୁ ୨୨ରେ ଫାଶୀ

**ନୂଆଦିଲ୍ଲୀ, ୭।୧ (ପି.ଟି./ଆଇଏଏନ୍‌ଏସ୍)**

ବହୁଚର୍ଚ୍ଚିତ ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାର ସମସ୍ତ ୪ ଦୋଷୀଙ୍କୁ ଫାଶୀ ଦିଆଯିବ। ଆସନ୍ତା ୨୨ ତାରିଖ ସକାଳ ୭ଟାରେ ତିହାର ଜେଲରେ ସେମାନଙ୍କୁ ଫାଶୀଖୁଣ୍ଟରେ ଝୁଲାଯିବ ବୋଲି ଦିଲ୍ଲୀର ଏକ ସ୍ଥାନୀୟ କୋର୍ଟ ମଙ୍ଗଳବାର ରାୟ ଦେଇଛନ୍ତି। ଅତିରିକ୍ତ ସେସନ୍ସ ଜଜ୍ ସତୀଶ କୁମାର ଆରୋରା ଦୋଷୀ ମୁକେଶ ସିଂ(୩୨), ବିନୟ ଶର୍ମା(୨୬), ଅକ୍ଷୟ ଠାକୁର (୩୧) ଓ ପବନ ଗୁପ୍ତା(୨୫)ଙ୍କ ବିରୋଧରେ ମୃତ୍ୟୁ ୱାରେଣ୍ଟ ଜାରି କରିଛନ୍ତି। ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଏହି ରାୟ ୪ ଦୋଷୀଙ୍କୁ ଜଣାଇଦିଆଯାଇଛି। କୋର୍ଟଙ୍କ ରାୟକୁ ଦେଶବ୍ୟାପୀ ସ୍ୱାଗତ କରାଯାଇଛି।

ପଟିଆଲା ହାଉସ କୋର୍ଟ ସୋମବାର ନିର୍ଭୟା ମାମଲାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ। ଶୁଣାଣି ବେଳେ ଅଭିଯୋଜନକାରୀ ପକ୍ଷ (ଦିଲ୍ଲୀ ସରକାର) କହିଥିଲେ, ବର୍ତ୍ତମାନ ରାଷ୍ଟ୍ରପତିଙ୍କ ନିକଟରେ କିମ୍ବା କୌଣସି କୋର୍ଟରେ ବିଚାର ପାଇଁ ଦୋଷୀମାନଙ୍କର ଆବେଦନ ନାହିଁ। ଦୋଷୀମାନଙ୍କ ପକ୍ଷରୁ ଦାଏର ହୋଇଥିବା ସମସ୍ତ ପିଟିଶନକୁ ସୁପ୍ରିମକୋର୍ଟ ପୂର୍ବରୁ ଖାରଜ କରିସାରିଛନ୍ତି। ତେଣୁ ତୁରନ୍ତ ଫାଶୀ ଦେବା ଲାଗି ସେମାନଙ୍କ ନାମରେ ମୃତ୍ୟୁ ୱାରେଣ୍ଟ ଜାରି କରାଯାଉ। ତେବେ ମୃତ୍ୟୁ ୱାରେଣ୍ଟ ଜାରି କରିବା ଓ ଦୋଷୀଙ୍କୁ ଫାଶୀ ଦେବା ଅବଧି ମଧ୍ୟରେ ସେମାନେ କ୍ୟୁରେଟିଭ୍ ପିଟିଶନ ଦାଏର କରିପାରିବେ। ମୁକେଶ ଓ ବିନୟଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ☞ପୃଷ୍ଠା–୪



ମୁକେଶ ସିଂ



ବିନୟ ଶର୍ମା



ଅକ୍ଷୟ ଠାକୁର



ପବନ ଗୁପ୍ତା

## ତିହାର ଜେଲ ନଂ.୩ରେ ଦିଆଯିବ

ନୂଆଦିଲ୍ଲୀ,୭।୧(ପି.ଟି.)– ନିର୍ଭୟା ବଳାତ୍କାର ଓ ହତ୍ୟା ମାମଲାର ୪ ଦୋଷୀଙ୍କୁ ଜେଲ ନମ୍ବର ୩ରେ ଫାଶୀ ଦିଆଯିବ। ଦିଲ୍ଲୀର ପଟିଆଲା ହାଉସ୍ କୋର୍ଟ ଦୋଷୀ ମୁକେଶ ସିଂ, ବିନୟ ଶର୍ମା, ଅକ୍ଷୟ ଠାକୁର ଓ ପବନ ଗୁପ୍ତାଙ୍କ ବିରୋଧରେ ମୃତ୍ୟୁ ୱାରେଣ୍ଟ ଜାରି କରିବା ପରେ ତିହାର ଜେଲର ଜଣେ ବରିଷ୍ଠ ଅଧିକାରୀ ମଙ୍ଗଳବାର ରାତିରେ ଏହି ସୂଚନା ଦେଇଛନ୍ତି। ୩ ଜଣ ଦୋଷୀଙ୍କୁ ଜେଲ୍ ନମ୍ବର ୨ରେ ରଖାଯାଇଥିବାବେଳେ ଜଣଙ୍କୁ ଜେଲ୍ ନମ୍ବର ୪ରେ ରଖାଯାଇଛି। ଉତ୍ତରପ୍ରଦେଶର ମିରଟରେ ରହୁଥିବା ଜଣେ ଜହ୍ଲାଦ ୨୨ ତାରିଖ ସକାଳ ୭ଟାରେ ଏହି ୪ ଜଣଙ୍କୁ ଫାଶୀଖୁଣ୍ଟରେ ଝୁଲାଇବେ।

# ଆଜି ବନ୍ଦ ଡାକରା

- ଟ୍ରେଡ୍ ୟୁନିୟନର ଆହ୍ୱାନ
- ଯାନବାହନ, ଦୋକାନ ବଜାର, ବ୍ୟାଙ୍କ ବନ୍ଦ ରହିବ
- ସକାଳ ୯ଟା ୩୦ ସୁଦ୍ଧା କାର୍ଯ୍ୟାଳୟରେ ପହଞ୍ଚିବାକୁ କର୍ମଚାରୀଙ୍କୁ ନିର୍ଦ୍ଦେଶ
- ଆଇନଶୃଙ୍ଖଳା ରକ୍ଷା କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ
- ଖୋର୍ଦ୍ଧା ଜିଲାରେ ମଧ୍ୟାହ୍ନ ଭୋଜନ ଯୋଗାଣ ବନ୍ଦ ରହିବ



ବନ୍ଦକୁ ସଫଳ କରିବା ପାଇଁ ନିବେଦନ କରି ସିଆଇଟିୟୁ ପକ୍ଷରୁ ଭୁବନେଶ୍ୱରରେ ଆୟୋଜିତ ମଶାଲ ଶୋଭାଯାତ୍ରା।

**ଭୁବନେଶ୍ୱର,୭।୧(ବ୍ୟୁରୋ)**

ରାସ୍ତାରେ ଗାଡ଼ି ଗଡ଼ିବନି। ଦୋକାନ ବଜାର, ବ୍ୟାଙ୍କ, ଶିକ୍ଷାନୁଷ୍ଠାନ ବନ୍ଦ ହେବ। ୧୨ ଦଫା ଦାବି ନେଇ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ପକ୍ଷରୁ ବୁଧବାର ଦେଶବ୍ୟାପୀ ୨୪ ଘଣ୍ଟିଆ ଧର୍ମଘଟ ଡାକରା ଦିଆଯାଇଛି। ଏଆଇଟିୟୁସି, ଏଚଏମ୍‌ଏସ୍, ସିଆଇଟିୟୁ, ଏଆଇଟିୟୁସି, ସେୱା, ଏଆଇସିସିଟିୟୁ, ଏଲପିଏଫ, ୟୁଟିୟୁସିର ଭଳି ଟ୍ରେଡ ୟୁନିୟନ ଗୁଡିକ ସାମିଲ ହୋଇଛନ୍ତି। ଓଡ଼ିଶାରେ ମଧ୍ୟ ଏହି ବନ୍ଦ ପାଳନ ହେବ। ଟ୍ରେଡ ୟୁନିୟନଗୁଡିକର ଆଞ୍ଚଳିକ ଶାଖାର କର୍ମକର୍ତ୍ତାମାନେ ଧର୍ମଘଟରେ ସାମିଲ ହୋଇ ବିଭିନ୍ନ ସ୍ଥାନରେ ପିକେଟିଂ କରିବେ। କେନ୍ଦ୍ର ସରକାରଙ୍କ ସମସ୍ତ ଅଫିସ, ରେଳ, ବ୍ୟାଙ୍କ ଓ ଶିକ୍ଷାନୁଷ୍ଠାନ ସମ୍ମୁଖରେ ଟ୍ରେଡ ୟୁନିୟର କର୍ମକର୍ତ୍ତାମାନେ ପ୍ରତିବାଦ କରିବେ। ବ୍ୟାଙ୍କ କର୍ମଚାରୀ ସଂଘ ଏହି ଧର୍ମଘଟରେ ସାମିଲ ହେଉଥିବାରୁ ବ୍ୟାଙ୍କଗୁଡିକ ବନ୍ଦ ରହିବ। ଏହି ଧର୍ମଘଟକୁ କଂଗ୍ରେସ ପକ୍ଷରୁ ସମର୍ଥନ କରାଯାଇଛି।

କୃଷକ, ଶ୍ରମିକ, ଦିନମଜୁରିଆଙ୍କୁ ସର୍ବନିମ୍ନ ମଜୁରି ମିଳୁନାହିଁ। ସର୍ବତ୍ର ଭୟ ଓ ଅବିଶ୍ୱାସର ବାତାବରଣ ସୃଷ୍ଟି ହୋଇଛି। ଲୋକମାନଙ୍କର ସ୍ୱାଧୀନ ମତବ୍ୟକ୍ତ ଅଧିକାର ଦିନକୁ ଦିନ କ୍ଷୁଣ୍ଣ ହୋଇ ଚାଲିଛି। ଏହାକୁ ବିରୋଧ କରି କଂଗ୍ରେସ ରାଜ୍ୟରେ ପ୍ରତିବାଦ କରିବ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି। କଂଗ୍ରେସ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନଠାରେ ଏକ ପ୍ରତିବାଦ ସଭାର ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଛି। ଏହି ଧର୍ମଘଟକୁ ସଫଳ କରିବାକୁ ପିସିସି ପକ୍ଷରୁ କର୍ମକର୍ତ୍ତାଙ୍କୁ ଆହ୍ୱାନ କରାଯାଇଛି। ☞ପୃଷ୍ଠା–୪






"ବଲିଉଡ୍‌ରେ ମୁଁ ୧୫ ବର୍ଷ ପୂରଣ କରିଛି। ୨୦୨୦ ମୋ ପାଇଁ ଲକି ସାବ୍ୟସ୍ତ ହେବ ବୋଲି ଆଶା କରୁଛି।"

-କାଟ୍ରିନା କୈଫ୍,
ବଲିଉଡ୍ ଅଭିନେତ୍ରୀ



# ପାଶ୍ଚାତ୍ୟ ରାଷ୍ଟ୍ରରେ ବଢୁଛନ୍ତି ମହିଳା ଅପରାଧୀ



**ଲଣ୍ଡନ:** ଅଧିକାଂଶ ଅପରାଧ ମାମଲାରେ କାଠଗଡ଼ାକୁ ଟଣା ହୋଇ ଆସିଥାନ୍ତି ପୁରୁଷ। ହିଂସ୍ର ଅପରାଧ କଥା ପଡ଼ିଲେ ଏଥିରେ ପୁରୁଷଙ୍କ ସମ୍ପୃକ୍ତିକୁ ନେଇ ବେଶି ଆଲୋଚନା ହୁଏ। ହେଲେ ସାରା ଦୁନିଆର ଆପରାଧିକ କାର୍ଯ୍ୟକଳାପ ଉପରେ ନଜର ରଖିଥିବା ଲଣ୍ଡନର ସଂସ୍ଥା 'ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ରିମିନାଲ ପଲିସି ରିସର୍ଚ୍ଚ' ପକ୍ଷରୁ ପ୍ରକାଶିତ ସଦ୍ୟତମ ରିପୋର୍ଟ ଅନ୍ୟ ଏକ ଦିଗକୁ ଭାବିବାକୁ ବାଧ୍ୟ କରିଛି। ଏହି ରିପୋର୍ଟରେ କୁହାଯାଇଛି, ଗତ ୩ ଦଶନ୍ଧି ମଧ୍ୟରେ ଜେଲରେ ପୁରୁଷଙ୍କ ତୁଳନାରେ ମହିଳା କଏଦୀଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ଘଟିଛି। ବିଶେଷ କରି ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକରେ ଏହି ହାର ଅଧିକ। ଗତ ୩୦ବର୍ଷ ଭିତରେ ପାଶ୍ଚାତ୍ୟ ରାଷ୍ଟ୍ର ସମୂହରେ ଅପରାଧ କମିଥିବା ରିପୋର୍ଟରେ ଦାବି କରାଯାଇଛି। ହେଲେ ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ହିଂସ୍ର ଅପରାଧରେ ମହିଳାଙ୍କ ସମ୍ପୃକ୍ତି ମାମଲା ଦ୍ରୁତଗତିରେ ବୃଦ୍ଧି ଘଟିଛି। ପ୍ରାଇଭେଟ ଇନ୍‌ଭେଷ୍ଟିଗେଟର କେଲି ପେକ୍ସଟନଙ୍କ କହିବା କଥା, ଆଜିକାଲି ମହିଳାମାନେ ଅତ୍ୟଧିକ ଖର୍ଚ୍ଚ କରୁଛନ୍ତି। ସେମାନେ ନିଜେ ନିଜର ଆବଶ୍ୟକତା ପୂରଣ କରିପାରୁନାହାନ୍ତି। ଆର୍ଥିକ ସଙ୍କଟ ସେମାନଙ୍କୁ ଅପରାଧ ଜଗତକୁ ଟାଣି ନେଉଛି। ଏହି କାରଣରୁ ୩୦ ବର୍ଷରେ ସାରା ପୃଥିବୀରେ ମହିଳା କଏଦୀଙ୍କ ସଂଖ୍ୟା ୫୦%ରୁ ଉର୍ଦ୍ଧ୍ୱ ବୃଦ୍ଧି ଘଟିଛି। ବ୍ରିଟେନରେ ୨୦୧୫-୧୬ରେ ବିଭିନ୍ନ କାରଣରୁ ଗିରଫ ହୋଇଥିବା ମହିଳାଙ୍କ ସଂଖ୍ୟା ହାରାହାରି ୫୦% ବଢ଼ିଛି। ଏଥିରୁ ମହିଳାମାନେ ହିଂସାକାଣ୍ଡ ଭଳି ଘଟଣାରେ ନିଜକୁ ସାମିଲ କରୁଥିବା ସ୍ପଷ୍ଟ ହୋଇଛି। ରିପୋର୍ଟରେ ଆହୁରି ମଧ୍ୟ କୁହାଯାଇଛି, ପୃଥିବୀର ବିଭିନ୍ନ ଜେଲରେ ଏବେ ୭ ଲକ୍ଷ ୧୪ ହଜାର ମହିଳା କଏଦୀ ରହୁଛନ୍ତି। ଏହା ମୋଟ ଏକଦୀ ସଂଖ୍ୟାର ମାତ୍ର ୭%। ହେଲେ ୩ ଦଶନ୍ଧିର ତଥ୍ୟକୁ ଆକଳନ କଲେ ଜେଲରେ ମହିଳା କଏଦୀଙ୍କ ସଂଖ୍ୟା ଦ୍ରୁତ ମାତ୍ରାରେ ବୃଦ୍ଧି ପାଇବାରେ ଲାଗିଛି, ଯାହା ଇତିହାସରେ ଆଗରୁ କେବେ ଦେଖାଯାଇ ନ ଥିଲା। ଆମେରିକାରେ ସବୁଠାରୁ ବେଶି ମହିଳା କଏଦୀ ଅଛନ୍ତି। ଏହିସଂଖ୍ୟା ୨ ଲକ୍ଷ ୧୧ ହଜାର। ଏହି କ୍ରମରେ ଚାଇନାରେ ୧ଲକ୍ଷ ୭ ହଜାର, ରୁଷିଆରେ ୪୮ ହଜାର ୪୭୮, ବ୍ରାଜିଲରେ ୪୪ ହଜାର ୭୦୦, ଥାଇଲାଣ୍ଡରେ ୪୧ ହଜାର ୧୧୯ ଏବଂ ଭାରତରେ ୧୭ ହଜାର ୮୩୪ ଜଣ ମହିଳା କଏଦୀ ବିଭିନ୍ନ ଜେଲରେ ରହୁଥିବା ରିପୋର୍ଟରେ ଉଲ୍ଲେଖ ରହିଛି।

# ଯୁବତୀଙ୍କ ଅଧିକ ପସନ୍ଦ ଚଷମା ପିନ୍ଧୁଥିବା ଯୁବକ

**ନୂଆଦିଲ୍ଲୀ:** ପ୍ରେମ ଏକ ସ୍ୱର୍ଗୀୟ ଅନୁଭୂତି। ତେବେ ଏକ ଗବେଷଣାରୁ ଜଣାପଡ଼ିଛି ଯୁବତୀମାନେ ପ୍ରେମ ପାଇଁ ଯୁବକଙ୍କ ପାଖରେ କେତେକ ନିର୍ଦ୍ଦିଷ୍ଟ ଗୁଣ ଉପରେ ଗୁରୁତ୍ୱାରୋପ କରିଥାନ୍ତି। ସାଧାରଣତଃ ଚଷମା ପିନ୍ଧୁଥିବା ଯୁବକଙ୍କୁ ଯୁବତୀମାନେ ଅଧିକ ପସନ୍ଦ କରିଥାନ୍ତି ବୋଲି ପର୍‌ଫେକ୍ଟ ଗ୍ଲାସ୍ ଡଟ୍ କୋ ଡଟ୍ ୟୁକେ ପକ୍ଷରୁ କରାଯାଇଥିବା ଏକ ଗବେଷଣା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଚଷମା ପିନ୍ଧୁଥିବା ଯୁବକ ବେଶ୍ ମାର୍ଜିତ ଦେଖାଯାଇଥାନ୍ତି। ଅନ୍ୟମାନଙ୍କ ତୁଳନାରେ ସେମାନେ ଅଧିକ



ଯତ୍ନଶୀଳ ହେବା ସହିତ ନମ୍ର ସ୍ୱଭାବର ହୋଇଥାନ୍ତି ବୋଲି ସ୍ଥଳ ବିଶେଷରେ ଯୁବତୀମାନେ ଭାବନ୍ତି। ସେମାନେ ଜୀବନରେ ଡିସିପ୍ଲିନ୍‌କୁ ଗୁରୁତ୍ୱ ଦେଇଥାନ୍ତି। ସେହିପରି ସେମାନେ କାହା ମନରେ କଷ୍ଟ ଦେବାକୁ ଚାହିଁ ନ ଥାନ୍ତି। ଏସବୁ ଗୁଣକୁ ଯୁବତୀମାନେ ଅଧିକ ପସନ୍ଦ କରିଥାନ୍ତି। ଚଷମା ପିନ୍ଧିଲେ ବ୍ୟକ୍ତିତ୍ୱ ବୃଦ୍ଧି ହୋଇଥାଏ ବୋଲି ଯୁବତୀମାନେ ଭାବିଥାନ୍ତି। ତେଣୁ ଏଭଳି ଯୁବକଙ୍କ ସହିତ ଜୀବନ ବିତାଇବା ପାଇଁ ଯୁବତୀମାନେ ପସନ୍ଦ କରନ୍ତି। ତେବେ ରିପୋର୍ଟରେ ଦର୍ଶାଯାଇଥିବା ତଥ୍ୟ ସମ୍ପୂର୍ଣ୍ଣ ଭାବେ ସମସ୍ତ କ୍ଷେତ୍ରରେ ପ୍ରତିଫଳିତ ହୋଇ ନ ଥାଏ ବୋଲି ପର୍‌ଫେକ୍ଟ ଗ୍ଲାସ୍ ଡଟ୍ କୋ ଡଟ୍ ୟୁକେ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଗବେଷଣା କିଛି ଯୁବତୀ-ଯୁବକଙ୍କ ନିଜସ୍ୱ ମତାମତ ଉପରେ ପ୍ରସ୍ତୁତ କରାଯାଇଥିବା ସଂସ୍ଥା ପକ୍ଷରୁ କୁହାଯାଇଛି।

# ମୂର୍ତ୍ତି କାରିଗର ତିଆରି କଲେ କୃଷି ମେଶିନ୍

**ଚିତ୍ରକୂଟ:** ନୂଆବର୍ଷ ଆରମ୍ଭରେ ମୂର୍ତ୍ତିକାର ପରିବାରର ଦୁଇ ଭାଇ କୃଷି କ୍ଷେତ୍ରକୁ ଭେଟି ଦେଇଛନ୍ତି ଏକ ମେଶିନ୍ । ଏହାର ନାମ ରଖିଛନ୍ତି କିଷାନ୍ ପାୱାର -୨୦୨୦। ଉତ୍ତରପ୍ରଦେଶ ଚିତ୍ରକୂଟର ଦୁଇ ଭାଇ ରମେଶ ଚନ୍ଦ୍ର ମୌର୍ଯ୍ୟ ଓ ସୁରେଶ ଚନ୍ଦ୍ର ମୌର୍ଯ୍ୟ ଜ୍ଞାନକୌଶଳ ଉପଯୋଗ କରି ସେମାନଙ୍କ ସ୍ୱପ୍ନ ସାକାର କରିବା ସହ କୃଷକଙ୍କ ପାଇଁ ତିଆରି କରିଛନ୍ତି ଏହି ମେଶିନ୍। ଦୁଇ ଭାଇଙ୍କ ଏହି ଆବିଷ୍କାର ବଡ ବଡ ଇଞ୍ଜିନିୟରଙ୍କୁ ପଛରେ ପକାଇ ଦେଇଛି। କିଷାନ ପାୱାର-୨୦୨୦ କ୍ଷେତରେ ୪ଟି କାମ କରିପାରୁଛି। ମଉ ତହସିଲ ଅନ୍ତର୍ଗତ ଉସରିମାଫି ଗାଁରେ ସପରିବାର ରୁହନ୍ତି ଏହି ଦୁଇ ଭାଇ। ସୁରେଶ ଓ ରମେଶଙ୍କୁ ବର୍ତ୍ତମାନ ବୟସ ଯଥାକ୍ରମେ ୪୯ ଓ ୪୫ ବର୍ଷ। ଉଭୟେ ଚିତ୍ରକୂଟର ରୟାଲ୍ ଇଣ୍ଟର୍ କଲେଜରୁ ଇଣ୍ଟରମିଡିଏଟ୍ ପାସ୍ କରିବା ପରେ ଆର୍ଟରେ ଡିପ୍ଲୋମା ହାସଲ କରିଛନ୍ତି। ପରେ ଗାଁରେ ଏକ ମୂର୍ତ୍ତିକାର କେନ୍ଦ୍ର ଖୋଲି ସେଠାରେ ମୂର୍ତ୍ତି,ଫୁଲଦାନୀ ଆଦି ତିଆରି କରିବା ସହ ଚାଷ କରୁଛନ୍ତି।



ଇଣ୍ଟରନେଟ୍‌ରେ ବିଭିନ୍ନ ମେଶିନ୍ ଦେଖି ଦୁଇ ଭାଇ ବର୍ଷେ ଲଗାତର ପ୍ରୟାସ କରି ଏହି ମେଶିନ ତିଆରି କରିଛନ୍ତି। ଏଥିଲାଗି ୨୫ ହଜାର ଟଙ୍କା ଖର୍ଚ୍ଚ କରିଛନ୍ତି ଏମାନେ। ଏହା ହଳ କରି ଜମିକୁ ସମାନ କରିପାରୁଛି, ଗାଡ଼ ଖୋଳୁଛି ଓ ଘାସ ବାଛିପାରୁଛି। ମେଶିନ୍‌ରେ ଧାନ କଟାଯାଇପାରିବ। ଏହାବ୍ୟତୀତ ଏଥିରେ ଆଳୁ ଲଗାଯିବା ସହ ଚାରାରେ ମାଟି ଦିଆଯାଇପାରିବ। ଏଥିରେ ଲଗାଯାଇଥିବା ଇଞ୍ଜିନ ଦ୍ୱାରା ବି ଜଳସିଞ୍ଚନ ହୋଇପାରିବ। ମଉ ତହସିଲଦାର ସଞ୍ଜୟ ଅଗ୍ରହରି ଏହି ମେଶିନ୍‌ର କ୍ଷେତ୍ର ପରୀକ୍ଷା ଅନୁଧ୍ୟାନ କରିବାପରେ ଏହା କୃଷକମାନଙ୍କ ପାଇଁ ଲାଭଦାୟକ ହେବ ବୋଲି କହିଛନ୍ତି। ଏଥିପାଇଁ ଏହାର ରିପୋର୍ଟ ଜିଲାପାଳଙ୍କ ନିକଟକୁ ପଠାଇଛନ୍ତି। ମେଶିନର ଯାଞ୍ଚ କରାଯିବା ପରେ ଏହାର ଉପଯୋଗ ଲାଗି ସରକାରଙ୍କୁ ପ୍ରସ୍ତାବ ଦେବେ, ଯାହାଦ୍ୱାରା ଅନ୍ୟ କୃଷକମାନେ ଲାଭ ପାଇପାରିବେ ବୋଲି କହିଛନ୍ତି ଜିଲାପାଳ ଶେଷମଣି ପାଣ୍ଡେ।

# ସାଇକୋ କିଲର ହେବାକୁ ଚାହାନ୍ତି ଅକ୍ଷୟ



**ମୁମ୍ବାଇ:** ବଲିଉଡ୍ ସୁପରଷ୍ଟାର ଅକ୍ଷୟ କୁମାର ନିଜ ଅପ୍‌କମିଂ ଫିଲ୍ମ 'ସୂର୍ଯ୍ୟବଂଶୀ'ର ଶୁଟିଂ ଶେଷ କରି 'ଲକ୍ଷ୍ମୀ ବମ୍'ର ଶୁଟିଂରେ ବ୍ୟସ୍ତ ଅଛନ୍ତି। ଫିଲ୍ମର ଶୁଟିଂ ଦୁବାଇରେ ଚାଲିଛି। ଏପଟେ ତାଙ୍କ ଅଭିନୀତ ଫିଲ୍ମ 'ଗୁଡ୍ ନ୍ୟୁଜ୍' ମଧ୍ୟ ବକ୍ସ ଅଫିସ୍‌ରେ ପ୍ରାୟ ୧୬୨ କୋଟି ଟଙ୍କାରୁ ଅଧିକ ବ୍ୟବସାୟ କରିସାରିଛି। ଫିଲ୍ମଟି ୧୦୦ କୋଟି କ୍ଲବ୍‌ରେ ସାମିଲ୍ ହେବାପରେ ଅକ୍ଷୟ ବଲିଉଡ୍‌ରେ ନୂଆ ରେକର୍ଡ କରିଛନ୍ତି। ଅକ୍ଷୟ ବଲିଉଡ୍‌ର ପ୍ରଥମ ହିରୋ, ଯାହାଙ୍କ ଫିଲ୍ମ ବର୍ଷତମାମ ମୋଟ ୭୦୦ କୋଟିରୁ ଉର୍ଦ୍ଧ୍ୱ ବ୍ୟବସାୟ କରିଛି।

ନିକଟରେ ଏକ ଜାତୀୟ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେବା ସମୟରେ ଅକ୍ଷୟ ନିଜର ଭବିଷ୍ୟତ ଯୋଜନା ସମ୍ପର୍କରେ କହିଛନ୍ତି। ସେ କହିଛନ୍ତି, ଡିପ୍ରେଶନ ଭଳି ଏକ ଗମ୍ଭୀର ସମସ୍ୟା ଉପରେ ଫିଲ୍ମ ନିର୍ମାଣ କରିବାକୁ ଚାହୁଁଛନ୍ତି। ଭାରତ ଭଳି ଦେଶରେ ଡିପ୍ରେଶନ ଏକ ବଡ଼ ସମସ୍ୟା ବୋଲି ସେ କହିଛନ୍ତି। ଏହାଛଡ଼ା ସେ ସାଇକୋ କିଲର ଜନର୍‌ରେ ଫିଲ୍ମ ନିର୍ମାଣ କରିବାର ଇଚ୍ଛା ପ୍ରକାଶ କରିଛନ୍ତି। ମୁଁ ସାଇକୋ କିଲର୍ ଭୂମିକାରେ ଅଭିନୟ କରିବାକୁ ଚାହେଁ ବୋଲି ଅକ୍ଷୟ କହିଛନ୍ତି। ଅନ୍ୟପଟେ ବଲିଉଡ୍ ଖିଲାଡି ଅକ୍ଷୟ କୁମାରଙ୍କ ଗୋଟିଏ ଇଚ୍ଛା ଥିଲା। ଯେ, ପୃଥ୍ୱୀରାଜ ଚୌହାନଙ୍କ ଭୂମିକାରେ ସେ ଅଭିନୟ କରିବେ। ତେବେ ତାଙ୍କର ଏହି ଆଶା ଖୁବ୍‌ଶୀଘ୍ର ପୂରଣ ହେବାକୁ ଯାଉଛି। ଫିଲ୍ମ 'ଲକ୍ଷ୍ମୀ ବମ୍'ର ଶୁଟିଂ ଶେଷ ହେବା ପରେ ପରେ ଅକ୍ଷୟ 'ପୃଥ୍ୱୀରାଜ'ର ଶୁଟିଂ ଆରମ୍ଭ କରିବେ। ଫିଲ୍ମଟି ୨୦୨୦ ଦୀପାବଳିରେ ରିଲିଜ୍ ହେବ। ଏପଟେ ବଲିଉଡ୍‌ରେ କରିଥିବା ଅକ୍ଷୟଙ୍କ ରେକର୍ଡକୁ ନେଇ ମଧ୍ୟ ଚର୍ଚ୍ଚା ଜୋର୍ ଧରିଛି। ୨୦୧୯ର ଆରମ୍ଭରେ ଫିଲ୍ମ 'କେସରୀ', 'ମିଶନ୍ ମଙ୍ଗଲ୍', 'ହାଉସ୍‌ଫୁଲ୍-୪' ଏବଂ 'ଗୁଡ୍ ନ୍ୟୁଜ୍' ବକ୍ସ ଅଫିସ୍‌ରେ ସୁପରହିଟ୍ ରହିଥିଲା।



# ଅଜୟଙ୍କ ମୁହଁରେ କାଜୋଲଙ୍କ ତାରିଫ୍

**ମୁମ୍ବାଇ:** ସିଲ୍‌ଭର ସ୍କ୍ରିନ୍‌ରେ ପୁଣିଥରେ ଅଜୟ ଦେବଗନ ଏବଂ କାଜୋଲଙ୍କ ଯୋଡ଼ି ଦେଖିବାକୁ ମିଳିବ। ଫିଲ୍ମ 'ତାନାଜୀ: ଦ ଅନସଙ୍ଗ ୱାରିୟର୍'ରେ ଏହି ରିୟଲ୍ ଲାଇଫ୍ କପଲ୍ ନିଜ ଫ୍ୟାନ୍‌ମାନଙ୍କୁ ଏଣ୍ଟରଟେନ୍ କରିବେ। ଫିଲ୍ମରେ ଅଜୟ ମୁଖ୍ୟ ଭୂମିକାରେ ଅଭିନୟ କରିଥିବାବେଳେ କାଜୋଲ ତାନାଜୀଙ୍କ ପତ୍ନୀ ସାବିତ୍ରୀବାଇ ମାଲୁସାରେଙ୍କ ଭୂମିକାରେ ନଜରକୁ ଆସିବେ। ୧୯୯୫ରେ ଦୁହେଁ ଫିଲ୍ମ 'ହଲ୍‌ଚଲ୍'ରେ ପ୍ରଥମେ ଏକାଠି ନଜରକୁ ଆସିଥିଲେ। ହେଲେ ଫିଲ୍ମ 'ଇସ୍କ'ରୁ କାଜଲ-ଅଜୟଙ୍କ ଯୋଡ଼ି ହିଟ୍ ହୋଇଥିଲା। ଏମିତିରେ କାଜୋଲଙ୍କୁ ଦଶନ୍ଧିର ଜଣେ ସଫଳ ଅଭିନେତ୍ରୀ ବୋଲି କୁହାଯାଉଥିବାବେଳେ ଅଜୟ ବଲିଉଡ୍‌ରେ ନିଜର ଏକ ଭିନ୍ନ ପରିଚୟ ସୃଷ୍ଟି କରିପାରିଛନ୍ତି। ନିକଟରେ ନିଜେ ଅଜୟ ପତ୍ନୀ କାଜୋଲଙ୍କ ଅଭିନୟର ଭୂରି ଭୂରି ପ୍ରଶଂସା କରିଛନ୍ତି। ଏକ ଜାତୀୟ ଗଣମାଧ୍ୟମକୁ ଇଣ୍ଟରଭ୍ୟୁ ଦେବା ସମୟରେ ଅଜୟ କହିଛନ୍ତି, ସମୟ ଅନୁସାରେ କାଜୋଲଙ୍କ ଅଭିନୟ ଅନେକ ମାତ୍ରାରେ ପ୍ରଭାବିତ ହୋଇଛି। ପୂର୍ବ ଅପେକ୍ଷା ତାଙ୍କ ଅଭିନୟ ଶୈଳୀରେ ଅନେକ ଗାମ୍ଭୀର୍ଯ୍ୟ ଆସିଯାଇଛି। ସେ ଏବେ ଜଣେ ପରିପକ୍ୱ ଏବଂ ପାରଦର୍ଶୀ ଅଭିନେତ୍ରୀ ହୋଇସାରିଛନ୍ତି, ଯେଉଁଥିପାଇଁ ସେ କ୍ୟାମେରା ସାମ୍ନାରେ ସମ୍ପୂର୍ଣ୍ଣ ଭାବେ ନିଜ ଭୂମିକାରେ ହଜିଯାଉଛନ୍ତି। ଅଜୟ ପୁଣି କହିଛନ୍ତି, କ୍ୟାମେରା ସମ୍ମୁଖରେ କାଜୋଲ ଯେଭଳି ଭାବେ ବଦଳି ଯାଉଛନ୍ତି, ତାହା ଦେଖି ଶୁଟିଂ ସେଟ୍‌ରେ ଉପସ୍ଥିତ ଲୋକେ ଆଶ୍ଚର୍ଯ୍ୟ ଚକିତ ହୋଇପଡୁଛନ୍ତି। କାଜୋଲ୍ ଅଫ୍ ସ୍କ୍ରିନ୍ ହେଉ ବା ଅନ୍ ସ୍କ୍ରିନ୍, ସବୁବେଳେ ଆବଶ୍ୟକ ଅନୁଯାୟୀ ଅତି ସହଜରେ ନିଜ ଚରିତ୍ରରେ ମଗ୍ନ ହୋଇ ରହିଥାନ୍ତି। ପରିସ୍ଥିତି ଓ ଆବଶ୍ୟକତାକୁ ବୁଝିବା ଦୃଷ୍ଟିରୁ ଜଣେ ଅଭିନେତ୍ରୀ ହିସାବରେ ସେ ପୂର୍ବ ଅପେକ୍ଷା ଆହୁରି ପରିପକ୍ୱ ହୋଇଯାଇଛନ୍ତି। ଅନ୍ୟପକ୍ଷରେ ଫିଲ୍ମ 'ତାନାଜୀ: ଦ ଅନସଙ୍ଗ ୱାରିୟର୍'ରେ କାଜୋଲ, ଅଜୟଙ୍କ ବ୍ୟତୀତ ସୈଫ୍ ଅଲୀ ଖାନ୍ ମଧ୍ୟ ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ସୈଫ୍ ଫିଲ୍ମରେ ଭିଲେନ୍ ହୋଇଛନ୍ତି। ଫିଲ୍ମଟି ଆସନ୍ତା ୧୦ରେ ରିଲିଜ୍ ହେବ। ବକ୍ସ ଅଫିସ୍‌ରେ ଦୀପିକା ପାଦୁକୋନ୍‌ଙ୍କ ଫିଲ୍ମ 'ଛପାକ୍'କୁ ଏହା ଟକ୍କର ଦେବ।

# ସପ୍ତାହରେ ୩ ଦିନ ଛୁଟି ପ୍ରସ୍ତାବ ଆଣିଲେ ସନା

**ହେଲ୍‌ସିଙ୍କି:** ଯଦି ସପ୍ତାହକୁ ୪ ଦିନ ଓ ପ୍ରତିଦିନ ମାତ୍ର ୬ ଘଣ୍ଟା କାମ କରିବାକୁ ପଡ଼େ ତେବେ କେହି ଏଭଳି ଚାକିରିକୁ ହାତଛଡା କରିବାକୁ ଚାହିଁବେନି। କାମର ବୋଝକୁ ହାଲୁକା କରିବା ଓ ପରିବାରକୁ ସମୟ ଦେବା ପାଇଁ କର୍ମଚାରୀଙ୍କ ଲାଗି ଏକ ସ୍ୱତନ୍ତ୍ର ପ୍ରସ୍ତାବ ଆଣିଛନ୍ତି ଫିନ୍‌ଲାଣ୍ଡର ପ୍ରଧାନମନ୍ତ୍ରୀ ସନା ମରିନ୍। ୩୪ବର୍ଷୀୟ ସନା ବିଶ୍ୱର ସବୁଠାରୁ ଯୁବ ପ୍ରଧାନମନ୍ତ୍ରୀ ନିର୍ବାଚିତ ହୋଇ ବେଶ୍ ଚର୍ଚ୍ଚା ସାଉଁଟିଥିଲେ। ଏବେ କର୍ମଚାରୀଙ୍କ ପାଇଁ ଏଭଳି ପ୍ରସ୍ତାବ ଆଣି ସେ ପୁଣି ଚର୍ଚ୍ଚାର ପରିସରକୁ ଆସିଛନ୍ତି। ଫିନ୍‌ଲାଣ୍ଡର କର୍ମଚାରୀମାନଙ୍କୁ ଏବେ ସପ୍ତାହରେ ୩ ଦିନ ଛୁଟି ଓ ଦିନକୁ ୬ଘଣ୍ଟା କାମ କରିବାକୁ ପଡ଼ିବ। ସନାଙ୍କ ଅନୁସାରେ ଏହି ପ୍ରସ୍ତାବ ଦ୍ୱାରା ଲୋକମାନେ ପରିବାରକୁ ସମୟ ଦେବା ସହିତ ନିଜର ଅଧା ରହିଥିବା ସ୍ୱପ୍ନକୁ ପୂରା କରିପାରିବେ।



ଏଥିସହ କର୍ମଚାରୀମାନେ ଖୁସିରେ ରହିବେ। ଖୁସି ରହିବା ସହ କମ୍ ସମୟରେ ଅଧିକ କାମ କରିବା ଦ୍ୱାରା ସେମାନଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇବ। ସୂଚନାଯୋଗ୍ୟ, ଏହା ପୂର୍ବରୁ ଫିନ୍‌ଲାଣ୍ଡର ପଡୋଶୀ ଦେଶ ସ୍ୱୀଡେନରେ ୨୦୧୫ରେ ୬ଘଣ୍ଟା କାର୍ଯ୍ୟର ଆଇନ ଲାଗୁ କରାଯାଇଥିଲା। ଏଥିରେ କର୍ମଚାରୀ ଖୁସି ହୋଇ କାମ କରିଥିଲେ ଏବଂ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇବା ସହ ସେମାନଙ୍କର ଜୀବନଶୈଳୀରେ ଉନ୍ନତି ଆସିଥିବା ଜଣାପଡ଼ିଛି। ସେହିପରି ନଭେମ୍ବର ୨୦୧୮ରେ ଜାପାନର ଏକ ମାଇକ୍ରୋସଫ୍ଟ କମ୍ପାନୀରେ ଏଭଳି ଏକ ପ୍ରସ୍ତାବକୁ ନେଇ ସର୍ଭେ କରାଯାଇଥିଲା। କର୍ମଚାରୀମାନେ ୪ ଦିନ କାମ କରିଥିବାବେଳେ ଏହାର ଫଳାଫଳ ଭଲ ଆସିଥିଲା। ଏଥିରେ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ୪୦ ପ୍ରତିଶତ ବୃଦ୍ଧି ପାଇଥିବା ଦେଖିବାକୁ ମିଳିଥିଲା। ତେବେ ସନାଙ୍କ ଏହି ପ୍ରସ୍ତାବକୁ ଫିନ୍‌ଲାଣ୍ଡର ଶିକ୍ଷା ମନ୍ତ୍ରୀ ଓ ଜନତା ସ୍ୱାଗତ କରିଛନ୍ତି।



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ

# ଜେଏନ୍‌ୟୁ ପ୍ରସଙ୍ଗ ନେଇ ଏନ୍‌ଆଇଟିରେ ଉତ୍ତେଜନା

**ରାଉରକେଲା ଅଫିସ, ୭।୧**

ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ) ପ୍ରସଙ୍ଗ ନେଇ ମଙ୍ଗଳବାର ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି) ପରିସରରେ ଦୁଇ ଛାତ୍ର ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଏନେଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ଏନ୍‌ଆଇଟି ପରିସରରେ ପୋଲିସ ମୁତୟନ ଥିବା ଦେଖାଯାଇଛି। ଜେଏନ୍‌ୟୁ ପରିସରରେ କେତେଜଣ ମୁଖା ପିନ୍ଧା ଦୁର୍ବୃତ୍ତ ପ୍ରବେଶ କରି ଛାତ୍ରୀଛାତ୍ରଙ୍କୁ ମାଡ ମାରିବା ପ୍ରତିକ୍ରିୟାରେ ଏଠାରେ ଏଭଳି ଉତ୍ତେଜନା ସୃଷ୍ଟି ହୋଇଥିବା ସୂଚନା ମିଳିଛି। ଗୋଟିଏ ଗୋଷ୍ଠୀ ଜେଏନ୍‌ୟୁରେ ଘଟିଥିବା ଏଭଳି ଘଟଣାକୁ ସମର୍ଥନ କରୁଥିବା ବେଳେ ଆଉ ଗୋଟିଏ ପକ୍ଷ ଏହାକୁ ବିରୋଧ କରୁଛନ୍ତି। ଫଳ ସ୍ୱରୂପ ମଙ୍ଗଳବାର ସନ୍ଧ୍ୟାରେ ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଉଭୟ ପକ୍ଷ ପ୍ଲାକାର୍ଡ ଧରି ନିଜ ଦାବି ଉପସ୍ଥାପନ କରିଥିଲେ। ଖବରପାଇ ପୋଲିସ ପହଞ୍ଚି ଉଭୟ ପକ୍ଷଙ୍କୁ ବୁଝାଶୁଝା କରି ପରିସ୍ଥିତିକୁ ଶାନ୍ତ କରିଥିଲା। ତେବେ ନିଜ ଜିଦରୁ ଓହରି ନ ଥିବା ଛାତ୍ର ଗୋଷ୍ଠୀ କ୍ୟାମ୍ପସ ଭିତରେ ଧାରଣାରେ ବସିଥିବା ଦେଖା ଯାଇଛି। ପୋଲିସ ଘଟଣାଉପରେ କଡା ନଜର ରଖିଛି। ଉତ୍ତେଜନା ସମ୍ପୂର୍ଣ୍ଣ ପ୍ରଶମିତ ହୋଇ ନ ଥିବା ସୂଚନା ମିଳିଛି।




ରାଉରକେଲା ଏନ୍‌ଆଇଟି ପରିସରରେ ଛାତ୍ରୀଛାତ୍ରଙ୍କ ଧାରଣା।

## ପାଠିକା / ପାଠକଙ୍କ ପାଇଁ ସୂଚନା

ଆପଣଙ୍କ ଅଞ୍ଚଳରେ ଯଦି 'ଧରିତ୍ରୀ' ପାଇବାରେ କୌଣସି ଅସୁବିଧା ହେଉଥାଏ, ତେବେ ନିମ୍ନୋକ୍ତ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରନ୍ତୁ।

୯୪୩୭୦୦୯୪୪୧, ୯୩୪୮୨୦୯୫୩୪




# ୯ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସ

**ସମ୍ବଲପୁର, ୭।୧ (ବ୍ୟୁରୋ)**

ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସ୍‌ୟୁ) ପ୍ରତିଷ୍ଠା ଦିବସ ଉତ୍ସବ ୯ ତାରିଖ ଗୁରୁବାରକୁ ଘୁଞ୍ଚିଛି। ବୁଧବାର ପ୍ରତିଷ୍ଠା ଦିବସ ହେବାକୁ ଥିଲା। କିନ୍ତୁ ଭାରତ ବନ୍ଦ ଯୋଗୁ ଏହା ପାଳନ କରିବା ସମ୍ଭବ ହେଉନାହିଁ । ଏଣୁ ୯ ତାରିଖ ଗୁରୁବାର ଜ୍ୟୋତିବିହାର ପରିସରସ୍ଥ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟରେ ଏହି ପ୍ରତିଷ୍ଠା ଦିବସ ଉତ୍ସବ ଆୟୋଜିତ ହେବ। କୁଳସଚିବ ଡ. ସଞ୍ଜିତ କୁମାର ସାହୁ ପ୍ରେସ୍ ବିବୃତିରେ ଏହି ସୂଚନା ଦେଇଛନ୍ତି।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

# ମୁଖ୍ୟ ଶାସନ ସଚିବ, ନଗର ଉନ୍ନୟନ ସଚିବଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା

**କଟକ ଅଫିସ, ୭।୧**

ରାଜ୍ୟ ମୁଖ୍ୟ ଶାସନ ସଚିବ ଓ ନଗର ଉନ୍ନୟନ ସଚିବଙ୍କ ବିରୋଧରେ ହାଇକୋର୍ଟରେ ଅଦାଲତ ଅବମାନନା ମାମଲା ରୁଜୁ କରାଯାଇଛି। ଭାରତୀୟ ବିକାଶ ପରିଷଦ ସଭାପତି ସୁରେନ୍ଦ୍ର ନାଥ ପାଣିଗ୍ରାହୀ ଏହି ମାମଲା ଦାଏର କରିଛନ୍ତି। ସୂଚନାଥାଉ କି, ଆସ୍କା, ଭଞ୍ଜନଗର, ଛତ୍ରପୁର ବିଜ୍ଞାପିତ ଅଞ୍ଚଳ ପରିଷଦକୁ ମ୍ୟୁନିସିପାଲିଟି ମାନ୍ୟତା ଦାବି ନେଇ ପାଣିଗ୍ରାହୀ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ପୂର୍ବରୁ ଦାଏର କରିଥିଲେ। ଗତ ଅଗଷ୍ଟରେ ମାମଲାର ଶୁଣାଣି କରି ହାଇକୋର୍ଟ ସରକାରଙ୍କୁ ତୁରନ୍ତ ଉପରୋକ୍ତ ୩ ବିଜ୍ଞାପିତ ଅଞ୍ଚଳ ପରିଷଦକୁ ମ୍ୟୁନିସିପାଲିଟି ମାନ୍ୟତା ଦେବାକୁ ଆଦେଶ ଦେଇଥିଲେ। ଆଦେଶକୁ ୬ ସପ୍ତାହ ମଧ୍ୟରେ କାର୍ଯ୍ୟକାରୀ କରିବାକୁ ମଧ୍ୟ ନିର୍ଦ୍ଦେଶ ରହିଥିଲା। ହେଲେ ଇତିମଧ୍ୟରେ ୪ ମାସ ବିତିଥିଲେ ମଧ୍ୟ ହାଇକୋର୍ଟଙ୍କ ଆଦେଶ କାର୍ଯ୍ୟକାରୀ କରାଯାଇନାହିଁ। ଫଳରେ ପାଣିଗ୍ରାହୀ ମଙ୍ଗଳବାର ଏ ନେଇ ମୁଖ୍ୟ ଶାସନ ସଚିବଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ଦାଏର କରିଛନ୍ତି। ସେହିପରି ବ୍ରହ୍ମପୁର ମ୍ୟୁନିସିପାଲ କର୍ପୋରେଶନର ୩ କିମି ବ୍ୟାସାର୍ଦ୍ଧ ମଧ୍ୟରେ ଥିବା ୬୨ ରାଜସ୍ୱ ଗ୍ରାମକୁ ନିଗମରେ ସାମିଲ କରିବା ପାଇଁ ମଧ୍ୟ ପାଣିଗ୍ରାହୀ ଅନୁରୂପ ଭାବେ ଏକ ଜନସ୍ୱାର୍ଥ ମାମଲା ହାଇକୋର୍ଟରେ ଦାଏର କରିଥିଲେ। ଉକ୍ତ ମାମଲାର ଶୁଣାଣି କରି ୩ ମାସ ମଧ୍ୟରେ ଏହାକୁ କାର୍ଯ୍ୟକାରୀ କରିବାକୁ ହାଇକୋର୍ଟ ଗତ ଜୁନ୍‌ରେ ନଗର ଉନ୍ନୟନ ବିଭାଗକୁ ଆଦେଶ ଦେଇଥିଲେ। ଇତିମଧ୍ୟରେ ୬ ମାସ ବିତିଥିଲେ ମଧ୍ୟ ଏହି ଆଦେଶ କାର୍ଯ୍ୟକାରୀ କରାଯାଇନାହିଁ। ଫଳରେ ନଗର ଉନ୍ନୟନ ସଚିବଙ୍କ ବିରୋଧରେ ପାଣିଗ୍ରାହୀ ଅନୁରୂପ ଭାବେ ଅଦାଲତ ଅବମାନନା ମାମଲା ଦାଏର କରିଛନ୍ତି।

# ଓଡ଼ିଶାର ଗାଁ, ଆନ୍ଧ୍ରର ଜଣଙ୍କ ନାମରେ ୧୦୦ରୁ ଊର୍ଦ୍ଧ୍ୱ ପଟ୍ଟା

**ପାତ୍ରପୁର,୭।୧(ଡି.ଏନ୍.ଏ.)**

ପ୍ରାୟ ୨୦୦ ବର୍ଷ ତଳର ଗାଁ। ଏଠାରେ ପୁରାତନ ସ୍କୁଲ, ଅଙ୍ଗନୱାଡ଼ି କେନ୍ଦ୍ର, ପୋଖରୀ, ପକ୍କା ରାସ୍ତା, ପକ୍କା ଘର ଅଛି। ଓଡ଼ିଶା ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟ ଚାଲିଛି। ହେଲେ ସ୍କୁଲ, ଗ୍ରାମ୍ୟ ରାସ୍ତା ଓ ୧୦୦ରୁ ଊର୍ଦ୍ଧ୍ୱ ପରିବାରର ପଟ୍ଟା ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶର ଜଣେ ବ୍ୟକ୍ତିଙ୍କ ନାମରେ ରହିଛି। ଯଦ୍ୱାରା ଗ୍ରାମବାସୀଙ୍କୁ କେତେକ କ୍ଷେତ୍ରରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏଭଳି ବ୍ୟତିକ୍ରମ ଦେଖିବାକୁ ମିଳିଛି ଓଡ଼ିଶା-ଆନ୍ଧ୍ର ସୀମାନ୍ତ ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ଅନ୍ତର୍ଗତ ଖମ୍ବାରିଗାଁ ପଞ୍ଚାୟତ ଅନ୍ତରସିଙ୍ଗିରେ। ୧୯୯୪ରେ ହୋଇଥିବା ସେଟେଲ୍‌ମେଣ୍ଟରେ ଏଭଳି ହୋଇଛି ବୋଲି ଜଣାପଡିବା ପରେ ଗ୍ରାମବାସୀ ଗଞ୍ଜାମ ଜିଲା ପ୍ରଶାସନକୁ ଭେଟି ସମସ୍ୟା ଜଣାଇବେ ବୋଲି ସୂଚନା ଦେଇଛନ୍ତି।

ଖମ୍ବାରିଗାଁ ପଞ୍ଚାୟତ ଅନ୍ତରସିଙ୍ଗି ଗାଁରେ ୨୦୦ରୁ ଊର୍ଦ୍ଧ୍ୱ ପରିବାର ବାସ କରନ୍ତି। ଗ୍ରାମବାସୀ ପାନୀୟ ଜଳଠାରୁ ଆରମ୍ଭ କରି ଓଡ଼ିଶା ସରକାରଙ୍କ ପ୍ରାୟ ସମସ୍ତ ସୁବିଧା ପାଉଛନ୍ତି। ହେଲେ ୧୦୦ରୁ ଊର୍ଦ୍ଧ୍ୱ ପରିବାରର ନିଜସ୍ୱ ଘରର ପଟ୍ଟା ନାହିଁ। ଫଳରେ ଏମାନେ ଆବାସ ଯୋଜନାରେ ଘର, ଘରଭଙ୍ଗା ସହାୟତା ଥିବା ଜାଣିବାକୁ ପାଇଥିଲେ। କେବଳ ଘର ନୁହେଁ, ଗାଁ ସ୍କୁଲଠାରୁ ଆରମ୍ଭ କରି ସର୍ବସାଧାରଣ ରାସ୍ତାର ପଟ୍ଟା ମଧ୍ୟ ଆନ୍ଧ୍ର ମସାଗାପୁର ବାଇଜାଗ୍ ଗ୍ରାମର ସେହି ବ୍ୟକ୍ତିଙ୍କ ନାମରେ ଥିବା ଜଣାପଡ଼ିଥିଲା। ଏ ନେଇ ଗ୍ରାମରେ ଏକ ବୈଠକ ଡକାଯାଇ ସମସ୍ୟାର ସମାଧାନ ପାଇଁ ପ୍ରଶାସନକୁ ଭେଟିବାକୁ ଆଲୋଚନା କରାଯାଇଛି। ତହସିଲଦାର ଓ ଜିଲାପାଳଙ୍କୁ ଭେଟି ପଟ୍ଟା ନିଜ ନାଁରେ କରାଇବାକୁ ଜଣାଇବେ ବୋଲି ଗ୍ରାମର ବି. ଜେଜାରାଓ, ଏ. କେଶବରାଓ, ଜି. ନାରସିଙ୍ଗୁଲୁ, ଏମ୍. ତାତେୟା, ବି. ଜାମ୍ପାଲୁ, କେ. କାନ୍ତାମ୍ମା, ଡ଼ି. ଧର୍ମାରାଓ, କେ. ଲାଛମାୟା, ବି. ପ୍ରକାଶ, ଟି. ଲକ୍ଷ୍ମୀ, ଏମ୍. ଗୁନ୍ନା, ପି. ଡ଼ାଲେୟା, ପି. ଖଗନାଥ, ଡ଼ି. ଡ଼ାଲାମ୍ମା, ଅର୍ଜୁନ ମହାନ୍ତି, ଜି. ଗୌରାମ୍ମା, ବି. ଏରାୟା ପ୍ରମୁଖ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଏ ନେଇ ପାତ୍ରପୁର ତହସିଲଦାର ଡ. ଶ୍ରୀନିବାସ ବେହେରାଙ୍କ ସହ ଯୋଗାଯୋଗ କରିବାରୁ ଓଡ଼ିଶା ସରକାରଙ୍କ ପକ୍ଷରୁ ୧୯୯୪ରେ ହୋଇଥିବା ସେଟେଲ୍‌ମେଣ୍ଟରେ ସମ୍ପୃକ୍ତ ଆନ୍ଧ୍ର ବ୍ୟକ୍ତି ଜଣଙ୍କ ନାମରେ ରୟତ ପଟ୍ଟା ଅଛି। ଏହା ଉପରେ ତହସିଲ କୌଣସି ହସ୍ତକ୍ଷେପ କରି ପାରିବନାହିଁ। ସେଟେଲ୍‌ମେଣ୍ଟ ବିଭାଗକୁ ଯାଇ ତଦନ୍ତ କଲେ ଜଣେ ବ୍ୟକ୍ତିଙ୍କ ନାମରେ କିଭଳି ଏତେ ପରିମିତ ସରକାରୀ ଓ ଘରବାରି ପଟ୍ଟା ହେଲା, ତାହା ଜଣାପଡ଼ିବ ବୋଲି ପ୍ରକାଶ କରିଛନ୍ତି।



ଅନ୍ତରସିଙ୍ଗି ଗ୍ରାମର ମହିଳା ଓ ପୁରୁଷମାନେ।

- ଶହେରୁ ଊର୍ଦ୍ଧ୍ୱ ପରିବାର ଆବାସ ଯୋଜନାରୁ ବଞ୍ଚିତ
- ସ୍କୁଲ, ଗ୍ରାମ୍ୟ ରାସ୍ତା ପଟ୍ଟା ବି ଆନ୍ଧ୍ରରେ

ଏପରିକି ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରମାଣପତ୍ର ଆଦି ପାଇଁ ହଇରାଣ ହେଉଛନ୍ତି। ତେଲୁଗୁ ଭାଷାବାଷୀ ଏହି ପରିବାରଗୁଡିକ ଘର ପଟ୍ଟା କାହା ନାମରେ ଅଛି, ତାହା ଜାଣି ନ ଥିଲେ। କେତେଜଣ ଛାତ୍ରୀଛାତ୍ର ବିଭିନ୍ନ ପ୍ରମାଣପତ୍ର ପ୍ରସ୍ତୁତ କରିବା ନିମନ୍ତେ ପଟ୍ଟା ପାଇଁ ତହସିଲକୁ ଆସିଥିବା ବେଳେ ପଟ୍ଟା ଆନ୍ଧ୍ରର ଜଣେ ବ୍ୟକ୍ତିଙ୍କ ନାମରେ

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ଆଶୁତୋଷ ପ୍ରଧାନ



ଗୋପିକା ପାତ୍ର



ଜ୍ୟୋତ୍ସ୍ନାରାଣୀ ମିଶ୍ର



ସନ୍ତୋଷ କୁମାର ରାଉତ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

### ଆଇଏଏସ୍ ଅଫିସର, ବ୍ୟାଙ୍କ ଅଧିକାରୀଙ୍କ ସମ୍ପର୍କ ଉପରେ ଭିଜିଲାନ୍ସ ଖୋଳତାଡ଼

# ୭ ବର୍ଷରେ ୭୦ ଲକ୍ଷର କାରବାର

**କଟକ ଅଫିସ, ୭।୧**

**ସନ୍ଦେହଜନକ ଆକାଉଣ୍ଟ ଠାବ କଲା ଭିଜିଲାନ୍ସ**

ଲକ୍ଷେ ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା ୨୦୦୯ ବ୍ୟାଚ୍‌ର ଆଇଏଏସ୍ ଅଫିସର ବିଜୟ କେତନ ଉପାଧ୍ୟାୟ ଓ ୟେସ୍ ବ୍ୟାଙ୍କର ଭାଇସ୍ ପ୍ରେସିଡେଣ୍ଟ ସନ୍ତୋଷ କୁମାର ପଟ୍ଟନାୟକଙ୍କ ସମ୍ପର୍କ ଉପରେ ଭିଜିଲାନ୍ସ ଖୋଳତାଡ଼ ଜାରି ରଖିଛି। ଉଭୟଙ୍କର ବ୍ୟାଙ୍କ ଆକାଉଣ୍ଟକୁ ଭିଜିଲାନ୍ସ ଯାଞ୍ଚ କରିଛି। ୨୦୧୨ରୁ ୨୦୧୯ ମଧ୍ୟରେ ଉପାଧ୍ୟାୟଙ୍କର ୩ଟି ବ୍ୟାଙ୍କ ଆକାଉଣ୍ଟରେ ୭୦ ଲକ୍ଷ ଟଙ୍କା ଡିପୋଜିଟ ହୋଇଥିବା ଭିଜିଲାନ୍ସ ଜାଣିବାକୁ ପାଇଛି। ଏହି ୭୦ ଲକ୍ଷ ଟଙ୍କା କାରବାର ମଧ୍ୟରୁ କେବଳ ୨୨ ଲକ୍ଷ ଟଙ୍କା ଉପାଧ୍ୟାୟ ଉଦ୍ୟାନ କୃଷି ନିର୍ଦ୍ଦେଶକ ଥିବାବେଳେ ଜମା ହୋଇଥିବା ଭିଜିଲାନ୍ସ ତଦନ୍ତରୁ ଜଣାପଡ଼ିଛି। ଟଙ୍କା ଆସିଥିବା ଆକାଉଣ୍ଟଗୁଡ଼ିକୁ ମଧ୍ୟ ଭିଜିଲାନ୍ସ ଠାବ କରିଛି। ସେଥିମଧ୍ୟରୁ କେତେକ ସନ୍ଦେହଜନକ ଆକାଉଣ୍ଟ ସମ୍ପର୍କରେ ଭିଜିଲାନ୍ସ ଖୋଳତାଡ଼ ଚଳାଇଛି। ଏହି ସନ୍ଦେହଜନକ ଆକାଉଣ୍ଟରୁ ଲାଞ୍ଚ ଆକାରରେ ଟଙ୍କା ଆସିଥିବା ଭିଜିଲାନ୍ସ ସନ୍ଦେହ କରୁଛି। ସେହିପରି ସନ୍ତୋଷଙ୍କର ୟେସ୍ ବ୍ୟାଙ୍କରେ ୫ ମାସର କାର୍ଯ୍ୟକାଳ ମଧ୍ୟରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୭ ଲକ୍ଷ ଟଙ୍କା ଆସିଥିବା ଭିଜିଲାନ୍ସ ତଦନ୍ତରୁ ଜଣାପଡ଼ିଛି। ବିଭିନ୍ନ ବ୍ୟାଙ୍କଗୁଡ଼ିକୁ ଉଭୟଙ୍କର ଆକାଉଣ୍ଟ ଓ କ୍ରେଡିଟ୍ କାର୍ଡ କାରବାର ସମ୍ପର୍କରେ ଜାଣିବା ନିମନ୍ତେ ଭିଜିଲାନ୍ସ ପକ୍ଷରୁ ଚିଠି କରାଯାଇଛି। ଅନ୍ୟପକ୍ଷରେ ଉଭୟଙ୍କର ଶେୟାର ମାର୍କେଟ ଓ ମ୍ୟୁଚୁଆଲ ଫଣ୍ଡ ଜମା ଜାଣିବା ନିମନ୍ତେ ନ୍ୟାଶନାଲ ସିକ୍ୟୁରିଟିଜ୍ ଡିପୋଜିଟାରୀ ଲିମିଟେଡ୍ (ଏନ୍‌ଏସ୍‌ଡିଏଲ୍), ସେଣ୍ଟ୍ରାଲ ଡିପୋଜିଟାରୀ ସର୍ଭିସେସ୍ ଲିମିଟେଡ୍ (ସିଡିଏସ୍‌ଏଲ୍) ଓ କମ୍ପ୍ୟୁଟର ଏଜ୍ ମ୍ୟାନେଜମେଣ୍ଟ ସର୍ଭିସେସ୍ ଲିମିଟେଡ୍ (କାମ୍‌ସ)କୁ ମଧ୍ୟ ଭିଜିଲାନ୍ସ ଚିଠି ପଠାଇଛି।

ସୂଚନାଥାଉ କି, ଗତ ଡିସେମ୍ବର ୩୦ ତାରିଖରେ ଉଭୟଙ୍କୁ ଭିଜିଲାନ୍ସ ସେଲ୍ ଗିରଫ କରିଥିଲା। ଏସ୍‌ଆର୍‌ଏମ୍ ପ୍ଲାଷ୍ଟୋକେମ୍ ପ୍ରାଇଭେଟ୍ ଲିମିଟେଡ୍ ନାମକ ଏକ ଘରୋଇ ସଂସ୍ଥାର ୫୦ ଲକ୍ଷ ଟଙ୍କାର ବିଲ୍ ରିଲିଜ କରିବା ପାଇଁ ଆଇଏଏସ୍ ଅଫିସର ଉପାଧ୍ୟାୟ ୧ ଲକ୍ଷ ଟଙ୍କା ଲାଞ୍ଚ ଦାବି କରିଥିଲେ। ନିଜେ ଏହି ଲାଞ୍ଚ ଗ୍ରହଣ ନ କରି ସେ ବ୍ୟାଙ୍କ ମ୍ୟାନେଜର ସନ୍ତୋଷଙ୍କୁ ମଧ୍ୟସ୍ଥ କରିଥିଲେ। ଘଟଣାଦିନ ସନ୍ତୋଷ ଏସ୍‌ଆର୍‌ଏମ୍ ପ୍ଲାଷ୍ଟୋକେମ୍‌ର ଜଣେ ଅଧିକୃତ ପ୍ରତିନିଧିଙ୍କଠାରୁ ୧ ଲକ୍ଷ ଟଙ୍କା ଲାଞ୍ଚ ଗ୍ରହଣ କରିବା ପରେ ଭିଜିଲାନ୍ସ ତାଙ୍କୁ ଗିରଫ କରିଥିଲା। ସନ୍ତୋଷଙ୍କୁ ଭିଜିଲାନ୍ସ ଜେରା କରିବା ପରେ ଉପାଧ୍ୟାୟଙ୍କ ଲିଙ୍କ୍ ପଦାକୁ ଆସିଥିଲା। ଉଭୟଙ୍କୁ ୨୦୧୯ ଡିସେମ୍ବର ୩୧ ତାରିଖରେ କୋର୍ଟଚାଲାଣ କରାଯାଇଥିଲା। ତେବେ ଅଧିକ ପଚରାଉଚରା ପାଇଁ ଭିଜିଲାନ୍ସ ସେମାନଙ୍କୁ ୬ ଦିନିଆ ରିମାଣ୍ଡରେ ଆଣିଥିଲା। ରିମାଣ୍ଡ ଅବଧି ଶେଷ ହେବା ପରେ ସେମାନଙ୍କୁ ଗତ ୫ ତାରିଖରେ ଜେଲ୍ ପଠାଯାଇଛି। ସର୍ବଶେଷ ସୂଚନା ଅନୁଯାୟୀ, ୟେସ୍ ବ୍ୟାଙ୍କ ଭାଇସ୍ ପ୍ରେସିଡେଣ୍ଟ ପଟ୍ଟନାୟକଙ୍କୁ ବ୍ୟାଙ୍କ ପକ୍ଷରୁ ମଧ୍ୟ ନିଲମ୍ବିତ କରାଯାଇଛି।






**କିଛି ତଥ୍ୟ**
ସରକାର ବର୍ତ୍ତମାନ ସୁଦ୍ଧା ତୁର୍କୀ ଏବଂ ଆଫଗାନିସ୍ତାନ ଭଳି ଦେଶଗୁଡ଼ିକରୁ ୧୨,୦୦୦ ଟନ୍ ପିଆଜ ଆମଦାନୀ କରିଛନ୍ତି। – **ଖାଉଟି ବ୍ୟାପାର ମନ୍ତ୍ରଣାଳୟ**

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..................................


ଆଦର୍ଶ
ପରିବାରବର୍ଗ


ପ୍ରମୋଦ
ପରିବାରବର୍ଗ


ଶ୍ରେୟାଂଶ୍ରୀ
ପରିବାରବର୍ଗ


ସୁପ୍ରିୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଆଜି ବନ୍ଦ ...

ଏହି ବନ୍ଦରେ ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି ସାମିଲ ହେବ ବୋଲି ସଭାପତି ଲିଙ୍ଗରାଜ ମହାନ୍ତି ଏକ ପ୍ରେସ ଇସ୍ତାହାରରେ ଜଣାଇଛନ୍ତି। ଧର୍ମଘଟକୁ ସଫଳ କରିବା ପାଇଁ ପୂରା ଉଦ୍ୟମ କରାଯିବ ବୋଲି ସିଆଇଟିୟୁ ଭୁବନେଶ୍ୱର ସଭାପତି ନବକିଶୋର ମହାନ୍ତି କହିଛନ୍ତି। ବୁଧବାର ସକାଳ ୬ରୁ ଏହି ଧର୍ମଘଟ ଡାକରା ଦିଆଯାଇଛି। ଅତ୍ୟାବଶ୍ୟକ ସେବା ଛଡ଼ା ଗାଡି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିବ। ଏଥିରେ ଅଲ ଓଡ଼ିଶା ଅଟୋ ମହାସଂଘ, ଟ୍ରକ ମହାସଂଘ, ଅଲ ଓଡ଼ିଶା ଟ୍ରାନ୍ସପୋର୍ଟ ଆସୋସିଏଶନ ସାମିଲ ହେବେ ବୋଲି ସେ କହିଛନ୍ତି। ତେବେ ରାଜ୍ୟ ଘରୋଇ ବସ ମାଲିକ ସଂଘ ଏବଂ ଟ୍ରକ ମାଲିକ ସଂଘ ଏହି ଧର୍ମଘଟରେ ସାମିଲ ହେବେ ନାହିଁ। ଯଦି ସରକାର ସୁରକ୍ଷା ଯୋଗାଇ ଦେବେ ତେବେ ବସ୍ ଚଳାଚଳ ସ୍ୱାଭାବିକ ରହିବ ବୋଲି ବସ ମାଲିକ ସଂଘ ଆବାହକ ଦେବାଶିଷ ନାୟକ କହିଛନ୍ତି। କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନୀତି, ଜନବିରୋଧୀ ଓ ରାଷ୍ଟ୍ରବିରୋଧୀ ନୀତିକୁ ବିରୋଧ କରି ଏହି ଆନ୍ଦୋଳନ ଡାକରା ଦିଆଯାଇଛି। କେନ୍ଦ୍ର ଶ୍ରମ ମନ୍ତ୍ରଣାଳୟ ଶ୍ରମିକମାନଙ୍କର ଦାବି ପୂରଣ କରିବାରେ ବିଫଳ ହୋଇଛି। ଶ୍ରମିକମାନଙ୍କର ସମସ୍ୟା ସମାଧାନ ପାଇଁ ୨୦୧୫ ଜୁଲାଇରୁ ଏ ପର୍ଯ୍ୟନ୍ତ ଭାରତୀୟ ଶ୍ରମିକ ସମ୍ମିଳନୀ ଅନୁଷ୍ଠିତ ହୋଇନାହିଁ। ବିପିସିଏଲକୁ ବିକ୍ରି କରିବା ନିଷ୍ପତ୍ତି, ବିଏସ୍ଏନ୍ଏଲ୍ –ଏମ୍ଟିଏନ୍ଏଲର ମିଶ୍ରଣ ନିଷ୍ପତ୍ତି ଯୋଗୁ ପ୍ରାୟ ୯୪ ହଜାର କର୍ମଚାରୀ ନିଯୁକ୍ତି ହରାଇବା ସମ୍ଭାବନା ରହିଛି। ଏହାଛଡ଼ା ଟ୍ରେଡ ୟୁନିୟନଗୁଡିକ ରେଲୱେ ଘରୋଇକରଣ, ଗୋଳାବାରୁଦ କାରଖାନାଗୁଡ଼ିକୁ ନିଗମରେ ପରିଣତ କରିବା ଏବଂ ବ୍ୟାଙ୍କଗୁଡ଼ିକର ମିଶ୍ରଣକୁ ମଧ୍ୟ ତୀବ୍ର ବିରୋଧ କରିଛନ୍ତି।

ଧର୍ମଘଟକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ରାଜ୍ୟରେ ଆଇନକାନୁନ ରକ୍ଷା ସହିତ ସୁରକ୍ଷା ବ୍ୟବସ୍ଥାକୁ ସୁନିଶ୍ଚିତ କରିବାକୁ ଗୃହ ବିଭାଗ ପକ୍ଷରୁ ପୋଲିସ ଡିଜି ଏବଂ ଆଇଜିଙ୍କୁ ଗୃହ ବିଭାଗ ପକ୍ଷରୁ ମଙ୍ଗଳବାର ନିର୍ଦ୍ଦେଶ ଦିଆଯାଇଛି। ଲୋକସେବା ଭବନ, ଖାରବେଳ ଭବନ, ବିଭାଗୀୟ ମୁଖ୍ୟ ଦପ୍ତର, ରାଜୀବ ଭବନର ସମସ୍ତ କର୍ମଚାରୀ ବୁଧବାର ସକାଳ ୯ଟା ୩୦ ମିନିଟ ସୁଦ୍ଧା କାର୍ଯ୍ୟାଳୟରେ ପହଞ୍ଚିବାକୁ ଗୃହ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଅଫିସର ଓ କର୍ମଚାରୀମାନେ ଯେପରି ନିର୍ଦ୍ଧାରିତ ସମୟରେ କାର୍ଯ୍ୟାଳୟରେ ପହଞ୍ଚିବେ ସେନେଇ ନିଶ୍ଚିତ କରିବାକୁ ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ସମସ୍ତ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ସଚିବ ଏବଂ ସ୍ୱତନ୍ତ୍ର ସଚିବମାନଙ୍କୁ ଚିଠି ଲେଖି ଜଣାଇଛନ୍ତି। ଏଥିସହିତ ଲୋକସେବା ଭବନର ଫାଟକ ୧୦ଟା ୩୦ ମିନିଟରେ ବନ୍ଦ କରାଯିବ। ଏହା ପୂର୍ବରୁ କର୍ମଚାରୀମାନେ କାର୍ଯ୍ୟାଳୟରେ ପହଞ୍ଚିବାକୁ କୁହାଯାଇଛି। ପ୍ରବେଶପତ୍ରକୁ କଡାକଡି ଯାଞ୍ଚ କରାଯିବ। ଯଦି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବ, ତେବେ ତୁରନ୍ତ ଗୃହ ବିଭାଗର ସ୍ୱତନ୍ତ୍ର ଶାସନ ସଚିବଙ୍କୁ ଟେଲିଫୋନ ନଂ ୦୬୭୪– ୨୩୯୩୮୪୯ ଏବଂ ସଚିବାଳୟ ସୁରକ୍ଷା ଦାୟିତ୍ୱରେ ଥିବା ଏସିପିଙ୍କୁ ଟେଲିଫୋନ ନଂ. ୦୬୭୪– ୨୩୨୨୫୨୨ ଜରିଆରେ ଜଣାଇବାକୁ କୁହାଯାଇଛି। ଏଥିସହିତ ଲୋକସେବା ଭବନକୁ ଆସୁଥିବା ପରିଦର୍ଶକମାନଙ୍କୁ ପ୍ରବେଶ ଦେବା ନେଇ କଟକଣା ଜାରି କରାଯାଇଛି। ଅତି ଜରୁରୀ ଥିଲେ ପ୍ରବେଶପତ୍ର ଦିଆଯିବ ବୋଲି ଗୃହ ବିଭାଗ ପକ୍ଷରୁ ଜାରି ନୋଟିସରେ କୁହାଯାଇଛି। ଜିଲାସ୍ତରରେ ମଧ୍ୟ କର୍ମଚାରୀ ୯ଟା ୩୦ ମିନଟ ସୁଦ୍ଧା କାର୍ଯ୍ୟାଳୟରେ ପହଞ୍ଚିବାକୁ କୁହାଯାଇଛି। ଏଥିସହିତ ଆଇନଶୃଙ୍ଖଳା ପରିସ୍ଥିତିକୁ ସ୍ୱାଭାବିକ ରଖିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବନ୍ଦ ପାଳନ ହେଉଥିବାରୁ ଖୋର୍ଦ୍ଧା ଜିଲାର ସ୍କୁଲଗୁଡ଼ିକୁ ବୁଧବାର ମଧ୍ୟାହ୍ନଭୋଜନ ଯୋଗାଇବା ସମ୍ଭବ ହେବ ନାହିଁ ବୋଲି ଅକ୍ଷୟ ପାତ୍ର ଫାଉଣ୍ଡେଶନର ଅପରେଶନ ହେଡ ପ୍ରଶାନ୍ତ ପାତ୍ର କହିଛନ୍ତି।

## ଘୁଞ୍ଚିଲା ବିଶ୍ୱବିଦ୍ୟାଳୟ ପରୀକ୍ଷା

ଭୁବନେଶ୍ୱର, ୭।୧(ବ୍ୟୁରୋ)– ଦେଶରେ ଆର୍ଥିକ ମାନ୍ଦାବସ୍ଥା, ଦରଦାମ ବୃଦ୍ଧି, ବେରୋଜଗାର ଭଳି ବିଭିନ୍ନ ସମସ୍ୟାକୁ ନେଇ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଓ ସ୍ୱାଧୀନ ଫେଡେରେଶନ୍ ପକ୍ଷରୁ ବୁଧବାର ୨୪ ଘଣ୍ଟିଆ ଭାରତ ବନ୍ଦ ଡାକରା ଦିଆଯାଇଛି। ବନ୍ଦରୁ ଅତ୍ୟାବଶ୍ୟକ ସେବାକୁ ବାଦ୍ ଦିଆଯାଇଥିବା ମଞ୍ଚ ପକ୍ଷରୁ କୁହାଯାଇଛି। ଅନ୍ୟପଟେ ବୁଧବାର ହେବାକୁ ଥିବା ବିଭିନ୍ନ ପରୀକ୍ଷାକୁ ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଘୁଞ୍ଚାଇ ଦେଇଛନ୍ତି। ପରୀକ୍ଷାର୍ଥୀଙ୍କ ସୁବିଧା ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏପରି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ବୁଧବାର ହେବାକୁ ଥିବା ସମସ୍ତ ପରୀକ୍ଷା ପୁନଃ ନିର୍ଘଣ୍ଟ କରାଯିବ ବୋଲି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କହିଛନ୍ତି। ଏନେଇ ମଙ୍ଗଳବାର ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି।

**ପ୍ରଥମ ପୃଷ୍ଠାରୁ...**

## ୪ ବଳାତ୍କାରୀଙ୍କୁ ...

କ୍ୟୁରେଟିଭ୍ ପିଟିଶନ ଦାଏର କରିବା ପ୍ରକ୍ରିୟା ଚାଲିଥିବା ସେମାନଙ୍କ ଓକିଲ ଅଦାଲତଙ୍କୁ ଅବଗତ କରାଇଥିଲେ। ଏହା ପୂର୍ବରୁ ୪ ଦୋଷୀ ରାଷ୍ଟ୍ରପତିଙ୍କ ନିକଟରେ କ୍ଷମା ଆବେଦନ କରୁଛନ୍ତି କି ବୋଲି ସପ୍ତାହକ ମଧ୍ୟରେ ସେମାନଙ୍କୁ ଜବାବ ମାଗିବାକୁ ତିହାର ଜେଲ କର୍ତ୍ତୃପକ୍ଷଙ୍କୁ ଟ୍ରାଏଲ କୋର୍ଟ ନିର୍ଦ୍ଦେଶ ଦେଇଥିଲେ।

ଗତ ଡିସେମ୍ବର ୧୮ରେ ସୁପ୍ରିମକୋର୍ଟ ଅକ୍ଷୟଙ୍କ ପକ୍ଷରୁ ପୁନର୍ବିଚାର ପାଇଁ ଦାଏର ରିଭ୍ୟୁ ପିଟିଶନକୁ ଖାରଜ କରିଦେଇଥିଲେ। ଗତବର୍ଷ ଜୁଲାଇ ୯ରେ ଅନ୍ୟ ୩ ଦୋଷୀଙ୍କ ରିଭ୍ୟୁ ପିଟିଶନକୁ ଖାରଜ କରାଯାଇ ସାରିଥିଲା।

ପ୍ରକାଶ ଯେ, ୨୦୧୨ ଡିସେମ୍ବର ୧୬ରେ ଦିଲ୍ଲୀର ଜଣେ ୨୩ ବର୍ଷୀୟା ପାରାମେଡିକାଲ ଛାତ୍ରୀ ତାଙ୍କ ପୁରୁଷ ବନ୍ଧୁଙ୍କ ସହ ଯାଉଥିବାବେଳେ ଚଳନ୍ତା ବସରେ ତାଙ୍କୁ ୬ ଜଣ ଗଣବଳାତ୍କାର କରିଥିଲେ। ପରେ ସେମାନେ ତାଙ୍କୁ ଅକଥନୀୟ ନିର୍ଯାତନା ଦେଇ ବସରୁ ଫିଙ୍ଗି ଦେଇଥିଲେ। ପୀଡ଼ିତାଙ୍କୁ ଏୟାର ଆମ୍ବୁଲାନ୍ସରେ ସିଙ୍ଗାପୁର ନିଆଯାଇଥିଲା। ସିଙ୍ଗାପୁରସ୍ଥିତ ମାଉଣ୍ଟ ଏଲିଜାବେଥ ହସ୍ପିଟାଲରେ ଡିସେମ୍ବର ୨୯ରେ ସେ ମୃତ୍ୟୁ ସହ ସଂଗ୍ରାମ କରି ହାରିଯାଇଥିଲେ। ପୀଡ଼ିତାଙ୍କ ମୃତ୍ୟୁ ସମଗ୍ର ଦେଶକୁ ସ୍ତବ୍ଧ କରିଦେଇଥିଲା। ଏହାକୁ ନେଇ ଦେଶବ୍ୟାପୀ ଅଭୂତପୂର୍ବ ଜନାକ୍ରୋଶ ଦେଖିବାକୁ ମିଳିଥିଲା। ଏହି ମାମଲାରେ ୬ ଅଭିଯୁକ୍ତ ଗିରଫ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ନାବାଳକ ଥିଲେ, ଯାହାଙ୍କ ମାମଲାର ବିଚାର ଜୁଭେନାଇଲ ଜଷ୍ଟିସ କୋର୍ଟରେ ହୋଇଥିଲା। ସେହିପରି ଅନ୍ୟ ଜଣେ ଅଭିଯୁକ୍ତ ରାମ ସିଂ ତିହାର ଜେଲରେ ଥିବାବେଳେ ଆତ୍ମହତ୍ୟା କରିଥିଲେ। ୨୦୧୩ ସେପ୍ଟେମ୍ବରରେ ଦିଲ୍ଲୀର ଏକ କୋର୍ଟ ୪ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ମୃତ୍ୟୁ ଦଣ୍ଡାଦେଶ ଦେଇଥିଲେ। ୨୦୧୪ ମାର୍ଚ୍ଚରେ ଦିଲ୍ଲୀ ହାଇକୋର୍ଟ ଏହି ରାୟକୁ ବଳବତ୍ତର ରଖିଥିଲେ। ୨୦୧୭ ମେ'ରେ ସୁପ୍ରିମକୋର୍ଟ ସେମାନଙ୍କ ରିଭ୍ୟୁ ପିଟିଶନଗୁଡ଼ିକୁ ଖାରଜ କରିଦେବା ସହ ହାଇକୋର୍ଟଙ୍କ ରାୟକୁ କାଏମ ରଖିଥିଲେ। ଦୋଷୀମାନଙ୍କୁ ତୁରନ୍ତ ଫାଶୀ ଦେବା ପାଇଁ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ଲାଗି ନିର୍ଭୟାଙ୍କ ମା'ବାପା ୨୦୧୮ ଡିସେମ୍ବରରେ ପଟିଆଲା ହାଉସ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ବିରଳଯୋଗ ପ୍ରଭାବରେ ସରକାରୀ ସ୍ତରରେ ସମସ୍ୟା ସମାଧାନ, ପ୍ରଶାସନିକ ସ୍ତରରେ ସଫଳତା ପାଇବେ। ରବି ଦେଶ ଯାତ୍ରାର ସୁଯୋଗ, ମାଙ୍ଗଳିକ କାମ, ନୂତନ ପ୍ରକଳ୍ପାରମ୍ଭ, କୃଷି, ବାଣିଜ୍ୟ ପାଇଁ ସମୟ ବିଶେଷ ଅନୁକୂଳ ରହିବ। ଅର୍ଥଲାଭ, ବ୍ୟବସାୟିକ ସଫଳତା ଓ କଚେରି ମାମଲା ଫଇସଲା ହେବ।

**ବୃଷ** ଦୁଃସ୍ଥାନସ୍ଥ ଗ୍ରହଜନିତ କାର୍ଯ୍ୟବ୍ୟସ୍ତତା, ମାନସିକ ଅସୁସ୍ଥତା ଓ ପାରିବାରିକ ଅସ୍ଥିରତା ମଧ୍ୟରେ ସମୟ କଟାଇବେ। ଜମିଜମା କାରବାର, ଶିଳ୍ପ, ବାଣିଜ୍ୟ,ଏଜେନ୍ସିପ୍, ବୀମା, ଶେୟାର ବଜାର ପାଇଁ ଦିନଟି ଭଲ। ଆତ୍ମୀୟ ସ୍ୱଜନଙ୍କ ପାଇଁ ନିଜେ ହଇରାଣରେ ପଡ଼ିପାରନ୍ତି। ଦୂରଯାତ୍ରାରେ ଅଜଣା ଲୋକଙ୍କ ପ୍ରତି ସତର୍କତା ରକ୍ଷା କରିବା ହିତକର ହେବ।

**ମିଥୁନ** ସପ୍ତମ କେନ୍ଦ୍ରରେ ଏକାଧିକ ଗ୍ରହ ଯୋଗୁ ବିବାଦରେ ପରାଜୟ,ପ୍ରତିଦ୍ୱନ୍ଦ୍ୱିତାରେ ଅପଦସ୍ଥ ହୋଇପାରନ୍ତି। ଅର୍ଥ ସାହାଯ୍ୟ ଦେବା ସକାଶେ ବନ୍ଧୁ ପ୍ରତିଶ୍ରୁତି ଦେଇ ଶେଷ ସମୟରେ ନାସ୍ତିବାଣୀ ଶୁଣାଇପାରନ୍ତି। ସଙ୍ଗଠନ, ଭ୍ରମଣ, ସଭାସମିତି, କଳା, ସାହିତ୍ୟ ଓ ଆନୁଷ୍ଠାନିକ ତଥା ରାଜନୈତିକ କ୍ଷେତ୍ରରେ ଉନ୍ନତମାନର ଫଳ ପାଇବେ।

**କର୍କଟ** ବଳବାନ୍ ରାଶ୍ୟାଧିପତିଙ୍କ ପ୍ରଭାବରେ ଶାରୀରିକ ସୁସ୍ଥତା ଓ ମାନସିକ ସ୍ଥିରତା ଜୀବନଯାତ୍ରାକୁ ସ୍ୱାଭାବିକ କରାଇବାରେ ସାହାଯ୍ୟ କରିବ। ସାମାଜିକ ସ୍ତରରେ ସମସ୍ୟାଗୁଡ଼ିକ କ୍ରମଶଃ ଅପସରି ଯିବାର ଲକ୍ଷ୍ୟ କରିବେ। କର୍ମକ୍ଷେତ୍ରରେ ଗୁରୁଦାୟିତ୍ୱ ବହନ କରି ବ୍ୟସ୍ତ ହୋଇପାରନ୍ତି। ବାକ୍ ଅସଂଯମତା ଯୋଗୁ ବନ୍ଧୁମାନଙ୍କ ସହ ସୁସମ୍ପର୍କ ବ୍ୟାହତ ହୋଇପାରେ।

**ସିଂହ** ପାରସ୍ପରିକ ମତଭେଦ କାରଣରୁ ପାରିବାରିକ ସ୍ତରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବାକୁ ପଡ଼ିପାରେ। ବନ୍ଧୁମାନେ ମିଥ୍ୟା ଅଭିଯୋଗ କରି ଭାବମୂର୍ତ୍ତିକୁ କଳଙ୍କିତ କରିବାର ଅପଚେଷ୍ଟା କରିପାରନ୍ତି। ଶିଳ୍ପ, ଚୁକ୍ତିପତ୍ର, ପରିବହନ, ବ୍ୟବସାୟ ଓ ବାଣିଜ୍ୟରେ ଉନ୍ନତି ଘଟିବ। କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣା ଯୋଗୁ ମନ ଭଲ ରହିବ ନାହିଁ।

**କନ୍ୟା** ଆପଣଙ୍କୁ ମିତ୍ର ସାହାଯ୍ୟରେ ଅର୍ଥଲାଭ ସହ କ୍ରୀଡ଼ା, ସାହିତ୍ୟ, କଳା, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ଭାବପ୍ରବଣତାବଶତଃ ପ୍ରସଙ୍ଗ ବହିର୍ଭୂତ କଥା କହି ଅପଦସ୍ଥ ହୋଇପାରନ୍ତି। ଗୃହ, ଜମିଜମା, ମୂଲ୍ୟବାନ ଦ୍ରବ୍ୟ କ୍ରୟ କରିପାରନ୍ତି। ଭଲ ସମ୍ପର୍କ ନ ଥିବା ପାଖ ପଡ଼ୋଶୀମାନେ ସମସ୍ୟା ସୃଷ୍ଟିକାରୀ ମନ୍ତବ୍ୟ ପ୍ରଦାନ କରିପାରନ୍ତି।

**ତୁଳା** ପରିସ୍ଥିତିର ତାଡ଼ନାରେ ନିଜକୁ ନିୟନ୍ତ୍ରଣ ଭିତରେ ରଖିବା ସକାଶେ ଚେଷ୍ଟା କରିବା ଭଲ। ତଥାପି ସାମାଜିକ ସ୍ତରରେ, ଆନୁଷ୍ଠାନିକ ଓ ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ବାଣିଜ୍ୟ, ବ୍ୟବସାୟ, ପରିବହନ, ନିର୍ମାଣ, କଳକାରଖାନା, ହୋଟେଲ ଶିଳ୍ପ ଓ ରେଷ୍ଟୁରାଣ୍ଟ କ୍ଷେତ୍ରରୁ ଆଶାଜନକ ସୁଫଳ ପାଇପାରିବେ।

**ବିଛା** ଆଜି ଆପଣଙ୍କୁ ପଦସ୍ଥ ବ୍ୟକ୍ତିଙ୍କ ସହ ସାକ୍ଷାତ ଆଲୋଚନା କଲେ ନିରାଶ ହେବାକୁ ପଡ଼ିବ ନାହିଁ। ପ୍ରତ୍ୟେକ ସ୍ତରରେ ନିଜର ବିଚାରବୁଦ୍ଧି ପ୍ରୟୋଗ କରି ସଫଳତା ହାସଲ କରିପାରିବେ। କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ର, କଳା, ସାହିତ୍ୟ, ପ୍ରେସ୍, ପବ୍ଲିକେଶନ, ଏଜେନ୍ସିପ୍, ବ୍ୟବସାୟ ପ୍ରାୟତଃ ଭଲରେ ଚାଲିବ।

**ଧନୁ** ସହକର୍ମୀଙ୍କ ସହାୟତାରେ ସ୍ଥଗିତ କାର୍ଯ୍ୟକୁ ପୁନଃ ଆରମ୍ଭ କରିବାକୁ ମନ ବଳାଇବେ। ବାଣିଜ୍ୟ, ପରିବହନରେ ପ୍ରତିବନ୍ଧକ ଓ ସମସ୍ୟା କ୍ରମଶଃ ଦୂରେଇଯିବ। ବ୍ୟାଙ୍କ, ସୋସାଇଟି ସ୍ତରରେ ଋଣ ପରିଶୋଧ କରିବା ସକାଶେ ମାନସିକ ବ୍ୟଗ୍ରତା ଅନୁଭବ କରିବେ। କଳା, ସାହିତ୍ୟ, ସଭାସମିତି ତଥା ଆନୁଷ୍ଠାନିକ କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବାରେ ସମର୍ଥ ହେବେ।

**ମକର** ଅତି ଭଲ ସମ୍ପର୍କ ଥିବା ବନ୍ଧୁଙ୍କର ଅନୁପସ୍ଥିତି ମନଃସ୍ଥିତିକୁ ବିକ୍ଷିପ୍ତ କରିବ। ଦୀର୍ଘଦିନ ଧରି ସ୍ଥଗିତ ରହିଯାଇଥିବା କାମକୁ ଆଜି ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେଇପାରନ୍ତି। ସରକାରୀ ସ୍ତରରୁ ଅର୍ଥ ସାହାଯ୍ୟ ଏବଂ ଆଶା କରିଥିବା ଦିଗରୁ ହଠାତ୍ କୌଣସି ଖବର ପାଇପାରନ୍ତି। ସଭାସମିତି, ପ୍ରଶାସନ ତଥା ଆନୁଷ୍ଠାନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନାର ସୁଯୋଗ ଜୁଟିବ।

**କୁମ୍ଭ** ପାରିବାରିକ କ୍ଷେତ୍ରରେ ସମସ୍ୟା ଦୂରେଇବା ସକାଶେ ନିକଟସ୍ଥ ବନ୍ଧୁବର୍ଗଙ୍କ ସାହାଯ୍ୟପ୍ରାର୍ଥୀ ହେବେ। ଅଟକି ରହିଥିବା କାର୍ଯ୍ୟ ସାଧନ କ୍ଷେତ୍ରରେ ଅର୍ଥ ସଙ୍କଟ କାମକୁ ଅଟକାଇ ରଖିପାରେ। ସ୍ୱାର୍ଥ ସାଧନର ଦୁରଭିସନ୍ଧି ରଖି ଆତ୍ମୀୟମାନେ ଅସହଯୋଗ ଆଚରଣ କରିପାରନ୍ତି। ମତାନ୍ତର କିମ୍ବା ଭୁଲ୍ ବୁଝାମଣାଜନିତ ପ୍ରଶାସନିକ ସ୍ତରରେ ବିଶୃଙ୍ଖଳା ଦେଖାଦେବାର ଆଶଙ୍କା ରହିଛି।

**ମୀନ** କର୍ମକ୍ଷେତ୍ର କିମ୍ବା ପରିବାରରେ ଅଶ୍ୱସ୍ତିକର ପରିବେଶକୁ ସଜାଡ଼ି ନେବାର ଉପକ୍ରମ କରିପାରନ୍ତି। ରାଜନୀତି, ପ୍ରଶାସନ, ସଙ୍ଗଠନ, କଳକାରଖାନା, କାରବାରରେ ଉନ୍ନତି କରିବେ। ବହୁତ ଦିନରୁ ରହି ଆସିଥିବା ବକେୟା ଅର୍ଥପ୍ରାପ୍ତି ପାଇଁ ଆଲୋଚନାରେ ଅଗ୍ରଗତି ଘଟିପାରେ। ଅମନଯୋଗୀ ସନ୍ତାନଙ୍କ ବିଶୃଙ୍ଖଳିତ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହୋଇପାରନ୍ତି।

ଆଜି ଜାନୁୟାରୀ ୮ ତାରିଖ, ପୌଷ ଶୁକ୍ଳ ତ୍ରୟୋଦଶୀ ବୁଧବାର, ରାଶି ନକ୍ଷତ୍ର–ରୋହିଣୀ/ବୃଷ, ବିଛା ରାଶିର ଘାତଚନ୍ଦ୍ର, କର୍କଟ ରାଶିର ଘାତବାର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୭।୧୧ମି. ମଧ୍ୟେ ଘ.୭।୫୪ମି. ଗତେ, ଘ.୮।୩୭ମି. ମଧ୍ୟେ ଅମୃତବେଳା। ସକାଳ ଘ.୭।୪୮ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୧।୫୩ମି. ଗତେ ଘ.୧।୧୪ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**BRIDE WANTED**

Brahmin boy 1990/ working reputed private sector, Khorda, 7008839731, 9238578590. D-68534

Suitable Brahmin Bride required for 39 years Brahmin Groom (company service). Contact: 8895491804. D-16083

Wanted Brahmin homely Bride for 1980 born 5'9" Diploma Engineer Brahmin boy. Contact: 9437633089, 6370737397. D-68535

Son age 31 Brahmin B.Tech NIT Rourkela MBA XIMB working PSU Manager at Gurgaon 30 lakhs. 8144589551. D-16084

Son age 30 B.Tech IGIT Saranga MBA XIMB Govt. of India Assistant Manager RBI at Mumbai (caste-no-bar). 7008986005. D-16086

Brahmin groom 45y/ 5'6" B.Com LLB, Marketing of industrial goods and also in Astrology, suitable candidate may contact 9556756352, 9831106142. D-16081

Handsome Sundhi boy, 1988, MBA Asst. Manager Nationalised Bank. 9090703282. D-16080

ବ୍ରାହ୍ମଣ, କରଣ, ଖଣ୍ଡାୟତ, ତେଲି, ଗୁଡ଼ିଆ, Bengali ଜାତିର କନ୍ୟାପାତ୍ରୀ ଆବଶ୍ୟକ। 7978736177. D-68227

**GROOM WANTED**

SC- (ପାଣ) ୨୫ବର୍ଷ– BA pass- ସୁଶ୍ରୀ କନ୍ୟା ପାଇଁ ବରପାତ୍ର ଆବଶ୍ୟକ। 9437068620. D-16079

ସବୁ ଜାତିର କନ୍ୟାପାତ୍ରୀ ପାଇଁ ବରପାତ୍ର ଆବଶ୍ୟକ। ଜାତକ, Bio data ସହ ଯୋଗାଯୋଗ। 7978736177. D-68226

GNIIT from NIIT private job, ବୟସ 34, ଖଣ୍ଡାୟତ ଝିଅଙ୍କ ପାଇଁ any caste ପୁଅ ଦରକାର। 7381460016. D-67924

Beautiful Brahmin girl 1996 B.Sc MBA State Govt. Service. 9776562742. D-16042

ଖଣ୍ଡାୟତ 28/5'3", +2 ଭୁବନେଶ୍ୱର। ବ୍ୟବସାୟୀ କିମ୍ବା ଚାକିରୀ ପୁଅ ଦରକାର– 9658880235. D-68642

Khandayat (girl) 39 ବର୍ଷ Govt. School P.T Teacher- Father Govt. Service, suitable ବରପାତ୍ର ଆବଶ୍ୟକ। 7653930086. D-16046

ଜାତିବନ୍ଧନ ନାହିଁ। 36, 5'.4", M.A, B.Ed, Govt. Service ମାସିକ ଆୟ 38,000/- ପାଇଁ ଅବିବାହିତ, ଛାଡପତ୍ରପ୍ରାପ୍ତ, ବିପତ୍ନୀକ ବର ଗ୍ରହଣୀୟ ହେବେ। 8462050474. D-16048

Girl age 28 Brahmin B.Tech KIITS M.Tech Ph.D BITS PILANI working MNC at Bangalore. 6372748613. D-16085

Now Matrimonial ads. only on Wednesday & Sunday
Book 1 Get 1 FREE

Fully developed gated community advance boundary wall with electricity, gharabari plot sale Gudiapokhari near KEC College, Bhubaneswar. 8763887357, 9438331183. D-68468

Sale immediately royal type Bungalow at Sabitri Sadan, Rameswar Patna, Ratha Road, Bhubaneswar behind CERA Gallery having area 7114 sqft., built up area 3797sqft. Contact: 9437220545. D-67108

**Yellowzone sthitiban plot having boundary wall 1200sqft. 2Nos. 1500sqft. 1No. for sale near Audi Showroom service centre, Bhubaneswar. Contact: 8260114933.** D-16063

CV Raman College ପାଖରେ 2000sqft., yellowzone plot ବିକ୍ରିହେବ। Contact: 9778928492. D-68324

**1.50 Acre gharabari plot with boundarywall ready with ploted scheme (30' road) at Brahmanjharilo Cuttack, 13Km. to Bhubaneswar, 20Km Cuttack, 1.5 Crore- 7809525452.** D-68749




1BHK Q.No. A-53, Krishnagarden Phase-2, Jagamara, BBSR, 8249897201, 7328816804. D-16075

Commercial space for rent 1500sqft. 1st floor, 3000sqft. 2nd floor at Patia Main road, Contact: 9437009824. D-59195

Fully equipped Office Spaces with Flexible Rental Terms. 20,000sqft, Near Infosys Patia, suitable for IT Companies. Call: 7008560412. D-16066

**LEASE**

Logistic company require large warehouse/ land, on lease surrounding Bhubaneswar, 8820512365. D-16044




Shivam logistic packers movers. Household/ car relocation countrywide. 9777044177, 9338461133. D-16087




Rejuvenate and ayurvedic full body massage by smart therapist. 9114402304. D-68946

Completely stress management therapy, visit us our clinic. Contact: 7852986810. D-68532

Full body herbal massage with refreshment expert therapist. 7381239385, 06742540855. D-68947

Experience full body massage with us (expert). Call: 7377048581, 06742597822. D-68948

Ayurvedic full body massage ladies and gents. Contact: 9861064981. D-68746

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68747

Herbal full body massage by smart / expert therapist. Contact: 8338067247. D-68949

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68950

Refresh your mind and soul with best therapy at Orchid Salon/Spa. 9937287222. D-68745

Newly open full body massage by ladies, gents therapist. 8018656899 D-60860

Ayurvedic full body massage by ladies, gents therapist. 7008773793 D-60861

Newly open full body massage with gents and ladies, 9090377418. D-59942




**SALE**

**720 decimal land on highway near Mendhasal, Bhubaneswar, Contact: 8249204856.** D-67274

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ ଟ.1,75,000ରେ ପ୍ଲଟ୍ ମିଳୁଛି। Contact: 8908492594. D-15790

**ଭୁବନେଶ୍ୱର କଟଣା ଗେଟ୍‌ଠାରେ sqft.-180/-, ଅରଗୁଳ ରେଲ୍‌ୱେଷ୍ଟେସନ ପାଖରେ sqft.-180/-, ନଖରା ତ୍ରିନାଥ ବଜାର SC ପ୍ଲଟ୍ 370/- ଘରବାରି outright/ instalment- 9348817649, 7750909843.** D-68462

Premium new flat at TATA Arina 3BHK with full furnished with complete interior for sale. Price 1.25 Cr. Contact: 9437009824. D-59196

**Installment available developed gharabari boundary housing plot Ranga Bazar- 650/-, 9348012510.** D-68460

**Bhubaneswar Infocity-II ମଦନପୁର ନିକଟରେ sqft.499/- demarcation plot କିଣନ୍ତୁ 9861218400** D-68463

**New Year Dhamaka: Discount Rs.100/- available @ landmark Ph-2, Sundarpada. It offers ready to move 2 & 3 BHK flat with huge open space, club, garden, jugging track @ 2800 per sqft. 9938569014, 9861433014.** D-16001

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Construct your building as per your terms and condition. Contact: 9937064680. D-27284

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Looking to rent or buy a house near Puri Temple, possibly 500meter from Sri Jagannath Temple. Sellers to contact: 7008560412. D-16067

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:–
classifieddharitri@gmail.com

ତୁମେ ନିଜ ଭିତରେ ପବିତ୍ରତାର ଅଗ୍ନିକୁଣ୍ଡ ଜଳାଇ କାହିଁକି ବୀରତ୍ୱର ସହିତ ତା'ଭିତରେ ପଶି ନିଜକୁ ଶୁଦ୍ଧ କରୁ ନାହଁ ? ତା'ହେଲେ ଏହି ଭୟଙ୍କର ଏବଂ ପ୍ରଚଣ୍ଡ ଧ୍ୱଂସକାରୀ ଶକ୍ତି- ଯାହାକି ସମଗ୍ର ସଭ୍ୟତାକୁ ଅନ୍ଧକାର ମଧ୍ୟରେ ନିଶ୍ଚିହ୍ନ କରିଦେବାକୁ ବସିଛି- ତାହା ଆଉ ତୁମକୁ ଆକ୍ରାନ୍ତ କରିପାରନ୍ତା ନାହିଁ।
-ଶ୍ରୀମା



# ଅଷ୍ଟ୍ରେଲିଆ ନିଆଁ

ଏବେ ପୃଥିବୀ ସମ୍ମୁଖରେ ଆମେରିକା-ଇରାନ୍ ମଧ୍ୟରେ ତିକ୍ତତା ସବୁଠାରୁ ଅଧିକ ଦୃଷ୍ଟି ଆକର୍ଷଣ କରୁଛି। ବିନା କାରଣରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଇରାନ୍‌କୁ ଉସୁକାଇବା ପଛରେ ତାଙ୍କର ନିଜ ନିର୍ବାଚନୀ ସଫଳତା ସକାଶେ ମନ୍ଦ ଉଦ୍ଦେଶ୍ୟ ଥାଇପାରେ। ଅନ୍ୟପଟେ ସେହି କାର୍ଯ୍ୟାନୁଷ୍ଠାନ ଯୋଗୁ ବିଶ୍ୱର ବାଣିଜ୍ୟ ବଜାରରେ ପ୍ରବଳ ପ୍ରଭାବ ପଡ଼ିସାରିଲାଣି। ଶେୟାର ବଜାରରେ ଏହି ପ୍ରଭାବ ସୀମିତ ରହିନାହିଁ। ବର୍ତ୍ତମାନ ବିଶ୍ୱ ଅର୍ଥନୀତିରେ ଦେଖାଦେଇଥିବା ମାନ୍ଦାବସ୍ଥା ବିଭିନ୍ନ ଦେଶର ଆଭ୍ୟନ୍ତରୀଣ ଅର୍ଥନୀତି ଉପରେ କୁପ୍ରଭାବ ପକାଉଛି। ଆମେରିକା-ଚାଇନା ବାଣିଜ୍ୟ ଯୁଦ୍ଧ ସମାନ୍ତରାଳ ପ୍ରଚ୍ଛଦପଟରେ ଦେଖିବାକୁ ପଡ଼ିବ। କେବଳ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୬ ଜାନୁୟାରୀରେ ଭାରତର ବଡ଼ ବ୍ୟବସାୟୀଙ୍କ ସହିତ ଆଲୋଚନା କରିଛନ୍ତି ବୋଲି ନୁହେଁ, ସମଗ୍ର ପୃଥିବୀର ସବୁ ନେତା ଏବେ ଏହି ଅର୍ଥନୈତିକ ମାନ୍ଦାବସ୍ଥା ବିଷୟରେ ଅତ୍ୟନ୍ତ ବ୍ୟସ୍ତ। ଏହାଠାରୁ ଏବେ ଅନ୍ୟ ଏକ ଅଧିକ ବିରାଟକାୟ ସମସ୍ୟା ପୃଥିବୀ ସମ୍ମୁଖରେ ଛିଡ଼ା ହୋଇଛି। ତାହା ହେଉଛି ଜଳବାୟୁ ପରିବର୍ତ୍ତନରୁ ସୃଷ୍ଟି ହେଉଥିବା ବିପଦ। ଏବେ ପ୍ରକୃତିର ରୋଷ କେତେ ଭୟଙ୍କର ହୋଇପାରେ, ତାହାର ସଦ୍ୟ ଦୃଷ୍ଟାନ୍ତ ଅଷ୍ଟ୍ରେଲିଆର ବନାଗ୍ନି ସୂଚାଇ ଦେଇଛି। ବ୍ରାଜିଲ୍‌ର ଆମାଜନ୍ ଜଙ୍ଗଲ ଜଳୁଥିବା ବେଳେ ଅଷ୍ଟ୍ରେଲିଆର ପାଳି ପଡ଼ିଛି। ଆମାଜନ୍ ଜଳିଲା ବେଳେ ଫ୍ରାନ୍ସ ଭଳି ଦେଶର ମୁଖ୍ୟ ଇମାନୁଏଲ ମାକ୍‌ରନ୍ ବ୍ରାଜିଲ ରାଷ୍ଟ୍ରପତି ଜେ. ବୋଲସୋନାରୋଙ୍କୁ ସମାଲୋଚନା କରିଥିଲେ। ମନ୍ତବ୍ୟ ଦିଆଯାଇଥିଲା ଯେ, ବୋଲସୋନାରୋ ଜାଣିଶୁଣି ଶିଳ୍ପକୁ ସାହାଯ୍ୟ କରିବା ପାଇଁ ଜଙ୍ଗଲ ପୋଡ଼ି ଦେଉଛନ୍ତି। ବୋଲସୋନାରୋ ପାଲଟା ଉତ୍ତର ଦେଲେ ଯେ, ସେଭଳି ସମ୍ବଳକୁ ବ୍ୟବହାର ନ କଲେ ବ୍ରାଜିଲ ଗରିବ ରହିଯିବ। ହେଲେ ସମସ୍ତେ ଜାଣନ୍ତି ଅଷ୍ଟ୍ରେଲିଆ ଏକ ବିକଶିତ ରାଷ୍ଟ୍ର। ତେଣୁ ଏହାର ଜଙ୍ଗଲରେ ନିଆଁ ଲଗାଇବାର ଆବଶ୍ୟକତା ନାହିଁ। ତେବେ କାହିଁକି ପ୍ରାକୃତିକ ବନାଗ୍ନି ଯୋଗୁ ଏହି ମହାଦେଶୀୟ ରାଷ୍ଟ୍ର ଏବେ ମହାବିପଦରେ ପଡ଼ିଛି, ତାହା ସମସ୍ତଙ୍କୁ ବ୍ୟଥିତ କରିବା କଥା।

ଅଷ୍ଟ୍ରେଲିଆର ସମଗ୍ର ଆୟତନ ୭,୭୪୧,୨୨୦ ବର୍ଗ କିଲୋମିଟର ହୋଇଥିବା ବେଳେ ଭାରତର ଆୟତନ ୩,୨୮୭,୨୬୩ ବର୍ଗ କିଲୋମିଟର ରହିଛି। ଅର୍ଥାତ୍ ଭାରତଠାରୁ ଅଷ୍ଟ୍ରେଲିଆ ୨ ଗୁଣାରୁ ଅଧିକ। ଅଷ୍ଟ୍ରେଲିଆରେ ଲାଗିଥିବା ନିଆଁ ପ୍ରାୟ ୮.୪ ନିୟୁତ ହେକ୍ଟର (୨୧ ମିଲିୟନ ଏକର) ଅର୍ଥାତ୍ ୮୪ ହଜାର ବର୍ଗକିଲୋମିଟର ଯାଏ ବ୍ୟାପୀ ସାରିଲାଣି। ସେହି ଦେଶକୁ ବନାଗ୍ନି ଗ୍ରାସ କରିବା ସୂଚାଇ ଦେଉଛି ଯେ, ଜଳବାୟୁ ପରିବର୍ତ୍ତନର ପ୍ରଭାବ ପୃଥିବୀବ୍ୟାପୀ କିଭଳି ହେଲାଣି। ଏକ ରିପୋର୍ଟରୁ ଜଣାପଡ଼ିଛି ଯେ, ଅଷ୍ଟ୍ରେଲିଆ ଭୂଭାଗର ୧୭ ପ୍ରତିଶତ ଘଞ୍ଚ ଜଙ୍ଗଲ ଥିବାରୁ ସେଠାରେ ବିଗତ ୧୦୦ ବର୍ଷ ମଧ୍ୟରେ ମାତ୍ର ୧ ପ୍ରତିଶତ ତାପମାତ୍ରା ବୃଦ୍ଧି ପାଇଛି। ତା' ସତ୍ତ୍ୱେ ସେଠାରେ ଆପେ ଆପେ ନିଆଁ ଲାଗିଯିବାରୁ ପ୍ରାୟ ୫୦ କୋଟି ବନ୍ୟପ୍ରାଣୀଙ୍କ ପ୍ରାଣ ଗଲାଣି। ଏବେ ଅଷ୍ଟ୍ରେଲିଆରୁ ଆସୁଥିବା ଭିଡିଓରେ ଜଙ୍ଗଲୀ ପଶୁ ମଣିଷର ସାହାଯ୍ୟ କିଭଳି ଲୋଡ଼ୁଛନ୍ତି ତାହା ଦେଖିବାକୁ ମିଳିଥିଲା।

ଆଜିର ମଣିଷ ବିକାଶ ନାମରେ ପୃଥିବୀ ଓ ବାୟୁମଣ୍ଡଳ ପ୍ରତି ଅନେକ ଅନ୍ୟାୟ କରିଚାଲିଛି। ଆବଶ୍ୟକତାଠାରୁ ଅଧିକ ପ୍ରକୃତିଠୁଁ ଛଡ଼ାଇ ନେବାକୁ ଚେଷ୍ଟା କରୁଥିବାରୁ ସନ୍ତୁଳନ ବିଗିଡ଼ିଗଲାଣି। ଫଳରେ ଋତୁଚକ୍ରରେ ଦେଖାଦେଇଛି ଅସ୍ୱାଭାବିକ ପରିବର୍ତ୍ତନ। ଜଳବାୟୁ ପରିବର୍ତ୍ତନ ନେଇ ବିଶ୍ୱସ୍ତରରେ ବାରମ୍ବାର ବୈଠକ, ଆଲୋଚନାଚକ୍ର ଓ ତର୍କବିତର୍କର କୌଣସି ମାନେ ରହୁନାହିଁ। କାରଣ ଭାଷଣ ଅପେକ୍ଷା ସାମାନ୍ୟ ସକାରାତ୍ମକ ପଦକ୍ଷେପ ନିଆଯାଇପାରିଲେ ତଫାତ୍ ବାରି ହୋଇପଡ଼ନ୍ତା। ପୃଥିବୀର ଶକ୍ତିଶାଳୀ ଦେଶ ଆମେରିକା ଇରାନ୍ ଉପରେ ଆକ୍ରମଣ କରି ଲୋକଙ୍କୁ ମାରିବା ସକାଶେ ପର୍ଯ୍ୟାପ୍ତ ଅର୍ଥ ଖର୍ଚ୍ଚ କରିବାକୁ ଚାହୁଁଥିବା ବେଳେ ଅନ୍ୟପଟେ ଜଳବାୟୁ ପରିବର୍ତ୍ତନକୁ ଗମ୍ଭୀର ଭାବେ ଦେଖୁନାହିଁ। ବିକଶିତ ରାଷ୍ଟ୍ର ଭାବେ ସର୍ବାଗ୍ରେ ଆମେରିକା ରହିଥିଲେ ମଧ୍ୟ ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତ ପ୍ୟାରିସ୍ ଚୁକ୍ତିରୁ ଓହରିବାକୁ ପସନ୍ଦ କରୁଛି। ଏ ଯେଉଁ ମାନସିକତା ବୃଦ୍ଧି ପାଉଛି, ତାହାର ପରିଣତି ଧ୍ୱଂସ ଆଡ଼କୁ ଅଗ୍ରସର। ସବୁ ପ୍ରକାରର ବିକାଶ ଅପେକ୍ଷା ମଣିଷ ତିଷ୍ଠି ରହିବା ଲାଗି ନିତାନ୍ତ ଜରୁରୀ ଉତ୍ତମ ଜଳବାୟୁ ଓ ଏକ ପ୍ରଦୂଷଣମୁକ୍ତ ପରିବେଶ। ପୃଥିବୀର ପ୍ରତ୍ୟେକ ରାଷ୍ଟ୍ର ଏହି ସୂକ୍ଷ୍ମ କଥାକୁ ଏବେଠାରୁ ଠିକ୍ ଭାବେ ହୃଦୟଙ୍ଗମ କରିବା ଦରକାର। ଅନ୍ୟର କ୍ଷତି କରି ନିଜେ ଧନୀ ହେବାକୁ ଚେଷ୍ଟା କରୁଥିବା ମଣିଷ ପୃଥିବୀ ରକ୍ଷାର ପ୍ରତିଜ୍ଞା ନ ନେଲେ ଆଗକୁ ସ୍ଥିତି ଆହୁରି ବିଗିଡ଼ିଯିବ।

## ୨୫ ବର୍ଷ ତଳର ଧରିତ୍ରୀ

୮ ଜାନୁୟାରୀ ୧୯୯୫

- ଇସ୍ରୋ ଗୁପ୍ତଚର ବୃତ୍ତି ଘଟଣାରେ ଅଭିଯୁକ୍ତ ୬ଜଣ ବ୍ୟକ୍ତିଙ୍କ ଜାମିନ ଆବେଦନକୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ସ୍ୱତନ୍ତ୍ର କୋର୍ଟ ଅଗ୍ରାହ୍ୟ କରିଦେଇଛି।
- ଇମ୍ଫାଲରେ ଏକ ମେଡିକାଲ କଲେଜ ହସ୍ପିଟାଲ ପରିସର ମଧ୍ୟରେ ସଶସ୍ତ୍ର ଉଗ୍ରପନ୍ଥୀ ଏବଂ ସିଆରପିଏଫ୍ ଯବାନଙ୍କ ମଧ୍ୟରେ ସଂଘର୍ଷ ଘଟି ୯ଜଣ ଲୋକ ପ୍ରାଣ ହରାଇଛନ୍ତି।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | C | | 1 | | | | A | | 9 | | | | |
| 2 | | | 8 | | | | | 7 | | | | 5 | 6 | |
| | 8 | | | 0 | | | | 5 | B | | | 9 | | |
| | 9 | | 3 | 2 | | | | B | | D | | 0 | | |
| 7 | 5 | B | C | | | D | | | | 2 | | 3 | 8 | E |
| B | 3 | | | | | | | | | | 7 | | | |
| 9 | | | 7 | | | | | | | | E | 1 | D | |
| | 0 | | 5 | B | 2 | | | 4 | | | | | 9 | |
| | | | | C | | 3 | 1 | | | 5 | | | | |
| 8 | E | | D | | 4 | 7 | | | | 6 | | B | | A |
| 6 | | 3 | | | | E | A | 1 | | | 8 | | | |
| | A | | | | | | D | | | | 2 | | | 6 |
| | D | | | | 9 | | | | | E | | 2 | | 7 |
| | | | | | | | 5 | | 4 | | C | A | 0 | B |
| | C | 0 | | 8 | | | | | | | D | | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 0 | 4 | C | 8 | 1 | A | 7 | E | 9 | 6 | D | 5 | 3 | B |
| 3 | A | D | 5 | 4 | 7 | 8 | 6 | 0 | C | 2 | B | 1 | 9 | E |
| 1 | 7 | 9 | 0 | D | E | B | 4 | C | A | 5 | 3 | 6 | 8 | 2 |
| E | 5 | B | A | 6 | 3 | D | 9 | 2 | 4 | 8 | 1 | 0 | C | 7 |
| 8 | 6 | C | 9 | B | 2 | 5 | 3 | 1 | E | 7 | 0 | D | 4 | A |
| 9 | 1 | 3 | D | 2 | 0 | 6 | 5 | A | 7 | E | C | 8 | B | 4 |
| 4 | E | 8 | 3 | 5 | 9 | 0 | 2 | B | D | 1 | A | 7 | 6 | C |
| 0 | C | 7 | B | 1 | A | E | 8 | 4 | 6 | 3 | 5 | 2 | D | 9 |
| 6 | D | 2 | 4 | E | C | 7 | 1 | 9 | 0 | B | 8 | 3 | A | 5 |
| A | B | 5 | 8 | 7 | 6 | C | D | 3 | 2 | 4 | 9 | E | 0 | 1 |
| 5 | 3 | 0 | 7 | A | B | 1 | E | D | 8 | C | 4 | 9 | 2 | 6 |
| D | 9 | 6 | 2 | 0 | 5 | 3 | C | 7 | B | A | E | 4 | 1 | 8 |
| C | 2 | E | 1 | 9 | D | 4 | A | 8 | 5 | 0 | 6 | B | 7 | 3 |
| B | 8 | A | 6 | 3 | 4 | 2 | 0 | 5 | 1 | 9 | 7 | C | E | D |
| 7 | 4 | 1 | E | C | 8 | 9 | B | 6 | 3 | D | 2 | A | 5 | 0 |

ଗତକାଲିର ଉତ୍ତର



ତତ୍ତ୍ୱ ଓ ତର୍କ

ବିମଳ ପାଣ୍ଡିଆ

# ନଳ ଭିତରେ ଜଳ ଯୋଜନା

କେହି କେହି ଅବଶ୍ୟ ଦୂର ସ୍ଥାନରୁ ବୋହି ପାଣି ଆଣିବାକୁ ମହିଳାଙ୍କ ସାମାଜିକ ଭାବବିନିମୟର ଏକ ମାଧ୍ୟମ ଭାବରେ ବିବେଚନା କରିପାରନ୍ତି, କିନ୍ତୁ ଖରା, ବର୍ଷା, ଶୀତରେ ଆବୁଡ଼ାଖାବୁଡ଼ା ବାଟଦେଇ ଗରାର ବୋଝ ବୋହିବାର ଦୁଃଖ ଓ ଯନ୍ତ୍ରଣାକୁ ଅନୁଭବ କରିଥିବା ଜଣେ ବ୍ୟକ୍ତି ବୋଧହୁଏ କେବେ ବି ସେମିତି ବିଚାରିବ ନାହିଁ। ନିଜ ଘର ଟ୍ୟାପ୍‌ରେ ପାଣି ପାଉଥିବା ଜଣେ ବ୍ୟକ୍ତିକୁ ଦୂର ସ୍ଥାନ ତ ଦୂରର କଥା, ନିଜ ଘର ଆଗକୁ ଆସିଥିବା ଟ୍ୟାଙ୍କରରୁ ପାଣି ସଂଗ୍ରହ କରିବାର ଆବଶ୍ୟକତା ପଡ଼ିଲେ ତାହାକୁ ଦୁର୍ଭାଗ୍ୟ ବିଚାରେ। ନିଜ ଘରେ ସଫା ଓ ସୁରକ୍ଷିତ ପାଣି ସହଜରେ ପାଇବା ସମସ୍ତେ ଚାହାନ୍ତି। ଦୁଃଖର କଥା ଯେ ଆମେ ଲୋକଙ୍କୁ ତାଙ୍କ ଘରେ ପାଣି ପାଇବାର ବ୍ୟବସ୍ଥା କରିବାରେ ବିଫଳ ହୋଇଛୁ।

ସୁଖର କଥା ଯେ, ଉଭୟ ଓଡ଼ିଶା ଓ କେନ୍ଦ୍ର ସରକାର ଏହି ନିତାନ୍ତ ଅତ୍ୟାବଶ୍ୟକତାକୁ ଖୁବ୍ ଗମ୍ଭୀରତାର ସହ ନେଇଛନ୍ତି ବୋଲି ଘୋଷଣା କରିଛନ୍ତି। ୨୦୧୪-୧୫ ମସିହାର ବଜେଟରେ ଓଡ଼ିଶା ସରକାର 'ଓଡ଼ିଶା ଗ୍ରାମ୍ୟ ପାନୀୟ ଜଳ ଯୋଜନା' ଘୋଷଣା କରିଥିଲେ। ପରେ ୨୦୧୭-୧୮ ମସିହାରେ ତାହାକୁ 'ବକ୍ସି ଜଗବନ୍ଧୁ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ କାର୍ଯ୍ୟକ୍ରମ' ବା 'ବସୁଧା' ଯୋଜନା ନାମରେ ନାମିତ କଲେ। ସେହିଭଳି ୨୦୧୯ ମସିହାର ବଜେଟ ଅଭିଭାଷଣରେ କେନ୍ଦ୍ର ସରକାର 'ଜଳ ଜୀବନ ମିଶନ' ଘୋଷଣା କଲେ। ବସୁଧା ଯୋଜନାରେ ଓଡ଼ିଶା ସରକାର ପ୍ରତ୍ୟେକ ଗ୍ରାମବାସୀଙ୍କୁ ଦୈନିକ ମୁଣ୍ଡପିଛା ଅନ୍ୟୂନ ୭୦ ଲିଟର ସ୍ୱଚ୍ଛ ଓ ସୁରକ୍ଷିତ ଜଳ ପାଇପ ମାଧ୍ୟମରେ ଯୋଗାଇବାର ଲକ୍ଷ୍ୟ ରଖିଛନ୍ତି। କିନ୍ତୁ କେବେ ସୁଦ୍ଧା ସେହି ଲକ୍ଷ୍ୟ ହାସଲ କରିବେ କି ପାଣି ଘରଠାରୁ କେତେ ଦୂରତାରେ ପହଞ୍ଚାଇବେ ତାହା ସ୍ପଷ୍ଟ କରିନାହାନ୍ତି। ବସୁଧା ଯୋଜନାର କାର୍ଯ୍ୟାନ୍ୱୟନ ମାର୍ଗଦର୍ଶିକାରେ କେବଳ କୁହାଯାଇଛି ଯେ, 'ସମସ୍ତ ପରିବାର ନିଜ ଘରଠାରୁ ଯୁକ୍ତିସଙ୍ଗତ ଦୂରତାରେ ଉପଯୁକ୍ତ ମାତ୍ରାରେ ସୁରକ୍ଷିତ ପାଣି ପାଉଥିବେ, ଯାହା ପିଇବାଯୋଗ୍ୟ, ଭରସାଯୋଗ୍ୟ, ସ୍ଥାୟୀ, ସହଜଲଭ୍ୟ ହୋଇଥିବ ଓ କୌଣସି ବୈଷମ୍ୟ ରଖୁ ନ ଥିବ।'

୨୦୧୯ ନଭେମ୍ବର ୨୦ରେ ରାଜ୍ୟ ବିଧାନସଭାରେ ବିଭାଗୀୟ ମନ୍ତ୍ରୀ କହିଥିଲେ ଯେ, '୨୦୧୫ ସୁଦ୍ଧା ରାଜ୍ୟର ସମସ୍ତ ଗାଁକୁ ପାଇପ ମାଧ୍ୟମରେ ପାନୀୟ ଜଳ ଯୋଗାଇ ଦେବାର ଯୋଜନା ଅଛି।' ମନ୍ତ୍ରୀ କେବଳ ଗାଁ କଥା କହିଥିଲେ, ସମସ୍ତ ଘରେ ପାଇପ ଜଳ ପହଞ୍ଚାଯିବାର ଲକ୍ଷ୍ୟ ଥିବାର କୌଣସି ସୂଚନା ଦେଇ ନ ଥିଲେ। 'ଜଳ ଜୀବନ ମିଶନ'ର ଲକ୍ଷ୍ୟ ଘୋଷଣା ହୋଇସାରିଥିଲା ବେଳେ ଓଡ଼ିଶା ସରକାର କାହିଁକି ପ୍ରତି ଘରେ ପାନୀୟ ଜଳ ଟ୍ୟାପ୍ ମାଧ୍ୟମରେ ପହଞ୍ଚାଯିବାର ଲକ୍ଷ୍ୟ ସ୍ପଷ୍ଟ କଲେନି ତାହା ଆଶ୍ଚର୍ଯ୍ୟଜନକ। ଜଳ ଜୀବନ ମିଶନରେ ସ୍ପଷ୍ଟ ଲକ୍ଷ୍ୟ ରଖାଯାଇଛି ଯେ, ୨୦୨୪ ମସିହା ସୁଦ୍ଧା ଗ୍ରାମାଞ୍ଚଳର ସମସ୍ତ ଘରେ କାର୍ଯ୍ୟକ୍ଷମ ନଳ ଯୋଗେ ଦୈନିକ ମୁଣ୍ଡପିଛା ହାରାହାରି ୫୫ ଲିଟର ସୁରକ୍ଷିତ ପାନୀୟ ଜଳ ଯୋଗାଇ ଦିଆଯିବ। ପାନୀୟ ଜଳ ରାଜ୍ୟ ସରକାରଙ୍କ ଅଧୀନ ପ୍ରସଙ୍ଗ। ଜଳ ଜୀବନ ମିଶନ ଅନୁସାରେ ଉଭୟ ଭାରତ ଓ ଓଡ଼ିଶା ସରକାର ଅଧାଅଧି ଅର୍ଥ ବ୍ୟୟ କରିବେ। ତେଣୁ ଓଡ଼ିଶା ସରକାର ମଧ୍ୟ ପ୍ରତି ଘରେ କାର୍ଯ୍ୟକ୍ଷମ ପାଇପ ଜଳର ଲକ୍ଷ୍ୟ ରଖିବେ। ଜଳ ଜୀବନ ମିଶନ ମୁଣ୍ଡପିଛା ଦୈନିକ ୫୫ ଲିଟର ପାନୀୟ ଜଳ ଯୋଗାଣର ଲକ୍ଷ୍ୟ ରଖିଥିବା ବେଳେ ଓଡ଼ିଶା ସରକାର ପୂର୍ବରୁ ମୁଣ୍ଡପିଛା ଦୈନିକ ୭୦ ଲିଟର ଜଳ ଯୋଗାଣର ଘୋଷଣା କରିସାରିଛନ୍ତି। ତେଣୁ ଓଡ଼ିଶା ସରକାର ୨୦୨୪ ସୁଦ୍ଧା ପ୍ରତି ଘରେ ଦୈନିକ ମୁଣ୍ଡପିଛା ଅନ୍ୟୂନ ୭୦ ଲିଟର ସୁରକ୍ଷିତ ପାନୀୟ ଜଳ ଯୋଗାଇବାର ଲକ୍ଷ୍ୟ ରଖିବେ ବୋଲି ଆଶା କରିବା କଥା।

ଏହି ଲକ୍ଷ୍ୟ ହାସଲ କରିବା ସହଜ କି କଠିନ ତଥା ଆମର ନିକଟ ଅତୀତର ଅଭିଜ୍ଞତା କ'ଣ ରହିଛି ତାହା ଟିକେ ବୁଝିବାକୁ ଚେଷ୍ଟା କରିବା। ସରକାରୀ ତଥ୍ୟ ଅନୁସାରେ ଆଜିର ତାରିଖରେ ଭାରତର ଗ୍ରାମାଞ୍ଚଳରେ ଥିବା ପରିବାର ମଧ୍ୟରୁ ପ୍ରାୟ ୮୧.୫% ପରିବାର ପାଖରେ ପାଇପ ଜଳର ସଂଯୋଗ ପହଞ୍ଚି ପାରିନାହିଁ। ଓଡ଼ିଶାରେ ଏହି ସ୍ଥିତି ଆହୁରି ଖରାପ। ଓଡ଼ିଶାର ଗ୍ରାମାଞ୍ଚଳର ୯୫% ପରିବାର ବା ୭୭ ଲକ୍ଷରୁ ଅଧିକ ପରିବାର ପାଖରେ ଘରୋଇ ପାଇପ ପାଣି ସଂଯୋଗ ନାହିଁ। ବସୁଧା ଯୋଜନା ଆରମ୍ଭ ହେବା ପରେ ଓଡ଼ିଶାରେ ଘରୋଇ ପାଇପ ସଂଯୋଗର ସ୍ଥିତି କେମିତି ବଦଳିଛି ଦେଖିବା। ୨୦୧୭-୧୮ ମସିହାରେ ମାତ୍ର ୧୧,୧୧୫ଟି ଘରେ ଘରୋଇ ପାଇପ ସଂଯୋଗ ହୋଇପାରିଥିଲା। ତାହାର ପୂର୍ବ ବର୍ଷ ଏହି ସଂଖ୍ୟା ମାତ୍ର ୪,୭୮୯ ଥିଲା। ଚଳିତ ବର୍ଷ ସ୍ଥିତିରେ ଯଥେଷ୍ଟ ଉନ୍ନତି ହୋଇଛି। ଏହି ଆର୍ଥିକ ବର୍ଷର ପ୍ରଥମ ୯ ମାସରେ ୧,୦୨,୨୧୪ଟି ନୂତନ ଘରୋଇ ପାଇପ ସଂଯୋଗ ଦିଆଯାଇସାରିଛି ବୋଲି ସରକାରୀ ନଥି କହୁଛି। ଗତ ୨ବର୍ଷ ୯ମାସରେ ଓଡ଼ିଶାରେ ମାତ୍ର ୧ଲକ୍ଷ ୧୮ ହଜାର ଘରେ ହିଁ ନୂଆ ପାଇପ ସଂଯୋଗ ହୋଇପାରିଛି। ଆସନ୍ତା ୨୦୨୪ ସୁଦ୍ଧା ସମସ୍ତ ଗ୍ରାମ୍ୟ ପରିବାର ଘରେ ନଳ ମାଧ୍ୟମରେ ପାଣି ପହଞ୍ଚାଇବାର ଲକ୍ଷ୍ୟ ସାଧନ କରିବାକୁ ହେଲେ ବର୍ଷ ନୁହଁ, ପ୍ରତି ମାସରେ ହାରାହାରି ୧,୨୮,୩୯୪ଟି ପରିବାରକୁ ନୂଆ ପାଇପ ସଂଯୋଗ ଦେବାକୁ ପଡ଼ିବ। ଅର୍ଥାତ୍ ଓଡ଼ିଶାରେ ଗତ ୨ବର୍ଷ ୯ମାସରେ ମୋଟ ଯେତିକି ନୂଆ ପାଇପ ସଂଯୋଗ ଦିଆହୋଇଛି, ତାହାଠାରୁ ଅଧିକ ସଂଯୋଗ ପ୍ରତି ମାସରେ ଯୋଡ଼ିବାକୁ ପଡ଼ିବ। ଏହା ଆଦୌ ସହଜ ନୁହେଁ।

ଓଡ଼ିଶା ସରକାର ୨୦୧୮-୧୯ ଆର୍ଥିକ ବର୍ଷରେ ଗ୍ରାମ୍ୟ ଜଳଯୋଗାଣ ପାଇଁ ପ୍ରଥମେ ୧୦୦୦ କୋଟି ଟଙ୍କାର ବଜେଟ ରଖିଥିଲେ ଓ ପରେ ଅତିରିକ୍ତ ହଜାରେ କୋଟି ଟଙ୍କା ଯୋଡ଼ିଥିଲେ। ଚଳିତ ଆର୍ଥିକ ବର୍ଷରେ ଗ୍ରାମ୍ୟ ଜଳ ଯୋଗାଣ ପାଇଁ ୨,୭୪୦ କୋଟି ଟଙ୍କାର ପ୍ରାବଧାନ କରିଛନ୍ତି। ଏତିକି ଟଙ୍କା ଖର୍ଚ୍ଚ କରି ହାସଲ କରାଯାଇଥିବା ଘରୋଇ ସଂଯୋଗର ମାମୁଲି ସଂଖ୍ୟା ଏହା ଦର୍ଶାଏ ଯେ ୨୦୨୪ ସୁଦ୍ଧା ସମସ୍ତଙ୍କ ଘରେ ପାଇପ ଜଳ ସଂଯୋଗର ଲକ୍ଷ୍ୟ ଆଦୌ ସହଜ ବା ସମ୍ଭବ ନୁହେଁ। ଜଳ ଜୀବନ ମିଶନର ଆକଳନ ଅନୁସାରେ ସାରା ଦେଶରେ ଏହି ଲକ୍ଷ୍ୟ ହାସଲ କରିବା ପାଇଁ ୩.୬ ଲକ୍ଷ କୋଟି ଟଙ୍କା ଦରକାର। ସେହି ହିସାବରେ ଓଡ଼ିଶାରେ ଏହି ଲକ୍ଷ୍ୟ ହାସଲ କରିବା ପାଇଁ ପ୍ରାୟ ୧୯,୦୦୦ କୋଟି ଟଙ୍କା ଦରକାର ପଡ଼ିବ ବା ପ୍ରତି ବର୍ଷ ହାରାହାରି ପ୍ରାୟ ୪,୦୦୦ କୋଟି ଟଙ୍କା ଦରକାର ହେବ। ୨୨।୧୧।୨୦୧୯ରେ ବିଧାନସଭାରେ ଓଡ଼ିଶା ସରକାର କହିଥିଲେ ଯେ, ୨୦୨୪ ସୁଦ୍ଧା ସମସ୍ତ ଗ୍ରାମରେ ଶୁଦ୍ଧ ପାଇପ ପାଣି ପହଞ୍ଚାଇବା ପାଇଁ ୧୭,୩୭୨ କୋଟି ଟଙ୍କା ଦରକାର ବୋଲି ଆକଳନ ହୋଇଛି। ଓଡ଼ିଶା ସରକାରଙ୍କ ଚଳିତ ବର୍ଷର ବଜେଟକୁ ଦେଖିଲେ ଏହି ଆବଶ୍ୟକତା ବିଶେଷ ବଡ଼ ଲାଗେ ନାହିଁ କିନ୍ତୁ ଘରୋଇ ପାଇପ ସଂଯୋଗର ଗତିକୁ ଦେଖିଲେ ଏହି ଆକଳନ ଉପରେ ସନ୍ଦେହ ହୁଏ।

ସମ୍ବିଧାନର ଧାରା ୨୧ ଅନୁସାରେ ନାଗରିକଙ୍କୁ ବଞ୍ଚିବା ପାଇଁ ଆବଶ୍ୟକ ହେଉଥିବା ସ୍ୱଚ୍ଛ ଓ ସୁରକ୍ଷିତ ପାଣି ପର୍ଯ୍ୟାପ୍ତ ମାତ୍ରାରେ ଯୋଗାଇଦେବା ହେଉଛି ସରକାରଙ୍କ ଦାୟିତ୍ୱ ଓ ତାହା ପାଇବା ନାଗରିକର ମୌଳିକ ଅଧିକାର। ଏବେ ବେଳ ଆସିଛି, ସରକାର କେଉଁ ମାନର କେତେ ପାଣି କେମିତି ଭାବରେ ଲୋକଙ୍କୁ ଯୋଗାଇବେ ତାହା ସ୍ପଷ୍ଟ ଭାବରେ ଘୋଷଣା କରିବା ସହିତ ଲୋକଙ୍କୁ ସେହି ମୌଳିକ ଅଧିକାର ପ୍ରଦାନ କରିବାରେ କୁଣ୍ଠିତ ହେବେ ନାହିଁ। ଏହି ଦୃଷ୍ଟିରୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଘୋଷଣା ସ୍ୱାଗତଯୋଗ୍ୟ।



ହରିହର ତ୍ରିପାଠୀ

# ଡିଜିଟାଲ ଗାଁ

କେନ୍ଦ୍ର ଯୋଗାଯୋଗ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଛନ୍ତି ଯେ, ୨୦୨୦ ମାର୍ଚ୍ଚ ଶେଷ ସୁଦ୍ଧା ଦେଶର ସମସ୍ତ ଗାଁକୁ ମାଗଣା ୱାଇଫାଇ ସେବା ଯୋଗାଇ ଦିଆଯିବ। ହରିୟାଣାର ରେୱାରୀଠାରେ ଗୁରୱାରା ନାମକ ଗ୍ରାମକୁ ଡିଜିଟାଲ୍ ଗ୍ରାମ ଭାବେ ଉଦ୍‌ଘାଟନ କରି ରବିଶଙ୍କର ଏହା କହିଛନ୍ତି। ମନ୍ତ୍ରୀଙ୍କ ତଥ୍ୟ ଅନୁସାରେ ଭାରତ ନେଟ୍ ମାଧ୍ୟମରେ ବର୍ତ୍ତମାନ ସୁଦ୍ଧା ୩୦ ହଜାର ଗ୍ରାମପଞ୍ଚାୟତକୁ ସଂଯୋଗ କରାଯାଇ ପାରିଛି। ତେବେ ୨ ଲକ୍ଷ ୫୦ ହଜାର ଗ୍ରାମପଞ୍ଚାୟତକୁ ଏଥିରେ ସାମିଲ କରିବାର ଲକ୍ଷ୍ୟ ରଖାଯାଇଛି। ଆସନ୍ତା ୪ ବର୍ଷ ମଧ୍ୟରେ ଅତିକମ୍‌ରେ ୧୫ ପ୍ରତିଶତ ଗ୍ରାମକୁ ଡିଜିଟାଲ୍ ଗ୍ରାମରେ ପରିଣତ କରିବା ପାଇଁ ସରକାର ଯୋଜନା କରିଛନ୍ତି। ମନ୍ତ୍ରୀଙ୍କର ମତ ହେଲା ଡିଜିଟାଲ୍ ଗ୍ରାମରେ ପରିଣତ ହେଲେ ଗାଁଗୁଡ଼ିକର ଚିତ୍ର ବଦଳିଯିବ।

ସରକାର ଡିଜିଟାଲ୍ ଶବ୍ଦଟିକୁ ଯେଭଳି ବହୁଳ ବ୍ୟବହାର କରୁଛନ୍ତି ତାହା ସୂଚନା ଓ ପ୍ରଯୁକ୍ତିରେ ଜ୍ଞାନଥିବା ବ୍ୟକ୍ତିଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି। ଦୁଇମାସ ତଳେ ରବିଶଙ୍କର ମଧ୍ୟ କହିଥିଲେ ଯେ, ଆଗାମୀ ପାଞ୍ଚବର୍ଷ ମଧ୍ୟରେ ସରକାର ୧ଲକ୍ଷ ଡିଜିଟାଲ୍ ଗାଁ ସ୍ଥାପନ କରିବେ। ଆଗାମୀ ଦିନରେ ଷ୍ଟାର୍ଟଅପ୍ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ହେବ ଓ ଏଥିରେ ସଫ୍ଟୱେର, ଇଲେକ୍ଟ୍ରୋନିକ ପଲିସି ଏବଂ ଡିଜିଟାଲ କମ୍ୟୁନିକେଶନକୁ ଗୁରୁତ୍ୱ ଦିଆଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି। ଏଠି ପ୍ରଶ୍ନଉଠୁଛି ହୁଏତ ସରକାର ଗାଁଗହଳିର ସ୍ଥିତି ଜାଣିପାରୁ ନାହାନ୍ତି ଅଥବା କେବଳ କାଗଜକଲମରେ ଯୋଜନା ଚାଲିଛି। କାରଣ ଏବେ ନିର୍ଦ୍ଦିଷ୍ଟଭାବେ ସରକାରଙ୍କ ପକ୍ଷରୁ ଡିଜିଟାଲ୍ ଗାଁ ସ୍ଥାପନ କରିବାର ଆବଶ୍ୟକତା ନାହିଁ। ସରକାରଙ୍କର ଏକମାତ୍ର ନିଜସ୍ୱ ଇଣ୍ଟରନେଟ୍ ସେବା ପ୍ରଦାନକାରୀ ସଂସ୍ଥା ବିଏସ୍‌ଏନ୍‌ଲ୍ ଏବେ ବି ଥ୍ରୀ ଜି ସ୍ତରରେ ରହିଥିବାବେଳେ ଦେଶରେ ହୋଇଥିବା ସବୁପ୍ରକାର ଡିଜିଟାଲ୍ ବିପ୍ଳବର ଶ୍ରେୟ ଘରୋଇ ସଂସ୍ଥାଗୁଡ଼ିକୁ ଯାଉଛି। କେବଳ ଜିଓ ବା ସେହିଭଳି ସ୍ପିଡ୍ ନେଟ୍‌ୱର୍କ, ଗୋଟିଏ ସ୍ମାର୍ଟଫୋନ ଓ ଗୁଗୁଲ୍‌ର କିଛି ବ୍ୟବହାର ଦ୍ୱାରା ହୋଇପାରୁଥିବା ସମସ୍ତ କାର୍ଯ୍ୟକୁ ସରକାର ଭେଳିକି ବନାଉଛନ୍ତି। ଗାଁଗହଳିର ଅଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତ ଲୋକେ ଗାଁରେ ହେଉଥିବା କୀର୍ତ୍ତନ କାର୍ଯ୍ୟକ୍ରମର ଫେସ୍‌ବୁକ୍ ଲାଇଭ କରିପାରୁଥିବା ବେଳେ ସରକାରଙ୍କ ଡିଜିଟାଲ୍ ଗାଁ ଘୋଷଣା ତୁଚ୍ଛା ପ୍ରହସନ ବ୍ୟତୀତ ଆଉ କିଛି ନୁହେଁ।

ଚାରିବର୍ଷ ତଳେ ଡିଜିଟାଲ୍ ଇଣ୍ଡିଆ ମିଶନ୍ ମାଧ୍ୟମରେ ମୋଦି ସରକାର ଇ-ଗଭର୍ନାନ୍ସ ଏବଂ ସମସ୍ତଙ୍କୁ ଇଣ୍ଟରନେଟ୍ ସୁବିଧା ଦେବା ପାଇଁ ଉଦ୍ୟମ ଆରମ୍ଭ କରିଥିଲେ। ସରକାରଙ୍କର ଏହି ମିଶନ୍ ସଫଳ କରିବାରେ ମୋବାଇଲ କମ୍ପାନୀଗୁଡ଼ିକର ଅବଦାନ ଯଥେଷ୍ଟ ଅଧିକ। ସ୍ମାର୍ଟଫୋନ୍‌ର ବହୁଳ ବ୍ୟବହାର ବର୍ତ୍ତମାନ ସାରା ସଂସାରକୁ ଡିଜିଟାଲ୍‌ରେ ପରିଣତ କରିଥିବା ବେଳେ ସରକାରଙ୍କର ଲକ୍ଷେ ଡିଜିଟାଲ ଗାଁ ସ୍ଥାପନ କରିବାର ଘୋଷଣା ଦଶନ୍ଧିତଳର ମାନସିକତାର ପ୍ରତିଫଳନ।

ବିଶ୍ୱରେ ଯେତେ ଲୋକ ଫେସ୍‌ବୁକ୍ ବ୍ୟବହାର କରିଥାନ୍ତି ସେମାନଙ୍କ ମଧ୍ୟରେ ଭାରତରେ ଫେସ୍‌ବୁକ୍ ବ୍ୟବହାରକାରୀ ସର୍ବାଧିକ। ଏହି ସଂଖ୍ୟା ୨୪ କୋଟି। ଏ ଦିଗରେ ଭାରତୀୟମାନେ ଆମେରିକାକୁ ପଛରେ ପକାଇ ସାରିଲେଣି। ଭାରତର ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ସଂଖ୍ୟା ଏବେ ୫୬ କୋଟିରେ ପହଞ୍ଚିଲାଣି। କେବଳ ଗ୍ରାମାଞ୍ଚଳରେ ଏବେ ୨୫ କୋଟି ଲୋକ ଇଣ୍ଟରନେଟ୍ ବ୍ୟବହାର କରୁଛନ୍ତି। ସରକାରଙ୍କର ଡିଜିଟାଲ ଇଣ୍ଡିଆ ଡାକରାରେ ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ସଂଖ୍ୟା ବିଗତ ପାଞ୍ଚବର୍ଷରେ ଦୁଇଗୁଣରୁ ଅଧିକ ହୋଇପାରିଛି। ମୋବାଇଲ୍ ଫୋନ ଓ ସେଲୁଲାର ନେଟ୍‌ୱର୍କରେ ବିଭିନ୍ନ ଭାରତୀୟ ଭାଷାର ପ୍ରଚଳନ ସ୍ମାର୍ଟଫୋନ ବ୍ୟବହାରକାରୀଙ୍କ ସଂଖ୍ୟାରେ ପ୍ରତିଦିନ ବୃଦ୍ଧି ଘଟାଉଛି।

ଏଭଳି ସ୍ଥିତିରେ ସରକାର ଡିଜିଟାଲ୍ ଗାଁ କଥା ଚିନ୍ତା ନ କରି 'ଡିଜିଟାଲ୍ ଡିଭାଇଡ୍'କୁ ସମାପ୍ତ କରିବା ଦିଗରେ ପ୍ରୟାସ କରିବା ଦରକାର। ଇଣ୍ଟରନେଟ୍ ଜ୍ଞାନ ଥିବା ଏବଂ ଏ ସମ୍ପର୍କରେ ଜ୍ଞାନ ନ ଥିବା ଲୋକଙ୍କ ମଧ୍ୟରେ ଥିବା ବ୍ୟବଧାନ ସଙ୍କୁଚିତ ହେବା ଆବଶ୍ୟକ। ଏଥିଲାଗି ଲୋକଙ୍କର ସାମାଜିକ ଓ ଆର୍ଥିକ ଅବସ୍ଥାରେ ସୁଧାର ଆଣିବା ଦରକାର ଓ ଲୋକଙ୍କୁ ଦ୍ରୁତତମ ଯୋଗାଯୋଗ ସୁବିଧା ଯୋଗାଇଦେବା ଉଚିତ। ଦୁର୍ଭାଗ୍ୟର କଥା ଦେଶର ଦୁର୍ଗମ, ଦୂରଦୂରାନ୍ତ ସ୍ଥାନ ପାଇଁ ବ୍ରଡ୍‌ବ୍ୟାଣ୍ଡ୍ ସଂଯୋଗ ସମ୍ଭବପର ହୋଇ ପାରିନାହିଁ। ଡ୍ରୋନ୍ ମାଧ୍ୟମରେ ଏହି ଅଞ୍ଚଳଗୁଡ଼ିକରେ ବ୍ରଡ୍‌ବ୍ୟାଣ୍ଡ୍ ସୁବିଧା ପ୍ରଦାନ କରାଯାଇ ପାରିବ। ଏ ଦିଗରେ ସରକାର ଉଚ୍ଚାକାଂକ୍ଷୀ ହେବା ଆବଶ୍ୟକ। ଆମ ଦେଶର ଅଢ଼େଇ ଲକ୍ଷ ଗ୍ରାମପଞ୍ଚାୟତକୁ ଉଚ୍ଚବେଗର ବ୍ରଡ୍‌ବ୍ୟାଣ୍ଡ୍ ବ୍ୟବସ୍ଥା ଦ୍ୱାରା ସଂଯୋଗ କରିବା ଉଦ୍ଦେଶ୍ୟରେ ନ୍ୟାଶନାଲ୍ ଅପ୍‌ଟିକାଲ୍ ଫାଇବାର୍ ନେଟ୍‌ୱର୍କ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ତେବେ ପରିତାପର ବିଷୟ ୨୦୧୯ ସୁଦ୍ଧା ଏହା ସମାପ୍ତ ହେବାକୁ ଲକ୍ଷ୍ୟ ରହିଥିଲେ ବି ଏ ଦିଗରେ ସଫଳତା ମିଳିନାହିଁ। କାରଣ ଏହି କାର୍ଯ୍ୟ ଅତି ଧୀର ଓ ମନ୍ଥର ଗତିରେ କାର୍ଯ୍ୟକାରୀ ହେଉଛି।

ଏବେ ସମୟ ଆସିଛି ଲୋକେ ଇଣ୍ଟରନେଟ୍‌ର କିପରି ଉପଯୋଗ କରିବେ ସେ ଦିଗରେ ସେମାନଙ୍କୁ ସଚେତନ କରାଇବା। ଇଣ୍ଟରନେଟ୍ ଓ ଅନ୍‌ଲାଇନ୍ ବ୍ୟବସ୍ଥା ଫଳରେ ଶିକ୍ଷା, ସ୍ୱାସ୍ଥ୍ୟ ସୁଗମ ଓ ସୁଲଭ ହୋଇପାରିବ। ଜ୍ଞାନ ସୀମିତ ଲୋକଙ୍କ ମଧ୍ୟରେ ଆବଦ୍ଧ ନ ହୋଇ ସର୍ବବ୍ୟାପୀ ହୋଇପାରିବ। ସାମାଜିକ ସଚେତନତା ବୃଦ୍ଧି ହେବା ଦ୍ୱାରା ସାମାଜିକ, ଅର୍ଥନୈତିକ ବୈଷମ୍ୟର ଅବସାନ ହେବ। ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ଇଣ୍ଟରନେଟ୍ ବରଦାନ ସଦୃଶ କାର୍ଯ୍ୟ କରିପାରିବ। ମାତ୍ର ଏହାର ସୁଫଳକୁ ଶିକ୍ଷକ ଓ ଛାତ୍ରସମାଜ ଭିତରେ ବାଣ୍ଟିବାର ଦାୟିତ୍ୱ ଓ ଏ ଦିଗରେ ସଚେତନତା ଆଣିବା କାର୍ଯ୍ୟ ସରକାରଙ୍କର।

ଡିଜିଟାଲ ପ୍ରଯୁକ୍ତି କୌଶଳର ପ୍ରୟୋଗ ଦ୍ୱାରା ପ୍ରଶାସନିକ ବ୍ୟବସ୍ଥାରେ ଅବ୍ୟାହତ ଅନେକ ଦୋଷଦୁର୍ବଳତାର ପରିସମାପ୍ତି କରାଯିବା ସମ୍ଭବ। ବିଭିନ୍ନ ପ୍ରକାର ଅନ୍‌ଲାଇନ୍ ଦେୟ ପ୍ରଦାନ, ଆବେଦନ, ସଂରକ୍ଷଣ ଆଦି କାର୍ଯ୍ୟ ଏବେ କାର୍ଯ୍ୟାଳୟଗୁଡ଼ିକରେ ଭିଡ଼କୁ ସମାପ୍ତ କରିଛି। ବ୍ୟାଙ୍କ ସାମ୍ନାରେ ଲୋକଙ୍କର ଧାଡ଼ି ନାହିଁ। ସରକାରୀ ଦପ୍ତରଗୁଡ଼ିକରେ କର୍ମଚାରୀମାନଙ୍କ ଉପସ୍ଥିତିକୁ ଶୃଙ୍ଖଳିତ କରିବା ପାଇଁ ବାୟୋମେଟ୍ରିକ୍ ପ୍ରବେଶ ବ୍ୟବସ୍ଥା ବଳବତ୍ତର ହୋଇଛି। ଏହାଫଳରେ ଅନଧିକୃତ ଅନୁପସ୍ଥିତି, ଜଣକ ବଦଳରେ ଅନ୍ୟ ଜଣେ କାମ କରିବା ସମ୍ଭାବନା ବର୍ତ୍ତମାନ ସମ୍ଭବପର ହୋଇପାରୁ ନାହିଁ। ଏସବୁ ସୁଫଳ ଡିଜିଟାଲ ଭାରତ ଆଣିପାରିଛି। ଏବେ ସରକାରଙ୍କର ଦାୟିତ୍ୱହେଲା କେବଳ ଡିଜିଟାଲ ସଚେତନତା ଆଣିବା ଓ ଲୋକଙ୍କୁ ନିରନ୍ତର ଯୋଗାଯୋଗ ସୁବିଧା ଯୋଗାଇଦେବା। ଏଥିସହିତ ଲୋକଙ୍କ ଭିତରେ ସୂଚନା ଓ ପ୍ରଯୁକ୍ତି ସାକ୍ଷରତା ବୃଦ୍ଧି କରାଯିବା ଦରକାର।

ବଡ଼ବେତରା, କୁଦାନଗରୀ, କେନ୍ଦ୍ରାପଡ଼ା,
ମୋ - ୯୪୩୯୯୦୩୨୨୦

## ଏଇ ଭାରତରେ

ଦୁଇ ମହଲା ବିଶିଷ୍ଟ କୋଠାର ୪ଟି ରୁମ୍‌ରେ ଚାଲିଛି ସ୍କୁଲ୍, କିନ୍ତୁ ପଢୁଛି ଜଣେ ପିଲା। ଆହୁରି ରୋଚକ କଥା ହେଉଛି ଏହି ପିଲାକୁ ପଢାଇବା ଲାଗି ରହିଛନ୍ତି ଦୁଇ ଜଣ ଶିକ୍ଷକ। ବିହାରର ଗୟାଠାରୁ ୨୦ କିଲୋମିଟର ଦୂର ଜାତୀୟ ରାଜପଥ-୮୩ କଡ଼ରେ ମନସା ବିଘାସ୍ଥିତ ପ୍ରାଥମିକ ସ୍କୁଲ୍‌କୁ ନିୟମିତ ଆସୁଥିବା ଛାତ୍ରୀ ଜଣକ ହେଉଛନ୍ତି ଜାହ୍ନବୀ। ସେ ପ୍ରଥମ ଶ୍ରେଣୀରେ ପଢୁଛି। ଜାହ୍ନବୀକୁ ପଢାଇବା ପାଇଁ ସ୍କୁଲରେ ୨ ଜଣ ଶିକ୍ଷକ ନିଯୁକ୍ତି ପାଇଛନ୍ତି। ମଧ୍ୟାହ୍ନଭୋଜନ ଲାଗି ରୋଷେୟା ବି ଭୋଜନ ପ୍ରସ୍ତୁତ କରୁଛନ୍ତି। ମନସା ବିଘା ବସ୍ତିରେ ୩୫ଟି ପରିବାର ରହୁଛନ୍ତି। କିନ୍ତୁ ଅଭିଭାବକମାନେ ସରକାରୀ ସ୍କୁଲ୍‌କୁ ପିଲାମାନଙ୍କୁ ନ ପଠାଇ ଘରୋଇ ସ୍କୁଲ୍‌ରେ ପିଲାଙ୍କ ନାମ ଲେଖାଉଛନ୍ତି। ସ୍କୁଲ୍‌ର ପ୍ରଧାନଶିକ୍ଷକ ସତ୍ୟେନ୍ଦ୍ର ପ୍ରସାଦ ଓ ଶିକ୍ଷୟିତ୍ରୀ ପ୍ରିୟଙ୍କା କୁମାରୀ ନିୟମିତ ସ୍କୁଲ୍‌କୁ ଆସି ଜାହ୍ନବୀକୁ ପଢ଼ାଉଛନ୍ତି। ଏହି ସ୍କୁଲ୍‌ରେ ପଞ୍ଚମ ଶ୍ରେଣୀଯାଏ ରହିଛି। ପ୍ରଥମ ଓ ପଞ୍ଚମ ଶ୍ରେଣୀରେ ଦୁଇ ଜଣ ଲେଖାଏ, ତୃତୀୟ ଓ ଚତୁର୍ଥ ଶ୍ରେଣୀରେ ୪ ଜଣ ଲେଖାଏ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ଦ୍ୱିତୀୟ ଶ୍ରେଣୀରେ କେହି ନାମ ଲେଖାଇନାହାନ୍ତି। ଏହି ବିଦ୍ୟାଳୟ ପାଖରେ କୌଣସି ସ୍କୁଲରେ ଏହି ସ୍କୁଲକୁ ମିଶାଇ ଦିଆଯିବା ଲାଗି ପ୍ରସ୍ତାବ ଦିଆଯାଇଥିଲେ ବି ଏଯାବତ୍ ତାହା କାର୍ଯ୍ୟକାରୀ ହୋଇନାହିଁ ବୋଲି ପ୍ରଧାନ ଶିକ୍ଷକ କହିଛନ୍ତି।

## ଚିରନ୍ତନୀ

ସବୁବେଳେ ଛଟପଟ ଦିନରାତି କାଉଁ କାଉଁ
ଦେଇଛି ସକାଳେ ପେଇଟୋପେ ତାକୁ ଚିନାଜାଉ।
ଏ ବେଳାକୁ ନାହିଁ କିଛି ଶୁଖାଇ ଦେଲାଣି ମୁହଁ।
କିଟିକିଟି କଳା ମେଘ ବିଲରେ ପଡ଼ିଛି ସୁଅ।
ଚଇତନ ଡାକିଥିଲା ଆଜି ତାର ପାଲାପୂଜା
କିଏ ଯିବ ପାଲା ଦେଖି ଘରେ ନାହିଁ ଚୁଡାଭଜା!
ବିଲରେ ପଡ଼ିଛି ସୁଅ ତିନିଦିନ ନାହିଁ ଚାଷ
ବାର ବରଷର ପୁଅ ଭୋଗି ଭୋଗି ଧଇଁ କାଶ।
ଭୋଗ ରାଗ କେତେ କଣ ଯାଚିଲା ତ ଦିଅଁ ଠାଇଁ
ଡାକି ଡାକି ଥକିଲା ତ ନ ଶୁଣିଲେ କିଏ କାହିଁ।
ଛିଡାଇ ଯାଇଛି ବାହା ଶିଖିଥିଲା ସବୁ କାମ
ସବୁ ମିଛ, ରଖେ କିଏ ? ହୋଇଲେ କରମ ବାମ।
କିଣିଥିଲା ଛଡାଟିଏ ପିଲାଏ ଖାଇବେ ଦୁଧ
ମହାଜନ ଦେଖି ତାହା ତାଗଦା କରିଛି ସୁଧ!
ଜମିଦାର ପିଆଦାକୁ ଆଠଣା ଦେଇଛି କାଲି
ଏ ବରଷ ଖଜଣାଟା ସତାରିବ ମାସେ ଖାଲି!
(ଚାଷୀର ଭାଗ୍ୟ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବିଳମ୍ବରେ କାର୍ଯ୍ୟାନୁଷ୍ଠାନ

ମହାଶୟ,

ଗତବର୍ଷ ଡିସେମ୍ବରରେ ମହାପ୍ରଭୁଙ୍କୁ ଯେଉଁମାନେ ୧୪ ଘଣ୍ଟା କାଳ ଉପାସରେ ରଖିଥିଲେ ଏବେ ସେମାନଙ୍କ ମଧ୍ୟରୁ ଜଣଙ୍କୁ କୈଫିୟତ ଦାଖଲ କରିବାକୁ ନୋଟିସ ଦେବା ଖବର ପ୍ରକାଶ ପାଇଛି। ସୁପ୍ରିମକୋର୍ଟ ଜାନୁୟାରୀ ୮ରେ ଶ୍ରୀମନ୍ଦିର ପରିଚାଳନା ସମ୍ବନ୍ଧୀୟ ୨୩ଟି ବିଷୟରେ ଆକ୍ସନ ରିପୋର୍ଟ ଅଧାରରେ ଶୁଣାଣି କରିବାର ତାରିଖ ଧାର୍ଯ୍ୟ ହୋଇଛି। ଦୀର୍ଘ ଏକବର୍ଷ ଅତିବାହିତ ହୋଇଥିଲେ ମଧ୍ୟ ଶ୍ରୀମନ୍ଦିର ପ୍ରଶାସନ କାହା ଚାପରେ ଏହାକୁ ଏ ପର୍ଯ୍ୟନ୍ତ ଦବାଇ ରଖିଥିଲେ ତାହା ଜଣାପଡୁନାହିଁ। ଗତ ନବକଳେବର ବ୍ରହ୍ମ ମହାବିଭ୍ରାଟ ଘଟଣାବଳୀରେ ସମଗ୍ର ହିନ୍ଦୁ ଜଗତ ବ୍ୟଥିତ ହୋଇଥିବା ବେଳେ ବିଶୃଙ୍ଖଳିତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହୋଇ କେବଳ ନୋଟିସ ଦେବାରେ ସୀମିତ ରହିଥିଲା। ଦୋଷୀ ଯଦି ନିଜ ଅପରାଧ ଯୋଗୁ ଦଣ୍ଡିତ ନ ହେଲା ତେବେ ଏଥିରୁ ଭବିଷ୍ୟତ ପାଇଁ କି ସଙ୍କେତ ମିଳିବ ? ମହାପ୍ରଭୁ ସମସ୍ତଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ।

ହରମୋହନ ମହାନ୍ତି, ଦଣ୍ଡତୋଟା, ପୁରୀ

### ବଳିବାମନ ପୀଠର ସୁରକ୍ଷା ହେଉ

୪୨ ମୌଜାର ଚାନ୍ଦୁଲିଠାରେ ଅବସ୍ଥିତ ବଳିବାମନ ପୀଠର ସୁରକ୍ଷା କରାଯାଉ। ନଦୀଗର୍ଭରେ ଥିବାରୁ ବନ୍ୟା ସମୟରେ ଅବକ୍ଷୟ ହେଉଛି। କୁହାଯାଏ ରାଜା ବଳିଙ୍କୁ ବାମନରୂପୀ ବିଷ୍ଣୁ ଦୁଇପାଦରେ ସ୍ୱର୍ଗ, ମର୍ତ୍ତ୍ୟ ମାଗିନେଇ ତୃତୀୟ ପାଦରେ ପାତାଳଗାମୀ କରିଥିଲେ। ତା'ର ସ୍ମୃତିକୁ ବହନ କରୁଥିବା ପୀଠର ମାହାତ୍ମ୍ୟ ରହିଛି। ଯଦି ପୀଠକୁ ସୁରକ୍ଷିତ କରା ନ ଯାଏ ତେବେ ନଦୀଗର୍ଭରେ ଲୀନ ହେବାର ଆଶଙ୍କା ରହିଛି।

ରମେଶ ଚନ୍ଦ୍ର ବେହେରା, ଆୟଉପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଜେଏମ୍‌ଏମ୍ ବିଧାୟକ ରବୀନ୍ଦ୍ରନାଥ ମହାତୋ ମଙ୍ଗଳବାର ସର୍ବସମ୍ମତିକ୍ରମେ ଝାଡ଼ଖଣ୍ଡ ବିଧାନସଭାର ବାଚସ୍ପତି ଭାବେ ନିର୍ବାଚିତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ପ୍ରଥମେ ତାଙ୍କ ନାମ ପ୍ରସ୍ତାବ ଦେଇଥିବାବେଳେ ଏହାକୁ ଜେଏମ୍‌ଏମ୍ ବିଧାୟକ ଚମ୍ପଇ ସୋରେନ୍ ସମର୍ଥନ କରିଥିଲେ।



# ୨୦ ଜଣଙ୍କ ନାଁରେ ମାମଲା ଦାଏର

ନୂଆଦିଲ୍ଲୀ,୭।୧(ପି.ଟି./ଆଇଏଏନ୍ଏସ୍)

ଦିଲ୍ଲୀର ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ)ରେ ଘଟିଥିବା ହିଂସାକୁ ନେଇ ଦେଶବ୍ୟାପୀ ବିକ୍ଷୋଭ ଜାରି ରହିଥିବାବେଳେ ମଙ୍ଗଳବାର ପୋଲିସ ୨୦ ଜଣଙ୍କ ବିରୋଧରେ ମାମଲା ରୁଜୁ କରିଛି। ପୋଲିସ ଏଫ୍ଆଇଆର୍‌ରେ ଜେଏନ୍‌ୟୁ ଛାତ୍ର ସଂସଦ ସଭାପତି ଐଶେ ଘୋଷ ଓ ଅନ୍ୟ ୧୯ ଜଣଙ୍କ ନାମ ରହିଛି। ଐଶେଙ୍କ ସହ ବହୁସଂଖ୍ୟକ ଛାତ୍ର ବିକ୍ଷୋଭକାରୀ କମ୍ୟୁନିକେଶନ ଆଣ୍ଡ ଇନଫର୍ମେଶନ ସର୍ଭିସେସ ଅଫିସକୁ ପ୍ରବେଶ କରି ସେଠାରେ ଥିବା ଗ୍ଲାସ୍ ଡୋର୍‌କୁ ଭାଙ୍ଗିଦେଇଥିଲେ। ଏହାସହ ଫାଇବର ଅପ୍‌ଟିକ୍ କେବୁଲ, ସର୍ଭର ଓ ବାୟୋମେଟ୍ରିକ୍ ଡିଭାଇସ୍‌ଗୁଡ଼ିକୁ ମଧ୍ୟ ଭଙ୍ଗାରୁଜା କରି ନଷ୍ଟ କରିଦେଇଥିବା ଏତଲାରେ ଦର୍ଶାଯାଇଛି। ଇତିମଧ୍ୟରେ ହିନ୍ଦୁ ସୁରକ୍ଷା ଦଳ ନାମକ ଏକ ସଙ୍ଗଠନ ଜେଏନ୍‌ୟୁ ହିଂସା ପାଇଁ ନିଜକୁ ଦାୟୀ କରିଛି।

ଜାନୁୟାରୀ ୪ ତାରିଖ ରାତି ୧ଟାରେ ଜେଏନ୍‌ୟୁଏସ୍‌ୟୁ ସଭାପତି ଐଶେ ଘୋଷଙ୍କ ସମେତ ଅନ୍ୟ ୧୯ ଜଣ କ୍ୟାମ୍ପସରେ ଭଙ୍ଗାରୁଜା କରିବା ସହ ସିକ୍ୟୁରିଟି ଗାର୍ଡମାନଙ୍କୁ ଆକ୍ରମଣ କରିଥିଲେ ବୋଲି ଦିଲ୍ଲୀ ପୋଲିସର ଜଣେ ଅଧିକାରୀ କହିଛନ୍ତି। ଜେଏନ୍‌ୟୁର ମୁଖ୍ୟ ସୁରକ୍ଷା ଅଧିକାରୀଙ୍କ ପକ୍ଷରୁ ଦିଆଯାଇଥିବା ଏତଲା ଅନୁସାରେ ରବିବାର ଏକ ମାମଲା ଦାଏର ହୋଇଥିଲା। ସେହିଦିନ ସନ୍ଧ୍ୟାରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ସମର୍ଥିତ ବୋଲି କୁହାଯାଉଥିବା କେତେଜଣ ମୁଖାପିନ୍ଧା ଗୁଣ୍ଡା ଜେଏନ୍‌ୟୁ କ୍ୟାମ୍ପସକୁ ପଶିଥିଲେ। ସେମାନେ ଐଶେଙ୍କ ସମେତ କେତେଜଣ ଛାତ୍ରୀଛାତ୍ରଙ୍କୁ ଲାଠି ଓ ଲୁହାରଡ୍‌ରେ ଆକ୍ରମଣ କରିବା ପରେ ଫେରାର ହୋଇଯାଇଥିଲେ। ପୋଲିସ ଉପସ୍ଥିତିରେ ଆକ୍ରମଣକାରୀମାନେ ଏହି କାଣ୍ଡ ଭିଆଇଥିଲେ ହେଁ ସେମାନଙ୍କୁ ଧରାଯାଇ ପାରିନାହିଁ। ରବିବାରର ଆକ୍ରମଣ ନେଇ କେତେଜଣ ଅଜ୍ଞାତ ବ୍ୟକ୍ତିଙ୍କ ବିରୋଧରେ ବସନ୍ତକୁଞ୍ଜ ନର୍ଥ ଥାନାରେ ମାମଲା ରୁଜୁ ହୋଇଛି। ସେପଟେ ହିନ୍ଦୁ ରକ୍ଷା ଦଳ ନାମକ ଏକ ଦକ୍ଷିଣପନ୍ଥୀ ସଙ୍ଗଠନ ଜେଏନ୍‌ୟୁରେ ହୋଇଥିବା ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି। ସଙ୍ଗଠନ ପକ୍ଷରୁ ସୋସିଆଲ ମିଡିଆରେ ସୋମବାର ପୋଷ୍ଟ କରାଯାଇଥିବା ଏକ ଭିଡିଓ ଭାଇରାଲ ହୋଇଛି। ଏଥିରେ ନିଜକୁ ପିଙ୍କି ଚୌଧରୀ ବୋଲି ପରିଚୟ ଦେଉଥିବା ଜଣେ ବ୍ୟକ୍ତି କହୁଛନ୍ତି, ଦେଶବିରୋଧୀ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବା ଲୋକଙ୍କୁ ଛଡ଼ାଯିବ ନାହିଁ। ସେମାନଙ୍କୁ ଜେଏନ୍‌ୟୁ ଛାତ୍ରୀଛାତ୍ର ଓ ଶିକ୍ଷକଙ୍କ ଭଳି ସମାନ ଢଙ୍ଗରେ ଜବାବ ଦିଆଯିବ। ତେବେ ପିଙ୍କି ଚୌଧରୀଙ୍କ ଏହି ଦାବିକୁ ନେଇ ପୋଲିସ ପକ୍ଷରୁ କିଛି ପ୍ରତିକ୍ରିୟା ଆସିନାହିଁ। ଛାତ୍ରୀଛାତ୍ରଙ୍କୁ ଅତି ନିର୍ମମ ଭାବେ ଆକ୍ରମଣ କରାଯାଇଥିବାବେଳେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କିଛି ପଦକ୍ଷେପ ନେଉନାହାନ୍ତି ବୋଲି ଅଭିଯୋଗ ହୋଇଛି। ଏହାକୁ ନେଇ ଛାତ୍ରୀଛାତ୍ର ବିକ୍ଷୋଭ କରୁଥିବାବେଳେ ମଙ୍ଗଳବାର ସନ୍ଧ୍ୟାରେ ଜେଏନ୍‌ୟୁ କୁଳପତି ଏମ୍. ଜଗଦୀଶ କୁମାର ଅତୀତକୁ ପଛରେ ପକାଇ ବିଶ୍ୱବିଦ୍ୟାଳୟ କ୍ୟାମ୍ପସକୁ ଫେରିଆସିବା ପାଇଁ ଆହ୍ୱାନ ଦେଇଛନ୍ତି। ଏକ ବିବୃତିରେ କୁଳପତି କହିଛନ୍ତି, ଆହତ ସମସ୍ତ ଛାତ୍ରୀଛାତ୍ରଙ୍କ ପାଇଁ ଆମେ ଦୁଃଖିତ। ଏହା ଏକ ଦୁର୍ଭାଗ୍ୟଜନକ ଘଟଣା। ସମସ୍ତ ଛାତ୍ରୀଛାତ୍ର ଅତୀତକୁ ଭୁଲି କ୍ୟାମ୍ପସକୁ ଫେରନ୍ତୁ ବୋଲି ସେ ଅନୁରୋଧ କରିଛନ୍ତି। ପ୍ରକାଶ ଯେ ରବିବାର ସନ୍ଧ୍ୟାରେ ହୋଇଥିବା ଆକ୍ରମଣରେ ୩୫ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ଫାକଲ୍ଟି ମେମ୍ବର ଆହତ ହୋଇଥିଲେ। ଏହି ହିଂସାକାଣ୍ଡର ତଦନ୍ତ ପାଇଁ ଜେଏନ୍‌ୟୁ କ୍ୟାମ୍ପସରେ ଅନେକ ଫରେନ୍ସିକ୍ ଲାବରେଟୋରି (ଏଫ୍‌ଏସ୍‌ଏଲ୍) ଟିମ୍ ତନାଘନା ଚଳାଇଛନ୍ତି। ଉକ୍ତ ଟିମ୍‌ଗୁଡ଼ିକରେ ଫିଜିକ୍ସ, କେମେଷ୍ଟ୍ରି ଓ ବାୟୋଲୋଜି ବିଭାଗର ସଦସ୍ୟ ରହିଛନ୍ତି। ସେହିପରି ସିସିଟିଭି ଫୁଟେଜ ଯାଞ୍ଚ କରି ପ୍ରମାଣ ସଂଗ୍ରହ କରିବା ଲାଗି ଏକ କମ୍ପ୍ୟୁଟର ଫରେନ୍ସିକ୍ ଟିମ୍‌କୁ ପଠାଇବା ପାଇଁ ଏଫ୍‌ଏସ୍‌ଏଲ୍‌କୁ ଦିଲ୍ଲୀ ପୋଲିସ ଅନୁରୋଧ କରିଛି। ହିଂସାକୁ ଦୃଷ୍ଟିରେ ରଖି କ୍ୟାମ୍ପସରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଆଗକୁ ଯେପରି କୌଣସି ଅଘଟଣ ନ ଘଟେ ତାହା ସୁନିଶ୍ଚିତ କରିବା ପାଇଁ ବହୁସଂଖ୍ୟକ ପୋଲିସ କର୍ମଚାରୀ ବିଶ୍ୱବିଦ୍ୟାଳୟର ବିଭିନ୍ନ ପ୍ରବେଶପଥରେ ମୁତୟନ ହୋଇଛନ୍ତି। ଗେଟ୍‌ଗୁଡ଼ିକରେ ବ୍ୟାରିକେଡ୍ କରାଯାଇଛି। ବୈଧ ପରିଚୟପତ୍ର ଧରିଥିବା ବ୍ୟକ୍ତିଙ୍କୁ ହିଁ ଭିତରକୁ ଛଡ଼ାଯାଉଛି। କ୍ରାଇମବାଞ୍ଚ ଓ ସ୍ଥାନୀୟ ପୋଲିସ ସିସିଟିଭି ଫୁଟେଜ ସଂଗ୍ରହ କରୁଛନ୍ତି। ଏହାସହ ସେମାନେ ସୋସିଆଲ ମିଡିଆରେ ଅପ୍‌ଲୋଡ୍ ଓ ହ୍ୱାଟ୍ସଆପ୍‌ରେ ପ୍ରସାର କରାଯାଇଥିବା କେତେକ ଭିଡିଓ କ୍ଲିପ୍‌କୁ ମଧ୍ୟ ଅନୁଧ୍ୟାନ କରୁଛନ୍ତି।



ଦିଲ୍ଲୀର ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ଶିକ୍ଷକ ସଂଘ ଏବଂ ଛାତ୍ର ସଂସଦ କର୍ମକର୍ତ୍ତା ବିକ୍ଷୋଭ ଶୋଭାଯାତ୍ରା କରୁଛନ୍ତି।

**ଜେଏନ୍‌ୟୁ ହିଂସା**

- ଛାତ୍ର ସଂସଦ ସଭାପତି ଐଶେ ଘୋଷଙ୍କ ବିରୋଧରେ ଏଫ୍ଆଇଆର୍
- ଆକ୍ରମଣ ପାଇଁ ନିଜକୁ ଦାୟୀ କଲା ହିନ୍ଦୁ ସୁରକ୍ଷା ଦଳ
- ପ୍ରମାଣ ସଂଗ୍ରହ ପାଇଁ କ୍ୟାମ୍ପସରେ ଫରେନ୍ସିକ୍ ଟିମ
- ସିସିଟିଭି ଫୁଟେଜକୁ ନେଇ ଚାଲିଛି ତନାଘନା
- ସବୁକିଛି ଭୁଲିଯାଇ କ୍ୟାମ୍ପସଙ୍କୁ ଫେରିଆସନ୍ତୁ ଛାତ୍ରୀଛାତ୍ର: କୁଳପତି

### ସୋଲେମାନୀଙ୍କ ଶେଷକୃତ୍ୟ ପାଇଁ ଶୋଭାଯାତ୍ରା

# ଦଳାଚକଟାରେ ୪୦ ମୃତ



କେରମାନ,୭।୧(ଏ.ପି./ଆଇଏଏନ୍ଏସ୍)

ଆମେରିକାର ରକେଟ ମାଡ଼ରେ ନିହତ ହୋଇଥିବା ଇରାନ ସେନା କମାଣ୍ଡର ଜେନେରାଲ କାସିମ ସୋଲେମାନୀଙ୍କ ଶେଷକୃତ୍ୟ ମଙ୍ଗଳବାର ସମ୍ପନ୍ନ ହୋଇଛି। ସୋଲେମାନୀଙ୍କ ସହର କେରମାନରେ ଶେଷକୃତ୍ୟ ପୂର୍ବରୁ ତାଙ୍କ ମୃତଦେହକୁ ଶୋଭାଯାତ୍ରାରେ ନିଆଯାଉଥିବାବେଳେ ଦଳାଚକଟା ହୋଇଛି। ଏଥିରେ ୪୦ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୪୫ ଜଣ ଆହତ ହୋଇଥିବା ଇରାନର ସରକାରୀ ଟିଭି ଚ୍ୟାନେଲରେ ପ୍ରସାରିତ ହୋଇଛି।

୬୩ ବର୍ଷୀୟ ସୋଲେମାନୀଙ୍କୁ ଇରାନବାସୀ ଶେଷସମ୍ମାନ ଜଣାଇଛନ୍ତି। ଶୋଭାଯାତ୍ରା ବେଳେ ଉପସ୍ଥିତ ଜନତା ସେମାନଙ୍କ ପ୍ରିୟ ଯୋଦ୍ଧାଙ୍କ ବୀରତ୍ୱର ଗାଥାକୁ ମନେପକାଇଥିଲେ। ସେମାନେ ସୋଲେମାନୀଙ୍କ ଫଟୋ ଧରି 'ଆମେରିକା ମୁର୍ଦ୍ଦାବାଦ' ବୋଲି ସ୍ଲୋଗାନ ଦେଇଥିଲେ। ଏଥିରେ ସୋଲେମାନୀଙ୍କୁ ସଲାମୀ ଦିଆଯାଇଥିଲା। ପ୍ରକାଶ ଯେ ଗତ ୩ ତାରିଖରେ ବାଗଦାଦ ବିମାନବନ୍ଦରରେ ଆମେରିକା ସେନାର ରକେଟମାଡ଼ରେ ରିଭୋଲ୍ୟୁଶନାରୀ ଗାର୍ଡସ ମୁଖ୍ୟ ସୋଲେମାନୀ, ଇରାକୀ ମିଲିସିଆ ପପୁଲାର ମୋବିଲାଇଜେଶନ ଫୋର୍ସର ଉପନେତା ଅବୁ ମହଦି ଅଲ୍-ମୁହାନଦିସ୍‌ଙ୍କ ସମେତ ଆଉ କେତେଜଣ ନିହତ ହୋଇଥିଲେ। ସୋମବାର ତେହେରାନରେ ତାଙ୍କ ମୃତଦେହକୁ ନେଇ ଯାଉଥିବା ଶୋଭାଯାତ୍ରାରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ସାମିଲ ହୋଇଥିଲେ। ଇରାନ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲି ଖାମିନୀ ଓ ସୋଲେମାନୀଙ୍କ ଝିଅ ଜୈନାବ ମଧ୍ୟ ଶୋଭାଯାତ୍ରା ବେଳେ ଉପସ୍ଥିତ ଥିଲେ।

### ଗୁଜରାଟରେ ଜେଏନ୍‌ୟୁ ହିଂସାର ପ୍ରତିବାଦ

# ଦୁଇ ଛାତ୍ରଗୋଷ୍ଠୀ ମୁହାଁମୁହିଁ: ୧୦ ଆହତ

**ଅହମଦାବାଦ,୭।୧(ପି.ଟି.):** ଜେଏନ୍‌ୟୁ ହିଂସାକାଣ୍ଡକୁ ବିରୋଧ କରି ଗୁଜରାଟର ଅହମ୍ମଦାବାଦସ୍ଥିତ ପାଲାଡ଼ି ଅଞ୍ଚଳରେ କଂଗ୍ରେସ ଛାତ୍ର ଶାଖା ଏନ୍.ଏସ୍.ୟୁ.ଆଇ. ପକ୍ଷରୁ ବିକ୍ଷୋଭ କରାଯାଉଥିବାବେଳେ ବିରୋଧୀ ଏ.ବି.ଭି.ପି.ର ସଦସ୍ୟଙ୍କ ସହ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଦୁଇ ଛାତ୍ର ଗୋଷ୍ଠୀ ମଧ୍ୟରେ ପରେ ଏହା ସଂଘର୍ଷର ରୂପ ନେଇଥିଲା। ଏଥିରେ ୧୦ ଛାତ୍ର ଆହତ ହୋଇଥିବା ଜଣାପଡ଼ିଛି। ପୋଲିସ ସେଠାରେ ପହଞ୍ଚି ପରିସ୍ଥିତିକୁ ସମ୍ଭାଳିଥିଲା। ଲାଠିମାଡ଼ ଓ ଟେକାମାଡ଼ କରାଯାଇଥିବା ଉଭୟ ଛାତ୍ରଗୋଷ୍ଠୀ ପକ୍ଷରୁ ପୋଲିସ ନିକଟରେ ଅଭିଯୋଗ କରାଯାଇଛି। ଏଥିରେ ଉଭୟ ଗୋଷ୍ଠୀର ସଦସ୍ୟ ଆହତ ହୋଇଥିବା ଜଣାପଡ଼ିଛି। ଗୁଜରାଟର ଏନ୍.ଏସ୍.ୟୁ.ଆଇ. ସାଧାରଣ ସମ୍ପାଦକ ନିଖିଲ ସବାନିଙ୍କ ମୁଣ୍ଡ ଫାଟିଯାଇଥିବାବେଳେ ତାଙ୍କୁ ଭି.ଏସ୍. ଜେନେରାଲ ହସ୍ପିଟାଲରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଛି। ଏନ୍.ଏସ୍.ୟୁ.ଆଇ.ର ସଦସ୍ୟ ଏ.ବି.ଭି.ପି. କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବା ପରେ ଦୁଇ ଛାତ୍ରଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ ବୋଲି ଜଣାପଡ଼ିଛି। ଶାନ୍ତିପୂର୍ଣ୍ଣ ବିକ୍ଷୋଭ ବେଳେ ଏଭଳି ଆକ୍ରମଣ କରାଯାଇଥିବା ଏନ୍.ଏସ୍.ୟୁ.ଆଇ. ପକ୍ଷରୁ ଅଭିଯୋଗ କରାଯାଇଛି। ଅନ୍ୟପକ୍ଷରେ ଏ.ବି.ଭି.ପି. ପକ୍ଷରୁ ପାଲ୍‌ଟା ଅଭିଯୋଗ କରାଯାଇ ଏନ୍.ଏସ୍.ୟୁ.ଆଇ. ସଦସ୍ୟମାନେ କାର୍ଯ୍ୟାଳୟରେ ପଶି ଆକ୍ରମଣ ଲାଗି ଉଦ୍ୟମ କରୁଥିଲେ ବୋଲି କୁହାଯାଇଛି।

# ନିର୍ଭୟାଙ୍କୁ ନ୍ୟାୟ

## ଆଇନ ପ୍ରତି ମହିଳାଙ୍କ ବିଶ୍ୱାସ ବଢ଼ାଇବ: ଆଶା ଦେବୀ

ନୂଆଦିଲ୍ଲୀ,୭।୧(ପି.ଟି.)

ନିର୍ଭୟା ଗଣବଳାତ୍କାର, ହତ୍ୟା ମାମଲାରେ ୪ ଦୋଷୀଙ୍କୁ କୋର୍ଟ ଫାଶୀଦଣ୍ଡାଦେଶ ଦେଇଥିବାବେଳେ ଏହା ଆଇନ ପ୍ରତି ମହିଳାଙ୍କ ବିଶ୍ୱାସ ବୃଦ୍ଧି କରାଇବ ବୋଲି ନିର୍ଭୟାଙ୍କ ମା' ଆଶା ଦେବୀ କହିଛନ୍ତି। କୋର୍ଟ ରାୟ ଦ୍ୱାରା ମୋ ଝିଅ ଉଚିତ ନ୍ୟାୟ ପାଇଛି। ଆଇନକୁ ଏଭଳି କଡ଼ାକଡ଼ି ଭାବେ ଲାଗୁ କରାଗଲେ



ମହିଳାଙ୍କ ପ୍ରତି ଦୁର୍ବ୍ୟବହାର, ଅତ୍ୟାଚାର, ଶୋଷଣ, ବଳାତ୍କାର ଆଦି ଦେଖିବାକୁ ମିଳିବ ନାହିଁ। ଜାନୁୟାରୀ ୨୨ ସକାଳ ୭ଟାରେ ନିର୍ଭୟା ଗଣବଳାତ୍କାର, ହତ୍ୟା ମାମଲାର ୪ ଦୋଷୀ ମୁକେଶ, ବିନୟ ଶର୍ମା, ଅକ୍ଷୟ ସିଂ ଓ ପଓ୍ୱନ ଗୁପ୍ତାଙ୍କୁ ଫାଶି ଦିଆଯିବା ଲାଗି କୋର୍ଟ ସମୟ ଧାର୍ଯ୍ୟ କରିଥିବାବେଳେ ଏହି ଦିନ ମୋ ଝିଅ ଲାଗି ବହୁତ ବଡ଼ଦିନ ହେବ ବୋଲି ଆଶା ଦେବୀ ପ୍ରକାଶ କରିଛନ୍ତି।

### 'ଦିଲ୍ଲୀବାସୀଙ୍କ ବହୁଦିନର ଆଶା ପୂରଣ ହେଲା'

ନିର୍ଭୟା ମାମଲାର ଦୋଷୀଙ୍କ ଫାଶୀଦଣ୍ଡ ସୁନିଶ୍ଚିତ ହୋଇଥିବାବେଳେ ଦିଲ୍ଲୀବାସୀଙ୍କ ଦୀର୍ଘଦିନର ଆଶା ପୂରଣ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିଓ୍ୱାଲ ପ୍ରକାଶ କରିଛନ୍ତି। ମହିଳାଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ କରୁଥିବା ଲୋକଙ୍କୁ ଏହା ଏକ ଶିକ୍ଷା ଭଳି ହେବ। ଆଇନ କାହାରିକୁ ଛାଡ଼ିବ ନାହିଁ। ଏବେ ସୁଧୁରିଯିବାର ବେଳ ଆସିଛି ବୋଲି କେଜ୍‌ରିଓ୍ୱାଲ ପ୍ରକାଶ କରିଛନ୍ତି। ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ୍ ସିସୋଦିଆ କହିଛନ୍ତି, ଏହି ରାୟକୁ ଦେଶବାସୀ ଅପେକ୍ଷା କରିଥିଲେ। ଏଭଳି ରାୟ ଆଇନର ବିଜୟ ବୋଲି କୁହାଯାଇପାରିବ।

### ନିର୍ଭୟାଙ୍କୁ ନ୍ୟାୟ ମିଳିଛି: ଭାଜପା

ନିର୍ଭୟା ମାମଲାରେ କୋର୍ଟ ରାୟକୁ ଭାଜପା ସ୍ୱାଗତ କରିଛି। ଏହି ରାୟ ମହିଳାଙ୍କୁ ସଶକ୍ତକରିବା ଓ ନ୍ୟାୟପାଳିକା ଉପରେ ଲୋକଙ୍କ ଆସ୍ଥା ଦୃଢ଼କରିବା କ୍ଷେତ୍ରରେ ସହାୟକ ହେବ ବୋଲି ଭାଜପା ନେତା ତଥା କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର ଟୁଇଟ୍ କରି କହିଛନ୍ତି। ଏଭଳି ସମ୍ବେଦନଶୀଳ ମାମଲାଗୁଡ଼ିକର ତ୍ୱରିତ ଶୁଣାଣି ସହ ଦୋଷୀଙ୍କୁ ଉଚିତ ଦଣ୍ଡ ମିଳିବା ଦରକାର ବୋଲି ସେ ମତବ୍ୟକ୍ତ କରିଛନ୍ତି।

### ଦେଶ ଓ ନିର୍ଭୟା ପରିବାରକୁ ଶାନ୍ତି ମିଳିବ: କଂଗ୍ରେସ

ନିର୍ଭୟା ଗଣବଳାତ୍କାର, ହତ୍ୟା ମାମଲାରେ ଦିଲ୍ଲୀ କୋର୍ଟ ଦେଇଥିବା ରାୟ ଦେଶ ଓ ନିର୍ଭୟାଙ୍କ ପରିବାରକୁ ଶାନ୍ତି ଆଣିଦେବ ବୋଲି ମଙ୍ଗଳବାର କଂଗ୍ରେସ ପକ୍ଷରୁ କୁହାଯାଇଛି। ୪ ଦୋଷୀଙ୍କୁ ଫାଶୀଦଣ୍ଡାଦେଶ ମିଳିବା ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କଂଗ୍ରେସ ମୁଖପାତ୍ର ସୁସ୍ମିତା ଦେବ କହିଛନ୍ତି। ନ୍ୟାୟ ମିଳିବାରେ ବିଳମ୍ବ ନ୍ୟାୟ ନ ମିଳିବା ଭଳି। ୭ ବର୍ଷକାଳ ଏଥିଲାଗି ଅପେକ୍ଷା କରିବାକୁ ପଡ଼ିଲା। ନିର୍ଭୟା ପରିବାରକୁ ଶେଷରେ ନ୍ୟାୟ ମିଳିଛି। ଏହା ଦେଶ ପାଇଁ ମଧ୍ୟ ଶାନ୍ତି ଆଣିଦେଇଛି ବୋଲି ସୁସ୍ମିତା ପ୍ରକାଶ କରିଛନ୍ତି। ମହିଳାଙ୍କୁ ଅତ୍ୟାଚାର, ବଳାତ୍କାର କରୁଥିବା ଅପରାଧୀଙ୍କ ପ୍ରତି କଠୋର ଦଣ୍ଡ ମିଳିଲେ ସମାଜକୁ ବାର୍ତ୍ତା ଯିବ ଓ ଏଭଳି ଘୃଣ୍ୟ କାମ କରିବା ପୂର୍ବରୁ ଲୋକେ ଚିନ୍ତାକରିବେ ବୋଲି ସେ କହିଛନ୍ତି।

# ୧୦ରେ ଚଳିତ ବର୍ଷର ପ୍ରଥମ ଚନ୍ଦ୍ରଗ୍ରହଣ

ନୂଆଦିଲ୍ଲୀ: ଚଳିତ ବର୍ଷର ପ୍ରଥମ ଚନ୍ଦ୍ରଗ୍ରହଣ ଜାନୁୟାରୀ ୧୦ ତାରିଖ ମଧ୍ୟ ରାତ୍ରରେ ହେବ। ତେବେ ଏହା ଉପଛାୟା ଯୋଗୁ ହେଉଥିବାରୁ ଭାରତରେ ଦେଖାଗଲେ ମଧ୍ୟ କୌଣସି ସୁତକ ଲାଗୁ ହେବନି। ଦେବନୀତି ସ୍ୱାଭାବିକ ଭାବେ କରାଯିବ। ସାଧାରଣତଃ ସୂର୍ଯ୍ୟ, ପୃଥିବୀ ଏବଂ ଚନ୍ଦ୍ର ଗୋଟିଏ ସରଳ ରେଖାରେ ପୂର୍ଣ୍ଣିମାରେ ରହିଲେ ଚନ୍ଦ୍ର ଗ୍ରହଣ ହୋଇଥାଏ। ତେବେ ଏହି ଚନ୍ଦ୍ରଗ୍ରହଣରେ ଏପରି ହେବ ନାହିଁ। ଚନ୍ଦ୍ର ପୃଥିବୀର ଛାୟା ସିଧାରେ ନ ରହି ଉପଛାୟା ଅଞ୍ଚଳରେ ରହିବ। ତେଣୁ ଚନ୍ଦ୍ରର ଉଜ୍ଜ୍ୱଳତା କିଛି ସମୟ ପାଇଁ କମିଯାଇ ପୁଣି ସ୍ୱାଭାବିକ ଅବସ୍ଥା ଫେରି ଆସିବ ବୋଲି ନାସା ପକ୍ଷରୁ କୁହାଯାଇଛି। ଏହା ରାତ୍ର ୧୦ଟା ୩୮ରୁ ଆରମ୍ଭ ହୋଇ ୨ଟା ୪୨ରେ ମୋକ୍ଷ ହେବ। ଗତ ୧୦ ବର୍ଷ ମଧ୍ୟରେ ଏଭଳି ଚନ୍ଦ୍ରଗ୍ରହଣ ୬ଥର ହୋଇଛି। ଚଳିତ ବର୍ଷ ଜୁନ୍ ୫, ଜୁଲାଇ ୫ ଏବଂ ନଭେମ୍ବର ୩୦ରେ ମଧ୍ୟ ଏଭଳି ଉପଛାୟା ଚନ୍ଦ୍ରଗ୍ରହଣ ହେବ।



# ୫%କୁ ଖସିବ ଜିଡିପି

ନୂଆଦିଲ୍ଲୀ,୭।୧

**ସିଏସ୍‌ଓ ଆକଳନ**

- ୧୦ ବର୍ଷର ସର୍ବନିମ୍ନ ସ୍ତର
- ଚଳିତ ଆର୍ଥିକ ବର୍ଷ ପ୍ରଥମାର୍ଦ୍ଧରେ ଜିଡିପି ୪.୮%
- ମାନୁଫାକ୍ଚରିଂ ୨%କୁ ଖସିବ
- ଜିଭିଏ ୪.୯%

୨୦୧୯-୨୦ ଆର୍ଥିକ ବର୍ଷ ଲାଗି ସରକାର ଜିଡିପିର ପ୍ରଥମ ଆଗୁଆ ପୂର୍ବାନୁମାନ ମଙ୍ଗଳବାର ଜାରି କରିଛନ୍ତି। କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ(ସିଏସ୍‌ଓ) ପକ୍ଷରୁ ପ୍ରକାଶ ପାଇଥିବା ସଦ୍ୟତମ ଡାଟା ମୁତାବକ ୨୦୧୯-୨୦ରେ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ହାର ୫%କୁ ଖସିବ ବୋଲି ପୂର୍ବାନୁମାନ କରାଯାଇଛି। ଦେଶର ବିକାଶ ହାର ଗତ ଆର୍ଥିକ ବର୍ଷରେ ୬.୮% ରହିଥିବା ବେଳେ ଚଳିତ ବର୍ଷ ଏହା ଅନେକ ହାରରେ ଖସିଥିବା ଜଣାପଡିଛି। ଚଳିତ ଆର୍ଥିକ ବର୍ଷ ଜିଡିପି ହାର ୫% ରହିବ ବୋଲି ଆର୍‌ବିଆଇ କହିସାରିଥିଲା। ସେହିଭଳି ୨୦୧୯-୨୦ରେ ଦେଶର ଗ୍ରସ୍ ଭାଲ୍ୟୁ ଆଡେଡ(ଜିଭିଏ) ଅଭିବୃଦ୍ଧି ୪.୯%ରେ ଧାର୍ଯ୍ୟ କରାଯାଇଛି।

ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟ ତ୍ରୈମାସରେ ଦେଶର ବିକାଶ ୪.୫%କୁ ଖସି ଆସିଛି। ଚଳିତ ଆର୍ଥିକ ବର୍ଷ ଜିଡିପି ହାର କମିବ ବୋଲି ବଜାର ବିଶେଷଜ୍ଞମାନେ କହି ଆସୁଛନ୍ତି। ମାନୁଫାକଚରିଂ କ୍ଷେତ୍ରର ଅଭିବୃଦ୍ଧି କମିବା, ଚାହିଦା ଏବଂ ନିବେଶ ଭଳି ପ୍ରମୁଖ କାରଣ ଯୋଗୁ ବିକାଶ ହାର ଖସୁଥିବା ଜଣାପଡିଛି। ୨୦୧୯-୨୦ରେ ଦେଶର ମାନୁଫାକ୍ଚରିଂ କ୍ଷେତ୍ର ଅଭିବୃଦ୍ଧି ୨%କୁ କମିବ ବୋଲି ଅନୁମାନ କରାଯାଇଛି। ଏହା ଗତ ଆର୍ଥିକ ବର୍ଷରେ ୬.୨%କୁ ରହିଥିଲା। ଚଳିତ ଆର୍ଥିକ ବର୍ଷ ପ୍ରଥମ ୬ ମାସରେ ଜିଡିପି ଅଭିବୃଦ୍ଧି ୪.୮%କୁ ଖସି ଆସିଛି। ଏହା ପ୍ରଥମ ତ୍ରୈମାସରେ ୫% ରହିଥିଲା। ୨୦୧୮-୧୯ ବର୍ଷ ଲାଗି ଜିଡିପିର ଆଗୁଆ ପୂର୍ବାନୁମାନ ୭.୨% ଧାର୍ଯ୍ୟ କରାଯାଇଥିଲା। ଏହା ୭%କୁ ଖସିଥିଲା। ଦ୍ୱିତୀୟ ଆଗୁଆ ପୂର୍ବାନୁମାନରେ ଏହାକୁ ୬.୮%କୁ ଖସାଯାଇଥିଲା। ଯାହା ପ୍ରକୃତ ନମ୍ବର ରହିଥିଲା।

**ଇତିହାସର ଆଇନାରେ**

## ଜାନୁୟାରୀ ୮ର ପ୍ରମୁଖ ଘଟଣା

### ମସ୍କୋରେ ବିସ୍ଫୋରଣ

୧୯୭୭ ଜାନୁୟାରୀ ୮ରେ ରୁଷିଆର ମସ୍କୋ ସହରରେ ମାତ୍ର ୩୭ ମିନିଟ ମଧ୍ୟରେ ୩ଟି ବୋମା ବିସ୍ଫୋରଣ କରାଯାଇଥିଲା। ଏଥିରେ ପ୍ରାୟ ୧୦ ଜଣ ବ୍ୟକ୍ତି ପ୍ରାଣ ହରାଇଥିବାବେଳେ ୩୪ ଜଣ ଆହତ ହୋଇଥିଲେ। ଆମେରିକାର ବିଚ୍ଛିନ୍ନତାବାଦୀ ଗୋଷ୍ଠୀ ପକ୍ଷରୁ ଏହି ସିରିଜ୍ ବିସ୍ଫୋରଣ କରାଯାଇଥିବା ସନ୍ଦେହ କରାଯାଇଥିଲା।

### କୋଷ୍ଟାରିକାରେ ଭୂକମ୍ପ

୨୦୦୯ ଜାନୁୟାରୀ ୮ରେ କୋଷ୍ଟାରିକାରେ ଭୂକମ୍ପ ହୋଇଥିଲା। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୬.୧ ଥିଲା। ଉତ୍ତର-ପଶ୍ଚିମ ସନ୍ ଜୋସ୍ ଅଞ୍ଚଳ ଅଧିକ କ୍ଷତିଗ୍ରସ୍ତ ହୋଇଥିଲା। ଏହାଦ୍ୱାରା ପ୍ରାୟ ୧୬ ବ୍ୟକ୍ତି ପ୍ରାଣ ହରାଇବା ସହ ୪୦ ଜଣ ଆହତ ହୋଇଥିଲେ। ପଡ଼ୋଶୀ ନିକାରାଗୋଆରେ ମଧ୍ୟ ଏହାର ପ୍ରଭାବ ଜଣାପଡ଼ିଥିଲା।

**ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକ**

**ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା, ୨୦୨୦ (ରେଗୁଲାର ଓ ଏକ୍ସ-ରେଗୁଲାର କାର୍ଯ୍ୟସୂଚୀ)**

ବିଜ୍ଞପ୍ତି ନଂ 029 / (Exam. Conf.)/ ତା 06/01/20 ରିଖ

ଏତଦ୍ୱାରା ରାଜ୍ୟର ସମସ୍ତ ହାଇସ୍କୁଲର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ, ପରୀକ୍ଷାର୍ଥୀ, ପତ୍ରମାଧ୍ୟମଶିକ୍ଷା ପରୀକ୍ଷାର୍ଥୀ, ଅଭିଭାବକ ଏବଂ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିଯେ ଆସନ୍ତା ୨୦୨୦ ମସିହା ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ (Regular ଏବଂ Ex-Regular) ପରୀକ୍ଷା 1st Sittingରେ ତା୧୯/୦୨/୨୦୨୦ରିଖ ଠାରୁ ଆରମ୍ଭ ହୋଇ ତା୦୨/୦୩/୨୦୨୦ରିଖ ପର୍ଯ୍ୟନ୍ତ ନିମ୍ନୋକ୍ତ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ । ଉଭୟ Regular ଏବଂ Ex-Regular ପରୀକ୍ଷା ଗୋଟିଏ Sitting ଏବଂ ଗୋଟିଏ ପ୍ରଶ୍ନପତ୍ରରେ ହେବ । ପରୀକ୍ଷା ପ୍ରତ୍ୟେକ ଦିନ 10.00 am ରୁ ଆରମ୍ଭ ହୋଇ 12.30 pm ରେ ଶେଷ ହେବ । କେବଳ MTH ପରୀକ୍ଷା 12.45 pm ରେ ଶେଷ ହେବ । ନିର୍ଦ୍ଧାରିତ ପରୀକ୍ଷା ଦିବସ ଓ ବିଷୟମାନ ନିମ୍ନରେ ପ୍ରଦାନ କରାଗଲା ।

| REGULAR & EX-REGULAR (1ST SITTING) (10.00 AM TO 12.30 PM) | |
|---|---|
| 19/02/2020 ବୁଧବାର (Wednesday)<br>ପ୍ରଥମ ଭାଷା (First Language)<br>FLO ଓଡ଼ିଆ, FLB ବଙ୍ଗଳା, FLH ହିନ୍ଦୀ, FLU ଉର୍ଦ୍ଦୁ, FLT ତେଲୁଗୁ<br>FLE ଅଲ୍‌ଟର୍‌ନେଟିଭ ଇଂରାଜୀ (Alt. English) | 22/02/2020 ଶନିବାର (Saturday)<br>ଦ୍ୱିତୀୟ ଭାଷା (Second Language)<br>SLE ଇଂରାଜୀ English, SLH ହିନ୍ଦୀ Hindi,<br>SEP ପରିବେଶ ଓ ଜନସଂଖ୍ୟା ଶିକ୍ଷା (କେବଳ ମୂକ-ବଧିର ପରୀକ୍ଷାର୍ଥୀଙ୍କ ପାଇଁ) Env. & Population Edn. (Only for Hearing Impaired Candidates) |
| 24/02/2020 ସୋମବାର (Monday)<br>ତୃତୀୟ ଭାଷା (Third Language)<br>TLH ହିନ୍ଦୀ, TLS ସଂସ୍କୃତ, TLO ଓଡ଼ିଆ, TLP ପାର୍ଶି<br>TLV (THEORY) & IT, RT, TT, TH, AG, MS, PL, BW, BF, HC, AH, AM & EH (THEORY)<br>Time 01 Hour – 10.00 am to 11.00 am<br>TLV (Theory) କେବଳ ମୂକ-ବଧିର ପରୀକ୍ଷାର୍ଥୀଙ୍କ ପାଇଁ ଏବଂ IT, RT, TT, TH, AG, MS, PL, BW, BF, HC, AH, AM & EH କେବଳ Vocational ପରୀକ୍ଷାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ | 26/02/2020 ବୁଧବାର (Wednesday)<br>MTH ଗଣିତ (Mathematics)<br><br>28/02/2020 ଶୁକ୍ରବାର (Friday)<br>GSC ବିଜ୍ଞାନ (Science)<br><br>01/03/2020 ରବିବାର (Sunday)<br>TLV (Practical) 10.00 am to 12.00 noon Time : 2 Hours<br>ଭିଜୁଆଲ୍ ଆର୍ଟ (ପ୍ରାକ୍ଟିକାଲ୍) ତୃତୀୟ ଭାଷା<br>Visual Art – (Practical) 3rd Language<br><br>02/03/2020 ସୋମବାର (Monday)<br>SSC ସାମାଜିକ ବିଜ୍ଞାନ (Social Science) |

✓ 09.45 am ରେ ଉଭୟ Part-I (Objective) ଓ Part-II (Subjective) ପ୍ରଶ୍ନପତ୍ର ବଣ୍ଟାଯିବ ।

✓ Part–I (Objective) ପରୀକ୍ଷା 10.00am ରୁ 11.00am ପର୍ଯ୍ୟନ୍ତ ଚାଲିବ । କେବଳ MTH (Objective) ପରୀକ୍ଷା 10.00am ରୁ 11.15 am ପର୍ଯ୍ୟନ୍ତ ଚାଲିବ ।

ସ୍ୱା/-ସମ୍ପାଦକ

୧୮



> ଲୋକମାନେ ଅନେକ ପ୍ରକାରରେ ଈଶ୍ୱରଙ୍କୁ ସ୍ମରଣ କରୁଥାନ୍ତି। କିନ୍ତୁ ତାଙ୍କୁ ବୁଝିବା ଓ ଅନୁଭବ କରିବା ମାର୍ଗ ସମସ୍ତଙ୍କର ଏକ ଅଟେ।
>
> - ଟଲଷ୍ଟୟ

## ସଂକ୍ଷେପରେ

### ଯୁବକଙ୍କ ମୃତଦେହ ଉଦ୍ଧାର

**ସମ୍ବଲପୁର, ୭।୧ (ବ୍ୟୁରୋ):** ସମ୍ବଲପୁର କ୍ଷେତରାଜପୁର ଥାନା କାନାୟୁରୀରେ ଏକ ଘରୁ ଝୁଲନ୍ତା ଅବସ୍ଥାରେ ପୋଲିସ ମଙ୍ଗଳବାର ଭୋରରେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ମୃତକ ହେଲେ ଘନଶ୍ୟାମ ମେହେର (୧୯)। ଏ ନେଇ ଥାନାରେ ୨/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ସୂଚନାଯୋଗ୍ୟ ଯେ, ବିଜୟ ସୋମବାର ରାତିରେ ଘରେ ଶୋଇଥିଲେ। ମଙ୍ଗଳବାର ସକାଳୁ ନ ଉଠିବାରୁ ପରିବାର ଲୋକ କବାଟ ଭାଙ୍ଗି ଝୁଲନ୍ତା ଅବସ୍ଥାରେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରଙ୍କୁ ହସ୍ତାନ୍ତର କରିଥିଲା।

### ଖବରଦାତାଙ୍କୁ ଦୁର୍ବ୍ୟବହାର

**ସମ୍ବଲପୁର,୭।୧ (ବ୍ୟୁରୋ):** ସମ୍ବଲପୁର ଅଇଁଠାପାଲି ଥାନା ଅଧୀନ ବୁଢ଼ାରଜା ମାର୍କେଟ ନିକଟରେ ଖବରଦାତା ଅନୀଲ ଦାଶଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ଅଭିଯୋଗ ହୋଇଛି। ଅଭିଯୋଗକ୍ରମେ ଅଇଁଠାପାଲି ଥାନା ପୋଲିସ ଜଣେ ନାବାଳକଙ୍କୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ କରିଛି। ଏନେଇ କେଶ ନଂ. ୧୩/୨୦ରେ ମାମଲା ରୁଜୁ ହୋଇଛି। ଖବରଦାତା ଅନୀଲ ଖବର ସଂଗ୍ରହ କରିବାକୁ ବୁଢ଼ାରଜା ମାର୍କେଟକୁ ଯାଇଥିଲେ। ସେହି ସମୟରେ ଉକ୍ତ ନାବାଳକ ଆସି ତାଙ୍କ ଗାଡିକୁ ଅଟକାଇ ଗୁଲିଗୁଲଜ କରିଥିଲେ। ଅନିଲ ପ୍ରତିବାଦ କରିବାରୁ ତାଙ୍କ ଗାଡିର ହେଡ୍ ଲାଇଟ୍‌କୁ ନାବାଳକ ଜଣକ ଭାଙ୍ଗି ଦେବା ସହ ଧକ୍କା ମାରିଥିଲେ ବୋଲି ଖବରଦାତା ଅନିଲ ଥାନାରେ ଅଭିଯୋଗ କରିଛନ୍ତି।

### ଜଗନ୍ନାଥ ମନ୍ଦିର ପୂଜକଙ୍କ ପରଲୋକ



**ଦେବଗଡ,୭।୧(ଡି.ଏନ.ଏ.):** ଦେବଗଡ଼ ସହରର ପରୁଣାଗଡ ସ୍ଥିତ ଜଗନ୍ନାଥ ମନ୍ଦିରର ବଡପଣ୍ଡା ବେଣୁଧର ନାୟକଙ୍କ ୮୦ ବର୍ଷ ବୟସରେ ପରଲୋକ ଘଟିଛି। ସତୀଘାଟଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ବଡପୁଅ ସୁରେନ ନାୟକ ମୁଖାଗ୍ନି ଦେଇଥିଲେ। ସହରର ଶିକ୍ଷାବିତ, ବୁଦ୍ଧିଜୀବୀ, ଆଇନଜୀବୀ, ଖବରଦାତା ଓ ବିଶିଷ୍ଟ ବ୍ୟକ୍ତିମାନେ ତାଙ୍କ ପରଲୋକଗତ ଖବର ପାଇ ପୁରୁଣାଗଡ଼ସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### ବାଇକ୍ ଦୁର୍ଘଟଣାରେ ଯୁବକ ଗୁରୁତର

**ରେଢ଼ାଖୋଲ,୭।୧(ଡି.ଏନ.ଏ.):** ରେଢ଼ାଖୋଲ ସହରର କଇଥସାହି ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଏହି ଯୁବକ ଜଣକ ହେଲେ କେଳାକଟା ଗ୍ରାମର ବାପୁନି ବେହେରା(୨୪)। ତାଙ୍କୁ ବୁର୍ଲା ଭିମ୍‌ସାର ସ୍ଥାନାନ୍ତର କରାଯାଇଛି। ସେ ବାଇକ୍‌ରେ ଯାଉଥିବା ବେଳେ ରାସ୍ତା ଉପରେ ଥିବା ଖାଲରେ ପଡି ଯାଇଥିଲେ।

## ■ ପ୍ରଧାନମନ୍ତ୍ରୀ ଫସଲ ବୀମା ବିଭ୍ରାଟ

# ଆନ୍ଦୋଳନ ପରେ ଚେତା ପଶିଲା

**ସମ୍ବଲପୁର,୭।୧(ବ୍ୟୁରୋ)**

୨୦୧୮ ଖରିଫ ଋତୁର ପ୍ରଧାନମନ୍ତ୍ରୀ ଫସଲ ବୀମା ଟଙ୍କା ପାଇଁ ପ୍ରାୟ ବର୍ଷେ ହେଲା ସମ୍ବଲପୁର ଜିଲାର ଚାଷୀ ବିଭିନ୍ନ ଉପାୟରେ ଆନ୍ଦୋଳନ କରି ଆସୁଛନ୍ତି। ହେଲେ ପ୍ରଶାସନ ନିରବ ଦ୍ରଷ୍ଟା ସାଜିଛି।

- ■ ଜିଲାପାଳଙ୍କ ପ୍ରକୋଷ୍ଠରେ ତ୍ରିପାକ୍ଷିକ ବୈଠକ
- ■ ପ୍ରତିଶ୍ରୁତି ଦେଲା ପ୍ରଶାସନ, ବୀମା କମ୍ପାନୀ
- ■ ଖୁବ୍ ଶୀଘ୍ର ପ୍ରକାଶ ପାଇବ ଚୂଡ଼ାନ୍ତ ତାଲିକା
- ■ ଅବିଳମ୍ବେ ଆକାଉଣ୍ଟରେ ମିଳିବ ଟଙ୍କା
- ■ ବିଶ୍ୱାସ କରିପାରୁ ନାହାନ୍ତି ଚାଷୀ

ଏଭଳି ଗତ ୪ ତାରିଖଠାରୁ କୁଚିଣ୍ଡା ଉପଖଣ୍ଡରେ ଚାଷୀମାନେ ଆଇନକୁ ହାତକୁ ନେଇଛନ୍ତି। ଆନ୍ଦୋଳନ କରି ସମସ୍ତ ସରକାରୀ ଅଫିସ ବନ୍ଦ କରି ଦେଇଛନ୍ତି। ଏବେ ପ୍ରଶାସନର ଚେତା ପଶିଛି। ଜିଲାପାଳ ଶୁଭମ୍ ସକ୍‌ସେନା



ସମ୍ବଲପୁର ଜିଲାପାଳ ଅଫିସ ସମ୍ମୁଖରେ ଚାଷୀମାନେ।

ମଙ୍ଗଳବାର ଚାଷୀ ପ୍ରତିନିଧିମାନଙ୍କୁ ଡାକି ଆଲୋଚନା କରିଛନ୍ତି। ଜିଲାପାଳଙ୍କ ପ୍ରକୋଷ୍ଠରେ ଚାଷୀ ପ୍ରତିନିଧି, ପ୍ରଶାସନ ଓ ବୀମା କମ୍ପାନୀ ମଧ୍ୟରେ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଆଲୋଚନା ପରେ ଜିଲାପାଳ ସକ୍‌ସେନା ଓ ବୀମା କମ୍ପାନୀ ପକ୍ଷରୁ ଚାଷୀମାନଙ୍କୁ ଲିଖିତ ପ୍ରତିଶ୍ରୁତି ଦିଆଯାଇଛି। କେନ୍ଦ୍ର ସରକାରଙ୍କ ବୌଷୟିକ ଟିମ୍ ଦେଇଥିବା ରିପୋର୍ଟ ଆଧାରରେ କେତେ ପ୍ରତିଶତ ଟଙ୍କା ମିଳିବ ସେ ନେଇ ଖୁବ୍ ଶୀଘ୍ର ଚାଷୀଙ୍କ ତାଲିକା ପ୍ରକାଶ ପାଇବ। ବିଳମ୍ବ ନ କରି ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ବୀମା ଟଙ୍କା ଜମା ହୋଇଯିବ ବୋଲି ଲିଖିତ ପ୍ରତିଶ୍ରୁତି ମିଳିଛି। ହେଲେ ଚାଷୀମାନେ ପ୍ରଶାସନ ଓ ବୀମା କମ୍ପାନୀର ଏହି ପ୍ରତିଶ୍ରୁତିକୁ ସହଜେ ବିଶ୍ୱାସକୁ ନେଇ ପାରୁ ନାହାନ୍ତି। ଏଣୁ ଚାଷୀ ପ୍ରତିନିଧିମାନେ ବୈଠକରୁ ବାହାରକୁ ଚାଲି ଯାଇଥିଲେ। ତୃଣମୂଳ ସ୍ତରରେ ଚାଷୀମାନଙ୍କୁ ନେଇ ବୈଠକ କଲା ପରେ ନିଷ୍ପତ୍ତି ନିଆଯିବ ବୋଲି ପଶ୍ଚିମ ଓଡିଶା କୃଷକ ସଂଗଠନ ଆବାହକ ଅଶୋକ ପ୍ରଧାନ କହିଛନ୍ତି। ପଶ୍ଚିମ ଓଡିଶା କୃଷକ ସଂଗଠନ ଆବାହକ ଅଶୋକ ପ୍ରଧାନ, ଜିଲା ସଭାପତି ମୁରାରୀ ପୁରୋହିତ, ଉପସଭାପତି ହରିଶଙ୍କର ପୁରୋହିତ, ଚନ୍ଦ୍ରଶେଖର ପଣ୍ଡା, ସ୍ଥାନୀୟ ନେତା କୃଷଧ୍ୱଜ ଚୌଧୁରୀ ପ୍ରମୁଖ ଚାଷୀନେତା ଆଲୋଚନାରେ ନେତୃତ୍ୱ ନେଇଥିଲେ।

# ଓଏସ୍‌ଓୟୁରେ ‘ପୋଷ୍ଟ ଗ୍ରାଜୁଏଟ୍ ଡିପ୍ଲୋମା ଇନ୍ ଡିଜାଷ୍ଟର ମ୍ୟାନେଜମେଣ୍ଟ’ ପାଠ୍ୟକ୍ରମ ପ୍ରଚଳିତ ହେବ

**ସମ୍ବଲପୁର, ୭।୧ (ବ୍ୟୁରୋ)**

ଓଡିଶା ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ) ଓ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଏନ୍‌ଡିଏମ୍‌ଏ) ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଓଏସଓୟୁ କୁଳସଚିବ ଡ. ମାନସରଞ୍ଜନ ପୂଜାରୀ ଏନଡିଏମଏର ଦିଲ୍ଲୀସ୍ଥିତ ମୁଖ୍ୟାଳୟରେ ଏହି ଚୁକ୍ତି ସ୍ୱାକ୍ଷରିତ କରିଛନ୍ତି। ଏଥିରେ ଏନ୍‌ଡିଏମ୍‌ଏର ଲେଫ୍ଟନେଣ୍ଟ ଧୀରଜ ଚାଣ୍ଡୋଲା, ଉପଦେଷ୍ଟା ଅଜୟ ଗଙ୍ଗୱାର, ଡ. ପି.କେ. ଯୋଶୀ, ଅନୁରାଗ ରାଣା ଉପସ୍ଥିତ ଥିଲେ। ଓଏସ୍‌ଓୟୁରେ ପୋଷ୍ଟ ଗ୍ରାଜୁଏଟ୍ ଡିପ୍ଲୋମା ଇନ୍ ଡିଜାଷ୍ଟର ମ୍ୟାନେଜମେଣ୍ଟ ପାଠ୍ୟକ୍ରମର ବିକାଶ ଲକ୍ଷ୍ୟରେ ଏନ୍‌ଡିଏମ୍‌ଏ ସହ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଛି। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ରିଲିଫ କେନ୍ଦ୍ରରେ ଥିବା ପ୍ରଭାବିତ ଜନସାଧାରଣଙ୍କ ଥଇଥାନ ନିମିତ୍ତ ଏହି ପାଠ୍ୟକ୍ରମ ବିଶେଷ ଭାବେ ସହାୟକ ହେବ। ଏଥିସହ ଅନଲାଇନ୍ ଜରିଆରେ ହେବାକୁ ଥିବା ଶିକ୍ଷାଦାନ ଦ୍ୱାରା ଦେଶର ଛାତ୍ରୀଛାତ୍ର ଉପକୃତ ହୋଇପାରିବେ। ବିପର୍ଯ୍ୟୟ ପ୍ରଶମନ, କ୍ଷୟକ୍ଷତିକୁ ହ୍ରାସ କରିବା, ବିପର୍ଯ୍ୟୟ ସାମ୍ନା ଲାଗି ପ୍ରସ୍ତୁତି, ବିପର୍ଯ୍ୟୟ ପରେ ଥଇଥାନ ଓ ପୁନର୍ବାସ ପ୍ରଭୃତି ବିଷୟରେ ଏହି ପାଠ୍ୟକ୍ରମରେ ଶିକ୍ଷାଦାନ ଏବଂ ତାଲିମ ଦିଆଯିବ।

**ଏନଡିଏମ୍‌ଏ ସହ ଚୁକ୍ତି ସ୍ୱାକ୍ଷରିତ**

ଓଏସଓୟୁ ପୋର୍ଟାଲରେ ତାଲିମ ପ୍ରକ୍ରିୟା ଓ ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ଭିଡିଓ ଉପଲବ୍ଧ ହେବ। ପାଠ୍ୟକ୍ରମର ଅବଧି ୧ବର୍ଷ ଥିବା ବେଳେ ୪ଟି ସେମିଷ୍ଟାର ରହିବ। ଏନଡିଏମଏ ପାଠ୍ୟକ୍ରମ ଲାଗି ଆର୍ଥିକ ସହାୟତା ଯୋଗାଇ ଦେବ। ପାଠ୍ୟକ୍ରମର ଡିଜାଇନ, ବିକାଶ ଓ ଶିକ୍ଷାଦାନର ଦାୟିତ୍ୱ ଓଏସ୍‌ଓୟୁ ତୁଲାଇବ ବୋଲି ଚୁକ୍ତି ସ୍ୱାକ୍ଷରିତ ହୋଇଛି।



ଚୁକ୍ତି ସ୍ୱାକ୍ଷର ଅବସରରେ ଏଏସ୍‌ଓୟୁ ଏବଂ ଏନ୍‌ଡିଏମ୍‌ଏର ଅଧିକାରୀଗଣ।

# ଆହାର କେନ୍ଦ୍ରରେ ଖାଇଲେ ଆରଡିସି

**ସମ୍ବଲପୁର,୭।୧(ବ୍ୟୁରୋ)**

ସମ୍ବଲପୁରସ୍ଥିତ ଉତ୍ତରାଞ୍ଚଳ ଆରଡିସି ନିରଞ୍ଜନ ସାହୁ ମଙ୍ଗଳବାର ଜିଲା ସଦର ଡାକ୍ତରଖାନା ପରିସରରେ ଥିବା ଆହର କେନ୍ଦ୍ର ପରିଦର୍ଶନ କରିଛନ୍ତି। ଖାଦ୍ୟର ମାନ ପରଖିବାକୁ ଯାଇ ସେ କେନ୍ଦ୍ରରେ ମଧ୍ୟାହ୍ନ ଭୋଜନ ମଧ୍ୟ କରିଛନ୍ତି। ପ୍ରଥମେ ଲକ୍ଷ୍ମୀ ଟକିଜଛକ ସ୍ଥିତ ଆହାର କେନ୍ଦ୍ରକୁ ଯାଇ ସେଠାରେ ଖାଉଥିବା ଲୋକଙ୍କୁ ଖାଦ୍ୟର ମାନ ଓ ସ୍ୱାଦ ସମ୍ପର୍କରେ ପଚାରି ବୁଝିଥିଲେ। ପରିଷ୍କାର ପରିଚ୍ଛନ୍ନତାକୁ ଗୁରୁତ୍ୱ ଦେବାକୁ ସେ ଉପସ୍ଥିତ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଜିଲା ସଦର ଡାକ୍ତରଖାନା ପରିସରରେ ଥିବା ଆହାର କେନ୍ଦ୍ରକୁ ଯାଇଥିଲେ। ସାଧାରଣ ଲୋକଙ୍କ ସହ ଟୋକନ୍ ନେଇ ଲାଇନ୍‌ରେ ଛିଡା ହୋଇ ଖାଦ୍ୟ ଥାଳି ନେଇଥିଲେ। ଏହାପରେ ଲୋକମାନଙ୍କ ସହ ବସି ଖାଇଥିଲେ। ପରେ କର୍ମଚାରୀମାନଙ୍କ ସହ ଆଲୋଚନା କରିଥିଲେ। ଅନ୍ୟପକ୍ଷେ ସେଠାରେ ଆରଡିସିଙ୍କ ସହ ଉପସ୍ଥିତ ଅତିରିକ୍ତ ଜିଲାପାଳ ତଥା ମହାନଗର ନିଗମ କମିଶନର ଲିଙ୍ଗରାଜ ପଣ୍ଡା, ମହାନଗର ନିଗମ ଏନଫୋର୍ସମେଣ୍ଟ ଅଧିକାରୀ ଶୁଭଙ୍କର ମହାନ୍ତି ମଧ୍ୟ ଆହର କେନ୍ଦ୍ରରେ ଖାଇଥିଲେ।



ସମ୍ବଲପୁର ଜିଲା ସଦର ଡାକ୍ତରଖାନା ପରିସରରେ ଥିବା ଆହାର କେନ୍ଦ୍ରରେ ଆରଡିସି ନିରଞ୍ଜନ ସାହୁ ଖାଉଛନ୍ତି।

# ୧୧ରେ ଧମା କଲେଜ ରଜତ ଜୟନ୍ତୀ ଉତ୍ସବ

**ଧମା, ୭।୧ (ଡି.ଏନ.ଏ.)**

ସ୍ଥାନୀୟ ମାଁ ଝାଡେଶ୍ୱରୀ କଲେଜର ରଜତ ଜୟନ୍ତୀ ଉତ୍ସବ ଜାନୁୟାରୀ ୧୧ ଓ ୧୨ ତାରିଖ ପାଳନ କରାଯିବ। କଲେଜ ପରିଚାଳନା ପରିଷଦ ସଭାପତି ତଥା ରାଜ୍ୟ ଉପମୁଖ୍ୟ ସଚେତକ ତଥା ରେଢ଼ାଖୋଲ ବିଧାୟକ ଇଂ. ରୋହିତ ପୂଜାରୀ, ସମ୍ବଲପୁର ଏମ୍‌ପି ନିତେଶ ଗଙ୍ଗଦେବ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ, ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ଚୌହାନ, ପ୍ରଫେସର ଶ୍ରୀକାନ୍ତ ମହାପାତ୍ର, ନାଟ୍ୟକାର ତଥା ସିନେକଳାକାର ଡ. ଅଟଳ ବିହାରୀ ପଣ୍ଡା ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ମହାବିଦ୍ୟାଳୟ ପୁରାତନ ଛାତ୍ରୀଛାତ୍ରମାନଙ୍କ ସମାବେଶ, ସାଂସ୍କୃତିକ କାର୍ଯ୍ୟକ୍ରମ, ସମ୍ବର୍ଦ୍ଧନା ଜ୍ଞାପନ, ରଜତ ଜୟନ୍ତୀ ସ୍ମରଣିକା ଉନ୍ମୋଚନ, ପୁରସ୍କାର ବିତରଣ କାର୍ଯ୍ୟକ୍ରମ ରହିଛି ବୋଲି ଯୁକ୍ତ ୨ ଅଧ୍ୟକ୍ଷ ଅଶୋକ ପୁରୋହିତ ଜଣାଇଛନ୍ତି।

# ଆଧୁନିକତା ନାମରେ ପରମ୍ପରା ଛାଡ଼ିଦେବା ଭୁଲ୍



ମଙ୍ଗଳବାର ରେମେଡ ଜଲାନ ଇଷ୍ଟେଟଠାରେ ସ୍ୱାଧ୍ୱି ଋତମ୍ଭରା ଖବରଦାତାଙ୍କୁ ସୂଚନା ଦେଉଛନ୍ତି।

**ସମ୍ବଲପୁର, ୭।୧ (ବ୍ୟୁରୋ)**

ଆଧୁନିକତା ନାମରେ ପରମ୍ପରାକୁ ଛାଡିବା ଭୁଲ୍। ହେଲେ ଆମେ ପାଶ୍ଚାତ୍ୟ ସଂସ୍କୃତିକୁ ଆଧୁନିକତା ନାମରେ ଅନୁସରଣ କରୁଛୁ। ବସ୍ତୁବାଦୀ ଦୁନିଆର ବର୍ଜ୍ୟ ଗୁଣକୁ ଗ୍ରହଣ କରିବା ଦ୍ୱାରା ସମାଜ କଳୁଷିତ ହେଉଛି। ଆତ୍ମ ହୀନତା ତ୍ୟାଗ କରି ପ୍ରତ୍ୟେକ ଭାରତୀୟଙ୍କୁ ନିଜସ୍ୱ ସଂସ୍କୃତି, ସଭ୍ୟତା ଓ ମାନବୀୟ ଗୁଣକୁ ଗୌରବାନ୍ୱିତ କରିବାକୁ ହେବ। ମଙ୍ଗଳବାର ରେମେଡ ଜଲାନ ଇଷ୍ଟେଟଠାରେ ଖବରଦାତା ସମ୍ମିଳନୀରେ ସ୍ୱାଧ୍ୱୀ ଋତମ୍ଭରା ଏହା କହିଛନ୍ତି। ସେ ଆହୁରି କହିଥିଲେ ଯେ, ପାରସ୍ପରିକ ସୁଖଦୁଃଖରେ ସାମିଲ ହୋଇ ସାମୂହିକ ଜୀବନ ଯାତ୍ରା ଭାରତୀୟ ସଂସ୍କୃତିର ମୂଳମନ୍ତ୍ର। କୌଣସି ପ୍ରସଙ୍ଗରେ ଅସହମତି ଓ ମତଭେଦ ଗଣତନ୍ତ୍ରର ଗୌରବ। ମାତ୍ର ଏହି ସୁଯୋଗ ନେଇ ଭାରତୀୟତାର ମୂଳରେ ବାରୁଦ ଗଦା କରିବା, ଆଧୁନିକତା ନାମରେ ପରମ୍ପରା ଓ ବ୍ୟବସ୍ଥାକୁ ବିରୋଧ କରିବା ଦେଶ ବିରୋଧୀ କାର୍ଯ୍ୟ ସହ ସମାନ। ଅଭିବ୍ୟକ୍ତିର ସ୍ୱତନ୍ତ୍ରତାକୁ ଦେଶର ହିତ ଓ କଲ୍ୟାଣ ନିମନ୍ତେ ବ୍ୟବହାର କରିବା ଉଚିତ ବୋଲି ସେ କହିଥିଲେ। ସନ୍ତାନମାନଙ୍କ ଅଭିବୃଦ୍ଧି ବିଷୟରେ ଟିପ୍ପଣୀ ଦେଇ କହିଥିଲେ ଯେ, ସନ୍ତାନମାନଙ୍କୁ ସଂସ୍କାରିତ କରିବା ସମାଜର ସମସ୍ତଙ୍କ କର୍ତ୍ତବ୍ୟ। ଈଶ୍ୱର ଭକ୍ତି ଓ ରାଷ୍ଟ୍ରଭକ୍ତି ମଧ୍ୟରେ କୌଣସି ପ୍ରଭେଦ ନାହିଁ। ବର୍ତ୍ତମାନ ଭାରତୀୟ ଓ ଭାରତ ପ୍ରତି ବିଶ୍ୱ ସମୁଦାୟର ଦୃଷ୍ଟି କୋଣରେ ପରିବର୍ତ୍ତନ ଆସିଛି। ଏହା ଏକ ଉପଲବ୍ଧି। ଏହି ଖବରଦାତା ସମ୍ମିଳନୀରେ ଶ୍ୟାମସୁନ୍ଦର ଶର୍ମା, ବିଜୟ କେଡିଆ, ଅଶୋକ ଜଲାନ୍, ସୁଧୀର ରଞ୍ଜନ ବହିଦାର, ଗୋବିନ୍ଦ ପ୍ରସାଦ ଅଗ୍ରୱାଲ, ପରାଗ ଅଗ୍ରୱାଲ, ଗଣେଶ ପାଲିବାଲ ଓ ଦିନେଶ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

## ■ ବିଜେଡି କର୍ମୀ ସମ୍ମିଳନୀ

# ବିକାଶ କାର୍ଯ୍ୟରେ ଦାୟିତ୍ୱ ନେବାକୁ ଆହ୍ୱାନ

**ସମ୍ବଲପୁର,୭।୧(ବ୍ୟୁରୋ)**

ସମ୍ବଲପୁର ସହର ତଥା ଜିଲାର ସର୍ବାଙ୍ଗୀନ ବିକାଶ କାର୍ଯ୍ୟରେ ପ୍ରତ୍ୟକ କର୍ମୀ ନିଜର ଦାୟିତ୍ୱ ନିଅନ୍ତୁ। ସରକାରଙ୍କ ସମସ୍ତ ଯୋଜନା ଲୋକମାନଙ୍କ ପାଖରେ ପହଞ୍ଚାଇବାକୁ ଚେଷ୍ଟା କରନ୍ତୁ। ଲୋକମାନଙ୍କ ସମସ୍ୟା ପଚାରି ସମାଧାନ କରିବାକୁ କାମ କରନ୍ତୁ। ଫଳରେ ଦଳ ଲୋକମାନଙ୍କ ପାଖରେ ଆସ୍ଥା ଭାଜନ ହୋଇ ପାରିବ। ଅମ୍ବିରାନଗରଠାରେ ଜୟଲାଲ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିଜେଡି କର୍ମୀ ସମ୍ମିଳନୀରେ କର୍ମୀମାନଙ୍କୁ ଏହି ପରାମର୍ଶ ଦିଆଯାଇଛି। ଏଥିରେ ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ, ପୂର୍ବତନ ବିଧାୟକ ରମେଶ ପଟୁଆ, ପୂର୍ବତନ ଜିଲା ସଭାପତି ଆର୍ତ୍ତତ୍ରାଣ ମିଶ୍ର, ବରିଷ୍ଠ କର୍ମୀ ବିହାରୀ ଲାଲା ପନସାରୀ, ଜିଲା ବିଜେଡି ମହିଳା ସଭାପତି ରାଜଲକ୍ଷ୍ମୀ ପ୍ରଧାନ, ଟାଉନ ସଭାପତି ପ୍ରଫୁଲ୍ଲ ଦାସ, ଗୁର୍ଜିନ୍ଦର କର ଡିଙ୍ଗରା, ପଦ୍ମାଳୟା ପଟ୍ଟନାୟକ, ଦେବାଶିଷ ନନ୍ଦ, ରେଣୁବାଳା ମରେଇ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୬୦ ଜଣ କର୍ମୀଙ୍କୁ ସମ୍ମାନିତ କରାଯାଇଥିଲା। ତୃଣମୂଳ ସ୍ତରରେ ଦଳକୁ ମଜବୁତ କରିବା ପାଇଁ ସମସ୍ତେ ସଙ୍କଳ୍ପ ନେଇଥିଲେ।




ସମ୍ବଲପୁର ଅମ୍ବିରାନଗରରେ ବିଜେଡି କର୍ମୀ ସମ୍ମିଳନୀ ।



ହୀରାକୁଦ ଡ୍ୟାମ୍‌ରେ ବିଦେଶାଗତ ପକ୍ଷୀ।



ହୀରାକୁଦ ଡ୍ୟାମ୍‌ରେ ୨ ଜଣ ଅଧିକାରୀ ପକ୍ଷୀଗଣନା କରୁଛନ୍ତି।

# ହୀରାକୁଦ ଡ୍ୟାମ୍‌ରେ ବିଦେଶୀ ପକ୍ଷୀ ଗଣନା

**ସମ୍ବଲପୁର, ୭।୧(ବ୍ୟୁରୋ)**

**ନିୟୋଜିତ ହେଲେ ୧୨୬ କର୍ମଚାରୀ**

ଚଳିତବର୍ଷ ହୀରାକୁଦ ଡ୍ୟାମ୍‌କୁ ଆସିଥିବା ବିଦେଶୀ ପକ୍ଷୀ ଗଣନା ମଙ୍ଗଳବାର କରାଯାଇଛି। ବର୍ତ୍ତମାନ ସୁଦ୍ଧା ଏମାନଙ୍କ ସଂଖ୍ୟା ଜଣା ପଡି ନ ଥିଲେ ମଧ୍ୟ ଗତବର୍ଷ ଅପେକ୍ଷା ଚଳିତବର୍ଷ ଏଠାକୁ ଅଧିକ ସଂଖ୍ୟକ ପକ୍ଷୀ ଆସିଥିବା ଆଶା କରାଯାଉଛି। ସକାଳ ୮ଟାରେ ୧୨୬ ଜଣ କର୍ମଚାରୀ ଜଳଭଣ୍ଡାରକୁ ପ୍ରବେଶ କରିଥିଲେ। ସମ୍ବଲପୁର ଡିଭିଜନର ୯ଟି, ଝାରସୁଗୁଡାର ୬, ହୀରାକୁଦ ବନ୍ୟପ୍ରାଣୀ ବିଭାଗର ୬ଟି ଟିମ୍ ଏହିପରି ମୋଟ ୨୧ ଟିମ୍ ପକ୍ଷୀ ଗଣନାରେ ସାମିଲ ହୋଇଥିଲେ। ଗୋଟିଏ ଟିମ୍‌ରେ ଜଣେ ସ୍ୱତନ୍ତ୍ର ଅଧିକାରୀ, ୩ ଜଣ ବନ ବିଭାଗ କର୍ମଚାରୀ ଏବଂ ୨ଜଣ ନାଉରିଆ ରହିଥିଲେ। ସମ୍ବଲପୁର ଡିଭିଜନର ୯ଟି ଟିମ୍ ମଧ୍ୟରୁ ପାୱାର ଚ୍ୟାନେଲରେ ୩ଟି ଟିମ୍ ଗଣନା କରିଥିଲେ।

ସୂଚନାଯୋଗ୍ୟ, ୨୦୧୮ରେ ହୀରାକୁଦ ଡ୍ୟାମ୍‌କୁ ୯୨ ପ୍ରଜାତିର ୧ ଲକ୍ଷ ୪୫ ହଜାର ୯୪୬ ପକ୍ଷୀ ଆସିଥିଲେ। ୨୦୧୭ରେ ୫୭ ପ୍ରଜାତିର ୭୬ ହଜାର ୭୬୮ ପକ୍ଷୀ ଆସିଥିବାବେଳେ ୨୦୧୬ରେ ୬୦ ପ୍ରଜାତିର ୯୫ ହଜାର ୯୧୨ ପକ୍ଷୀଙ୍କ ଏଠାକୁ ଆଗମନ ହୋଇଥିଲା। ୨୦୧୫ରେ ୬୪ ପ୍ରଜାତିର ୫୮ ହଜାର ୯୭ ବିଦେଶାଗତ ହୀରାକୁଦ ଡ୍ୟାମକୁ ଆସିଥିବାବେଳେ ୨୦୧୪ରେ ୫୪ ପ୍ରଜାତିର ୬୩ ହଜାର ୮୯୨ ପକ୍ଷୀ ଆସିଥିଲେ। ସେହିଭଳି ୨୦୧୩ରେ ୬୦ ପ୍ରଜାତିର ୭୯ ହଜାର ୧୩୮ ବିଦେଶୀ ପକ୍ଷୀ ହୀରାକୁଦ ଡ୍ୟାମ୍‌କୁ ଆସିଥିବା ରିପୋର୍ଟ ରହିଛି ।

## ପୁରୁଣା ସରକାରୀ ବିଜ୍ଞପ୍ତି ଭାଇରାଲ

ଭୁବନେଶ୍ୱର, ୭।୧(ବ୍ୟୁରୋ): ଟ୍ରେଡ୍ ୟୁନିୟନ୍ ୮ ତାରିଖରେ ଭାରତ ବନ୍ଦ ଡାକରା ଦେଇଥିବାରୁ ଉକ୍ତ ଦିନ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବ ବୋଲି ସମସ୍ତେ ଆଶା କରୁଥିଲେ। ଏହି ସମୟରେ ସରକାରୀ ଛୁଟି ଘୋଷଣା ନେଇ ମଙ୍ଗଳବାର ଏକ ବିଜ୍ଞପ୍ତି ଭାଇରାଲ ହୋଇଥିଲା। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜାରି ଉକ୍ତ ବିଜ୍ଞପ୍ତିରେ ଭାରତ ବନ୍ଦ ପାଇଁ ୮ ତାରିଖରେ ଶିକ୍ଷାନୁଷ୍ଠାନଗୁଡ଼ିକ ଛୁଟି ବୋଲି ଉଲ୍ଲେଖ ରହିଥିଲା। ତେବେ ତାହା ଗତବର୍ଷର ବିଜ୍ଞପ୍ତି ବୋଲି ଜଣାପଡ଼ିଛି। ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ ଏହି ବିଜ୍ଞପ୍ତିକୁ ଉଚ୍ଚଶିକ୍ଷା ବିଭାଗ ଗୁରୁତର ସହ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଘଟଣାର ତଦନ୍ତ ପରେ ଜଣାପଡ଼ିଥିଲା ଯେ, ଆଗରପଡ଼ା କଲେଜର ଜଣେ ଡେମନ୍ଷ୍ଟ୍ରେଟର ପ୍ରଥମେ ଏହି ବିଜ୍ଞପ୍ତି ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଏନେଇ ତାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛି ଉଚ୍ଚଶିକ୍ଷା ବିଭାଗ। ସୂଚନାଯୋଗ୍ୟ, ୨୦୧୯ ଜାନୁୟାରୀ ୮ ଓ ୯ରେ ଭାରତ ବନ୍ଦ ଡାକରାକୁ ଦୃଷ୍ଟିରେ ରଖି ବିଭାଗ ବିଜ୍ଞପ୍ତି ପ୍ରକାଶ କରିଥିଲା। ଏନେଇ ୭ ତାରିଖରୁ ପ୍ରକାଶ ପାଇଥିବା ବିଜ୍ଞପ୍ତିରେ ୮ତାରିଖ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବ ବୋଲି କୁହାଯାଇଥିଲା।

# ଶିକ୍ଷାର ବିକାଶରେ ସାମୂହିକ ବିକାଶ ସମ୍ଭବ

**ରେଢାଖୋଲ,୭।୧(ଡି.ଏନ.ଏ.)**



କଦଳୀଗଡ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହର ଉଦ୍‌ଯାପନୀ ଦିବସରେ ଅତିଥିମାନେ।

ସାଂସଦ ଓ ବିଧାୟକ ପାଣ୍ଠିକୁ ଶିକ୍ଷାର ବିକାଶ ପାଇଁ ବିନିଯୋଗ କରିବା ଆବଶ୍ୟକ। ରାସ୍ତାଘାଟ ନିର୍ମାଣ ଅପେକ୍ଷା ଶିକ୍ଷାର ବିକାଶ ହେଲେ ଅଞ୍ଚଳର ସାମୂହିକ ବିକାଶ ହୋଇପାରିବ। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ମଙ୍ଗଳବାର ରେଢାଖୋଲ ବ୍ଲକ କଦଳୀଗଡ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହର ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହା କହିଛନ୍ତି। ରେଢାଖୋଲ ବିଧାୟକ ଇଂ ରୋହିତ ପୂଜାରୀ, ଆଠମଲ୍ଲିକ ବିଧାୟକ ରମେଶଚନ୍ଦ୍ର ସାଏ, ବିଡିଓ ପରିକ୍ଷିତ ସାହୁ, ଜିଲା ପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହରିହର ପ୍ରଧାନ, ପ୍ରଫୁଲ୍ଲ କୁମାର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଭୀମ ଭୋଇ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ମହେନ୍ଦ୍ର ବିଶ୍ୱାଳ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସୁବର୍ଣ୍ଣ ଜୟନ୍ତୀ ପରିଚାଳନା କମିଟିର ସଭାପତି ଭାଗୀରଥି ବାରିକ ଏଥିରେ ସଭାପତିତ୍ୱ କରିଥିଲେ। କଦଳୀଗଡରେ ଏକ ଯୁକ୍ତ ୨ କଲେଜ ଖୋଲିବାକୁ ଅତିଥିମାନେ ସହଯୋଗ କରିବାକୁ ସୁବର୍ଣ୍ଣ ଜୟନ୍ତୀ କମିଟିର ସଂପାଦକ ଚକ୍ରଧର ପ୍ରଧାନ ଦାବି କରିଥିଲେ। ଏହି ପ୍ରସ୍ତାବକୁ ଅତିଥିମାନେ ସମର୍ଥନ କରିଥିଲେ। ସୋନପୁର, ଆଠମଲ୍ଲିକ ଓ ରେଢାଖୋଲର ସୀମାରେ କଦଳୀଗଡ ଥିବା ଯୋଗୁ ଏଠାରେ ଯୁକ୍ତ ୨ କଲେଜ ଖୋଲାଗଲେ ଶିକ୍ଷାକ୍ଷେତ୍ରରେ ଉନ୍ନତି ହୋଇପାରିବ ବୋଲି ଅତିଥିମାନେ ମତପ୍ରକାଶ କରଥିଲେ। ସ୍ଥାନୀୟ ବିଧାୟକ ଏଥିପାଇଁ ଉଦ୍ୟମ କରନ୍ତୁ। ସମସ୍ତ ପ୍ରକାର ସହଯୋଗ କରିବେ ବୋଲି ମନ୍ତ୍ରୀ ବେହେରା ଓ ବିଧାୟକ ସାଏ କହିଥିଲେ। ଏହି ଅବସରରେ ନାଟ୍ୟଗୁରୁ ପ୍ରଶାନ୍ତ କୁମାର ନାଏକ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଦୀପ ମହାକୁଡ ଓ ଅନାଦି ଚରଣ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ପୁରାତନ ଛାତ୍ର କୁଳମଣି ମେହେର ମଞ୍ଚ ପରିଚାଳନା କରିଥିବା ବେଳେ ଯୁଧିଷ୍ଠିର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଜି. ମେହେରଙ୍କ ଦ୍ୱାରା ମ୍ୟାଜିକ ଶୋ ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।



## ଓଏଏସ୍ ପାଇବାରେ ଖବରକାଗଜ ପଢ଼ା ସହାୟକ ହେଲା

ରିଆମାଳ ,୭।୧ (ଡି.ଏନ.ଏ.): ଦେବଗଡ ଜିଲା ରିଆମାଳ ବ୍ଲକ ଅନ୍ତର୍ଗତ ଖଇରିପାଲି ଗ୍ରାମର ସ୍ୱର୍ଗତ କରୁଣାକର ସାହୁଙ୍କ ପୁଅ ବିକାଶ ଚନ୍ଦ୍ର ସାହୁ ଓଏଏସ୍ ପାଇଛନ୍ତି। ସେ ୮୨ ନମ୍ବର ର୍ୟାଙ୍କରେ ଅଛନ୍ତି। ସେଣ୍ଟୋ ଉଚ୍ଚ ବିଦ୍ୟାଳୟରୁ ମ୍ୟାଟ୍ରିକ୍ରେ ଉତ୍ତୀର୍ଣ୍ଣ ବିକାଶ ଢେଙ୍କାନାଳ ସରକାରୀ କଲେଜରୁ ଯୁକ୍ତ ଯୁଇ ପାଶ୍ କରିଛନ୍ତି। ରାଉରକେଲା ସ୍ୱୟଂଶାସିତ କଲେଜରୁ ସେ ଯୁକ୍ତ ୩ ଉତ୍ତୀର୍ଣ୍ଣ ପରେ ଏବେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଏମ.ଏ. କରୁଛନ୍ତି। ଓଏଏସ୍ ପାଇବାର ଶ୍ରେୟ ସେ ତାଙ୍କ ମା'ଙ୍କୁ ଦେଇଛନ୍ତି। ଏହାସହ ଭଗବାନଙ୍କ ଆଶୀର୍ବାଦ ବୋଲି ମଧ କହିଛନ୍ତି। ତେବେ ପ୍ରତ୍ୟେକ ଦିନ ଖବରକାଗଜ ପଢିବା ଦ୍ୱାରା ସେ ଓଏଏସ ପାଇ ପାରିଛନ୍ତି ବୋଲି ମଧ କହିଛନ୍ତି। ଆଗକୁ ଆଇପିଏସ୍ ଅଫିସର ହେବାର ଲକ୍ଷ୍ୟ ରଖିଥିବା ସେ କହିଛନ୍ତି।

# ଜିଏମ୍‌ୟୁ ଆଗରେ ଜେଏନ୍‌ୟୁ ହିଂସାର ପ୍ରତିବାଦ



ସମ୍ବଲପୁର ଜିଏମ୍‌ୟୁ ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

**ସମ୍ବଲପୁର,୭।୧(ବ୍ୟୁରୋ)**

ଦିଲ୍ଲୀ ଜବାହାରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ)ରେ ଛାତ୍ରମାନଙ୍କୁ ମାଡ ମାରିବା ଓ ହିଂସା ଘଟଣାକୁ ନେଇ ସମ୍ବଲପୁରରେ ପ୍ରତିବାଦ କରାଯାଇଛି । ପ୍ରୋଗ୍ରେସିଭ ସମ୍ବଲପୁର ପକ୍ଷରୁ ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟ (ଜିଏମ୍‌ୟୁ) ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଘଟଣାକୁ ଦୁଇ ଦିନ ବିତିଯାଇଛି। ହେଲେ ଅଭିଯୁକ୍ତଙ୍କୁ ଦିଲ୍ଲୀ ପୋଲିସ ଗିରଫ କରିପାରୁନାହିଁ। ମିଳନ ହୋତା, ଦିଲ୍ଲୀପ ପଣ୍ଡା, ସରୋଜ ମହାନ୍ତି, ଗୋକୁଳ ମେହେର, ନାଟୁ ଗୋପାଳ ପାତ୍ର, ବବିତା ବଡପଣ୍ଡା, ସମୀର ମହାପାତ୍ର, ପ୍ରକାଶ ଡାଙ୍ଗ, ପ୍ରଶାନ୍ତ ଥାପ୍ପା, ପ୍ରମୋଦ ସରାଫ, ଅଶୋକ ପ୍ରଧାନ, ଲିଙ୍ଗରାଜ ପ୍ରଧାନ, ମମତା ନାଥ ପ୍ରମୁଖ ଏହି ଘଟଣାର ନିନ୍ଦା ଓ ପ୍ରତିବାଦ କରିବା ସହ ଦିଲ୍ଲୀ ପୋଲିସର କାର୍ଯ୍ୟ ଦକ୍ଷତାକୁ ପ୍ରଶ୍ନ କରିଛନ୍ତି।

### ପ୍ରଧାନପାଟ କପ୍ ଫୁଟବଲ

# ମହାବୀରକୁ ହରାଇ ବିଏଫ୍ଏ ସେମିରେ

**ଦେବଗଡ଼,୭।୧(ଡ଼ି.ଏନ୍.ଏ.)**



ଅତିଥିମାନେ ମ୍ୟାନ୍ ଅଫ୍ ଦି ମ୍ୟାଚ କଲାର ଅକଲେସ୍ ଟପୋଙ୍କୁ ପ୍ରଦାନ କରୁଛନ୍ତି।

ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡ଼ିୟମ୍‌ଠାରେ ଚାଲିଥିବା ସର୍ବଭାରତୀୟ ପ୍ରଧାନପାଟ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ୨ୟ ଦିବସରେ ବିଏଫ୍ଏ କଲା ଓ ମହାବୀର ସମ୍ବଲପୁର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ବିଏଫ୍ଏ କଲା ସମ୍ବଲପୁର ମହାବୀର ଦଳକୁ ୩-୧ ଗୋଲରେ ପରାସ୍ତ କରି ବିଜୟୀ ହୋଇଛି। ବିଏଫ୍ଏ କଲା ଦଳ ପ୍ରଥମ ପୋଲରୁ ସେମିଫାଇନାଲରେ ପହଞ୍ଚିଛି। ବିଏଫ୍ଏ ଦଳ ପକ୍ଷରୁ ଅକଲେସ୍ ଟପୋ ୨ଟି ଓ ବେତାଳ ଲାକ୍ରା ଗୋଟିଏ ଗୋଲ୍ ଦେଇଥିବା ବେଳେ ମହାବୀରର ମହେଶ ବାର୍ଲା ଗୋଟିଏ ଗୋଲ ଦେଇଥିଲେ। କଲାର ଅକଲେସ୍ ଟପୋଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପ୍ରଦାନ କରାଯାଇଥିଲା। ଅତିଥି ଭାବେ ଭାଜପା ପୂର୍ବତନ ଜିଲା ସଭାପତି ଅରୁଣ କୁମାର ସାହୁ, ଆଇନଜୀବୀ ସଚ୍ଚିକାନ୍ତ ଦାସ, ସଭାପତି ସୁବାଷ ଚନ୍ଦ୍ର ଭୋଇ, ପ୍ରଦୀପ କୁମାର ବେହେରା, ଜିଲା କ୍ରୀଡ଼ା ସଂଘ ସମ୍ପାଦକ ଧୀରେନ୍ଦ୍ର କୁମାର ନାଏକ ମଞ୍ଚାସୀନ ଥିଲେ । ରେଫରୀ ଅରୁଣ କୁମାର ଭୋଇ, ନିଳ ନାଏକ, ଦେବରାଜ ନାଗ ଓ ରାଜନ ଝାଙ୍କର ମ୍ୟାଚ୍ ପରିଚାଳନା କରିଥିଲେ। ମ୍ୟାଚ୍ କମିଶନର ଭାବେ ହେମନ୍ତ ମହାପାତ୍ର ସହଯୋଗ କରିଥିଲେ। ସେହିପରି ମଛିନ୍ଦ୍ର ନାଏକ, ମନୋଜ ନାଏକ, ବିକାଶ ଅଗ୍ରୱାଲା, ସଞ୍ଜୀବ ନାଏକ, ରୂପକ ମାଝି, ଯୋଗେନ୍ଦ୍ର ସାହୁ, ଯୋଗେଶ ନାଏକ, ଜୟକୃଷ୍ଣ ପ୍ରଧାନ, ଅଲେଖ ନାଏକ, ଅନନ୍ତ ମେହେର, କ୍ରୀଡ଼ା ଶିକ୍ଷକ ଡିଲେଶ୍ୱର ସ୍ୱାଇଁ, ସୁଧୀର ଦାସ, ପ୍ରଦୀପ ସାହୁ, ପୁରୁଷୋତ୍ତମ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ବୁଧବାର ବିଏଫ୍ଏ ଓ ଫ୍ରେଣ୍ଡସ୍ କ୍ଲବ ଜଟଣୀ ମଧ୍ୟରେ ପ୍ରଥମ ସେମିଫାଇନାଲ ଅନୁଷ୍ଠିତ ହେବ ବୋଲି କ୍ଲବର ସଂପାଦକ ବିକାଶ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

# ଜଙ୍ଘାଲିଙ୍ଗା ଦେବଙ୍କ ପୂଜାର୍ଚ୍ଚନା


ନୂଆଁ ଜାମୁଣ୍ଡା ଗ୍ରାମରେ ପୂଜା କରାଯାଉଛି ।

**ସମ୍ବଲପୁର,୭।୧(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ଅଧୀନ ୧୨ ନମ୍ବର ୱାର୍ଡର ନୂଆଁ ଜାମୁଣ୍ଡା ଗ୍ରାମରେ ଗୋଣ୍ଡ ସମାଜର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସମାଜର ଆରାଧ ଦେବତା ଜଙ୍ଘାଲିଙ୍ଗା ଦେବଙ୍କ ପୂଜାର୍ଚ୍ଚନା କରାଯାଇଛି। ମହିଳାମାନେ କଳସ ଶୋଭାଯାତ୍ରାରେ ବାହାରିଥିଲେ। ଦୁଲଦୁଲି, ଘଣ୍ଟ, ଶଙ୍ଖରେ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା । ଆଖପାଖ ଗ୍ରାମ ସହ ୯ ଟି ବ୍ଲକର ସମାଜର ଲୋକ ଯୋଗ ଦେଇଥିଲେ । ସଭାପତି ମିଥୁରାମ ଭୋଇ, ରାଜୁ ଭୋଇ, ବନମାଳି ଭୋଇ, ଆନନ୍ଦ ଧରୁଆ, ବାବୁଲା ଭୋଇ ପ୍ରମୁଖ ସହଯୋଗ କରିଥିଲେ ।

## ହାଡସଂହାର କ୍ରିକେଟ: ଖଇରିପାଲି ଚାମ୍ପିୟନ

ରିଆମାଳ,୭।୧(ଡି.ଏନ.ଏ.)

ଦେବଗଡ଼ ଜିଲା ରିଆମାଳ ବ୍ଲକ୍ ଅନ୍ତର୍ଗତ ଉଟୁଣିଆ ପଞ୍ଚାୟତର ହାଡସଂହାରରେ ମଙ୍ଗଳବାର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ ଖଇରିପାଲି ଓ ହାଡସଂହାର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖଇରିପାଲି ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୭୨ ରନ୍ କରିଥିଲା। ହାଡସଂହାର ଦଳ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୮୪ ରନ୍ କରି ପରାଜିତ ହୋଇଥିଲା। ଫାଇନାଲ ମ୍ୟାଚରେ ଅତିଥି ଭାବେ ଜଗା କୁମୁରା, ବସନ୍ତ ସେଠୀ, ଗୋକୁଳା ଲୁହୁରା, ସନ୍ତୋଷ ପ୍ରଧାନ, ଶିକ୍ଷକ ଧୀରେନ ସେଠୀ, ନିଲେସ ନାୟକ ଯୋଗ ଦେଇ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ସଭାପତି ସନ୍ତୋଷ ପ୍ରଧାନ ଓ ସମ୍ପାଦକ ହେମନ୍ତ ନାୟକଙ୍କ ତତ୍ତ୍ୱାବଧାନରେ ୮ଟି ଦଳ ଭାଗ ନେଇଥିଲେ।

# ଧଦଲୋମୁଣ୍ଡାକୁ ରାସ୍ତା ନିର୍ମାଣ କରାଯାଉ


ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଅଞ୍ଚଳବାସୀ ।

**ସମ୍ବଲପୁର,୭।୧(ବ୍ୟୁରୋ)**

ସମ୍ବଲପୁର-ଅନୁଗୋଳ ୫୫ ନଂ. ଜାତୀୟ ରାଜପଥରୁ ଧଦଲୋମୁଣ୍ଡା ଗ୍ରାମକୁ ରାସ୍ତା ନିର୍ମାଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି । ଅଭିଯୋଗ କ୍ରମେ ଏହି ରାସ୍ତା ଦେଇ ଅଷାଡୁପଡା, କୁମକା, କାଲିଆପଡା, ସାଧୁପଡା, ଗଇରଗୋଠ, ବ୍ରାହ୍ମଣୀପାଲି ପ୍ରମୁଖ ୧୦ଟି ପଞ୍ଚାୟତର ଲୋକେ ଯିବା ଆସିବା କରନ୍ତି। ୨୦୧୯ ଜାନୁୟାରୀରେ ଏହି ରାସ୍ତା ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଥିଲା । ହେଲେ ରାସ୍ତାକାମ ହୋଇ ପାରିଲା ନାହିଁ । କେଉଁ କାରଣରୁ ଏଭଳି ହେଲା ଗ୍ରାମବାସୀ ଜାଣି ନାହାନ୍ତି । ତେଣୁ ଏଦିଗରେ ଦୃଷ୍ଟି ଦେଇ ରାସ୍ତା ନିର୍ମାଣ ପାଇଁ ଶିଘ୍ର ପଦକ୍ଷେପ ଗ୍ରହଣ କରାଯାଉ ବୋଲି ଦାବି କରି ସୋମବାର ଗାଁ ଲୋକେ ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି।

## ଫଟୋରେ ଖବର







ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ୨୩ ବର୍ଷରୁ କମ୍ ସି.କେ. ନାଇଡୁ ଟ୍ରଫି ଅବସରରେ ଅତିଥିଙ୍କ ସହ ବିଜୟୀ ଓଡିଶା ଦଳ (ବାମ) । ଯୁଯୁମୁରା ବ୍ଲକ ହାତୀବାରୀସ୍ଥିତ କୁଷ୍ଠାଶ୍ରମଠାରେ ମଙ୍ଗଳବାର ଅନ୍ତେବାସୀଙ୍କୁ ଲୁଗା ବଣ୍ଟନ କରାଯାଉଛି।

## ବସ୍‌କୁ ଧକ୍କା ଦେଲା କାର୍: ୩ ଗୁରୁତର

ପୁରୀ ଅଫିସ, ୭।୧: ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ମାଳତିପାଟପୁର ଛକରେ ମଙ୍ଗଳବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ଗୋଟିଏ ଯାତ୍ରୀବାହୀ ବସ୍‌କୁ ପଛପଟୁ କାର୍ ଧକ୍କା ଦେବାରୁ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ କଟକର ବିନୋବା କାନୁନ୍‌ଗୋ, ସମ୍ବିତ ପଟ୍ଟନାୟକ ଏବଂ ଗାଡ଼ିର ଡ୍ରାଇଭର। ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ତାଙ୍କ ପରିଚୟ ମିଳି ପାରିନାହିଁ। ସୂଚନା ଅନୁଯାୟୀ, ବିନୋବା ଓ ସମ୍ବିତ ଜଣେ ସମ୍ପର୍କୀୟଙ୍କ ସତ୍କାର କାର୍ଯ୍ୟରେ ଯୋଗଦେବା ଲାଗି କାର୍ ଯୋଗେ କଟକରୁ ପୁରୀ ଆସୁଥିଲେ। ମାଳତିପାଟପୁର ଛକରେ ଡ୍ରାଇଭର ଭାରସାମ୍ୟ ହରାଇ ଏକ ବସ୍‌କୁ ଧକ୍କା ଦେଇଥିଲା। ଖବର ପାଇ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାକୁ ପଠାଇଥିଲା।

# ଜିରୋ ବଜେଟ କୃଷି



ବିଗତ ୨୫ବର୍ଷ ପୂର୍ବେ ଅର୍ଥାତ୍ ୧୯୯୪ ମସିହାରେ ସୁଭାଷ ପାଲେକର ନାମକ ଜଣେ ଅଗ୍ରଗାମୀ ସାମାଜିକ କର୍ମୀ ଆନ୍ଧ୍ର ଏବଂ ହିମାଚଳ ପ୍ରଦେଶର ଗରିବ ଚାଷୀଙ୍କୁ କୃଷିରୁ ଋଣମୁକ୍ତ ହେବା ପାଇଁ ଜିରୋ ବଜେଟ କୃଷିକୁ ଆପଣାଇବା ପାଇଁ ଉପଦେଶ ଦେଇଥିଲେ । ଦେଶର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ୨୦୧୯-୨୦ ଆର୍ଥିକ ବଜେଟରେ ଦେଶରେ ଜିରୋ ବଜେଟ କୃଷି ପ୍ରଚଳନ ପାଇଁ ପ୍ରସ୍ତାବ ଦେଇଛନ୍ତି । ଜିରୋ ବଜେଟ କୃଷି କହିଲେ ଚାଷୀ ନିଜ ତହବିଲରୁ ଅର୍ଥ ଖର୍ଚ୍ଚ ନ କରି ଚାଷରୁ କିପରି ଲାଭବାନ୍ ହୋଇପାରିବେ। ଜିରୋ ବଜେଟ କୃଷି କେତେ ସଫଳ ଏହା ଉପରେ ତର୍କ ହେଉଛି ।

କୃଷିରୁ ସ୍ୱାବଲମ୍ବୀ ଏବଂ ଲାଭବାନ୍ ହେବାକୁ ହେଲେ ଉର୍ବର ଜମି, ଉନ୍ନତ କିସମ ବିହନ, ସୁଷମ ଖାଦ୍ୟ ଉପାଦାନ, ଜଳସେଚନ, ରୋଗ ପୋକ ନିୟନ୍ତ୍ରଣ,



କୃଷି ଯନ୍ତ୍ରପାତି ଆଦିର ଆବଶ୍ୟକତା ଅଛି । ଉପରୋକ୍ତ ଆନୁଷଙ୍ଗିକ ଆବଶ୍ୟକତାରୁ କିଛି ଅଭାବ ରହିଲେ ଚାଷୀ ଉପଯୁକ୍ତ ଅମଳ ପାଇବାରୁ ବଞ୍ଚିତ ହେବେ ।

କେତେକ ଯୌଥ ପରିବାରର କ୍ଷୁଦ୍ର ଚାଷୀ ପାଖରେ ଚାଷ ପାଇଁ ଆବଶ୍ୟକ ଜମି ନ ଥିଲେ, ସେ ମଧ୍ୟମ କିମ୍ବା ଧନୀ ଚାଷୀଙ୍କଠାରୁ ଜମି ଭାଗରେ ନେବା ପାଇଁ କିଛି ଅର୍ଥ ଜମିମାଲିକଙ୍କୁ ସିକ୍ୟୁରିଟ ଆକାରରେ ଅଗ୍ରିମ ଦେବାକୁ ପଡ଼େ । ଏହାଦ୍ୱାରା ଚାଷୀ ଆଶା ଆଶଙ୍କାରେ ଫସଲ ଅମଳ ପର୍ଯ୍ୟନ୍ତ ଅପେକ୍ଷାକରେ । ଫସଲ ଅମଳ ପରେ ଚାଷୀ ମହାଜନଙ୍କ ଜମିର ଭାଗ, ଅର୍ଥ କିମ୍ବା ଫସଲ ଆକାରରେ ଦେବାକୁ ପଡ଼େ ।

ଉତ୍କୃଷ୍ଟ ବିହନ ଅଧିକ ଅମଳର ପ୍ରଥମ ଚାବିକାଠି । କାରଣ ଉତ୍ତମ ବିହନ ବ୍ୟବହାରରୁ ଅମଳର ପ୍ରାୟ ଶତକଡା ୨୫ଭାଗ ମିଳିଥାଏ । ଉନ୍ନତ ଏବଂ ଅଧିକ ଅମଳକ୍ଷମ ବିହନ ବ୍ୟବହାର ପାଇଁ ଚାଷୀ ବଜାରରୁ ମଞ୍ଜି କ୍ରୟ ଲାଗି ଅର୍ଥ ଆବଶ୍ୟକ କରିଥାଏ । ସରକାର ରିହାତି ଦରରେ ଉନ୍ନତ ବିହନ ଯୋଗାଇଲେ ମଧ୍ୟ ଚାଷୀକୁ କିଛି ଅର୍ଥ ଦେବାକୁ ପଡ଼ିଥାଏ । ପୁନଶ୍ଚ ଚାଷୀ ଯଦି ପୂର୍ବ ବର୍ଷର ବିହନ ବ୍ୟବହାର କରନ୍ତି କିମ୍ବା ନିଜ ନିଜ ମଧ୍ୟରେ ବିହନ ଅଦଳବଦଳ କରନ୍ତି ତେବେ ବିହନ ବାବଦ ଅର୍ଥ ଖର୍ଚ୍ଚ ହେବନି ସତ, କିନ୍ତୁ ଉନ୍ନତ ବିହନର ସାଇତା ପ୍ରଣାଳୀ ବିଜ୍ଞାନ ସମ୍ମତ ନ ଥିଲେ, ଶତପ୍ରତିଶତ ଗଜା ହେବା ସମ୍ଭାବନା କମ୍ ।

ରାସାୟନିକ ସାର ଅଧିକ ଅମଳର ଦ୍ୱିତୀୟ ମୁଖ୍ୟ ଚାବିକାଠି । ସାର ପ୍ରୟୋଗ ଦ୍ୱାରା ଅମଳ ପ୍ରାୟ ୩୫ ରୁ ୪୦ ଶତକଡ଼ା ବଢ଼ିଥାଏ । ରାସାୟନିକ ସାର ପାଇଁ ସରକାର ଚାଷୀକୁ ରିହାତି ଦିଅନ୍ତି । ତଥାପି ରାସାୟନିକ ସାର ପାଇଁ ଚାଷୀକୁ କିଛି ଅର୍ଥ ବିନିଯୋଗ କରିବାକୁ ପଡ଼େ । ଅବଶ୍ୟ ରାସାୟନିକ ସାର ବଦଳରେ ଚାଷୀ ନିଜର କ୍ଷେତବାଡ଼ି ଓ ଗୁହାଳରୁ ମିଳୁଥିବା ଅଳିଆ, ଆବର୍ଜନା, ଗୋବର ଏବଂ ଗୋମୂତ୍ର ଆଦିକୁ ସଂଗ୍ରହକରି ଜୈବଖତ ପ୍ରସ୍ତୁତ କରି ଫସଲରେ ବ୍ୟବହାର କଲେ, ଏଥିପାଇଁ କିଛି ଅର୍ଥ ବ୍ୟୟ କରିବାକୁ ପଡ଼ିବ ନାହିଁ ।



ପ୍ର.ସୁବୋଧ କୁମାର ସାହୁ

କିନ୍ତୁ ଫସଲର ଆବଶ୍ୟକତାଠାରୁ ଏହା ଯଥେଷ୍ଟ କମ୍ । ଲାଭଜନକ ଅମଳ ଲାଗି କୃଷିବିତମାନେ ଶସ୍ୟଜାତୀୟ ଫସଲ ପାଇଁ ଏକର ପ୍ରତି ୩୦ ରୁ ୪୦ କିଲୋ ଯବକ୍ଷାରଜାନ, ୧୫ ରୁ ୨୦ କିଲୋ ଫସ୍‌ଫେଟ ଏବଂ ସମପରିମାଣର ପଟାସ ସାର ସହ ୨ଟନ୍ ଖତ ଅନୁମୋଦନ କରିଥାଆନ୍ତି । ପରିବା ଫସଲ ପାଇଁ ଏକର ପ୍ରତି ୧୦ରୁ ୧୨ ଟନ୍ ଜୈବଖତ ସହ ୫୦ ରୁ ୮୦ କିଲୋ ଯବକ୍ଷାରଜାନ, ୨୫ ରୁ ୪୦ କିଲୋ ଫସ୍‌ଫେଟ ଏବଂ ସମପରିମାଣର ପଟାସ ରାସାୟନିକ ସାର ଅନୁମୋଦନ କରାଯାଏ । ଅବଶ୍ୟ ଜମିର ମାଟି ସରକାରୀ ମୃତ୍ତିକା ପରୀକ୍ଷାଗାରରେ ବିନା ଖର୍ଚ୍ଚରେ ପରୀକ୍ଷା କରି ଖତ ସାର ଅନୁମୋଦନ କରାଯାଇଥାଏ । ପରୀକ୍ଷାରୁ ମାଟିର ଉର୍ବରତା କମ୍ ଥିଲେ ଅନୁମୋଦନଠାରୁ ଅଧିକ ଖତ ଏବଂ ରାସାୟନିକ ସାର ପ୍ରୟୋଗ କରିବାକୁ କୁହାଯାଏ, ଯାହାକି ଚାଷୀ ପାଖରେ ନ ଥାଏ । ଜୈବିକ ଖତରେ ଫସଲର ମୁଖ୍ୟ ଖାଦ୍ୟସାର ଯଥା ଯବକ୍ଷାରଜାନ, ଫସ୍‌ଫେଟ ଓ ପଟାସ ପରିମାଣ ଯଥାକ୍ରମେ ଶତକଡ଼ା ୦.୫ ରୁ ୦.୭୫ , ୦.୨୫ରୁ ୦.୩୦ ଏବଂ ୦.୩୦ ରୁ ୦.୫୦ ଥାଏ । ଉଭୟ ଫସଲ ଲାଗି ଏତେ ପରିମାଣର ଖାଦ୍ୟ ଉପାଦାନ କେବଳ ଜୈବଖତରୁ ମିଳିପାରିବ ନାହିଁ । ତେଣୁ ଆଶାନୁରୂପ ଅମଳ ପାଇଁ ଚାଷୀ ନିଶ୍ଚୟ ରାସାୟନିକ ସାର ଉପରେ କିଛି ପରିମାଣରେ ନିର୍ଭର କରିବାକୁ ପଡ଼ିବ । ଜୈବଖତ ସହ ରାସାୟନିକ ସାରର ମିଶ୍ରଣ ପ୍ରୟୋଗ ଦ୍ୱାରା ଫସଲ ଅମଳ ଠିକ୍ ହୁଏ । ଏହାକୁ ସମନ୍ୱିତ ସାର ପ୍ରୟୋଗ କୁହାଯାଏ ।

ଶତପ୍ରତିଶତ ମଞ୍ଜି ଗଜାହେବା ଏବଂ ମୃତ୍ତିକାରୁ ସୁଷମ ପରିମାଣର ଖାଦ୍ୟ ଉପାଦାନକୁ ଫସଲ ଗ୍ରହଣ କରିବାପାଇଁ ଜମିକୁ ଠିକ୍ ଭାବେ କର୍ଷଣ କରିବା ଦରକାର । ସେଥିପାଇଁ ଚାଷୀକୁ ଉନ୍ନତ କୃଷି ଯନ୍ତ୍ରପାତି ଯଥା: ଟ୍ରାକ୍ଟର, ପାୱାର ଟିଲର କିମ୍ବା ଲୁହା ଲଙ୍ଗଳ ଆଦି ବ୍ୟବହାର କରିବାକୁ ପଡ଼ିବ । ଏଥିପାଇଁ ଚାଷୀ ଏସବୁ ଯନ୍ତ୍ରପାତି ଭଡ଼ାରେ ଆଣିବେ କିମ୍ବା ନିଜକୁ କ୍ରୟ କରିବାକୁ ପଡ଼ିବ । ଏହାଦ୍ୱାରା ଚାଷୀକୁ ଅର୍ଥ ଖର୍ଚ୍ଚ କରିବାକୁ ପଡ଼ିବ । ଅନ୍ୟପକ୍ଷରେ ଦେଶୀ ହଳ ଲଙ୍ଗଳରେ ଜମି ଚାଷକଲେ ଚାଷୀକୁ ଅଧିକ ସମୟ ଲାଗିଥାଏ ଏବଂ ଏଥିସହ ଚାଷ ମଧ୍ୟ ଅଗଭୀର ହୁଏ । ଏହାଦ୍ୱାରା ଫସଲ ଅମଳ ଲାଭଜନକ ହୋଇପାରେ ନାହିଁ।

ଜଳସେଚନ, ଫସଲ ଅମଳର ଶତକଡ଼ା ୧୫ ରୁ ୨୦ ଭାଗ ବଢ଼ାଇଥାଏ । ଏଣୁ ଅଣଜଳସେଚିତ , ବୃଷ୍ଟିପୃଷ୍ଟ ଏବଂ ଜଳସେଚିତ ଫସଲ ଚାଷ ପାଇଁ ଜଳସେଚନର ଆନୁଷଙ୍ଗିକ ଆବଶ୍ୟକତା ଯଥା ପାଣିପମ୍ପ, ପାଣି ପାଇପ, ଡିଜେଲ କିମ୍ବା ବିଦ୍ୟୁତ୍ ଆଦି ଆବଶ୍ୟକ । ଏସବୁର ବ୍ୟବହାର ପାଇଁ ଚାଷୀକୁ କିଛି ଅର୍ଥ ଖର୍ଚ୍ଚ କରିବାକୁ ପଡ଼ିବ। ଅବଶ୍ୟ ଚାଷୀ ଟେଣ୍ଡା କିମ୍ବା ଶେଣୀ ଦ୍ୱାରା କୂଅ, ପୋଖରୀ ଆଦିରୁ ବିନା ଖର୍ଚ୍ଚରେ ନିଜ ପରିଶ୍ରମ ଦ୍ୱାରା ଫସଲକୁ ଜଳସେଚନ ଯୋଗାଇପାରିବେ । କିନ୍ତୁ ଏହା ସମୟ ସାପେକ୍ଷ ଏବଂ କେବଳ ସୀମିତ ପରିମାଣର କ୍ଷେତ ପାଇଁ ସମ୍ଭବ । (କ୍ରମଶଃ...)

- ଭୁବନେଶ୍ୱର,ଶୈଳଶ୍ରୀବିହାର
ମୋ: ୯୫୫୬୨୬୬୦୮୫

## ପନିପରିବା ସମ୍ପର୍କରେ



କୋବିଜାତୀୟ ଫସଲରେ ଜଉପୋକ,ଠିକିରି ପିଠିଆ ପୋକ ଓ କାଳିମୁଣ୍ଡି ପୋକ ଆଦି ଲାଗିବାର ଆଶଙ୍କା ଅଛି । ଏହାର ନିରାକରଣ ପାଇଁ ଏକର ପ୍ରତି ୬ଟି ନିର୍ଦ୍ଦିଷ୍ଟ ସଙ୍ଗ ଆକର୍ଷକ ଯନ୍ତା ବ୍ୟବହାର କରନ୍ତୁ। ନଚେତ୍ ଏକର ପ୍ରତି ୪୦୦ମିଲି ଏଣ୍ଡୋସଲଫାନ୍ କିମ୍ବା ୫୦୦ ମିଲି ମାଲାଥିଅନ୍‌କୁ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। କୋବିଜାତୀୟ ଫସଲରେ ଅଲଟର୍‌ନାରିଆ ଜନିତ ପତ୍ରପୋଡା ରୋଗର ନିରାକରଣ ଲାଗି ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ଲଙ୍କାରେ ଫଳପଚା ଓ ଅଗମରା ରୋଗର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୩ଗ୍ରାମ୍ ହିସାବରେ ମାଙ୍କୋଜେବ୍ କିମ୍ବା ୧.୫ଗ୍ରାମ୍ ହିସାବରେ ଥାଓଫେନେଟ୍ ମିଥାଇଲ୍ ମିଶାଇ ସିଞ୍ଚନ କରନ୍ତୁ। ଶୀତ ସହିତ ମେଘୁଆ ପାଗର ଆଶଙ୍କା ଥିଲେ ଛୁଇଁଜାତୀୟ ପନିପରିବାରେ ଜଉ ପୋକ ଲାଗିଥାଏ। ଏହାର ନିରାକରଣ ପାଇଁ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଡାଇମେଥୋଏଟ୍ ମିଶାଇ ସିଞ୍ଚନ କରନ୍ତୁ। ଔଷଧ ପକାଇବାର ଏକ ସପ୍ତାହ ପରେ ଏହା ଖାଇବା ପାଇଁ ଉପଯୁକ୍ତ ହୋଇଥାଏ।

## ମଲ୍ଲୀଫୁଲ

ମଲ୍ଲୀଗଛର ପୁରୁଣା ଡାଳ, ରୋଗାକ୍ରାନ୍ତ, ଦୁର୍ବଳ ତଥା ମରିଯାଇଥିବା ଡାଳ ଗୁଡ଼ିକୁ କାଟିବାକୁ କାଣ୍ଟଛାଣ୍ଟ କୁହାଯାଏ। ଗଛରେ ଅଧିକ କଢ଼ ଧରିବା ଏବଂ ଫୁଲ ଫୁଟିବାରେ କାଣ୍ଟଛାଣ୍ଟର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ବର୍ତ୍ତମାନ ମଲ୍ଲୀଗଛକୁ କାଣ୍ଟଛାଣ୍ଟ କରିବା ପ୍ରକୃଷ୍ଟ ସମୟ। ଗଛର ପ୍ରତ୍ୟେକ ଡାଳକୁ ମାଟି ଉପରୁ ୪୫ରୁ ୫୦ସେ.ମି ରଖି ଅବଶିଷ୍ଟ ଅଂଶ କାଟି ଦିଅନ୍ତୁ। କାଣ୍ଟଛାଣ୍ଟ କରିବା ପରେ କଟାଅଂଶରେ ବୋଡୋମିକ୍ସଚର କିମ୍ବା କପର ଅକ୍ସିକ୍ଲୋରୋଇଡ୍ ପ୍ରଲେପ ଲଗାନ୍ତୁ।

## ପିଆଜର ରୋଗପୋକ ଦମନ

ପିଆଜର ପତ୍ରପୋଡ଼ା ସହ ଆଞ୍ଜୁଡ଼ା ଦାଗ ଦେଖାଦେଲେ ଉକୁଣିଆ ପୋକ ଲାଗିଥିବାର ଜଣାଯାଏ। ଏହାର ଦମନ ପାଇଁ ଏକର ପ୍ରତି ୪୦୦ ମିଲି ଡାଇମେଥୋଏଟ୍ କିମ୍ବା ୫୦ ମିଲି ଇମିଡାକ୍ଲୋପ୍ରିଡ୍ ସିଞ୍ଚନ କରନ୍ତୁ। ଆଗରୁ ଲଗାଯାଇଥିବା ପିଆଜରେ ଅଲ୍‌ଟର୍‌ନାରିଆ ଜନିତ ପତ୍ରପୋଡା ରୋଗ ଲାଗିଲେ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ଆଗରୁ ଲଗାଇ ନ ଥିଲେ ବର୍ତ୍ତମାନ ଲଗାଇବା କାମ ଶେଷ କରନ୍ତୁ। ତଳିଗୁଡ଼ିକ ୧୨-୧୫ସେ.ମି. ଉଚ୍ଚା ହୋଇଗଲେ ସେଗୁଡ଼ିକୁ ଉପରବେଳା ଓପାଡ଼ି ଲଗାନ୍ତୁ। ଏହି ଋତୁରେ ୬-୮ ସପ୍ତାହର ଚାରା ଲଗାନ୍ତୁ। ଛୋଟ ତଳି ଲଗାଇଲେ ଜମିରେ ଗଛ ଦୁର୍ବଳ ରୁହେ ଓ ବଡ଼ ତଳି ଲଗାଇଲେ ଶୀଘ୍ର ଶଣ୍ଢା ବାହାରିଥାଏ।



# କୀଟ ନିୟନ୍ତ୍ରଣ ପାଇଁ ନିମ୍ବର ବ୍ୟବହାର





ଲକ୍ଷ୍ମୀନାରାୟଣ ଦାଶ

କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାର ଖାଦ୍ୟ ନିରାପତ୍ତା ପାଇଁ କୃଷି ଉତ୍ପାଦନ ବୃଦ୍ଧି ଅପରିହାର୍ଯ୍ୟ। କୃଷି ଉତ୍ପାଦନ ବୃଦ୍ଧି ଲାଗି ଚାଷୀମାନେ ମଧ୍ୟ କ୍ଷେତରେ ନୂତନ ଜ୍ଞାନକୌଶଳ ପ୍ରୟୋଗ କରୁଛନ୍ତି। କିନ୍ତୁ ଫସଲରେ ରୋଗ, ପୋକ ଆକ୍ରମଣ କୃଷି ଉତ୍ପାଦନ ବୃଦ୍ଧିରେ ମୁଖ୍ୟ ବାଧକ। ରୋଗ, ପୋକଙ୍କୁ ଦମନ କରିବା ପାଇଁ ଚାଷୀମାନେ ମଧ୍ୟ ଫସଲରେ ରାସାୟନିକ କୀଟନାଶକ ଭଳି କେତେକ ବିଷାକ୍ତ ପଦାର୍ଥ ପ୍ରୟୋଗ କରିଥାଆନ୍ତି, କିନ୍ତୁ ଏଗୁଡ଼ିକର ଭୁଲ୍ ଏବଂ ବାରମ୍ବାର ପ୍ରୟୋଗ ଫଳରେ ନିମ୍ନଲିଖିତ ଅସୁବିଧାଗୁଡ଼ିକ ପରିଲକ୍ଷିତ ହୋଇଥାଏ। ଯଥା - ବାୟୁ, ପାଣି, ମାଟି ସହିତ ଆମର ପରିବେଶ ପ୍ରଦୂଷିତ ହୋଇଥାଏ। -ପରିବେଶର ଜୈବ ବିବିଧତା ନଷ୍ଟ ହୋଇଥାଏ। - ବିଷାକ୍ତ ପଦାର୍ଥଗୁଡ଼ିକର ଅବଶିଷ୍ଟାଂଶ ଖାଦ୍ୟ ପଦାର୍ଥରେ ରହି ମନୁଷ୍ୟ ତଥା ଗୃହପାଳିତ ଏବଂ ଉପକାରୀ ଜୀବମାନଙ୍କର ସ୍ୱାସ୍ଥ୍ୟରେ କ୍ଷତି ପହଞ୍ଚାଇଥାଏ। - ପ୍ରାକୃତିକ ପରିବେଶରେ ବଢୁଥିବା ଉପକାରୀ କୀଟପତଙ୍ଗଗୁଡ଼ିକ ନଷ୍ଟ ହେବା ଦ୍ୱାରା ପ୍ରାକୃତିକ ଉପାୟରେ ଜୈବ ନିୟନ୍ତ୍ରଣ ମଧ୍ୟ ବାଧାପ୍ରାପ୍ତ ହୋଇଥାଏ। - କୀଟନାଶକ ପ୍ରତି କୀଟମାନଙ୍କର ସହଣୀଶକ୍ତି ବୃଦ୍ଧି ହୋଇଥାଏ। -କୀଟନାଶକଗୁଡ଼ିକ ବ୍ୟୟବହୁଳ ହୋଇଥିବାରୁ ଚାଷର ଉତ୍ପାଦନ ଖର୍ଚ୍ଚ ବା କଷ୍ଟ ଅଫ୍ କଲ୍‌ଟିଭେଶନ୍ ମଧ୍ୟ ବୃଦ୍ଧି ପାଇଥାଏ। - ଚାଷୀମାନେ କୀଟନାଶକ ଭଳି ରାସାୟନିକ ବିଷାକ୍ତ ପଦାର୍ଥ ସହିତ ଜଡ଼ିତ ରହୁଥିବାରୁ ବିପଦର ସମ୍ଭାବନା ମଧ୍ୟ ଥାଏ। -ଉପଯୁକ୍ତ ଜ୍ଞାନକୌଶଳ ଅଭାବରୁ କୀଟନାଶକ ପ୍ରୟୋଗ କରି ମଧ୍ୟ ବେଳେବେଳେ ଚାଷୀମାନେ ସୁଫଳ ପାଇପାରି ନ ଥାଆନ୍ତି। ତେଣୁ ଚାଷୀମାନେ କେବଳ ରାସାୟନିକ କୀଟନାଶକ ଉପରେ ନିର୍ଭର ନ କରି ଆମର ପାରିପାର୍ଶ୍ୱିକରେ ଉପଲବ୍ଧ ଥିବା ବିଭିନ୍ନ ପ୍ରକାର ବୃକ୍ଷଲତାର ବିଭିନ୍ନ ଅଂଶକୁ ଜୈବ କୀଟନାଶକ/ କୀଟ ନିୟନ୍ତ୍ରକ ହିସାବରେ ବ୍ୟବହାର କରି ବିନା ଖର୍ଚ୍ଚରେ ବା କମ୍ ଖର୍ଚ୍ଚରେ, ନିରାପଦରେ, ସୁବିଧାରେ, ଉପଯୁକ୍ତ ଭାବରେ ଫସଲ ସଂରକ୍ଷଣ କରି କୃଷି ଉତ୍ପାଦନକୁ ବୃଦ୍ଧି କରାଇବା ସହିତ ରାସାୟନିକ କୀଟନାଶକଜନିତ ସମ୍ଭାବ୍ୟ ପରିବେଶ ପ୍ରଦୂଷଣକୁ ରୋକାଯିବା ସହିତ ପରିବେଶ ଜୈବ ବିବିଧତାକୁ ମଧ୍ୟ ଅକ୍ଷୁଣ୍ଣ ରଖିପାରିବେ । ବୃକ୍ଷଲତାଙ୍କ ମଧ୍ୟରେ ନିମ୍ବର ସ୍ଥାନ ସ୍ୱତନ୍ତ୍ର । ନିମ୍ବ ଏକ ଅବ୍ୟର୍ଥ ପରିବେଶ ଉପଯୋଗୀ କୀଟ ନିୟନ୍ତ୍ରକ। ନିମ୍ବରେ ଥିବା ପ୍ରାକୃତିକ ବିଷ ଆଜାଡିରାକ୍ଟିନ୍ କୀଟ ନିୟନ୍ତ୍ରଣରେ ସହାୟକ ହୋଇଥାଏ। ତେଣୁ ଆମ ରାଜ୍ୟର ଅଗଣିତ ବୁଦ୍ଧିଜୀବୀ, ଜନସାଧାରଣ ତଥା ଚାଷୀମାନଙ୍କ ଅବଗତି ନିମନ୍ତେ ନିମ୍ବ ବିଷୟରେ ନିମ୍ନରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଗଲା। ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟାନ୍ୟ ଜୈବ କୀଟନାଶକ/କୀଟ ନିୟନ୍ତ୍ରକ ଉଦ୍ଭିଦ ବିଷୟରେ ଆଲୋକପାତ କରାଯିବ।

**ନିମ୍ବର କାର୍ଯ୍ୟଶୈଳୀ ବା ମୋଡ୍ ଅଫ୍ ଆକ୍ସନ୍:** ନିମ୍ବରେ ଥିବା ପ୍ରାକୃତିକ ବିଷ ଆଜାଡିରାକ୍ଟିନ୍ ଯୋଗୁ ଏହାର ଯେକୌଣସି ଅଂଶ ଫସଲରେ ଯେମିତି ଭାବରେ ପ୍ରୟୋଗ କଲେ ମଧ୍ୟ ଏହାର ନିମ୍ନଲିଖିତ ବିଭିନ୍ନ କାର୍ଯ୍ୟଶୈଳୀ ଉପଲବ୍ଧ ହୋଇଥାଏ। ଯଥା: (୧)- ଫସଲ ପିତା ହୋଇଯିବା ଯୋଗୁ କୀଟମାନଙ୍କ ପାଇଁ ଏହାର ଅଭକ୍ଷ ହୋଇଥାଏ (ଆଣ୍ଟିଫିଡାଣ୍ଟ)। (୨)- ଏହାର ଏକ ପ୍ରକାର ଗନ୍ଧ ବା ବାସନା ଯୋଗୁ କୀଟ କ୍ଷେତରୁ ଆପେ ଆପେ ଘଉଡ଼େଇ ହୋଇଯାଏ। (୩)- ନିମ୍ବ ପ୍ରୟୋଗ ହୋଇଥିବା କ୍ଷେତରେ ପୋକ ଫସଲ ଖାଇଲେ ଅଣ୍ଡିରା ବା ପୁରୁଷ କୀଟ ନପୁଂସକ ହୋଇଥାଏ ଏବଂ ମାଈ ବା ସ୍ତ୍ରୀ କୀଟ ବନ୍ଧ୍ୟା ହୋଇଥାଏ। ଏଣୁ କୀଟମାନଙ୍କର ବଂଶ ବିସ୍ତାର ହୋଇପାରେ ନାହିଁ। (୪)- କୀଟମାନଙ୍କର ଅଣ୍ଡା ବା ଏଗ୍‌ରୁ ଶୂକ ବା ଲାର୍ଭା ନିର୍ଗତ ହୋଇପାରେ ନାହିଁ। (୫) -କୀଟମାନଙ୍କର ବୃଦ୍ଧି ବା ଗ୍ରୋଥ୍ ଠିକ୍ ଭାବରେ ହୋଇପାରେ ନାହିଁ। (୬)- କୀଟମାନଙ୍କର କାତି ବା କ୍ୟୁଟିକିଲ୍ ସୃଷ୍ଟିରେ ପ୍ରତିବନ୍ଧକ ଦେଖାଦିଏ । ଏହିସବୁ କାରଣ ଯୋଗୁ ନିମ୍ବ କୀଟନାଶକ ନ ହେଲେ ମଧ୍ୟ ଏକ ଅବ୍ୟର୍ଥ କୀଟ ନିୟନ୍ତ୍ରକ ହିସାବରେ କାର୍ଯ୍ୟ କରିଥାଏ। କୀଟ ନିୟନ୍ତ୍ରଣ ପାଇଁ ନିମ୍ବକୁ ଉଭୟ ପ୍ରତିଷେଧକ ଏବଂ ପ୍ରତିକାର ବ୍ୟବସ୍ଥା ସ୍ୱରୂପ ବ୍ୟବହାର କରାଯାଇପାରେ।

*-କୃଷି ଜିଲା ଅଧିକାରୀ, ଦଶପଲ୍ଲା,*
*ମୋ:୯୯୩୭୬୫୨୬୮୬*

## ନିମ୍ବର ବ୍ୟବହାର ବିଧି

**ନିମ୍ବତେଲ:** ସାଧାରଣତଃ ୧୦୦ କେ.ଜି. ନିମ୍ବ ମଞ୍ଜି ପେଡ଼ାଇଲେ ୧୦ କେ.ଜି. ନିମ୍ବତେଲ ବାହାରେ। ୧ ଲିଟର ପାଣି ସହିତ ୩ ମି.ଲି. ନିମ୍ବତେଲ ଏବଂ ୧ ଗ୍ରାମ୍ ଲୁଗାସଫା ପାଉଡ଼ର ବା ଡିଟରଜେଣ୍ଟ ପାଉଡ଼ର ମିଶାଇ ଏହି ଅନୁପାତରେ ନିମ୍ବତେଲ ଦ୍ରବଣ ସିଞ୍ଚନ କଲେ ଧାନର ପତ୍ରମୋଡ଼ା ପୋକ, ପତ୍ରଡ଼ିଆଁ, ଗଛଡ଼ିଆଁ, କାହାଳିଆ, ଗନ୍ଧିପୋକ, ମାଟିଆଗୁଣ୍ଡି ପୋକ, ହଳଦୀଗୁଣ୍ଡି ପୋକ, ଉକୁଣିଆ ପୋକ, ଅଷ୍ଟପଦୀ ପୋକକୁ ଦମନ କରାଯାଇପାରେ। ଚିନାବାଦାମର ଜଉପୋକ, ପତ୍ରଡ଼ିଆଁ ପୋକ, ପନିପରିବାର ଡାଳ ଓ ଫଳବିନ୍ଧା ପୋକ, ବନ୍ଧାକୋବିର ବିନ୍ଧାପୋକ, ଠିକିରିଆ ପୋକ, କରତିଆ ମାଛି, ସୋରିଷର ଜଉପୋକ, ବାଇଗଣର ଫଳବିନ୍ଧା ପୋକ, ଭେଣ୍ଡିର ଧଳାମାଛି, ବୁଟର ଫଳବିନ୍ଧା, କପାର ଜଉପୋକ, ଧଳା ମାଛି, ଆମ୍ବର ଆମ୍ବଡାଆଣୀ ପୋକଙ୍କୁ ନିମତେଲ ଦ୍ୱାରା ସହଜରେ ନିୟନ୍ତ୍ରଣ କରାଯାଇପାରିବ। ଡାଲିଜାତୀୟ ଫସଲ ଏବଂ ଚିନାବାଦାମର ସୂତ୍ରକୃମିଜନିତ ଚେର ଗଣ୍ଠି ରୋଗ ନିମ୍ବତେଲ ଦ୍ୱାରା ମଧ୍ୟ ସହଜରେ ନିୟନ୍ତ୍ରଣ କରାଯାଇପାରିବ। ବାଇଗଣ ଓ ଟମାଟୋ ଗଛର ଚାରାକୁ ୩% ନିମ୍ବତେଲରେ ୩୦ ମିନିଟ୍ ବୁଡାଇ ଲଗାଇଲେ ଏବଂ ୩୦ ଦିନରେ ପତ୍ରସିଞ୍ଚନ କଲେ ସେଥିରେ ଜଉପୋକ ଏବଂ ଫଳବିନ୍ଧା ପୋକ ପ୍ରାୟ ଲାଗନ୍ତି ନାହିଁ ।

**ନିମ୍ବପତ୍ର:** ନିମ୍ବପତ୍ରରୁ ରସ ବାହାର କରି ଏହାକୁ ସିଞ୍ଚନ କଲେ ପନିପରିବାର ଜଉପୋକ ନିୟନ୍ତ୍ରଣ ହୋଇଥାଏ। ପ୍ରାୟତଃ ପ୍ରତି ଲିଟର ପାଣି ପ୍ରତି ୫ ମି.ଲି. ନିମ୍ବପତ୍ର ରସ ଦରକାର ପଡ଼େ । ନିମ୍ବପତ୍ରକୁ ଶୁଖାଇ, ଗୁଣ୍ଡକରି ଏକର ପ୍ରତି ୧୦ କେ.ଜି. ନିମ୍ବପତ୍ର ଗୁଣ୍ଡ ଶେଷ ଓଡ଼ ଚାଷ ସମୟରେ ଜମିରେ ପ୍ରୟୋଗ କରି ମଇ ମାରିଲେ ମାଟି ବିଶୋଧନ ହୋଇ ରୋଗ, ପୋକ କମ୍ ହୋଇଥାଏ।



**ନିମ୍ବପିଡ଼ିଆ** (ନିମ୍ କେକ୍)**:** ଶେଷଓଡ଼ ଚାଷ ସମୟରେ ଏକର ପ୍ରତି ୧୦୦ କେ.ଜି. ନିମ୍ବପିଡ଼ିଆ ଜମିରେ ପ୍ରୟୋଗ କରି ମଇ ମାରିଲେ ଚିନାବାଦାମ ଏବଂ ଅନ୍ୟାନ୍ୟ ଫସଲରେ ଲାଗୁଥିବା ଉଇକୁ ଦମନ କରିହେବ। ନିମ୍ବପିଡ଼ିଆ ପ୍ରୟୋଗ କଲେ ସୂତ୍ର କୃମି ନିୟନ୍ତ୍ରଣ ମଧ୍ୟ ହୋଇଥାଏ।

**ନିମ୍ କର୍‌ନେଲ୍ ଏକ୍ସଟ୍ରାକ୍ଟ** ବା ନିମ୍ବମଞ୍ଜି ନିର୍ଯାସ **:** ନିମ୍ବରୁ ଜଳ ନିଃସାରଣ କରିବାକୁ ହେଲେ ପ୍ରଥମେ ସଦ୍ୟ କଞ୍ଚା ନିମ୍ବ ମଞ୍ଜିକୁ ଛେଚିବା ପରେ ଗୁଣ୍ଡକୁ ଗୋଟିଏ କନା ମୁଣିରେ ବାନ୍ଧି ବାଲ୍‌ଟି ବା ଏକ ଡ୍ରମ୍ ପାଣିରେ ରାତିସାରା ଝୁଲାଇ ରଖାଯାଏ । ଏଥିରୁ ବାହାରିଥିବା କଞ୍ଚା ରସକୁ ସିଧାସଳଖ ଫସଲରେ ସିଞ୍ଚନ କରାଯାଇ କୀଟ ନିୟନ୍ତ୍ରଣ କରାଯାଇଥାଏ। ପ୍ରାୟ ୧୦ ଲିଟର ପାଣିରେ ୫୦୦ ଗ୍ରାମ୍ କଞ୍ଚା ନିମ୍ବମଞ୍ଜି ଗୁଣ୍ଡ କରି ଭିଜାଯାଏ।

**ନିମ୍ବପିଡ଼ିଆ** ବତୁରା ପାଣି: ୧୦୦ ଗ୍ରାମ୍ ନିମ୍ବ ପିଡ଼ିଆକୁ ଗୋଟିଏ ପତଳା କନାରେ ୧ ଲିଟର ପାଣିରେ ରାତିସାରା ଭିଜାନ୍ତୁ। ସକାଳେ ଏହାକୁ ଛାଣି ୧ ଲିଟର ପାଣି ପ୍ରତି ଏହି ରସ ୧୦ ମି.ଲି. ହିସାବରେ ମିଶାଇ ସିଞ୍ଚନ କରନ୍ତୁ। ସବିଶେଷ ବିବରଣୀ ପାଇଁ ନିକଟସ୍ଥ କୃଷି କାର୍ଯ୍ୟାଳୟ ସହିତ ଯୋଗାଯୋଗ କରନ୍ତୁ।

# ଭକ୍ତଙ୍କୁ ବଣ୍ଟାଯାଉନି ମାଗଣା ମହାପ୍ରସାଦ



- ପ୍ରତ୍ୟହ ୨୦ ଆଟିକା ବାଣ୍ଟିବା ପାଇଁ ହୋଇଥିଲା ଯୋଜନା
- ସ୍ୱତନ୍ତ୍ର ଅନୁଦାନ ଥାଇ ମଧ୍ୟ ଯୋଜନା ବନ୍ଦ

**ପୁରୀ ଅଫିସ, ୭।୧**

ମହାପ୍ରଭୁଙ୍କ ଶ୍ରୀମହାପ୍ରସାଦ କଣିକାଏ ପାଇଲେ ଜୀବ ମୁକ୍ତିଲାଭ କରେ ବୋଲି ବିଶ୍ୱାସ ରହିଛି। ସେଥିପାଇଁ ଠାକୁରଙ୍କ ନିକଟରେ ମହାପ୍ରସାଦ ଲାଗି ହେବା ପରେ ଭକ୍ତମାନେ ଏହାକୁ ପାଇବା ପାଇଁ ଚାହିଁ ରହିଥାନ୍ତି। କିନ୍ତୁ ପ୍ରତ୍ୟେକ ଭକ୍ତ ମହାପ୍ରସାଦ କିଣିବାକୁ ସମର୍ଥ ହେଉ ନ ଥିବାରୁ ବାଇଶିପାହାଚରେ ବଣ୍ଟାଯାଉଥିଲା ମାଗଣା ମହାପ୍ରସାଦ। ଦର୍ଶନ ସାରି ଫେରୁଥିବା ଶ୍ରଦ୍ଧାଳୁଙ୍କ ହାତକୁ କଣିକାଏ ଅବଢା ବଢାଇ ଦିଆଯାଉଥିଲା। ସେମାନେ ଖୁସି ମନରେ ଫେରୁଥିଲେ। ହେଲେ ପ୍ରାୟ ୨ବର୍ଷ ହେବ ଆଉ ବଣ୍ଟାଯାଉନି ମହାପ୍ରସାଦ। ଶ୍ରୀମନ୍ଦିର ବଜେଟ୍‌ରେ ସ୍ୱତନ୍ତ୍ର ଅନୁଦାନ ଥାଇ ମଧ୍ୟ ଇଚ୍ଛାଶକ୍ତି ଅଭାବରୁ ଏହା ବନ୍ଦ ହୋଇଯାଇଥିବା କୁହାଯାଉଛି। ଏ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରତ୍ୟେକ ଶ୍ରଦ୍ଧାଳୁଙ୍କୁ ମାଗଣାରେ କଣିକାଏ ଲେଖାଏ ଅବଢା ଦେବା ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟବସ୍ଥା ହୋଇଥିଲା। ୨୦୧୬ ମସିହା ଅକ୍ଷୟ ତୃତୀୟାରୁ ଆରମ୍ଭ ହୋଇଥିଲା ମାଗଣା ମହାପ୍ରସାଦ (ମିଷ୍ଟାନ୍ନ) ବଣ୍ଟନ। ଅପରାହ୍ନ ୪ଟାରୁ ୬ଟା ମଧ୍ୟରେ ୨ହାଣ୍ଡି ମିଷ୍ଟାନ୍ନ ଶ୍ରଦ୍ଧାଳୁଙ୍କୁ ବାଣ୍ଟିବା ଲାଗି ବ୍ୟବସ୍ଥା କରାଯାଇଥିଲା। ଏଥିପାଇଁ ୨ ଜଣ କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଶ୍ରୀମନ୍ଦିର ପ୍ରଶାସନ ଏବଂ ସୁଆର ମହାସୁଆର ନିଯୋଗ ମିଳିତ ସହଯୋଗରେ ବାଇଶିପାହାଚରେ ଦୁଇଟି ବଡ଼ ଆଟିକାରେ ପ୍ରତ୍ୟହ ଏହି ମିଷ୍ଟାନ୍ନ ବଣ୍ଟାଯାଉଥିଲା। ଭକ୍ତମାନେ କଣିକାଏ ଲେଖାଏ ମହାପ୍ରସାଦ ପାଇଁ ଖୁସି ମନରେ ଫେରୁଥିଲେ। ପ୍ରାୟ ୨ ବର୍ଷ ହେବ ବନ୍ଦ ହୋଇଯାଇଛି ଏହି ମାଗଣା ମହାପ୍ରସାଦ ବଣ୍ଟନ। ଏହାକୁ ନେଇ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଶ୍ରୀମନ୍ଦିର ୨୦୧୮-୧୯ ବଜେଟ୍‌ରେ ଏଥିଲାଗି ୧.୫ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି। ପ୍ରଦୀପ ଜେନା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଥିବାବେଳେ ମାଗଣା ମହାପ୍ରସାଦ ପରିମାଣ ବଢାଇବା ଲାଗି ଯୋଜନା କରାଯାଇଥିଲା। ୨ ଆଟିକା ବଣ୍ଟାଯାଉଥିବାରୁ ଅନେକ ଭକ୍ତ ଏଥିରୁ ବଞ୍ଚିତ ହେଉଥିଲେ । ତେଣୁ ୨୦ ଆଟିକା ମହାପ୍ରସାଦ ଚାରିଦ୍ୱାରରେ ବଣ୍ଟାଯିବା ନିମନ୍ତେ ଯୋଜନା ହୋଇଥିଲା। ଏପରି କି ଭକ୍ତଙ୍କୁ ହାତରେ ନୁହେଁ, ଖଲି ଦନାରେ ମହାପ୍ରସାଦ ଦିଆଯିବା ନିମନ୍ତେ ମଧ୍ୟ ପ୍ରଶାସନ ସ୍ଥିର କରିଥିଲା। ଏଥିପାଇଁ ଖଲିଦନା ଅଣାଯାଇ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ରଖାଯାଇଥିଲା। ହେଲେ ଏହା କାର୍ଯ୍ୟକାରୀ ପୂର୍ବରୁ ମାଗଣା ମହାପ୍ରସାଦ ବଣ୍ଟନ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯାଇଛି। ତେବେ ହଠାତ୍ କାହିଁକି ଏହାକୁ ବନ୍ଦ କରାଗଲା। ଏହା ବନ୍ଦ ହେବା ପଛରେ କାହାର କିଛି ସ୍ୱାର୍ଥ ରହିଛି କି ଏମିତି ନାନା ସନ୍ଦେହ ଏବେ ଭକ୍ତଙ୍କ ମନରେ ସୃଷ୍ଟି ହୋଇଛି।

ଏ ସମ୍ପର୍କରେ ବାଲେଶ୍ୱର ଖଇରାର ମାଧବ ସାହୁ କହିଛନ୍ତି, ଆମେ ଟ୍ରେନରେ ପୁରୀ ଆସୁ। ଯଦି ଦର୍ଶନ ବିଳମ୍ବ ହୁଏ ତେବେ ଆନନ୍ଦବଜାରରେ ବସି ମହାପ୍ରସାଦ ସେବନ କରିବାକୁ ସମୟ ନ ଥାଏ। ଟ୍ରେନ୍ ଛାଡ଼ି ଦେବାର ଭୟ ଥାଏ। ତେଣୁ ପୂର୍ବରୁ ବାଇଶି ପାହାଚରେ ବଣ୍ଟା ଯାଉଥିବା ମହାପ୍ରସାଦ ପାଇ ଆମେ ଫେରିଥାଉ। ଟିକିଏ ମହାପ୍ରସାଦ ପାଇଲେ ମନ ଖୁସି ହୋଇଯାଏ। ପୂର୍ବରୁ ଏକାଧିକ ଥର ବାଇଶିପାହାଚରେ ବଣ୍ଟାଯାଉଥିବା ଅବଢା ପାଇଛି। ହେଲେ ଏବେ ଆଉ ତାହା ମିଳୁନାହିଁ। ଶ୍ରୀମନ୍ଦିର ପ୍ରଶାସନ ଏ ଦିଗରେ ବିଚାର କରି ଏହି ବ୍ୟବସ୍ଥା ପୁଣି ଆରମ୍ଭ କରିବା ଦରକାର।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ବିଭିନ୍ନ ଶ୍ରମିକ ସଙ୍ଗଠନ ପକ୍ଷରୁ ରେଳ ବନ୍ଦ, ସମ୍ବଲପୁର ରେଳ ଷ୍ଟେସନ, ସକାଳ ସାଢ଼େ ୫ଟା ।
- ୨୩ବର୍ଷରୁକମ୍‌କର୍ଣ୍ଣେଲସି.କେନାଇଡୁ ଟ୍ରଫି କ୍ରିକେଟ ମ୍ୟାଚ, ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ପୂର୍ବାହ୍ନ ୯ଟା ।
- ଗଙ୍ଗାଧର ମେହେର ହାୟର ସେକେଣ୍ଡାରୀ ସ୍କୁଲର କ୍ରୀଡା ପ୍ରତିଯୋଗିତା, ଅମୃତ ବିହାର ପରିସର ପଡିଆ, ପୂର୍ବାହ୍ନ ୯ଟା ।
- ଶ୍ରୀ ରାମକଥା ଜ୍ଞାନଯଜ୍ଞ, ରେମେଡ ଛକ ସ୍ଥିତ ଜଲାଇ ଇଷ୍ଟେଟ, ଅପରାହ୍ନ ୩ଟା।

**ମୁରିବାହାଲ**

- ରାଜୀବ ଲୋଚନ ଶ୍ରୀରାମ ସେନାର ସାଙ୍ଗଠନିକ ସମାବେଶ, ଯାଦବ ଭବନ, ପୂର୍ବାହ୍ନ ୧୨ଟା।

**ଦେବଗଡ**

- ପ୍ରଧାନପାଟ ଫୁଟବଲ କପ୍‌ର ତୃତୀୟ ଦିବସ, ଇନ୍ଦିରାଗାନ୍ଧୀ ଷ୍ଟାଡିୟମ, ଅପରାହ୍ନ ୩ଟା।

**ପାଟଣାଗଡ**

- ୧୯ତମ ସର୍ବଭାରତୀୟ ପାଟଣା କପ୍ କ୍ରିକେଟ ଟୁର୍ନାମେଣ୍ଟ, ପୁଲ ଏର ସେମିଫାଇନାଲ ମ୍ୟାଚ ବିଳାସପୁର ବନାମ ହାୱଡା କ୍ରିକେଟ ଏକାଡେମୀ, ରମାଇ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ, ପୂର୍ବାହ୍ନ ୧୦ଟା।

**ନୂଆପଡା**

- ଜାନର ବାର୍ଷିକ ଉତ୍ସବ, ଇଣ୍ଡୋର ଷ୍ଟାଡିୟମ, ପୂର୍ବାହ୍ନ ୧୧ଟା।

## ଆଜି ପୁରୀ ଡିଭିଜନରେ ପକ୍ଷୀଗଣନା

**ପୁରୀ ଅଫିସ, ୭।୧:** ପୁରୀ ବନ୍ୟପ୍ରାଣୀ ଡିଭିଜନରେ ବୁଧବାର ପକ୍ଷୀ ଗଣନା କରାଯିବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ସରିଛି। ରାଜ୍ୟର ବିଭିନ୍ନ ଡିଭିଜନରେ ଗତ ୩ ତାରିଖରେ ପକ୍ଷୀ ଗଣନା କରାଯାଇଥିଲା। କିନ୍ତୁ ୩ରେ ବର୍ଷା ସମ୍ଭାବନା ଥିବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିବା ପରେ ଏହାକୁ ବୁଧବାରକୁ ଘୁଞ୍ଚାଇ ଦିଆଯାଇଥିଲା।

- ଜେଲ୍‌ରେ ମୋବାଇଲ୍ ଫୋନ୍ ଉପରେ ଲାଗିଲା କଟକଣା

## ୯୧ ଜେଲରେ ଲାଗିବ ମୋବାଇଲ ଡିଟେକ୍ଟର

- କର୍ମଚାରୀ ବି ଭିତରକୁ ନେଇପାରିବେନି ଫୋନ୍
- ସମସ୍ତ ଜେଲ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଲେ ଡିଜି

**ଭୁବନେଶ୍ୱର, ୭।୧(ବ୍ୟୁରୋ)**

ଜେଲ୍ ଭିତରକୁ ଯାଉଛି ମୋବାଇଲ୍ ଫୋନ୍। ଏହି ମୋବାଇଲ୍ ଫୋନ୍ ମାଧ୍ୟମରେ ଜେଲ୍‌ରେ ରହି ଅପରାଧୀମାନେ ବାହାରେ ଘଟାଉଛନ୍ତି ଅପରାଧ, ବଢ଼ାଉଛନ୍ତି ସେମାନଙ୍କ ନେଟ୍‌ୱର୍କ। ନିକଟରେ ଚୌଦ୍ୱାର ଜେଲ୍ ଭିତରୁ ଦୁର୍ଦ୍ଧାନ୍ତ ସକିଲଙ୍କର ଏକ ସେଲ୍‌ଫି ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଏଭଳି ସାଂଘାତିକ ଘଟଣା ପଦାକୁ ଆସିଥିଲା। ଖୋଳତାଡ଼ ପରେ ସକିଲ ଜେଲ୍ ଭିତରୁ ମୋବାଇଲ୍ ଫୋନ୍ ମାଧ୍ୟମରେ ୩ଜଣ ଗର୍ଲଫ୍ରେଣ୍ଡଙ୍କ ଦ୍ୱାରା ଅପରାଧ ଘଟାଉଥିବା ଜଣାପଡିଥିଲା। ପୂର୍ବରୁ ମଧ୍ୟ ଏଭଳି ଘଟଣାର ଅନେକ ନଜିର ରହିଛି। ତେଣୁ ଏହାକୁ ଜେଲ୍ ବିଭାଗ ଡିଜି ସନ୍ତୋଷ ଉପାଧ୍ୟାୟ ଗୁରୁତ୍ୱର ସହ ଗ୍ରହଣ କରିବା ସହ ମୋବାଇଲ୍ ଫୋନ୍ ଉପରେ କଟକଣା ଜାରି କରିଛନ୍ତି। ଜେଲ୍‌ରେ କଏଦୀମାନେ ଲୁଚାଇ ରଖୁଥିବା ମୋବାଇଲ୍ ଫୋନ୍‌କୁ ଧରିବା ପାଇଁ ପଦକ୍ଷେପ ନିଆଯିବ। ଅପରାଧୀଙ୍କ ସଂଖ୍ୟା ଆଧାରରେ ରାଜ୍ୟର ୯୧ ଜେଲରେ ପ୍ରାୟ ୩ଶହ ଫୋନ୍ ଡିଟେକ୍ଟର ଲଗାଯିବ। ଏଥିଲାଗି ୭୫ଲକ୍ଷ ଟଙ୍କା ଖର୍ଚ୍ଚ ହେବ ଓ ମାର୍ଚ୍ଚ ସୁଦ୍ଧା କାର୍ଯ୍ୟ ସରିବ। ଅନ୍ୟପକ୍ଷରେ ଜେଲ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ମୋବାଇଲ୍ ଫୋନ୍ ବ୍ୟବହାର ଉପରେ ମଧ୍ୟ କଟକଣା ଲଗାଯାଇଛି। ଏଣିକି ସେମାନେ ଆଉ ଜେଲ ଭିତରକୁ ମୋବାଇଲ୍ ନେଇ ପାରିବେ ନାହିଁ। ପ୍ରବେଶ ସମୟରେ ଫାଟକରେ ସୁରକ୍ଷାକର୍ମୀଙ୍କୁ ମୋବାଇଲ୍ ଫୋନ୍ ହସ୍ତାନ୍ତର କରିବେ। ଡ୍ୟୁଟି ସରିବା ପରେ ନିଜର ମୋବାଇଲ୍ ଫୋନ୍ ଧରି ବାହାରକୁ ବାହାରିବେ। ଏହାକୁ କଡାକଡି ପାଳନ କରିବା ପାଇଁ ରାଜ୍ୟର ସମସ୍ତ ଜେଲ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଡିଜି ଉପାଧ୍ୟାୟ ସୂଚନା ଦେଇଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି, ଜେଲରେ ରହିଥିବା ଫୋନ୍‌ରେ କଏଦୀମାନେ ସେମାନଙ୍କ ସମ୍ପର୍କୀୟଙ୍କ ସହ କଥାହେବା ସମୟରେ ତାହା ଉପରେ କଡ଼ା ନଜର ରଖାଯାଉଛି। ସେମାନେ କାହାସହ କଥା ହେବାକୁ ଚାହୁଁଛନ୍ତି ଓ ସେ ବ୍ୟକ୍ତି ଜଣକ କିଏ, ତାହାକୁ ଦାୟିତ୍ୱରେ ଥିବା ଅଧିକାରୀ ଯାଞ୍ଚ କରିବା ପରେ ହିଁ ସୁଯୋଗ ଦେବେ। ଚୌଦ୍ୱାର ଜେଲ୍‌ରେ ଥିବା ସକିଲଙ୍କ ଉପରେ ମଧ୍ୟ କଡ଼ା ନଜର ରଖାଯାଇଛି। ଆବଶ୍ୟକ ପଡିଲେ ତାଙ୍କୁ ସ୍ୱତନ୍ତ୍ର ସେଲ୍‌ରେ ରଖାଯିବ। ସେହିଭଳି ଆଗକୁ ଜେଲରେ ଅପରାଧୀଙ୍କ ଉପରେ ଅଧିକ ନଜର ରଖିବା ପାଇଁ ଅତ୍ୟାଧୁନିକ ବ୍ୟବସ୍ଥା ଆପଣାଯିବ। ଏହାସହ ଜାମୁଝରି ମୁକ୍ତାକାଶ ଜେଲ୍ ପରିସରରେ ହୋଇଥିବା ଜେଲ୍ ଏକାଡେମୀରେ ଜେଲ୍ କର୍ମଚାରୀଙ୍କୁ ଏହା ଉପରେ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯିବ ବୋଲି ଡିଜି କହିଛନ୍ତି।

## ୭.୫ ଡିଗ୍ରୀରେ ଦାରିଙ୍ଗବାଡ଼ି

ଭୁବନେଶ୍ୱର, ୭।୧(ବ୍ୟୁରୋ): ବର୍ଷା କମିଯିବା ପରେ ଶୀତ ପୁଣି ଫେରିଛି। ମଙ୍ଗଳବାର ଦାରିଙ୍ଗବାଡ଼ିରେ ସର୍ବନିମ୍ନ ୭.୫ ଡିଗ୍ରୀ ତାପମାତ୍ରା ରହିଥିବାବେଳେ ଟିଟିଲାଗଡ଼ରେ ୭.୬, ଅନୁଗୋଳ ୮, ଫୁଲବାଣୀ ୮.୫, ସୋନପୁର ୯ ଓ କେନ୍ଦୁଝର ୯.୮ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ବୁଧବାର ବିଭିନ୍ନ ଜିଲାରେ ସ୍ୱଳ୍ପ ପରିମାଣର ବର୍ଷା ହେବା ସମ୍ଭାବନା ରହିଛି। ନୂଆପଡ଼ା, ବଲାଙ୍ଗୀର, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲାର କେତେକ ସ୍ଥାନରେ ବର୍ଷା ହେବାର ଆଶଙ୍କା ଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ତେବେ ଗୁରୁବାର ନୂଆପଡ଼ା, କଳାହାଣ୍ଡି, କନ୍ଧମାଳ, ବଲାଙ୍ଗୀର, ସୁବର୍ଣ୍ଣପୁର, ବୌଦ୍ଧ, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର ଓ ମୟୂରଭଞ୍ଜ ଆଦି ୧୦ ଜିଲାରେ କୋହଲା ପବନ ସହିତ ବଜ୍ରପାତ ହୋଇପାରେ। ତେଣୁ ଏ ସମସ୍ତ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ଶୁକ୍ରବାର ଘନ କୁହୁଡ଼ି ନେଇ ୧୨ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେଗୁଡ଼ିକ ହେଲା ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ, ବାଲେଶ୍ୱର, ଯାଜପୁର, କଟକ, ଭଦ୍ରକ, ଖୋର୍ଦ୍ଧା, ପୁରୀ ଓ କନ୍ଧମାଳ।

### ପଞ୍ଚାୟତ ସମିତି କାର୍ଯ୍ୟାଳୟ, ପାଇକମାଲ

ପତ୍ର ସଂଖ୍ୟା-୨୬/ ତାରିଖ : ୦୪.୦୧.୨୦୨୦

ଏତଦ୍ୱାରା ପାଇକମାଲ ପଞ୍ଚାୟତ ସମିତିର ଜନସାଧାରଣଙ୍କ ଅବଗତି ପାଇଁ ଜଣାଇ ଦିଆଯାଉଛି ଯେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଏବଂ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (NSAP) ୨୦୧୯-୨୦ ଆର୍ଥିକ ବର୍ଷରେ (୧ ଏପ୍ରିଲ ୨୦୧୯ ରୁ ୩୦ ସେପ୍ଟେମ୍ବର ୨୦୧୯ ପର୍ଯ୍ୟନ୍ତ) ପଞ୍ଚାୟତ ସମିତି ତଥା ଉକ୍ତ ଗ୍ରାମ ପଞ୍ଚାୟତ, ଲାଇନ ଡିପାର୍ଟମେଣ୍ଟର ଏବଂ ଅନ୍ୟାନ୍ୟ ବିଭାଗଗୁଡିକ ଦ୍ୱାରା ସମ୍ପାଦିତ ସମସ୍ତ କାର୍ଯ୍ୟର ମାଷ୍ଟର ରୋଲ ତନଖି ତଥା ସାମାଜିକ ସମୀକ୍ଷା ନିମ୍ନ କାର୍ଯ୍ୟସୂଚୀ ମତେ ସମ୍ପୃକ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଗ୍ରାମ ସଭା ମାଧ୍ୟମରେ କରାଯିବ। ଉକ୍ତ ଗ୍ରାମସଭାରେ ନିମ୍ନଲିଖିତ ପ୍ରାଧିକୃତ ଅଧିକାରୀ ଉପସ୍ଥିତ ରହିବେ।

ଏଣୁ ନିର୍ବାଚିତ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସାମାଜିକ ସମୀକ୍ଷା କମିଟି, ତଦାରଖ କମିଟି ଓ ସମସ୍ତ କାର୍ଯ୍ୟପତ୍ରଧାରୀ ଅଣକୁଶଳୀ ଶ୍ରମିକମାନେ ଏବଂ ଜନସାଧାରଣମାନେ ନିର୍ଦ୍ଧାରିତ ତାରଖ ସମୟ ଓ ସ୍ଥାନରେ ଉପସ୍ଥିତ ରହି ପ୍ରକଳ୍ପ ସମ୍ପାଦନାର ମାଷ୍ଟର ରୋଲ ତନଖିର ସତ୍ୟାସତ୍ୟ ପ୍ରତିପାଦନ ପୂର୍ବକ ନିଜର ମତାମତ ପ୍ରଦାନ କରିବାକୁ ଅନୁରୋଧ କରାଗଲା। ଏହି ସଭାରେ ସମ୍ପୃକ୍ତ ଗ୍ରାମ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ ଓ କନିଷ୍ଠ ଯନ୍ତ୍ରୀ ସମୟ ସକାଳ ୧୦ ଘଟିକା ସମ୍ପୃକ୍ତ ଗ୍ରା.ପ.କାର୍ଯ୍ୟାଳୟଠାରେ ଉପସ୍ଥିତ ରହିବେ।

**ସାମାଜିକ ସମୀକ୍ଷା ଗ୍ରାମସଭା କାର୍ଯ୍ୟକ୍ରମ**

| କ୍ର. ସଂ. | ଧାର୍ଯ୍ୟ ତାରିଖ | ଧାର୍ଯ୍ୟ ସ୍ଥାନ | ଗ୍ରାମ ପଞ୍ଚାୟତର ନାମ | ଗ୍ରାମ ସଭା ଧାର୍ଯ୍ୟ ତାରିଖ | ଜନ ଶୁଣାଣି |
|---|---|---|---|---|---|
| ୧ | ୦୬.୦୧.୨୦ ରୁ ୧୭.୦୧.୨୦ | ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ | ପାଇକମାଲ, ମାଣ୍ଡିଆଡିପା, ଭେଙ୍ଗରାଜପୁର, କେଛୋଦାଦର | ୧୭.୦୧.୨୦ | ୩୧.୦୩.୨୦ |
| ୨ | ୨୦.୦୧.୨୦ ରୁ ୩୧.୦୧.୨୦ | ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ | ଝାରବନ୍ଧ, ଜାମସେଠ, ମଣ୍ଡୋସିଲ, ମିଠାପାଲି | ୩୧.୦୧.୨୦ | |
| ୩ | ୦୩.୦୨.୨୦ ରୁ ୧୪.୦୨.୨୦ | ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ | କାଂସଡା, ଭୁବନେଶ୍ୱରପୁର, ଛେତେଗାଁ, ଝିଟିକି | ୧୪.୦୨.୨୦ | |
| ୪ | ୧୭.୦୨.୨୦ ରୁ ୨୮.୦୨.୨୦ | ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ | ବରତୁଣ୍ଡା, ଛିଣ୍ଡେଇକେଲା, ଚର୍ଦାପାଲି, ଟେମେରି ସରାଇକେଲା | ୨୮.୦୨.୨୦ | |
| ୫ | ୦୨.୦୩.୨୦ ରୁ ୧୩.୦୩.୨୦ | ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ | ବୁକୁରାମୁଣ୍ଡା, ଲଖମରା, ପଲସଦା, ବାଦିକଟା, କେମେଲାବାହାଲ | ୧୩.୦୩.୨୦ | |

ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପାଇକମାଲ

### PARADIP PORT TRUST

**CORRIGENDUM-II TO E-TENDER CALL NOTICE NO. EM/MM/P/PAINTS/ 07/2019/798, DT. 23.12.2019 FOR SUPPLY OF PAINTS**

The bidder must confirm to supply the paints with self life of 24 months from date of manufacturing subject to supply the paints within 03 months from the date of manufacturing instead of 02 years from date of supply under Annexure-III Sl No. 04. All other terms and conditions in the original tender remained unaltered. For details, log on to our website **https://eprocure.gov.in/eprocure/app** or contact the office of the undersigned.

**Sr. Dy. Materials Manager**

PPT/PR/597/19-20, Dt. 07.01.2020

### Zilla Swasthya Samiti, Bargarh

**Dept. of Health & Family Welfare, Govt. of Odisha**
**District Head Quarter Hospital, Bargarh-768028**
**Phone / Fax : 06646-231763**

**CORRIGENDUM NOTICE**

In reference to Advt. No.20/NHM/BGH/2019 & Advt. No.21/NHM/BGH/2019 dt.27.12.2019 & dt.31.12.2019 published for establishment of 24 X 7 Cafeteria at New DHH, Bargarh and procurement of Electronics & Furniture items, it is to inform you that last date for submission of tender is extended upto dt.13.01.2020 by 4 P.M. All other terms & conditions of tenders published will remain same.

**Sd./-**
**CDM&PHO, Bargarh**

### DISTRICT PROJECT OFFICE
### SAMAGRA SHIKSHA : CUTTACK (ODISHA)

XXII- 02/19, Phone : 0671-2509937/2509934
E-mail : dpccuttackssa.opepa@nic.in
No. 123/ Date : 07.01.2020

**TENDER CALL NOTICE FOR PRINTING OF QUESTIONS CUM ANSWER SHEETS FOR SUMMATIVE ASSESSMENT-II, AND STUDENTS REPORT CARD, 2020**

Sealed Quotations are invited from the registered offset printers having valid ITCC, PAN, GST regn. Certificate for printing & supply of Question Cum Blank Answer Sheets for Summative Assessment-II, 2020 (Class I to VIII) and Students Report Card, 2020 for Cuttack District. The specification of Papers & its quality along with other terms and conditions can be downloaded from the official website of OPEPA i.e. www.opepa.odisha.gov.in and District website i.e. www.cuttack.nic.in. The last date of receipt of Quotation only through Speed Post/ Registered Post is 24.01.2020 by 1 P.M. Quotations received after due date and time will not be entertained. The Quotation will be opened at 3.30 P.M. on the same day i.e. Dt. 24.01.2020 in DPO, Samagra sikshya, Cuttack. The Collector-cum-Chairman, Samagra Sikshya, Cuttack reserves the right to cancel all or any quotation without assigning any reason thereof.

By order of Collector cum Chairman, SS Cuttack

**Sd./- District Project Co-ordinator, Samagra Shiksha, Cuttack**

### GOVERNMENT OF ODISHA
### OFFICE OF THE BLOCK DEVELOPMENT OFFICER, SADAR BLOCK, SUNDARGARH

**No.14** **INVITATION TENDER CALL NOTICE** **Dt.04.01.2020**

38-i : The Block Development Officer, Sadar, Sundargarh on behalf of Governor of Odisha invites Percentage Rate Bids in sealed cover for the following works from the class of eligible contractors as mentioned in Column-7 (Seven) registered with the State Governments having validity of Civil License and contractors of equivalent Grades/Class Registered with Central Government / MES / Railways and other State Government having validity of Civil License for execution of Building works (excluding EI & PH). The proof of registration from the appropriate authority shall be enclosed along with the Bid. The eligible Contractors of the State P.W.D. (R&B)/ Water Resources/ Rural Works/ M.I./C.P.W.D for the following works eventually to be drawn up in the P.W.D. P1 forms in conformity with the Detailed Tender Call Notice. The Bidders may submit bids for the following works.

| Sl. No. | Location | Name of the work | Amount put to tender in Rs. | Cost of tender paper (Non-refundable) in Rs. | Bid security EMD 1% in Rs. | Period of Completion | Class of Contractor |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Sankara | Const. of 4 nos. Staff Quarters E-type (Flat) at Sundargarh | 32,13,604/- | 6,000/- | 32,136/- | 08 (Eight months) | 'B' & 'C' Class |
| 2 | Sankara | Const. of 4 nos. Staff Quarters E-type (Flat) at Sundargarh | 29,62,440/- | 6,000/- | 29,625/- | 08 (Eight months) | 'B' & 'C' Class |
| 3 | Sundargarh | Const. of 4 Nos. of Block Staff Quarters (Flat-type) of Ps, Sundargarh | 29,62,440/- | 6,000/- | 29,625/- | 08 (Eight months) | 'B' & 'C' Class |

The Bid documents and detailed terms and conditions can be downloaded from the District website **www.sundargarh.nic.in.**

### SAMAGRA SHIKSHA
### GANJAM, CHATRAPUR

**PH : 06811-260833 (DPO) / 262799 (MIS)**
**e-mail Id : dpcganjamssa.opepa@nic.in**
**Letter No.104 /PED/2020** **Date: 06.01.2020**

**SHORT TENDER CALL NOTICE FOR PRINTING OF QUESTION-CUM-ANSWER SHEETS**

Sealed tenders under two bid systems are invited from the reputed offset printers having valid TIN, PAN. GST. registration of firm etc for printing and supply of Question-cum- Blank answer sheets (Oriya /English /Telugu /Hindi/ Sanskrit) for Assessment Exercise, 2020 (Class I to VIII) The tender papers (bid documents) containing detailed specification with terms and conditions. application of Technical Bid & application of Financial Bid can be obtained by downloading from the Ganjam District website i.e. http://ganjam.nic.in and OSEPA website http://opepa.in or may be obtained from our office from 07.01.2020 to 26.01.2020 during working day by paying Rs.500/- in shape of DD in case of downloading the tender paper from website. The bidders are required to submit Demand Draft of **Rs.500/-** (Rupees five hundred only) towards cost of tender paper along with the application of Technical bid drawn in favor of Dist. Project Coordinator, SS, Ganjam. Chatrapur. Last date and time for receive of tender paper is 21.01.2020 at 2.00 P.M. and will be opened on the same day at 3.00 P.M. in the Office of the SSA, Ganjam in presence of tenderers or their authorized representatives The authority reserves the right to reject any or all the tenders without assigning any reason thereof.

**By the order of Collector-cum-Chairman**
**Sd./-**
**District Project Coordinator**
**Samagra Shiksha, Ganjam**

### ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
### ODISHA POWER TRANSMISSION CORPORATION LIMITED

**(A Government of Odisha Undertaking)**
**O/o Sr. General Manager Construction, Zone-II, Sambalpur**
**At-132/33 Kv Grid S/S, Ganesh Nagar,**
**Bohidar Nuapali, PO- Sankarma, Sambalpur-7680006**
**Telephone: (0663)2540039,Email: sgm.con2.sbp@optcl.co.in**

OPTCL
Lifeline of Odisha

**No /SGM(TP&C) / Publication/Gaz/47** **Date: 07.01.2020**

**NOTIFICATION**

In accordance with section- 164 of Indian Electricity Act., 2003 and in exercise of the power conferred upon OPTCL vide Department of Energy, Government of Odisha Order No. 2353-R&R-II-10.2006,dated the 9th March 2006, the following transmission scheme which are intended to be undertaken by the Odisha Power Transmission Corporation Limited for execution are published for general information. It is also notified in the interest of general public that any person interested in making representation regarding the execution of the above scheme, may submit such representation in writing so as to reach the Senior General Manager, Construction Zonal Office-II, OPTCL, Sambalpur-768006 within two months from the date of publication of this notification. Full details of the scheme and plan may be seen in the office of the concerned Deputy General Manager (Elect.), as mentioned against the work on any working day during office hours.

| Sl. No. | Name of the work & scope | Name of the village in which the line will pass | Tentative estimated amount | Name of the Executive Engineer to be contacted | Perceived benefit that may accrue. |
|---|---|---|---|---|---|
| 01 | Construction of 132 KV LILO line from 132KV Machhkund PH Machkund RTSS to newly proposed 132/33KV Grid Substation Lamptaput. | **Tehsil:-** Machhakund **R.I.Circle-** Balel **Revenue** Village: Lugun. | Rs 2.07 crores (Approx.) | Deputy General Manager (Elect.), EHT (Construction Division, Jeypore. | To develop quality power supply in & around areas of Lamptaput |

**Sd./- (Er. Swarup Kumar Harichandan)**
**Chief General Manager (Const.)**
**Zone-II, OPTCL, Sambalpur**

### ODISHA STATE CIVIL SUPPLIES CORPORATION LTD., SUNDARGARH

**No.59** **CORRIGENDUM NOTICE** **Date: 07.01.2020**

In pursuance to the Tender Call Notice no.3650 dt. 20.12.2019 calendar of activities are hereby changed according to Tender Call Notice No. 39 Dt. 04.01.2020 for Level-II Transport Contractor, Tender Call Notice No. 40 Dt. 04.01.2020 for Level-I Transport Contractor for Transportation of food grains and Tender Call Notice No. 41 Dt. 04.01.2020 for Handling (Labour Work) at RRCs for the financial year 2019-21. All other term and conditions remain unchanged. The calendar of activities for e-tender for appointment of said contractors are as mentioned below.

| Sl. No. | Activity | Dateline |
|---|---|---|
| 1 | Available of Tender Documents in the websites on uploading by district | 06.01.2020 |
| 2 | Pre-bid conference of tenderers | 10.01.2020 |
| 3 | Last date for online submission of complete tender documents with enclosures | 28.01.2020. upto 5.30 P.M. |
| 4 | Date of Technical Bid opening | 31.01.2020 |
| 5 | Date of submission of original documents by the tenderers in support of scanned copies uploaded in the portal for verification by district office | 31.01.2020 |
| 6 | Date of opening of Financial Bids (only of technically qualified tenderers) | 05.02.2020 |
| 7 | Execution of Agreement by the successful lowest tenderer | 14.02.2020 |
| 8 | Level-I, Level-II Transport Contractors and Handling Contractors to be in place for rendering service | 14.02.2020 |

**Sd./- District Manager**
**OSCSC Ltd., Sundargarh**

### GOVERNMENT OF ODISHA
### OFFICE OF THE ENGINEER-IN-CHIEF (CIVIL), ODISHA, BHUBANESWAR-751001

**email: ceworldbankprojects@gmail.com**
**ROAD CONNECTIVITY PROJECT OF LEFT WING EXTREMISM AFFECTED AREA (RCPLWEA)**

**e-Procurement Notice** **No.B-556**

**Bid Identification No. CE-WBP(O)-12/2019-20**

**File No- CERP-RCPLWE-PH-2-14/2018**

The Chief Engineer, (World Bank Projects), Bhubaneswar, Odisha on behalf of Odisha State Rural Connectivity Project Agency invites the percentage rate bids in electronic tendering system for construction of roads using New Technology under RCPLWEA in the districts of Koraput for 8 number of packages with estimated cost as mentioned in IFB totaling to Rs.3763.08 lakhs including their maintenance for five years from the eligible contractors registered with State PWD / CPWD / MES / Railways. The registered bidder of outside Odisha. can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.

**Date of release of Invitation for Bids through e-procurement.dtd.15.01.2020.**

Availability of Bid Documents and mode of submission: The bid document is available online and should be submitted online in **www.pmgsytenders.gov.in**. The bidder would be required to register in the website which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security in approved form and (c) original affidavit regarding correctness of information furnished with bid document as per provisions of Clause 4.4 B (a) (ii) of ITB with C.E., (World Bank Projects), Nirman Soudha, Unit-V, Bhubaneswar-751001, Odisha, on a date not later than three working days after the opening of technical qualification part of the Bid, either by registered post or by hand, failing which the bids shall be declared non-responsive.

**Last Date / Time for receipt of bids through e-procurement:16.02.2020 upto 5.00 P.M**

For further details please log on to **www.pmgsytenders.gov.in**

**Sd./- Chief Engineer, World Bank Projects, Odisha**
**O/o E.I.C (Civil), Odisha Nirman Soudha,**
**Unit-V, Bhubaneswar-751001**

34003/11/0019/1920

### ତନ୍ତ୍ରସାଧକ ଭାଇର ନାରକୀୟ କାଣ୍ଡ ଘଟଣାର ପର୍ଦ୍ଦାଫାଶ

# ଭଉଣୀର ତଣ୍ଟି କାଟି ବଳି ଦେଇଥିଲେ

ବଲାଙ୍ଗୀର ଅଫିସ/କଣ୍ଟାବାଞ୍ଜି/ବଙ୍ଗୋମୁଣ୍ଡା, ୭।୧ (ଡି.ଏନ୍.ଏ.)

ନିଜ ମାମୁପୁଅ ଭାଇକୁ ଅପହରଣ କରି ତଣ୍ଟି କାଟି ବଳି ଦେବାର ୧୪ ମାସ ପରେ ଅଭିଯୁକ୍ତ ତନ୍ତ୍ରସାଧକ ଜେଲରୁ ଜାମିନରେ ବାହାରି ସମାନ ଢଙ୍ଗରେ ନିଜ ସାନ ଭଉଣୀକୁ ଅପହରଣ କରି ତଣ୍ଟି କାଟି ବଳି ଦେଇଥିଲେ। ବଲାଙ୍ଗୀର ଜିଲା ସିନ୍ଧେକେଲା ଥାନା ସାଲେବରଟ ଗାଁରେ ଘଟିଥିବା ଏହି ନାରକୀୟ କାଣ୍ଡ ଉପରୁ ପରଦା ହଟିଛି।

ଏସ୍‌ପି ସନ୍ଦୀପ ମାଡକର ମଙ୍ଗଳବାର ସିନ୍ଧେକେଲା ଥାନାରେ ଏକ ଖବରଦାତା ସମ୍ମିଳନୀରେ ଏହି ବଳି ଘଟଣା ସମ୍ପର୍କରେ ସବିଶେଷ ସୂଚନା ଦେଇଛନ୍ତି। ତନ୍ତ୍ରଗୁରୁ କୁଞ୍ଜ ରଣାଙ୍କ କୋପରୁ ରକ୍ଷା ପାଇବା ପାଇଁ ଅଭିଯୁକ୍ତ ଶୋଭାବନ ରଣା (୨୮) ନିଜ ସାନଭଉଣୀ ଜନନୀଙ୍କୁ ଚକାଗୁଜିଆ ସଂରକ୍ଷିତ ଜଙ୍ଗଲ ଅନ୍ତର୍ଗତ ଗୁଜିଆ ପାହାଡ ଉପରେ ବଳି ଦେଇଥିଲେ। ଶୋଭାବନଙ୍କ ସ୍ୱୀକାରୋକ୍ତି ଓ ସୂଚନା ଅନୁଯାୟୀ ପୋଲିସ ଟିମ୍ ଗୁଜିଆ ପାହାଡ ଉପରୁ ଜନନୀଙ୍କ ମୁଣ୍ଡ ଗଣ୍ଡି ଅଲଗା ମୃତଦେହକୁ ଉଦ୍ଧାର କରିଛି। ବଳିରେ ବ୍ୟବହୃତ ସିନ୍ଦୂର, ଛୁରି ଓ ଜନନୀଙ୍କ ବସ୍ତ୍ର ଜବତ କରାଯାଇଥିବା ଏସପି ସୂଚନା ଦେଇଛନ୍ତି । ଗିରଫ ଅଭିଯୁକ୍ତ ଶୋଭାବନ ରଣାଙ୍କୁ ମଙ୍ଗଳବାର ଅପରାହ୍ଣରେ କୋର୍ଟଚାଲାଣ କରାଯାଇଛି ।

ଗତ ଡିସେମ୍ବର ୨୪ ତାରିଖରେ ସାଲେବରଟ ଗାଁର ମୁସୁରୁ ରଣାଙ୍କ ନାବାଳିକା ଝିଅ ଜନନୀ (୧୨) ନିଖୋଜ ହୋଇଥିଲେ । ନିଖୋଜ ପଛରେ ବଳି ସନ୍ଦେହ କରି ଡିସେମ୍ବର ୨୮ ତାରିଖରେ ସାଲେବରଟ ଗ୍ରାମବାସୀ ସିନ୍ଧେକେଲା ଥାନା ଘେରାଉ କରିବା ସହ ଜନନୀଙ୍କ ବଡଭାଇ ଶୋଭାବନଙ୍କ ଗିରଫ ଦାବି କରିଥିଲେ। ଏହାପରେ ପୋଲିସ ଶୋଭାବନଙ୍କୁ ଅଟକ ରଖି ପଚରା ଉଚରା କରିଥିଲା। ୨୦୧୮ ମସିହା ଅକ୍ଟୋବର ମାସରେ ପାରିବାରିକ ସୁଖ ପାଇଁ ତନ୍ତ୍ରଗୁରୁ କୁଞ୍ଜ ରଣାଙ୍କ ସହ ମିଶି ଉନ୍ଦେର ନଦୀରେ ମାମୁପୁଅ ମିଥୁନ୍ (୯)କୁ ସେ ବଳି ଦେଇଥିଲେ। ଏହି ଘଟଣାରେ ତନ୍ତ୍ରଗୁରୁ କୁଞ୍ଜ ଓ ତନ୍ତ୍ରସାଧକ ଶୋଭାବନ ଗିରଫ ହୋଇ ଜେଲ ଯାଇଥିଲେ । ଜେଲରେ ଥିବା ସମୟରେ କୁଞ୍ଜ ରଣା କୁଆଡେ ଶୋଭାବନଙ୍କୁ ତାଗିଦ୍ କରିଥିଲେ। ଶୋଭାବନଙ୍କ ଭୁଲ ଯୋଗୁ କୁଞ୍ଜଙ୍କୁ ଜେଲ ଯିବାକୁ ପଡିଛି ବୋଲି କହିଥିଲେ। ଆଗକୁ ଏହାର ପରିଣାମ ଭୟାବହ ହେବ ବୋଲି କୁଞ୍ଜ କୁଆଡେ ଚରମବାଣୀ ଶୁଣାଇଥିଲେ। ଗୁରୁ ପ୍ରକୋପରୁ ବର୍ତ୍ତିବାକୁ ହେଲେ ଜେଲରୁ ବାହାରିବା ପରେ ଶୋଭାବନଙ୍କୁ ତାଙ୍କ ନିଜ ଭଉଣୀକୁ ବଳି ଦେବାକୁ ପଡିବ ବୋଲି କୁଆଡେ କୁଞ୍ଜ କହିଥିଲେ। ଗତ ସେପ୍ଟେମ୍ବର ମାସରେ କୁଞ୍ଜ ଓ ଶୋଭାବନ ହାଇକୋର୍ଟ ଜାମିନ୍‌ରେ ଜେଲରୁ ବାହାରିଥିଲେ । ଜେଲରୁ ବାହାରିବା ପରେ ଗୁରୁ କୋପରୁ ରକ୍ଷା ପାଇବା ପାଇଁ ଶୋଭାବନ ନିଜ ଭଉଣୀ ଜନନୀଙ୍କ ବଳି ଯୋଜନା କରିଥିଲେ। ଗୁଜିଆ ପାହାଡ ଉପର ଗୁଜେନ୍ ଦେବୀଙ୍କ ଠାରେ ଜନନୀଙ୍କୁ ବଳି ଦେବାର ଯୋଜନା ପ୍ରସ୍ତୁତ କରିଥିଲେ। ଯୋଜନା ମୁତାବକ ସମସ୍ତ ବଳି ସାମଗ୍ରୀ ଆଣିବା ପରେ ଗତ ୨୪ ତାରିଖରେ ସେ ଜନନୀଙ୍କୁ ସାଇକେଲରେ ଅପହରଣ କରି ନେଇଥିଲେ।


ଅଭିଯୁକ୍ତ ଶୋଭାବନ ରଣାଙ୍କୁ ସିନ୍ଧେକେଲା ପୋଲିସ କୋର୍ଟଚାଲାଣ କରୁଛି ।

ଖରିଆର ବୁଲି ଯିବାକୁ କହି ଜନନୀଙ୍କୁ ଅପହରଣ କରିବା ପରେ ଗୁଜିଆ ଜଙ୍ଗଲକୁ ନେଇ ପୂଜାର୍ଚ୍ଚନା ପରେ ଛୁରିରେ ତାଙ୍କ ତଣ୍ଟି କାଟି ବଳି ଦେଇଥିଲେ। ମୁଣ୍ଡ ଓ ଗଣ୍ଡିକୁ ଅଲଗା କରିଦେବା ପରେ ରକ୍ତ ଅର୍ପଣ କରି ନିକଟସ୍ଥ ବୁଦାରେ ମୁଣ୍ଡ, ଗଣ୍ଡି ଓ ଛୁରିକୁ ଲୁଚାଇ ଦେଇଥିଲେ। ସେଠାରୁ ଆସି କାଲ୍‌କୁଟ୍ ଗାଁ ନିକଟ ମନ୍ଦାରମୁଣ୍ଡା ବନ୍ଧରେ ଜନନୀ ପିନ୍ଧିଥିବା ବସ୍ତ୍ରକୁ ଫିଙ୍ଗି ଦେଇଥିଲେ। ଏହାପରେ ଅପହରଣରେ ବ୍ୟବହୃତ ସାଇକେଲକୁ ଶ୍ରୀରାମ ଓ ତୁକ୍‌ଲା ଗାଁ ମଝିରେ ଛାଡି ଦେଇ ଶୋଭାବନ ଫେରାର ହୋଇଯାଇଥିବା ଏସ୍‌ପି ମାଡ଼କର ସୂଚନା ଦେଇଛନ୍ତି। ଶୋଭାବନଙ୍କ ବୟାନ ଅନୁଯାୟୀ ସମସ୍ତ ତଥ୍ୟ ଓ ପ୍ରମାଣ ସଂଗ୍ରହ କରାଯାଇଥିବା ଏସ୍‌ପି କହିଛନ୍ତି। ଏହି ସବୁ ଘଟଣାରେ ତନ୍ତ୍ରଗୁରୁ କୁଞ୍ଜଙ୍କ ଭୂମିକା କ'ଣ ସେନେଇ ପୋଲିସ ତଦନ୍ତ ଜାରି ରଖିଛି। ଜାମିନ୍‌ରେ ବାହାରିବା ପରେ କୁଞ୍ଜ କୁଆଡେ ଚାଲିଯାଇଥିବା ଜଣାପଡିଛି। ମାତ୍ର ୧୪ ମାସ ଭିତରେ ଦୁଇଜଣ ସମ୍ପର୍କୀୟଙ୍କୁ ଶୋଭାବନ ବଳି ଦେବା ଘଟଣାକୁ ନେଇ ସିନ୍ଧେକେଲା ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି । ଏହି ବଳି ମାମଲାକୁ ଫାଷ୍ଟଟ୍ରାକ କୋର୍ଟରେ ଫଇସଲା କରାଯାଇ ତୁରନ୍ତ ଶୋଭାବନଙ୍କୁ ଫାଶୀ ଦିଆଯାଉ ବୋଲି ଉତ୍ତ୍ୟକ୍ତ ଲୋକେ ଦାବି କରିଛନ୍ତି । ଖବରଦାତା ସମ୍ମିଳନୀରେ ଏସ୍‌ପି ମାଡ଼କରଙ୍କ ସହ ଅତିରିକ୍ତ ଏସ୍‌ପି ମନୋରଞ୍ଜନ ପଧାନ, ଟିଟିଲାଗଡ ଏସ୍‌ଡିପିଓ ସୁରେନ୍ଦ୍ରନାଥ ଶତପଥୀ, ସିନ୍ଧେକେଲା ଥାନା ଆଇଆଇସି ତଥା ତଦନ୍ତକାରୀ ଅଧିକାରୀ ଅନନ୍ତ ପ୍ରଧାନ ଉପସ୍ଥିତ ଥିଲେ ।


## ଧରିତ୍ରୀ DHARITRI — CAREER APPOINTMENT
ON EVERY WEDNESDAY & SATURDAY

B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

**Officially Staff**
For BBSR, CTC, Puri, Berhampur.
*Qualification 10th above.*
Salary upto Rs.25,000/-
M-9938699963

**OFFICIALLY JOB**
ଯୋଗ୍ୟତା : ଦଶମ ପାସ୍/ଫେଲ,
ବୟସ : (18-40)yrs.
Monthly salary upto Rs. 25,000/-
Contact : Immediately
Mob : 8763257042

**REQUIRED**
INDIAN, CHINESE, TANDOOR CHEFS WITH ASSISTANTS & ROOM SERVICE BOYS / DISH WASH BOYS FOR HOTEL AT BHUBANESWAR.
CALL :9438677331

**REQUIRED**
Pharmacist Required for retail Medicine Store
8 P.M. to 10 P.M.
7 A.M. to 10 A.M.
Contact No.-
7008190743

**The Tattoo Galaxy**
REQUIRES
Fine artists for its BBSR Branch. Fresher will be trained to become tatoo Artist. Qual : Matric Pass / Fail.
Post : 20 Nos. *Salary : 10k to 20k.*
Add : Sahidnagar, BBSR.
Cont : 8249383211 8270229250

ସାଉଥ୍ ଆଫ୍ରିକାରେ ଇନ୍‌ଫ୍ରାଷ୍ଟ୍ରକ୍‌ଚର କନ୍‌ଷ୍ଟ୍ରକ୍‌ସନ୍, ହେଲପର୍, ଡ୍ରାଇଭର, ମେସନ, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ, ଅପରେଟର ଏବଂ ସମସ୍ତ ପ୍ରକାର କାରିଗର ଆବଶ୍ୟକ ।
ଦରମା- 40,000/-, ମଡର୍ଣ୍ଣ ଇଞ୍ଜିନିଅରିଂ (ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀ)
**କମଲ ପ୍ଲେସ୍‌ମେଣ୍ଟ**
415, ରଙ୍ଗିଲା ପାର୍କ, ଡିନ୍‌ଡୋଲି, ସୁରତ୍, ଗୁଜୁରାଟ
9157012447, 9157312448

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା : 10th/ above. Monthly Salary upto Rs. 27000/-
Contact : 9938676412

**WANTED**
Lady OFFICE ASSISTANT at Nakhara, Cuttack.
Free Accommodation with Rs. 15,000/-
Contact: 7809525452

See Career Appointment on every Wednesday & Saturday

**GURU NANAK E.M.PUBLIC SCHOOL-II**
GUDIAPOKHARI, BHUBANESWAR
REQUIRES
Trained Teachers in English, Hindi, Odia, Maths, Sc., S.St, P.E.T, Computer TR and Nursery Teachers with NTT, Art & Music, Special Education Teacher, Counsellor, Office Staff and Bus Driver.
*Send your resume to the Principal.*
E-Mail : gnps2bbsr@gmail.com
Ph.-0674 2395854

**SAI SMART SCHOOL**
*21st Century School*
Near Puri Engineering School Campus, At : Puri-Konark Marine Drive Road, Nagapatana, PO-Baliguali, Dist-Puri, M-9439181120

SAI SMART SCHOOL, an English medium school having classes from Preschool-I to Class-V with the aim to impart quality education based on 21st Century skills, invites online appliations through school website for various teaching and non-teaching posts. The recruitment will be made on the basis of performances in personal interview of the candidates. The schedule is as follows;

| POST | Date & Time of Interview | SALARY |
|---|---|---|
| Primary Teacher | 19.01.2020 & 20.01.2020 @ 10.00 a.m. | Rs.30,000/- p.m. |
| Nursery Teacher | 19.01.2020 & 20.01.2020 @ 10.00 a.m. | Rs.25,000/- p.m. |
| Abacus & Vedic Math Teacher Spoken English Teacher | 19.01.2020 & 20.01.2020 @ 10.00 a.m. | |
| Educational Counselor, Dance Teacher, Music Teacher, Drawing Teacher | 20.01.2020 @ 10.00 a.m. | |
| Marketing Executive, Manager, Receptionist, Nurse, Driver, Vehicle Helper, Ayah, Cook,Cooking Helper | 21.01.2020 @ 10.00 a.m. | |

No T.A./D.A. will be paid to attend the interview. The eligible candidates will have to submit a set of photocopy of Marksheets, Pass certificates along with all the original documents & a colour photograph along with application at the time of interview. The candidates have to report at 9 a.m. on the date of interview. For details of qualification and online application, please visit Career page of www.saismartschool.com
*Secretary*

**TEAM ADMARK PVT. LTD.**
99/A, Saheed Nagar, 1st Lane Facing NH,
Opp of Ayakar Bhawan,
Bhubaneswar-751007, Phone-9238882225 / 7735220188
Mail id- hrteamadmark2020@gmail.com

**URGENTLY REQUIRED**
1. **SR. EXECUTIVE, CUM ADMIN OFFICER :** Post Graduates/ Graduates with min. 4-5 years' experience Male/Female (Experienced Females or Retd, Govt. Officers in same line will be preferred) in office work & having excellent computer knowledge. (Friendly in MS Office & internet) independent job handling capacity. Salary.Rs.12,000/- to Rs.14,000/- per month depending on capability & experience.
2. **SR. MARKETING EXECUTIVE (OUTDOOR)** : Graduate (Male & Female) withmin **4-5** years marketing experience in outdoor advertising trade or in space selling. Preferably MBA, Salary-**15,000- to 20,000/-** per month with Business monthly targets & incentive. Fuel and Mob. Expenses Extra, Two wheeler is a must.
3. **MARKETING EXECUTIVE (OUTDOOR):** BBA Graduate (Male &Female) with min.2-3 years marketing experience in outdoor advertising trade or in space selling. Salary-10,000/- to 12,000/-per month. Fuel and Mob. Expenses Extra.
4. **BACK OFFICE EXECUTIVE:** We are looking to hire an experienced Back Office Executive Male/Female candidate for data management, project processing, data analysis, finances, and administrative duties. At least 3-4 years of relevant experience is a must. Salary -Rs 10,000- Rs 12,000 Per month depending on capacity and experience.
5. **ACCOUNTANT:** We are looking for an Accountant Male candidate prefer to manage all financial transactions, from fixed payments and variable expenses to bank deposits and budgets. He should have previous experience of minimum 4-5 years with bookkeeping and a flair for spotting numerical mistakes. Should work independently and handle Tally software. Salary- Rs 13,000 to Rs 15000 Per month depending on capacity and experience.
6. **OFFICE BOY/PEON:** We are looking for an experienced and dependable person who will work a support to our busy and dedicated team. Minimum 5 Years relevant experience in the field is a must Salary- Rs 6000 to Rs 7000 Per month depending on capacity and experience.
7. **FIELD SUPERVISOR :** We are looking for a field Supervisor who should be a graduate and affluent with MS Office work. He will be liable to monitor and supervise our outdoor advertising operations. Previous relevant experience would be preferred. Freshers may also apply. He must have his own two wheeler. Salary- Rs 8000 to 10000 Per month depending on capacity and experience.

**Interested candidates may apply to our above address & mail ID with complete Bio-data with photo within 5 days from the date of advertisement**

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।



DADLS-82

ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
ମୟୂରଭଞ୍ଜ ଜିଲ୍ଲା ଗସ୍ତ ଅବସରରେ ବିଭିନ୍ନ ଜନହିତକାରୀ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ ।

ଓଡ଼ିଶା ସରକାର

୮ ଜାନୁଆରୀ ୨୦୨୦ ବୁଧବାର
ବାଙ୍କିଶୋଳ ପୂର୍ବାହ୍ନ : ୧୧.୩୦

**ଶୁଭ ଉଦ୍‌ଘାଟନ**
**୫୩ କୋଟି ୬୦ ଲକ୍ଷ ଟଙ୍କାର ପ୍ରକଳ୍ପ**
ବାଙ୍କିଶୋଳଠାରେ ନବନିର୍ମିତ ଆଦାନୀ - କିସ୍ ଆବାସିକ ବିଦ୍ୟାଳୟ
ବହଳଦା, ରଗୁଁଆ, ବିଶୋଇ, କୁସୁମୀ, ରାଇରଙ୍ଗପୁର, ବାରିପଦା, ଶାମାଖୁଣ୍ଟା ଏବଂ ସୁଳିଆପଦା ବ୍ଲକ୍‌ର ୧୮ଟି ପାଇପ୍ ଜଳ ଯୋଗାଣ ପ୍ରକଳ୍ପ
ଠାକୁରମୁଣ୍ଡା, କୁସୁମୀ, ଶୁକ୍ରୁଳି, ସାରସକଣା ଏବଂ ଶୁଳିଆପଦା ବ୍ଲକ୍‌ରେ ୫ଟି ହାଇଲେଭଲ୍ ସେତୁ
ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟର ନବନିର୍ମିତ ସାଇନ୍ସ ବ୍ଲକ୍
ମୋରଡ଼ା ବ୍ଲକର ନବନିର୍ମିତ ଭାଲିଆଶୋଳ ଆଦର୍ଶ ବିଦ୍ୟାଳୟ
କୁସୁମୀ ବ୍ଲକର ସାନଞ୍ଜୟଧାନପୋଷୀ ଏବଂ ବିଜାତଳା ବ୍ଲକର ଲୁହାଶିଳାଠାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନବନିର୍ମିତ ୧୦୦ ସିଟ୍ ବିଶିଷ୍ଟ ଛାତ୍ରୀ ନିବାସ

**ଭିତ୍ତିପ୍ରସ୍ତର ସ୍ଥାପନ**
**୨୦୦ କୋଟି ୩୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପ**
ବାରିପଦା ମ୍ୟୁନିସିପାଲିଟି ଅଞ୍ଚଳବାସୀଙ୍କ ପାଇଁ ଜଳଯୋଗାଣ ବ୍ୟବସ୍ଥା
ରଗୁଁଆ - ଫଗୁ ରାସ୍ତା ଉନ୍ନତିକରଣ ଓ ପ୍ରଶସ୍ତିକରଣ କାର୍ଯ୍ୟ
ତକତପୁରଠାରେ ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର କମ୍ପୋଜିଟ୍ ବ୍ଲକ୍
ସାରସକଣା, ଗୋପବନ୍ଧୁ ନଗର ବ୍ଲକ୍‌ରେ ୨ଟି ମେଗା ଜଳଯୋଗାଣ ପ୍ରକଳ୍ପ ସହିତ ରାଇରଙ୍ଗପୁର, ବାଙ୍ଗିରିପୋଷୀ ଏବଂ ଖୁଣ୍ଟା ବ୍ଲକ୍‌ରେ ୩ଟି ଜଳଯୋଗାଣ ପ୍ରକଳ୍ପ
ଖୁଣ୍ଟା, ଗୋପବନ୍ଧୁ ନଗର ଏବଂ ବଡ଼ସାହି ବ୍ଲକ୍‌ରେ ୪ଟି ହାଇଲେଭଲ୍ ସେତୁ ଏବଂ ସାଧାରଣ ସଭାରେ ଉଦ୍‌ବୋଧନ

15001/13/0117/1920





ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗ ଦେବା ପାଇଁ ବିନମ୍ର ଅନୁରୋଧ ।
ସୂଚନା ଓ ଲୋକସମ୍ପର୍କ ବିଭାଗ

| Dollar | Sensex | Nifty | Gold | Silver |
|---|---|---|---|---|
| 71.82 (11) | 192.84 40,869.47 | 59.90 12,052.95 | ₹420 41,210.00 | ₹830 48,600.00 |

ସଂକ୍ଷେପରେ

## ଏୟାର ଇଣ୍ଡିଆ ବିକ୍ରି ଜାନୁୟାରୀରେ ଆସିବ ଇଓଆଇ



**ନୂଆଦିଲ୍ଲୀ,୭-୧:** ସୌରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ଅଧକ୍ଷତାରେ ବସିଥିବା ମନ୍ତ୍ରୀ ଗୋଷ୍ଠୀ ଏୟାର ଇଣ୍ଡିଆ ବିକ୍ରି ପାଇଁ ଏକ୍ସପ୍ରେଶନ ଅଫ୍ ଇଣ୍ଟରେଷ୍ଟ (ଇଓଆଇ) ଏବଂ ଶେୟାର ପରଚେଜ୍ ଏଗ୍ରିମେଣ୍ଟକୁ ମଙ୍ଗଳବାର ମଞ୍ଜୁରୀ ପ୍ରଦାନ କରିଛି। ଏହା ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀ ଘରୋଇକରଣ ଦିଗରେ ଏକ ବଡ ପଦକ୍ଷେପ ବୋଲି ଜଣେ ସରକାରୀ ଅଧିକାରୀ ସୂଚନା ଦେଇଛନ୍ତି। ବିଡରଙ୍କ ଲାଗି ଚଳିତ ମାସରେ ଇଓଆଇ ଜାରି କରାଯିବ ବୋଲି ଅଧିକାରୀ ଜଣକ ମତ ଦେଇଛନ୍ତି। ଏଥିଲାଗି ମନ୍ତ୍ରୀଗୋଷ୍ଠୀ ଗତବର୍ଷ ସେପ୍ଟେମ୍ବରରେ ମଞ୍ଜୁରୀ ପ୍ରଦାନ କରିଥିଲା। ଗତବର୍ଷ ଏୟାର ଇଣ୍ଡିଆ ସ୍ପେସିଫିକ ଅଲଟରନେଟିଭ ମେକାନିଜମ (ଏଆଇଏସ୍ଏମ୍) ବିମାନ କମ୍ପାନୀର ୧୦୦% ଅଂଶଧନ ବିକ୍ରିକୁ ମଞ୍ଜୁରୀ ପ୍ରଦାନ କରିଥିଲେ। ଏହା ସହ ଏୟାର ଇଣ୍ଡିଆ ଏକ୍ସପ୍ରେସ ଏବଂ ଯୌଥ ଉଦ୍ୟୋଗ ଏଆଇଏସ୍ଏଟିଏସ୍ର ମଧ ଘରୋଇକରଣ ନେଇ ପଥ ପରିଷ୍କାର ହୋଇଛି। ବର୍ତ୍ତମାନ ଏୟାର ଇଣ୍ଡିଆ ଉପରେ ୮୦ ହଜାର କୋଟି ଟଙ୍କାର ଋଣ ରହିଛି। ୨୦୧୮-୧୯ ଆର୍ଥିକ ବର୍ଷରେ ଏହା ୮,୫୫୬ କୋଟି ଟଙ୍କାର ନେଟ୍ କ୍ଷତି ସହିଛି। ସେହିଭଳି ଏହି ବିମାନ କମ୍ପାନୀ ଲାଗି ସ୍ୱେଚ୍ଛାକୃତ ଅବସର ଯୋଜନା(ଭିଆର୍ଏସ୍) ଏବଂ ଋଣ ପୁନର୍ଗଠନ ଯୋଜନାକୁ ମଞ୍ଜୁରୀ ଦିଆଯାଇଛି।

## ଟାଟା-ମିସ୍ତ୍ରି ମାମଲା ସୁପ୍ରିମକୋର୍ଟରେ ଶୁକ୍ରବାର ଶୁଣାଣି



**ନୂଆଦିଲ୍ଲୀ,୭-୧:** ଟାଟାସନ୍ସ ଏବଂ ସାଇରସ ମିସ୍ତ୍ରି ମାମଲାର ଶୁଣାଣି ସୁପ୍ରିମକୋର୍ଟରେ ଶୁକ୍ରବାର ହେବ। ନ୍ୟାଶନାଲ କମ୍ପାନୀ ଲ ଆପେଲେଟ୍ ଟ୍ରିବ୍ୟୁନାଲ(ଏନ୍ସିଏଲ୍ଏଟି) ଟାଟା ଗ୍ରୁପର ପୂର୍ବତନ ଅଧକ୍ଷ ସାଇରସ ମିସ୍ତ୍ରିଙ୍କ ସପକ୍ଷରେ ଦେଇଥିବା ରାୟକୁ ଚ୍ୟାଲେଞ୍ଜ କରି ଟାଟା-ଗ୍ରୁପ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲା। ଏହି ମାମଲାରେ ଏନ୍ସିଏଲ୍ଏଟି ମିସ୍ତ୍ରିଙ୍କୁ ଟାଟା ସନ୍ସ ଅଧକ୍ଷ ପଦବୀରୁ ବିଦା କରିବା ବେଆଇନ ଥିବା ବୋଲି ରାୟରେ କହିଥିଲେ। ଏହାବାଦ ଟାଟାସନ୍ସକୁ ଏକ ପ୍ରାଇଭେଟ ଲିମିଟେଡ କମ୍ପାନୀରେ ପରିବର୍ତ୍ତନ ଏବଂ ନୂଆ ଅଧକ୍ଷ ଭାବେ ଏନ୍.ଚନ୍ଦ୍ରଶେକରନଙ୍କୁ ଅବସ୍ଥାପିତ କରାଇବରକୁ ଟ୍ରିବ୍ୟୁନାଲ ବେଆଇନ ଦର୍ଶାଇଥିଲେ। ଗୋଟିଏ ମାସ ମଧରେ ରାୟର ଚ୍ୟାଲେଞ୍ଜ କରିବାକୁ ଟାଟାସନ୍ସକୁ ୧ ମାସ ସମୟ ମିଳିଥିଲା। ସେହିଭଳି ମିସ୍ତ୍ରିଙ୍କୁ ପୁନଃ ଅଧକ୍ଷ ଭାବେ ଅବସ୍ଥାପିତ କରିବାକୁ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେଇଥିଲେ। ଏହି ଆଧାରରେ ଟାଟା ଟ୍ରଷ୍ଟ, ରତନ ଟାଟା, ଟିସିଏସ୍ ପ୍ରମୁଖ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ଯାହାର ଶୁଣାଣି ଲାଗି ଚଳିତ ସପ୍ତାହ ଶୁକ୍ରବାର ସମୟ ଧାର୍ଯ୍ୟ ହୋଇଛି। ସୁଚନାଯୋଗ୍ୟ, ୨୦୧୬ ଅକ୍ଟୋବରରେ ସାଇରସ ମିସ୍ତ୍ରିଙ୍କୁ ଏକ ବିବାଦୀୟ ସ୍ଥିତିରେ ଟାଟାସନ୍ସର ଅଧକ୍ଷ ପଦବୀରୁ ବିଦା କରାଯାଇଥିଲା। ଏହା ବିରୋଧରେ ମିସ୍ତ୍ରି ପ୍ରଥରେ ନ୍ୟାଶନାଲ କମ୍ପାନୀ ଲ ଟ୍ରିବ୍ୟୁନାଲ(ଏନ୍ସିଏଲ୍ଟି)ଙ୍କ ଦ୍ୱାରସ୍ଥ ହୋଇଥିଲେ। ଏଠାରେ ମାମଲା ଟାଟାସନ୍ସ ସପକ୍ଷରେ ଶୁଣାଣି ହୋଇଥିଲା। ଏହା ପରେ ମିସ୍ତ୍ରି ଏନ୍ସିଏଲ୍ଏଟିର ଦ୍ୱାରସ୍ଥ ହୋଇଥିଲେ ସେଠାରେ ତାଙ୍କ ସମକ୍ଷରେ ମାମଲା ଯାଇଥିଲା।

## ବାଣିଜ୍ୟ ଲିଡରଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ

**ମୁମ୍ବାଇ,୭-୧:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୨୦-୨୧ ସାଧାରଣ ବଜେଟର ଅବ୍ୟବହିତ ପୂର୍ବରୁ ଦେଶର ବାଣିଜ୍ୟ ଲିଡରଙ୍କୁ ସୋମବାର ଭେଟିଛନ୍ତି। ଅର୍ଥ ବ୍ୟବସ୍ଥା ସାମ୍ନାରେ ରହିଥିବା ବିଭିନ୍ନ ଚ୍ୟାଲେଞ୍ଜ, ନିଯୁକ୍ତି ସୃଷ୍ଟି ଏବଂ ଅଭିବୃଦ୍ଧି ସମ୍ପର୍କିତ ବିଭିନ୍ନ ପଦକ୍ଷେପ ଉପରେ ବୈଠକରେ ଆଲୋଚନା ହୋଇଛି। ବୈଠକରେ ରିଲାଏନ୍ସ ଗ୍ରୁପ ଅଧକ୍ଷ ମୁକେଶ ଅମ୍ବାନୀ, ଟାଟା ଗ୍ରୁପର ସେବା ନିବୃତ୍ତ ଅଧକ୍ଷ ରତନ ଟାଟା, ଭାରତୀ ଏୟାରଟେଲ ଅଧକ୍ଷ ସୁନୀଲ ଭାରତୀ ମିତ୍ତଲ, ଆଦାନୀ ଗ୍ରୁପ ଅଧକ୍ଷ ଗୌତମ ଆଦାନୀ, ମହିନ୍ଦ୍ରା ଗ୍ରୁପ ଅଧକ୍ଷ ଆନନ୍ଦ ମହିନ୍ଦ୍ରା, ବେଦାନ୍ତ ରିସୋର୍ସେସ ଅଧକ୍ଷ ଅନୀଲ ଅଗ୍ରୱାଲ ଆଲୋଚନାରେ ସାମିଲ ହୋଇଥିଲେ।

> ଦେଶ ମଧରେ ପିଆଜ ଯୋଗାଣକୁ ତ୍ୱରାନ୍ୱିତ ଏବଂ ଦର ବୃଦ୍ଧିକୁ ନିୟନ୍ତ୍ରଣ କରିବା ଲାଗି ସରକାର ବିଦେଶରୁ ପିଆଜ ଆମଦାନି ଧାରା ଜାରି ରଖିଛନ୍ତି।
> – ରାମବିଳାସ ପାଶ୍ୱାନ, କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରୀ



> ନିୟାମକଗୁଡିକ ସରକାରଙ୍କ ଅନୁଦାନ ଉପରେ ବେଶି ନିର୍ଭରଶୀଳ ନ ହୋଇ ନିଜସ୍ୱ ଆୟ ଉତ୍ସ ରଖିବା ଆବଶ୍ୟକ।
> – ୟୁ. କେ. ସିହ୍ନା, ପୂର୍ବତନ ସେବି ମୁଖ୍ୟ



# ଆଜି ଧର୍ମଘଟ ପ୍ରଭାବିତ ହେବ ବ୍ୟାଙ୍କିଙ୍ଗ୍ ସେବା

**ନୂଆଦିଲ୍ଲୀ/ଭୁବନେଶ୍ୱର, ୭-୧**

ବୁଧବାର ୧୦ ଶ୍ରମିକ ସଙ୍ଗଠନ ପକ୍ଷରୁ ଦେଶବ୍ୟାପୀ ଦିଆଯାଇଥିବା ଧର୍ମଘଟ ଡାକରା ଯୋଗୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକରେ ବ୍ୟାଙ୍କିଙ୍ଗ୍ ସେବା ପ୍ରଭାବିତ ହେବାର ଆଶଙ୍କା ଉପୁଜିଛି। ଅଧିକାଂଶ ବ୍ୟାଙ୍କ ଏହି ଧର୍ମଘଟ ଏବଂ ବ୍ୟାଙ୍କିଙ୍ଗ୍ ସେବା ପ୍ରଭାବିତ ହେବା ନେଇ ଷ୍ଟକ ଏକ୍ସଚେଞ୍ଜକୁ ଅବଗତ କରାଇଛନ୍ତି। ଧର୍ମଘଟରେ ସାମିଲ ହେବା ନେଇ ଅଲ ଇଣ୍ଡିଆ ବ୍ୟାଙ୍କ ଏମ୍ପ୍ଲଇ ଆସୋସିଏଶନ(ଏଆଇବିଇଏ), ଅଲ୍ ଇଣ୍ଡିଆ ବ୍ୟାଙ୍କ ଅଫିସର୍ସ ଆସୋସିଏଶନ(ଏଆଇବିଓଏ), ବିଇଏଫ୍ଆଇ, ଆଇଏନ୍ବିଇଏଫ୍, ଆଇଏନ୍ବିଓସି, ବ୍ୟାଙ୍କ କର୍ମଚାରୀ ସେନା ମହାସଂଘ(ବିକେଏସ୍ଏମ୍) ଭଳି ସଂଘ ସମ୍ମତି ଦେଇଛନ୍ତି। ଧର୍ମଘଟ ଯୋଗୁ ବ୍ୟାଙ୍କରେ ଜମା, ଉଠାଣ, ଚେକ୍ କ୍ଲିୟରାନ୍ସ, ଇନଷ୍ଟ୍ରୁମେଣ୍ଟ କ୍ଲିୟରାନ୍ସ ପ୍ରଭାବିତ ହେବା ନେଇ ଆଶଙ୍କା ଉପୁଜିଛି। ଘରୋଇ ବ୍ୟାଙ୍କ ସେବାରେ କୌଣସି ପ୍ରଭାବ ପଡିବ ନାହିଁ ବୋଲି କୁହାଯାଉଛି।



■ ଘରୋଇ ବ୍ୟାଙ୍କ କାରବାର ବନ୍ଦ ହେବନି

୧୦ ଶ୍ରମିକ ସଙ୍ଗଠନର ଧର୍ମଘଟ

ଧର୍ମଘଟରେ ସାରା ଦେଶରେ ପ୍ରାୟ ୨୫ କୋଟି ଲୋକ ସାମିଲ ହେବେ ନେଇ ଶ୍ରମିକ ସଙ୍ଗଠନ ପକ୍ଷରୁ ସୋମବାର ଏକ ମିଳିତ ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି। ସରକାର ବିଭିନ୍ନ ଜନବିରୋଧ ନୀତିକୁ ବିରୋଧ କରି ଏଭଳି ପ୍ରଦର୍ଶନ ହେଉଥିବା ସେମାନେ କହିଛନ୍ତି। ଏଥିରେ ଆଇଏନ୍ଟିୟୁସି, ଏଆଇଟିୟୁସି, ଏଚ୍ଏମ୍ଏସ୍, ସିଆଇଟିୟୁ, ଏଆଇଟିୟୁସି, ଟିୟୁସିସି, ଏସ୍ଇଡବ୍ଲ୍ୟୁଏ, ଏଆଇସିଟିୟୁ, ଏଲ୍ପିଏଫ୍, ୟୁଟିୟୁସି ଭଳି ଶ୍ରମିକ ସଙ୍ଗଠନ ଏଥିରେ ସାମିଲ ହେବେ। ଏହାବାଦ ବିଭିନ୍ନ କ୍ଷେତ୍ରରେ ସ୍ୱାଧୀନ ମହାସଂଘ, ସଙ୍ଗଠନ ମଧ ଏଥିରେ ଯୋଗ ଦେବେ।

ସଂଘ ପକ୍ଷରୁ କୁହାଯାଇଛି ଯେ, ଚଳିତ ବର୍ଷ ଜାନୁୟାରୀରେ ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ ଅନୁଷ୍ଠିତ ହୋଇଥିବା ବୈଠକରେ ସରକାର ଶ୍ରମିକମାନଙ୍କର ଦାବିକୁ ପୂରଣ କରିବାରେ ଅକ୍ଷମତା ପ୍ରକାଶ କରିଛନ୍ତି। ସରକାର ଦାବି ଶୁଣିବାକୁ ଅଗ୍ରାହ୍ୟ କରିଦେଉଛନ୍ତି। ବିଭିନ୍ନ ଅସୁବିଧା ଆଧାରରେ ଶ୍ରମିକ ବିରୋଧୀ, ଲୋକ ବିରୋଧୀ, ଜାତୀୟତା ବିରୋଧୀ ନୀତିକୁ ବିରୋଧ କରି ଧର୍ମଘଟରେ ଓହ୍ଲାଇବାକୁ ନିଷ୍ପତ୍ତି ନିଆଯାଇଛି।

### ଧର୍ମଘଟରେ ସାମିଲ ନ ହେବାକୁ ରାଷ୍ଟ୍ରାୟତ୍ତ କର୍ମଚାରୀଙ୍କୁ ତାଗିଦ

**ନୂଆଦିଲ୍ଲୀ,୭-୧:** ବୁଧବାରର ଦେଶବ୍ୟାପୀ ଧର୍ମଘଟରେ ଯୋଗ ନ ଦେବା ଲାଗି ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକ ସେମାନଙ୍କ କର୍ମଚାରୀଙ୍କୁ ବିରତ କରନ୍ତୁ ବୋଲି ସରକାର ଉଦ୍ୟୋଗଗୁଡିକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଦିନ କମ୍ପାନୀ ଯେଭଳି ଠିକ୍ ଭାବେ ଚାଲିପାରିବ ସେ ନେଇ ଏକ ଜରୁରିକାଳୀନ ଯୋଜନା ହାତକୁ ନେବା ଲାଗି କୁହାଯାଇଛି। ଯେଉଁ କର୍ମଚାରୀମାନେ ଧର୍ମଘଟରେ ସାମିଲ ହେବେ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କର୍ମଚାରୀଙ୍କ ଦରମା କାଟ ହେବ ବୋଲି ସରକାର ଜାରି କରିଥିବା ଏକ ସରକାରୀ ପତ୍ରରେ କୁହାଯାଇଛଛି। ଷ୍ଟ୍ରାଇକ ସମୟରେ କାହାକୁ କାଜୁଆଲ୍ ଲିଭ ମଞ୍ଜୁରୀ କରାଯିବ ନାହିଁ। କାର୍ମିକ ଏବଂ ତାଲିମ ବିଭାଗ ପକ୍ଷରୁ ଏଭଳି ନିର୍ଦ୍ଦେଶ ଜାରି କରାଯାଇଛି।

# ବିତ୍ତୀୟ ନିଅଣ୍ଟ ଚିନ୍ତା ଖର୍ଚ୍ଚକାଟ ନେଇ ସରକାରଙ୍କ ଯୋଜନା

**ନୂଆଦିଲ୍ଲୀ,୭-୧**

ସରକାରଙ୍କ ଖର୍ଚ୍ଚ ବଢିଥିଲେ ମଧ ସେହି ମୁତାବକ ରାଜସ୍ୱ ଆସିବା ଏବେ କଷ୍ଟକର ହେଉଛି। ରାଜସ୍ୱ ସଂଗ୍ରହ କମିଥିବା ବେଳେ ବିତ୍ତୀୟ ନିଅଣ୍ଟ ବଜେଟ ଧାର୍ଯ୍ୟ ଲକ୍ଷ୍ୟର ୧୧୫% ଟପିଛି। ସରକାର ନିଅଣ୍ଟକୁ ନିୟନ୍ତ୍ରିତ କରିବା ଲାଗି ଖର୍ଚ୍ଚ କାଟ ଯୋଜନା ହାତକୁ ନେବାକୁ ଚିନ୍ତା କରିଛନ୍ତି। ଚଳିତ ଆର୍ଥିକ ବର୍ଷରେ ସରକାର ତାଙ୍କର ମୋଟ ଖର୍ଚ୍ଚରୁ ୨୭.୮୧ ବିଲିୟନ ଡଲାର ବା ପ୍ରାୟ ୨ ଲକ୍ଷ କୋଟି କାଟ କରପାରନ୍ତି। ପ୍ରକ୍ରିୟା ସହ ଜଡିତ ଜଣେ ସରକାରୀ ଅଧିକାରୀ ଏସମ୍ପର୍କରେ ମଙ୍ଗଳବାର ସୂଚନା ଦେଇଛନ୍ତି। ଏସିଆର ତୃତୀୟ ବୃହତ୍ ଅର୍ଥ ବ୍ୟବସ୍ଥା ଭାବେ ପରିଗଣିତ ଭାରତ ବର୍ତ୍ତମାନ ଜିଡିପି ଅଭିବୃଦ୍ଧି କ୍ଷେତ୍ରରେ ୬ବର୍ଷର ନିମ୍ନରେ ରହିଛି। ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟ ତ୍ରୈମାସରେ ଦେଶର ବିକାଶ ହାର ୪.୫%କୁ ଖସି ଆସିଛି। ଏବେ ଚାହିଦା ଏବଂ ଘରୋଇ ନିବେଶ କମିବା ଯୋଗୁ ଅର୍ଥ ବ୍ୟବସ୍ଥାର ବିକାଶ ହାର ମନ୍ଥର ହୋଇଛି। ଏଭଳି ସ୍ଥିତିରେ ସରକାର ଯଦି ଖର୍ଚ୍ଚ କମାନ୍ତି ଏହା ଦେଶର ଅର୍ଥ ବ୍ୟବସ୍ଥାର ବିକାଶ ହାର ଉପରେ ନକାରାତ୍ମକ ପ୍ରଭାବ ପକାଇବ ବୋଲି ବଜାର ବିଶେଷଜ୍ଞମାନେ ମତ ଦେଇଛନ୍ତି।

ଦେଶର ରାଜକୋଷକୁ ୨.୫ ଲକ୍ଷ କୋଟି ଟଙ୍କାର ରାଜସ୍ୱ କମ୍ ଆସୁଥିବାରୁ ବିତ୍ତୀୟ ନିଅଣ୍ଟକୁ ଧାର୍ଯ୍ୟ ଲକ୍ଷ୍ୟ ମଧରେ ସୀମିତ ରଖିବା ଲାଗି ସରକାରଙ୍କ ପାଖରେ ବିକଳ୍ପ କମ୍ ରହୁଛି। ଏଣୁ ସରକାର ଏଭଳି ପଦକ୍ଷେପ ନେଇପାରନ୍ତି ବୋଲି ଅଧିକାରୀ ମତ ପ୍ରକାଶ କରିଛନ୍ତି। ନଭେମ୍ବରର ଶେଷ ସୁଦ୍ଧା ମୋଟ ବ୍ୟୟ ଅଟକଳ ୨୭.୮୬ ଲକ୍ଷ କୋଟି ମଧରୁ ମଧରୁ ସରକାର ନଭେମ୍ବର ସୁଦ୍ଧା ୬୫% ଅର୍ଥ ଖର୍ଚ୍ଚ କରିଛନ୍ତି। ମାତ୍ର ଅକ୍ଟୋବର ଏବଂ ନଭେମ୍ବରରେ ଯେଉଁ ଭାବେ ଖର୍ଚ୍ଚ କରାଯିବା କଥା ତାର ହାରକୁ କମାଯାଇଛି ବୋଲି ସରକାରୀ ଡାଟା ପ୍ରକାଶ ପାଇଛି। ୨ ଲକ୍ଷ କୋଟି ଖର୍ଚ୍ଚ କମିଲେ ଏହା ମୋଟ ଅଟକଳର ପ୍ରାୟ ୭% ହେବ। ଅକ୍ଟୋବର ନଭେମ୍ବରରେ ସରକାରଙ୍କ ଖର୍ଚ୍ଚ ୧.୬ ଲକ୍ଷ କୋଟି ଟଙ୍କା ରହିଛି। ଏହା ସେପ୍ଟେମ୍ବରରେ ଖର୍ଚ୍ଚ ତୁଳନାରେ ପ୍ରାୟ ଅଧା। ସେପ୍ଟେମ୍ବରରେ ସରକାର ୩.୧ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିଥିଲେ। ଚାହିଦା ହ୍ରାସ ଏବଂ କର୍ପୋରେଟଗୁଡିକର ଆୟ କମିବା ଯୋଗୁ ଚଳିତ ବର୍ଷ ସରକାରଙ୍କ ରାଜସ୍ୱ ମଧ କମୁଛି। ଏହା ଯୋଗୁ ଅର୍ଥବ୍ୟବସ୍ଥା ମଧ ବାଧାପ୍ରାପ୍ତ ହୋଇଛି।



ଯେତେବେଳେ ଘରୋଇ କମ୍ପାନୀଙ୍କ ନିବେଶ ଅତିମାତ୍ରାରେ ହ୍ରାସ ଘଟେ ସେତେବେଳେ ଅର୍ଥ ବ୍ୟବସ୍ଥାର ବିକାଶ ହାର ଧୀମା ହୋଇଥାଏ ବୋଲି ଏଲ୍ଆଣ୍ଡଟି ଫାଇନାନ୍ସର ମୁଖ୍ୟ ଅର୍ଥନୀତିଜ୍ଞ ରୂପା. ଆର. ନିତୁସାର୍ କହିଛନ୍ତି। ଚଳିତ ବର୍ଷ ଫେବୃୟାରୀ ସୁଦ୍ଧା କେନ୍ଦ୍ରୀୟ ବ୍ୟାଙ୍କ ୧୩୫ ବେସିସ୍ ପଏଣ୍ଟ ରେପୋ କମାଇବା ପରେ ମଧ ଏହାର ପ୍ରଭାବ ଅର୍ଥ ବ୍ୟବସ୍ଥା ଉପରେ ଦେଖାଯାଇନାହିଁ। ଅର୍ଥ ବ୍ୟବସ୍ଥା ବିକାଶ ହାର ୬ ବର୍ଷର ସର୍ବନିମ୍ନ ସ୍ତରକୁ ଖସିଥିବା ବେଳେ ଦରଦାମ ବଢୁଥିବାରୁ ଏହାକୁ ନେଇ ରିଜର୍ଭ ବ୍ୟାଙ୍କ ଚିନ୍ତା ପ୍ରକଟ କରିଛି। ଶେଷଥର ହୋଇଥିବା ମୁଦ୍ରାନୀତି ସମୀକ୍ଷା ବୈଠକରେ କେନ୍ଦ୍ରୀୟ ବ୍ୟାଙ୍କ ଏହାର ସୁଧହାର ହ୍ରାସ ଧାରାରେ ବିରତି ଦେଇଛି। ସେହିଭଳି ଚଳିତ ଆର୍ଥିକ ବର୍ଷରେ ବିକାଶ ହାର ୫%କୁ ଖସିବ ବୋଲି କେନ୍ଦ୍ରୀୟ ବ୍ୟାଙ୍କ ଏହାର ପୂର୍ବାନୁମାନରେ କହିଛି। ଏହା ହେଲେ ବିକାଶ ହାର ୧୦ ବର୍ଷର ନିମ୍ନ ସ୍ତରକୁ ଖସିଯିବ। ଗତ ବର୍ଷ ସେପ୍ଟେମ୍ବରରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କର୍ପୋରେଟ ଟିକସକୁ କମାଇବା ସତ୍ତ୍ୱେ ଘରୋଇ ବଜାରରେ ଉତ୍ସାହଜନକ ନିବେଶ ଦେଖାଯାଇନାହିଁ। ଚଳିତ ଆର୍ଥିକ ବର୍ଷରେ ସରକାର ବିତ୍ତୀୟ ନିଅଣ୍ଟକୁ ମୋଟ ଜିଡିପିର ୩.୮% ରଖିପାରନ୍ତି। ଏହା ପୂର୍ବରୁ ୩.୩% ସ୍ତରରେ ରହିଥିଲା। ଅତିରିକ୍ତ ଋଣ କରିବା ନେଇ ସରକାର ଶୀଘ୍ର ଘୋଷଣା କରିପାରନ୍ତି ବୋଲି ଅଧିକାରୀ ଜଣକ କହିଛନ୍ତି।

# ମାର୍ଚ୍ଚ ସୁଦ୍ଧା ରାଜ୍ୟ ଇଜ୍ ଅଫ୍ ଡୁଇଂ ବିଜ୍ନେସ ର୍ୟାଙ୍କିଙ୍ଗ୍

**ନୂଆଦିଲ୍ଲୀ,୭-୧**

ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳଗୁଡିକର ପରବର୍ତ୍ତୀ ଇଜ୍ ଅଫ୍ ଡୁଇଂ ବିଜନେସ ର୍ୟାଙ୍କିଙ୍ଗ ଆସନ୍ତା ମାର୍ଚ୍ଚରେ ଆସିବା ସମ୍ଭାବନା ରହିଛି। ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ ଏହି ସୂଚକାଙ୍କ ଜାରି କରାଯାଉଥିବା ବେଳେ ରାଜ୍ୟଗୁଡିକରେ ବାଣିଜ୍ୟ କରିବାର ସୁବିଧା ସୁଯୋଗ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗକୁ ଏଠାରେ ସାମିଲ କରାଯାଇଥାଏ ବୋଲି ପ୍ରକ୍ରିୟା ସହ ଜଡ଼ିତ ଜଣେ ଅଧିକାରୀ ମଙ୍ଗଳବାର ସୂଚନା ଦେଇଛନ୍ତି। ଅଧିକାରୀ ଜଣକ କହିଛନ୍ତି ଯେ, ଏହା ଫେବୃୟାରୀ ଶେଷ କିମ୍ବା ମାର୍ଚ୍ଚରେ ଆସିପାରେ। ବିଭିନ୍ନ ରାଜ୍ୟରେ ନିର୍ବାଚନ ଯୋଗୁ ଏହି ରିପୋର୍ଟ ଜାରି କରିବା ବିଳମ୍ବ ହୋଇଥିବା ସେ ସ୍ପଷ୍ଟ କରିଛନ୍ତି। ଦେଶରେ ବାଣିଜ୍ୟିକ ପରିବେଶକୁ ଉନ୍ନତ କରିବା ଏବଂ ରାଜ୍ୟ ସ୍ତରରେ ଏ ନେଇ ଏକ ପ୍ରତିଦ୍ୱନ୍ଦ୍ୱିତା ମନୋଭାବ ଆଣିବା ଦିଗରେ ପଦକ୍ଷେପ ଗ୍ରହଣ କରାଯାଉଛି। ରାଜ୍ୟଗୁଡିକ ଏଥିରେ ଉନ୍ନତି କଲେ ଘରୋଇ ତଥା ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରର ନିବେଶକଙ୍କୁ ଆକୃଷ୍ଟ କରିବା ସହଜ ହେବ ବୋଲି ଅଧିକାରୀ ମତ ଦେଇଛନ୍ତି।

ଇଜ୍ ଅଫ୍ ଡୁଇଂ ବିଜନେସର ପ୍ରୋତ୍ସାହନ ଲାଗି ରାଜ୍ୟଗୁଡିକ ବିଭିନ୍ନ ପଦକ୍ଷେପ ନେଇଛନ୍ତି। ଏହା ମଧରେ ସିଙ୍ଗଲୱିଣ୍ଡୋ ସିଷ୍ଟମ ମଞ୍ଜୁରୀ ବ୍ୟବସ୍ଥା ରହିଛି। ରାଜ୍ୟଗୁଡିକର ର୍ୟାଙ୍କ ପ୍ରସ୍ତୁତି ଲାଗି ନିର୍ମାଣ ଅନୁମତି, ଶ୍ରମ ଆଇନ, ପରିବେଶ ମଞ୍ଜୁରୀ, ସୂଚନା ଲାଭ, ଜମିର ଉପଲବ୍ଧତା, ସିଙ୍ଗଲ ୱିଣ୍ଡୋ ସିଷ୍ଟମ ଭଳି ବିଭିନ୍ନ ସୁବିଧା ସାମିଲ ରହିଛି। ଡିପାର୍ଟମେଣ୍ଟ ଫର ପ୍ରମୋଶନ ଅଫ୍ ଇଣ୍ଡଷ୍ଟ୍ରି ଆଣ୍ଡ ଇଣ୍ଟରନାଲ ଟ୍ରେଡ୍(ଡିପିଆଇଆଇଟି) ଏବଂ ବିଶ୍ୱ ବ୍ୟାଙ୍କ ମିଳିତ ହୋଇ କେନ୍ଦ୍ର ଶାସିତ ଅଞ୍ଚଳ ଏବଂ ରାଜ୍ୟଗୁଡିକର ବାଣିଜ୍ୟ ସଂସ୍କାର ଧାରା ଜାରି ରଖିଛନ୍ତି। ଏ ଦିଗରେ ବିଜନେସ୍ ରିଫର୍ମ ଆକ୍ସନ ପ୍ଲାନ(ବିଆର୍ଏପି) କାର୍ଯ୍ୟଧାରା ଜାରି ହୋଇଛି। ଶେଷ ଥର ହୋଇଥିବା ର୍ୟାଙ୍କିଙ୍ଗ ଜୁଲାଇ ୨୦୧୮ରେ ପ୍ରକାଶ ପାଇଥିଲା। ଏଥିରେ ଆନ୍ଧ୍ରପ୍ରଦେଶ ଶୀର୍ଷରେ ରହିଥିଲା। ଆନ୍ଧ୍ରପ୍ରଦେଶ ଦ୍ୱିତୀୟ ଏବଂ ହରିୟାଣା ତୃତୀୟ ସ୍ଥାନରେ ଥିଲା। ଶୀର୍ଷ ୧୦ ରାଜ୍ୟ ମଧରେ ଯଥାକ୍ରମେ ଝାଡଖଣ୍ଡ(୪), ଗୁଜରାଟ(୫), ଛତିଶଗଡ(୬), ମଧ ପ୍ରଦେଶ(୭), କର୍ଣାଟକ(୮), ରାଜସ୍ଥାନ(୯) ଏବଂ ପଶ୍ଚିମବଙ୍ଗ ୧୦ମ ସ୍ଥାନରେ ରହିଛି। ବିଶ୍ୱ ବ୍ୟାଙ୍କ ପକ୍ଷରୁ ପ୍ରକାଶିତ ଇଜ ଅଫ୍ ଡୁଇଂ ବିଜନେସ ରିପୋର୍ଟରେ ଭାରତ ୧୯୦ ଦେଶ ମଧ୍ୟରୁ ୬୩ତମ ସ୍ଥାନରେ ରହିଛି। ଏହି ଧାରାରେ ଉନ୍ନତି ଆଣିବା ଲାଗି ବାଣିଜ୍ୟ ମନ୍ତ୍ରଣାଳୟ ବିଭିନ୍ନ ଦିଗ ଉପରେ କାମ କରୁଛି। ଆସନ୍ତା ବର୍ଷରେ ଶୀର୍ଷ ୫୦ ଦେଶ ମଧକୁ ଆଣିବା ଲାଗି ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି।

# ଟିକସ ବ୍ୟବସ୍ଥାର ସରଳୀକରଣ ଲାଗି ପଦକ୍ଷେପ ନିଆଯାଉଛି: ସୀତାରାମନ୍

**ନୂଆଦିଲ୍ଲୀ,୭-୧**

ଦେଶରେ ଟିକସ ବ୍ୟବସ୍ଥାର ସରଳୀକରଣ ଲାଗି ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ମଙ୍ଗଳବାର ସୂଚନା ଦେଇଛନ୍ତି। ସେହିଭଳି ସାଧୁ ଟିକସଦାତାଙ୍କ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ଶେଷ କରିବା ଦିଗରେ କାର୍ଯ୍ୟପନ୍ଥା ଗ୍ରହଣ କରାଯାଉଥିବା ସେ ମତ ଦେଇଛନ୍ତି। କନଫେଡେରେଶନ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ (ସିଏଆଇଟି)ର ଏକ କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ଅର୍ଥମନ୍ତ୍ରୀ କହିଛନ୍ତି ଯେ, ଜିଏସ୍ଟି ଫାଇଲିଂ ସିଷ୍ଟମର ଉନ୍ନତୀକରଣ ଲାଗି ସରକାର ପରାମର୍ଶ ଗ୍ରହଣ କରୁଛନ୍ତି। ବିଭିନ୍ନ ଅଂଶୀଦାରଙ୍କ ପରାମର୍ଶ ଗ୍ରହଣ କରିବା ପରେ ତାକୁ ଆଧାର କରି ସରକାର ପରବର୍ତ୍ତୀ ଯୋଜନା ହାତକୁ ନେଉଛନ୍ତି। ଟିକସଦାତାଙ୍କ ଏବଂ ଅଧିକାରଙ୍କ ମଧରେ ଇଣ୍ଟରଫେସ ବା ସାମ୍ନାସାମ୍ନି ନ ହୋଇ ମଧ ଫେସଲେସ୍ ଇ-ଆସେସମେଣ୍ଟ ବ୍ୟବସ୍ଥା ଗତ ବର୍ଷ ଅକ୍ଟୋବରରେ ଆରମ୍ଭ ହୋଇଛି। ଆୟକର ବିଭାଗ ଡକ୍ୟୁମେଣ୍ଟ ଆଇଡେଣ୍ଟିଫିକେଶନ ନମ୍ବର (ଡିଆଇଏନ୍) ମଧ ଶୁଭାରମ୍ଭ କରିଛି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କଶିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ। ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ-2%
M: 7749011485, 7608013153
Salt Lake City, Kolkata-700091, Panditagaon, Khalikote, Ganjam

ଖର୍ଚ୍ଚ ଋଣରୁ କଟିବ
MAHALAXMI FINANCE
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ *T&C
1% ସୁଧ | 40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
9518852216, 9548270863
ADDRESS: T-51, GAUTAMPURI, DELHI

BUSINESS

ASTROLOGY

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397, 9953959390

NEW YEAR DHAMAKA
ହର୍ କଦମ ଆପକେ ସାଥ୍
ମହାଲକ୍ଷ୍ମୀ ଋଣ 1993ରୁ ଆପଣଙ୍କର ସେବାରେ (NBFC Registered) କମ୍ପାନୀ ଦ୍ୱାରା ଏଜୁକେଶନ୍, ସମ୍ପତି, ପେ-ସ୍ଲିପ୍ ଗ୍ରୁପ ଋଣ ମାତ୍ର 24 ଘଣ୍ଟାରେ ପାଆନ୍ତୁ। (ଖର୍ଚ୍ଚ ଲୋନ ପାସ୍ ହେଲା ପରେ) 2% ସୁଧ 40% ଛାଡ।
52, Bhupendra Bose Avenue, Bidhan Sarani, Kolkata, West Bengal- 700004
9536405151, 9520405151

KUBER FINANCE
Kuber ଋଣ 2% ବାର୍ଷିକ ସୁଧରେ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ।
ଯେବେ କଉଠି ନ ମିଳେ ଲୋନ୍ ଆମକୁ କରନ୍ତୁ ଫୋନ୍
Plot No-14/524, Chandini Chowk, Kolkata
8146524009, 7056393742

FINANCE
କୌଣସି ଲୋକ ନାଁ ରେ ପଇସା ନ ଦେଇ ଓଡିଶା ର ସମସ୍ତ ଜିଲ୍ଲାର ବ୍ୟାଙ୍କରୁ Stand Up India Scheme ଦ୍ୱାରା 8 % ସୁଧ, 30% Subsidy ସହିତ 3 ଲକ୍ଷ ରୁ 3 କୋଟି ପର୍ଯ୍ୟନ୍ତ ଋଣ ନେଇପାରିବେ, କେବଳ ସୁଧ ଦିଅନ୍ତୁ ଓ ମୂଳ ନିଜ ସୁବିଧା ଅନୁସାରେ ଦେଇପାରିବେ।
Ground Floor, Krishna Apartment, Badagada Brit Colony, Bhubaneswar 751018
8584044586, 8584044492

INDUS TOWER
ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ପ୍ଲଟ୍, ଚାଷଜମିରେ ଡିଜିଟାଲ ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ 70 ଲକ୍ଷ, ଭଡ଼ା 50000 + ମାସିକ 35000/-ର ଅନ୍ୟାନ୍ୟ ସୁବିଧା। ଅଗ୍ରିମ + ଭଡ଼ା ସର୍ଭେ ସମ୍ପାଦନ ପରେ।
ଯୋଗାଯୋଗ 9019390792
Address: Kankar Kooi, Saharanpur, Uttar Pradesh - 247001

ଅଲ୍ ଇଣ୍ଡିଆ ଖୋଲା ଚାଲେଞ୍ଜ
2 ଘଣ୍ଟାରେ 100% ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା, ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ଝଗଡ଼ା, ପ୍ରେମବିବାହ, ଗୃହକ୍ଲେଶ, ପ୍ରପର୍ଟି, କୋର୍ଟ-କେସ୍, ଯାଦୁ-ଟୋନା, ବିଦେଶ ଯାତ୍ରା, ବଶୀକରଣ, ଗୁଣି-ଗାରେଡ଼ି
AtoZ ସମସ୍ୟାର ସମାଧାନ ଘରେ ବସି।
ବାବା ଅଲାଉଦ୍ଦିନ ବଙ୍ଗାଲି
ସ୍ପେ. ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦେବେ ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
କାମ ନ ହେଲେ ଟଙ୍କା ଫେରସ୍ତ
8376889657, 9971793786

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429, 8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଲକ୍ଷ୍ମୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ। ୧% ସୁଧରେ ଘରେ ବସି ପାଆନ୍ତୁ (All Odisha)।
ମହିଳା ଓ ଚାଷୀ ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
Neha - 7587695952, Mansi - 9977126495, Vedika - 7773046066, Riya - 9630505047, Priya - 8269113958, Anju - 7509661004

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ, ପତି-ପତ୍ନି ମଧରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ, ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୂଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900, 9899587663

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday

“ କାସ୍ପର ରୁଡ୍‌ଙ୍କ ବିପକ୍ଷରେ ଖେଳିବା ବୋରିଂ ବୋଲି ଯଦିଓ ନିକ୍ କିରଗିଓସ କୁହନ୍ତି, କିନ୍ତୁ ମୋ ଦୃଷ୍ଟିରେ ଏହି ଖେଳାଳିଙ୍କ ଭବିଷ୍ୟତ ଉଜ୍ଜ୍ୱଳ ।

–ରାଫାଲ ନାଡାଲ, ଟେନିସ ଖେଳାଳି



“ ଭାରତ ବିପକ୍ଷରେ ପ୍ରତିଶୋଧ ନେବା ଆମ ମନରେ ନାହିଁ, ରୋମାଞ୍ଚକ ଟେଷ୍ଟ ସିରିଜକୁ ଆମେ ଉତ୍କଣ୍ଠାର ସହିତ ଅପେକ୍ଷା କରି ରହିଛୁ ।

–ଟିମ୍ ପେନ୍, ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ



## ସଂକ୍ଷେପରେ

### ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ୍
## ଫକୀରମୋହନ ବିଜୟୀ

**କଟକ ଅଫିସ,୭।୧:** ରେଭେନଶାରେ ଚାଲିଥିବା ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟରେ ମଙ୍ଗଳବାର ସମ୍ବଲପୁରର ଫକୀରମୋହନ ବିଶ୍ୱବିଦ୍ୟାଳୟ ୨୬୨ରନରେ ବିହାରର ଏମ୍‌ଜିସିୟୁ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଫକୀରମୋହନ ଦଳ ଅବିନାଶ ସିଂଙ୍କ ୭୪ରନ ସହାୟତାରେ ୭ ଉଇକେଟ ହରାଇ ୩୦୦ରନ କରିଥିଲା। ଏମ୍‌ଜିସିୟୁ ପକ୍ଷରୁ ସନ୍ତୋଷ କୁମାର ସର୍ବାଧିକ ୨ଟି ଉଇକେଟ ଦଖଲ କରିଥିଲେ। ଜବାବରେ ଏମ୍‌ଜିସିୟୁ ମାତ୍ର ୩୮ ରନରେ ଅଲଆଉଟ ହୋଇଥିଲା। ଫକୀରମୋହନ ପକ୍ଷରୁ ସନ୍ତୋଷ ଦାସ ୪ଟି ଓ ମହମ୍ମଦ ମାସୁଦ ୩ଟି ଉଇକେଟ ଅକ୍ତିଆର କରିଥିଲେ। ଏଠାରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ ମଧ ବିଶ୍ୱବିଦ୍ୟାଳୟ ୨ ଉଇକେଟରେ ଭୁବନେଶ୍ୱରର କିଟ୍‌କୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା କିଟ୍ ୧୨୭ରନରେ ଅଲଆଉଟ ହୋଇଥିଲା। ନିମ୍ନକ୍ରମର ବ୍ୟାଟ୍ସମ୍ୟାନ ଅଭିନନ୍ଦନ କୁମାରଙ୍କ ଅପରାଜିତ ୧୮ରନ ବଳରେ ମଧ ୮ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଅନ୍ୟ ମ୍ୟାଚ୍‌ରେ ଆଡାମାସ୍ ବିଶ୍ୱବିଦ୍ୟାଳୟ ୮ ଉଇକେଟରେ ତେଜପୁର ବିଶ୍ୱବିଦ୍ୟାଳୟକୁ ଓ ହେମଚାନ୍ଦ ବିଶ୍ୱବିଦ୍ୟାଳୟ ୮ ଉଇକେଟରେ ବର୍ଦ୍ଧମାନ ବିଶ୍ୱବିଦ୍ୟାଳୟକୁ, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ୬ ଉଇକେଟରେ ଟି.ଏମ. ବିଶ୍ୱବିଦ୍ୟାଳୟକୁ ହରାଇଥିଲା।

## ୟୁଥ୍ ଗେମ୍ସରେ ୬ ଓଡ଼ିଆ ମ୍ୟାଚ୍ ଅଫିସିଆଲ୍

**କଟକ ଅଫିସ,୭।୧:** ଜାନୁୟାରୀ ୧୧ରୁ ୧୪ ପର୍ଯ୍ୟନ୍ତ ଆସାମର ଗୁଆହାଟୀ ଠାରେ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ଅନୁଷ୍ଠିତ ହେବ। ମ୍ୟାଚ୍ ପରିଚାଳନା ନିମନ୍ତେ ଓଡ଼ିଶାର ୬ଜଣ ଟେକ୍ନିକାଲ ଅଫିସିଆଲଙ୍କୁ ଆଥ୍‌ଲେଟିକ ଫେଡେରେଶନ ଅଫ ଇଣ୍ଡିଆ ମନୋନୀତ କରିଛି। ଏମାନେ ହେଲେ ରୂପାନ୍ୱିତା ପଣ୍ଡା, ପ୍ରବୋଧ ମହାନ୍ତି, ସସ୍ମିତା ପଣ୍ଡା, ଭବାନୀ ଶଙ୍କର ଜେନା, ଆଶିଷ ପ୍ରଧାନ ଓ ଡ. ରମେଶ ସ୍ୱାଇଁ।

## ରୋନାଲ୍ଡୋଙ୍କ ୫୬ତମ ହ୍ୟାଟ୍ରିକ

**ମିଲାନ, ୭।୧ (ଏଏଫ୍‌ପି):** ପର୍ତ୍ତୁଗାଲ ଫୁଟ୍‌ବଲ ଲିଜେଣ୍ଡ କ୍ରିଷ୍ଟିଆନୋ ରୋନାଲ୍ଡୋ କ୍ୟାରିୟରର ୫୬ତମ ହ୍ୟାଟ୍ରିକ ସଫଳତା ପାଇଛନ୍ତି। ସ୍ଥାନୀୟ ଆଲିଆଞ୍ଜ ଷ୍ଟାଡିୟମରେ ଅନୁଷ୍ଠିତ ସିରିଏ ଏ'ର ଏକ ମୁକାବିଲାରେ ଦୁଇ ଇଟାଲୀର ପ୍ରଫେସନାଲ ଫୁଟ୍‌ବଲ କ୍ଲବ ଜୁଭେଣ୍ଟସ ଓ କାଗଲିଆରି ପରସ୍ପରକୁ ଭେଟିଥିଲେ। ଏଥିରେ ଜୁଭେଣ୍ଟସ୍ ୪-୦ ଗୋଲରେ ବିଜୟୀ ହୋଇଛି। ବିଜୟୀ ଦଳ ପକ୍ଷରୁ ୩୪ ବର୍ଷୀୟ ଷ୍ଟାର୍ ଖେଳାଳି ରୋନାଲ୍ଡୋ ହ୍ୟାଟ୍ରିକ ଗୋଲସ୍କୋର କରିଥିଲେ। ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧରେ ହିଁ ରୋନାଲ୍ଡୋ ୩ଟି (୪୯ତମ, ୬୭ତମ ଓ ୮୨ତମ) ଯାକ ଗୋଲ ଦେଇଥିଲେ। ଦ୍ୱିତୀୟ ଗୋଲଟି ପେନାଲ୍ଟିରୁ ମିଳିଥିଲା। ଗୋଞ୍ଜାଲୋ ହିଗୁଏନ୍ (୮୧ତମ) ଅନ୍ୟତମ ଗୋଲଟି ଦେଇଥିଲେ। ରୋନାଲ୍ଡୋଙ୍କ କ୍ୟାରିୟରର ଏହା ୫୬ତମ ତଥା ସିରିଏ ଏ'ରେ ପ୍ରଥମ ହ୍ୟାଟ୍ରିକ ରହିଥିଲା। ସେହିଭଳି ଜୁଭେଣ୍ଟସ୍ ପକ୍ଷରୁ ୨ୟ ହ୍ୟାଟ୍ରିକ ଥିଲା। ଅପରପକ୍ଷରେ ବିଶ୍ୱର ପ୍ରଥମ ଖେଳାଳିଭାବେ ରୋନାଲ୍ଡୋ ୧୦ଟି ବିଭିନ୍ନ ପ୍ରତିଯୋଗିତାରେ ହ୍ୟାଟ୍ରିକ ଗୋଲସ୍କୋର କରିବାର କୃତିତ୍ୱ ଅର୍ଜନ କରିଛନ୍ତି। ପୂର୍ବରୁ ରୋନାଲ୍ଡୋ ପ୍ରିମିୟର ଲିଗ୍, ଲା ଲିଗା, ଚାମ୍ପିୟନ୍ସ ଲିଗ୍, କୋପା ଡେଲ୍ ରେ, କ୍ଲବ ବିଶ୍ୱକପ୍, ବିଶ୍ୱକପ୍, ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ, ୟୁରୋ ଯୋଗ୍ୟତା ପର୍ଯ୍ୟାୟ ଓ ୟୁଫା ନେସନ୍ସ ଲିଗ୍‌ରେ ହ୍ୟାଟ୍ରିକ ଗୋଲ ଦେଇଥିଲେ। ବିଜୟ ଫଳରେ ଜୁଭେଣ୍ଟସ୍ ୧୮ ମ୍ୟାଚ୍‌ରୁ ୪୫ ପଏଣ୍ଟ ପାଇ ଗୋଲ ବ୍ୟବଧାନ ଦୃଷ୍ଟିରୁ ଇଣ୍ଟର ମିଲାନ (୪୫) ପଛକୁ ୨ୟ ସ୍ଥାନରେ ରହିଛି।

## ରେଡ୍‌ବୁଲ୍‌ରେ ରହିବେ ଭର୍ଷ୍ଟାପେନ୍

**ଲଣ୍ଡନ, ୭।୧ (ଏଏଫ୍‌ପି):** ମାକ୍ସ ଭର୍ଷ୍ଟାପେନ ରେଡ୍‌ବୁଲ୍ ସହ ତାଙ୍କ ଚୁକ୍ତିକୁ ନବୀକରଣ କରିଛନ୍ତି। ତଦନୁସାରେ ଏହି ଫର୍ମୁଲା ୱାନ ଦଳ ସହିତ ସେ ୨୦୨୩ ପର୍ଯ୍ୟନ୍ତ ରହିବେ। ୨୨ ବର୍ଷୀୟ ଡଚ୍ ଡ୍ରାଇଭରଙ୍କ ଚୁକ୍ତି ମିଆଦ ଚଳିତ ବର୍ଷ ଶେଷ ହୋଇଥାନ୍ତା। ୬ଥର ବିଶ୍ୱ ଚାମ୍ପିୟନ ଲୁଇସ୍ ହାମିଲଟନ ଯଦି ମର୍ସିଡିଜ୍ ପରିତ୍ୟାଗ କରି ଫେରାରିରେ ଯୋଗ ଦେଇଥାନ୍ତେ ତେବେ ତାଙ୍କ ସ୍ଥାନ ହୁଏତ ଭର୍ଷ୍ଟାପେନ୍ ପୂରଣ କରିଥାନ୍ତେ। ମର୍ସିଡିଜ ସହିତ ହାମିଲଟନଙ୍କ ଚୁକ୍ତି ସିଜନ ଶେଷରେ ସମାପ୍ତ ହେଉଛି।

### ସିନିୟର ମହିଳା ଟି୨୦ ଚ୍ୟାଲେଞ୍ଜର ଟ୍ରଫି
# ଫାଇନାଲରେ ଇଣ୍ଡିଆ 'ବି'

**କଟକ ଅଫିସ,୭।୧**

ବାରବାଟୀ ଷ୍ଟାଡିୟମରେ ଚାଲିଥିବା ସିନିୟର ମହିଳା ଟି୨୦ ଚ୍ୟାଲେଞ୍ଜର ଟ୍ରଫିରେ ଇଣ୍ଡିଆ-ବି ଦଳ ଦ୍ୱିତୀୟ ବିଜୟ ହାସଲ କରିଛି। ୩ଟି ମ୍ୟାଚ୍‌ରୁ ୧୦ ପଏଣ୍ଟ ହାସଲ କରି ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନରେ ରହିବା ସହିତ ପ୍ରଥମ ଦଳ ଭାବେ ଫାଇନାଲରେ ସ୍ଥାନ ସୁରକ୍ଷିତ କରିଛି ସ୍ମୃତି ମାନ୍ଧାନାଙ୍କ ନେତୃତ୍ୱାଧୀନ ଏହି ଦଳ। ମଙ୍ଗଳବାର ହରମନପ୍ରିତ କୌରଙ୍କ ନେତୃତ୍ୱାଧୀନ ଇଣ୍ଡିଆ-ସିକୁ ଇଣ୍ଡିଆ-ବି ଦଳ ୩୫ରନରେ ହରାଇଥିଲା। ଇଣ୍ଡିଆ-ବି ପକ୍ଷରୁ ଖେଳୁଥିବା ଓଡ଼ିଶାର ସୁଶ୍ରୀ ଦିବ୍ୟଦର୍ଶିନୀ ୨ଟି ଉଇକେଟ ଅକ୍ତିଆର କରିବା ସହ ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ତାଙ୍କ ବୋଲିଂ ସ୍ପେଲ ସୁଶ୍ରୀ ୪-୦-୧୮-୨ ରହିଥିଲା।

ଇଣ୍ଡିଆ-ବି ଅଧିନାୟିକା ସ୍ମୃତି ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରାରମ୍ଭରୁ ଦଳ ଚମତ୍କାର ବ୍ୟାଟିଂ କରିଥିଲା। ନିର୍ଦ୍ଧାରିତ ୨୦ ଓଭରରେ ଦଳ ୪ ଉଇକେଟ ହରାଇ ୧୩୯ରନ କରିଥିଲା। ଅଧିନାୟିକା ସ୍ମୃତି ସର୍ବାଧିକ ୩୪ରନ କରିଥିଲେ। ଏହା ମଧ୍ୟରେ ୪ ଚୌକା ଓ ୨ଟି ଛକା ସାମିଲ ଥିଲା। ଏହାଛଡ଼ା ଭେଲାସ୍ୱାମୀ ଭନିଥା ୩୦, ରିଚା ଘୋଷ ୨୨, ଜେମିହା ରୋଡ୍ରିଗ୍ସେଜ ୨୦ରନରେ ଆଉଟ ହୋଇଥିବା ବେଳେ ପୂଜା ବସ୍ତ୍ରକାର ୧୫ ଓ ଶିଖା ପାଣ୍ଡେ ୧୪ରନରେ ଅପରାଜିତ ଥିଲେ। ଇଣ୍ଡିଆ-ଏ ପକ୍ଷରୁ ସ୍ନେହ ରାଣା ସର୍ବାଧିକ ୨ଟି ଉଇକେଟ ନେଇଥିବା ବେଳେ ମାନସୀ ଯୋଶୀ ଓ ରାଧା ଯାଦବ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଇଣ୍ଡିଆ-ଏ ୭ ଉଇକେଟ ହରାଇ ୧୦୪ରନ କରି ପାରିଥିଲା। ଧୂଆଁଧାର ବ୍ୟାଟିଂ ସହ ୩୪ରନ କରିଥିବା ଓପନର ପ୍ରିୟା ପୁନିଆ ସୁଶ୍ରୀଙ୍କ ଶିକାର ହୋଇଥିଲେ। ଦୀପ୍ତି ଶର୍ମା ୩୩ରନ କରିଥିବା ବେଳେ ଅନ୍ୟ କେହି ଖେଳାଳି ଆଖିଦୃଶିଆ ପ୍ରଦର୍ଶନ କରି ପାରି ନଥିଲେ। ତାନିଆ ଭାଟିଆ ୧୧, ଦେବିକା ବୈଦ୍ୟ ୬, ଅଧିନାୟିକା ହରମନପ୍ରିତ କୌର ୬, ଭାରତୀ ଫୁଲମଲି ୧୧, ରାଧା ଯାଦବ ୨ରନ କରିଥିଲେ। ଇଣ୍ଡିଆ ବି ପକ୍ଷରୁ ସୁଶ୍ରୀ ୧୮ରନ ବିନିମୟରେ ୨ଟି ଉଇକେଟ ଅକ୍ତିଆର କରିଥିଲେ। ଅନୁଜା ପାଟିଲଙ୍କୁ ୨ଟି ଉଇକେଟ ମିଳିଥିବା ବେଳେ ତନୁଜା କନୱର, ପୂଜା ବସ୍ତ୍ରକାର ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।



କୋଚ୍ କ୍ଷୀରୋଦ ବେହେରାଙ୍କ ସହ ସୁଶ୍ରୀ।

### ସୁଶ୍ରୀଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି



ବିଜୟ ହାସଲ ପରେ ଖୁସି ମୁହୂର୍ତ୍ତରେ ଇଣ୍ଡିଆ-ବି ଦଳ।

## ବିଶ୍ୱକପ୍ ବିଜେତା ରୋସିଙ୍କ ଅବସର

**ବୁଏନ୍ସ ଏରିଜ୍, ୭।୧ (ଏଏଫ୍‌ପି):** ବିଶ୍ୱକପ୍ ବିଜେତା ଭେଟେରାନ ଇଟାଲି ଫୁଟ୍‌ବଲ ଖେଳାଳି ଡାନିଏଲ ଡି ରୋସି ଅବସର ଘୋଷଣା କରିଛନ୍ତି। ୩୬ ବର୍ଷୀୟ ରୋସି ୬ ମାସ ପୂର୍ବେ ଆର୍ଜେଣ୍ଟିନା ଭିତ୍ତିକ କ୍ଲବ ବୋକା ଜୁନିୟର୍ସରେ ଯୋଗ ଦେଇଥିଲେ। କିନ୍ତୁ ପରିବାରକୁ ଅଧିକ ସମୟ ଦେବା ଲାଗି ସେ ଏହି ନିଷ୍ପତ୍ତି ନେଇଛନ୍ତି। 'ମୋତେ ଘରକୁ ଯିବା ଜରୁରୀ ହୋଇଛି। ମୁଁ ମୋ ପରିବାରକୁ ଏବଂ ସେମାନେ ମୋତେ ମଧ୍ୟ ମିସ୍ କରୁଛନ୍ତି। ଏଥିଲାଗି ବୋକା ଓ ଫୁଟ୍‌ବଲ ଛାଡ଼ିବାକୁ ପଡ଼ିଲା' ବୋଲି ଇଟାଲିର ପ୍ରଫେଶନାଲ ଫୁଟ୍‌ବଲ କ୍ଲବ ରୋମା'ର ଏହି ପୂର୍ବତନ ମିଡ୍‌ଫିଲ୍ଡର ଅବସର ଘୋଷଣା ପରିପ୍ରେକ୍ଷୀରେ କହିଛନ୍ତି। ୨୦୦୪ରେ ଇଟାଲି ପକ୍ଷରୁ ପଦାର୍ପଣ କରିଥିବା ରୋସି ୨୦୧୭ ପର୍ଯ୍ୟନ୍ତ ଜାତୀୟ ଦଳ ପାଇଁ ୧୧୭ ମ୍ୟାଚ୍‌ରେ ପ୍ରତିନିଧିତ୍ୱ କରିଛନ୍ତି।

## ପଦକ ଆଶାରେ ଓଡ଼ିଶା ଲନ୍ ବଲ୍ ଦଳ



ଗୁଆହାଟୀ ଯାତ୍ରା କରିଥିବା ଓଡ଼ିଶା ଲନ୍ ବଲ୍ ଦଳ।

### ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ

**ଭୁବନେଶ୍ୱର, ୭।୧ (ସ୍ପୋର୍ଟ୍ସ ବ୍ୟୁରୋ):** ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ତୃତୀୟ ସଂସ୍କରଣ ଆସାମର ଗୁଆହାଟୀରେ ଆସନ୍ତା ୧୦ରୁ ୨୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଛି। ଭାରତୀୟ ବୋଲିଂ ସଂଘ (ବିଏଫଆଇ) ଅଧିନରେ ପରିଚାଳିତ 'ଲନ୍ ବଲ୍' ପ୍ରଥମ ଥର ପାଇଁ ଏଥିରେ ସାମିଲ ହୋଇଛି। ପ୍ରତିଯୋଗିତାରେ ଭାଗ ନେବାପାଇଁ ଓଡ଼ିଶା ଲନ୍ ବଲ୍ ଦଳ ମଙ୍ଗଳବାର ଆସାମ ଯାତ୍ରା କରିଛି। ରାଜ୍ୟ ପାଇଁ ପଦକ ଜିତିବା ନେଇ ଆଶାବାଦୀ ଥିବା ଏହି ଦଳର ସଦସ୍ୟ ଓ ସଦସ୍ୟାମାନଙ୍କୁ ଓଡ଼ିଶା ରାଜ୍ୟ ବୋଲିଂ ଆସୋସିଏସନର ସଭାପତି ତଥା ପୂର୍ବତନ ସାଂସଦ ଅନଙ୍ଗ ଉଦୟ ସିଂହଦେଓ ଏବଂ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ଶୁଭେଚ୍ଛା ଜଣାଇଛନ୍ତି।

**ଓଡ଼ିଶା ଦଳ:** ଆକାଶ ମାଝୀ, ଜଗା ମହାକୁଡ଼, ଚିନ୍ମୟ ତ୍ରିପାଠୀ, ବିଶ୍ୱରାଜ ସାହୁ, ସୌମ୍ୟ ମହାପାତ୍ର, ସଞ୍ଜନା ମେହେର, ପ୍ରିୟଙ୍କା କୁମ୍ଭାର, ଆରିଫା ବେଗମ୍, ଶ୍ୱେତଲାନା ବକ୍ସି, ସାଇନା ନାଏକ। କୋଚ୍: ସୁକାନ୍ତ ସେଠ୍, ରଶ୍ମିତା ପୁରୋହିତ, ମ୍ୟାନେଜର: ସୁମିତ ରଞ୍ଜନ ପୁରୋହିତ।

## ମ୍ୟାଚ୍ ବାତିଲ: ୯ରେ ଦୁଇଟି ମ୍ୟାଚ୍

**କଟକ ଅଫିସ, ୭।୧:** ଭାରତ ବନ୍ଦ ଡାକରା ଯୋଗୁଁ ବାରବାଟୀରେ ଚାଲିଥିବା ସିନିୟର ମହିଳା ଟି୨୦ ଚ୍ୟାଲେଞ୍ଜର ଟ୍ରଫିର ବୁଧବାର ମ୍ୟାଚ୍‌କୁ ବାତିଲ କରି ଦିଆଯାଇଛି। ଇଣ୍ଡିଆ-ସି ଓ ଇଣ୍ଡିଆ-ବି ମଧ୍ୟରେ ଏହି ମ୍ୟାଚ୍ ଖେଳା ଯାଇଥାନ୍ତା। ଗୋଟିଏ ଦିନର ମ୍ୟାଚ୍ ବାତିଲ ଯୋଗୁଁ ଆସନ୍ତା ୯ରେ ଦୁଇଟି ମ୍ୟାଚ ଖେଳାଯିବାକୁ ନିର୍ଦ୍ଧାରିତ କରିଛି ବିସିସିଆଇ। ୯ ତାରିଖ ପୂର୍ବାହ୍ନରେ ଇଣ୍ଡିଆ-ଏ ଓ ଇଣ୍ଡିଆ-ସି ମଧ୍ୟରେ, ଅପରାହ୍ନରେ ଇଣ୍ଡିଆ-ସି ଓ ଇଣ୍ଡିଆ-ବି ମଧ୍ୟରେ ମ୍ୟାଚ ଖେଳାଯିବ। ୧୦ ତାରିଖରେ ପ୍ରତିଯୋଗିତାର ଫାଇନାଲ ମୁକାବିଲା ଖେଳାଯିବ।

# କାଉଣ୍ଟରରେ ଟିକେଟ ବିକ୍ରି ଆରମ୍ଭ

**ଭୁବନେଶ୍ୱର, ୭।୧(କ୍ରୀଡ଼ା ପ୍ରତିନିଧି)**

### ଏଫଆଇଏଚ୍ ହକି ପ୍ରୋ ଲିଗ୍




ଏଫଆଇଏଚ୍ ହକି ପ୍ରୋ ଲିଗ୍‌ରେ ଭାରତ ଏହାର ଘରୋଇ ମ୍ୟାଚଗୁଡ଼ିକ କଳିଙ୍ଗ ଷ୍ଟାଡିୟମରେ ଖେଳିବ। ଟୁର୍ନାମେଣ୍ଟ ଆରମ୍ଭ ପାଇଁ ଆଉ ୨ ସପ୍ତାହରୁ କମ୍ ସମୟ ଥିବାରୁ ସୋମବାରଠାରୁ କାଉଣ୍ଟରରେ ଟିକେଟ ବିକ୍ରି ଆରମ୍ଭ ହୋଇଥିବା ସମ୍ପର୍କରେ ହକି ଇଣ୍ଡିଆ ପକ୍ଷରୁ ପ୍ରକାଶ କରାଯାଇଛି। ପ୍ରତିଯୋଗିତାର ଏହା ଦ୍ୱିତୀୟ ସଂସ୍କରଣ ହୋଇଥିଲେ ହେଁ ଭାରତ ପ୍ରଥମଥର ପାଇଁ ଭାଗ ନେଉଛି। କଳିଙ୍ଗ ଷ୍ଟାଡିୟମରେ ଭାରତ ବିଶ୍ୱର ୩ ନମ୍ବର ଦଳ ନେଦରଲାଣ୍ଡ୍ସ, ବିଶ୍ୱ ଏବଂ ୟୁରୋପିଆନ ଚାମ୍ପିୟନ ବେଲଜିୟମ, ବିଶ୍ୱର ନମ୍ବରୱାନ ଦଳ ଅଷ୍ଟ୍ରେଲିଆ ଓ ୯ ନମ୍ବର ଦଳ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳିବ। ପ୍ରତି ଦଳ ବିପକ୍ଷରେ ୨ଟି ଲେଖାଏ ମ୍ୟାଚ ଖେଳିବାକୁଥିବାରୁ ଭାରତ ଘରୋଇ ପରିବେଶରେ ମୋଟ ୮ଟି ମ୍ୟାଚରେ ପ୍ରତିଦ୍ୱନ୍ଦ୍ୱିତା କରିବ। ଏହି ସବୁ ମ୍ୟାଚ ଗୁଡ଼ିକର ଟିକେଟ ଷ୍ଟାଡିୟମର ୯ ନମ୍ବର ଗେଟ୍ ସ୍ଥିତ ବକ୍ସ ଅଫିସରେ ଉପଲବ୍ଧ। ଏହା ବ୍ୟତୀତ ଭୁବନେଶ୍ୱରର ବିଭିନ୍ନ ଆଉଟ୍‌ଲେଟ୍‌ରେ ମଧ ଟିକେଟ ମିଳୁଛି। ଏଫଆଇଏଚ୍ ପ୍ରୋ ଲିଗ୍ ୨୦୨୦ ପାଇଁ ଯେଉଁ ଦର୍ଶକ ଅନ୍‌ଲାଇନ୍ ଟିକେଟ କିଣିଛନ୍ତି ସେମାନେ ଷ୍ଟାଡିୟମର ୪ ନମ୍ବର ଗେଟ୍ ନିକଟରେ ଥିବା ରିଡମ୍ପଶନ କାଉଣ୍ଟରେ ରିଡିମ୍ କରିପାରିବେ। ସକାଳ ୧୦ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଟିକେଟ ମିଳିବ ଏବଂ ରିଡମ୍ପଶନ କରିହେବ। ହକି ପ୍ରୋ ଲିଗ୍ ପାଇଁ ନର୍ଥ ଓ ସାଉଥ୍ ଷ୍ଟାଣ୍ଡ ଟିକେଟର ମୂଲ୍ୟ ୨୦୦ଟଙ୍କା, ଇଷ୍ଟ ଷ୍ଟାଣ୍ଡ ଟିକେଟ ୩୦୦ ଏବଂ ୱେଷ୍ଟଷ୍ଟାଣ୍ଡ ଟିକେଟର ମୂଲ୍ୟ ୫୦୦ଟଙ୍କା ଧାର୍ଯ୍ୟ କରାଯାଇଛି। ମ୍ୟାଚଗୁଡ଼ିକ ଜାନୁୟାରୀ ୧୮ରୁ ମେ ୨୪ ମଧ୍ୟରେ ଅନୁଷ୍ଠିତ ହେବ। ଅନ୍‌ଲାଇନ୍‌ରେ ଟିକେଟ କିଣିଥିବା ଦର୍ଶକମାନେ ଜାନୁୟାରୀ ୬ରୁ ୨୨ ଏବଂ ପୁଣି ମେ ୮ରୁ ୨୪ ମଧ୍ୟରେ ରିଡମ୍ପଶନ କରିପାରିବେ। ପ୍ରକାଶ ଯୋଗ୍ୟ ଯେ, ଗତ ନଭେମ୍ବର ୨୧ରୁ ଅନ୍‌ଲାଇନ୍ (https://in.ticketgenie.in/Tickets/FIH-Hockey-Pro-League-2020)ରେ ଟିକେଟ ଉପଲବ୍ଧ ହେଉଛି। " ଏକ ବିଶେଷ ଫର୍ମାଟରେ ଏଫଆଇଏଚ୍ ହକି ପ୍ରୋ ଲିଗ୍ ଅନୁଷ୍ଠିତ ହେଉଛି। ଏଥିରେ ବିଶ୍ୱର ୯ଟି ଶ୍ରେଷ୍ଠ ଦଳ ଅଂଶଗ୍ରହଣ କରୁଥିବାରୁ ଆଗାମୀ ୬ ମାସ ମଧ୍ୟରେ ରୋମାଞ୍ଚକ ହକି ଦେଖିବାକୁ ମିଳିବ। ଭାରତ ଘରୋଇ ପରିବେଶରେ ୪ଟି ଟିମ୍ ବିପକ୍ଷରେ ଖେଳିବାକୁ ଯାଉଥିବାରୁ ଦର୍ଶକମାନେ ଏହାର ଫାଇଦା ନେବାପାଇଁ ସୁବର୍ଣ୍ଣ ସୁଯୋଗ ରହିଛି" ବୋଲି ହକି ଇଣ୍ଡିଆ ସଭାପତି ମହମ୍ମଦ ମୁସ୍ତାକ ପ୍ରକାଶ କରିଛନ୍ତି।

## କରାଟେ ଆସୋସିଏଶନ ଅଫ୍ ଇଣ୍ଡିଆଠାରୁ ମାନ୍ୟତା ପ୍ରତ୍ୟାହାର

**ନୂଆଦିଲ୍ଲୀ,୭।୧(ପି.ଟି.):** ସମ୍ବିଧାନ ଓ ନିୟମ ଉଲ୍ଲଂଘନ ଅଭିଯୋଗରେ କରାଟେ ଆସୋସିଏଶନ ଅଫ୍ ଇଣ୍ଡିଆ (କେଏଆଇ)ଠାରୁ ଭାରତୀୟ ଅଲିମ୍ପିକ୍ ଆସୋସିଏଶନ (ଆଇଓଏ) ମାନ୍ୟତା ପ୍ରତ୍ୟାହାର କରିଛି। ଗତ ଡିସେମ୍ବର ୩୦ ତାରିଖରେ ଅନୁଷ୍ଠିତ ବାର୍ଷିକ ସାଧାରଣ ବୈଠକରେ ଆଇଓଏ ଏ ନେଇ ନିଷ୍ପତ୍ତି ନେଇଥିଲା। ତେବେ ଗତ ସୋମବାର ବିଶ୍ୱ କରାଟେ ଫେଡେରେଶନ (ଡବ୍ଲ୍ୟୁକେଏଫ୍)କୁ ଆଇଓଏ ମାମଲା ପ୍ରତ୍ୟାହାର ନେଇ ଔପଚାରିକ ଭାବେ ଚିଠି ପଠାଇଛି। ୨୦୧୭ ଅଗଷ୍ଟ ୮ ତାରିଖରେ ଆଇଓଏ କେଏଆଇକୁ ମାନ୍ୟତା ପ୍ରଦାନ କରିଥିଲା। ତେବେ ଏହାପୂର୍ବରୁ କେଏଆଇକୁ କାର୍ଯ୍ୟକାରୀ କାଉନସିଲ ତଥା ସାଧାରଣ ସଭାର ଅନୁସମର୍ଥନ କରିବାର ସର୍ତ୍ତ ରଖାଯାଇଥିଲା। ତେବେ ଏହା ଏପର୍ଯ୍ୟନ୍ତ ହୋଇପାରି ନ ଥିଲା। ଗତ ଦୁଇ ବର୍ଷ ମଧ୍ୟରେ କେଆଇଏ ବିରୋଧରେ ଏକାଧିକ ଅଭିଯୋଗ ଆସିଥିଲା ବୋଲି ଆଇଓଏ ଏହି ଚିଠିରେ ଉଲ୍ଲେଖ କରିଛି।

ବୈଠକରେ ମଧ୍ୟ କେଏଆଇ ଆଇଓଏ ସମ୍ବିଧାନ ଓ ନିୟମର ଉଲ୍ଲଂଘନ କରିବା ନେଇ ଚର୍ଚ୍ଚା ହୋଇଥିଲା। ଏହା ଭାରତରେ ଅଲିମ୍ପିକ୍ ଆନ୍ଦୋଳକୁ ସମର୍ଥନ କରୁନାହିଁ ବୋଲି କୁହାଯାଇଥିଲା। ଫଳରେ ଶେଷରେ କେଏଆଇଠାରୁ ମାନ୍ୟତା ପ୍ରତ୍ୟାହାର କରବାକୁ ହେଲା ବୋଲି ଆଇଓଏ ଚିଠିରେ ସ୍ପଷ୍ଟ କରିଛି।

ଫେଡେରେଶନର ପଦାଧିକାରୀମାନଙ୍କ କାର୍ଯ୍ୟକାଳ ପୂରା ହୋଇଥିବାରୁ ୨୦୧୮ ଡିସେମ୍ବରରେ ଆଇଓଏ ୧୨୦ ଦିନ ମଧ୍ୟରେ କେଏଆଇର ନିର୍ବାଚନ କରିବାକୁ ଏକ ୩ ଜଣିଆ ଆଡହକ୍ କମିଟି ଗଠନ କରିଥିଲା। ତେବେ ଏଥିରେ ବିଳମ୍ବ ହୋଇଥିଲା। ଆଇଓଏର ଆଡହକ୍ କମିଟି ଗଠନ ନିଷ୍ପତ୍ତିକୁ ଦିଲ୍ଲୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲେ ମଧ୍ୟ ଶେଷରେ ଏହାକୁ ପ୍ରତ୍ୟାହର କରାଯାଇଥିଲା। ଏହାପରେ କେଏଆଇ ଅବଶ୍ୟ ନିର୍ବାଚନ କରାଇଥିଲା। ତେବେ ଆଡହକ୍ କମିଟିର ତତ୍ତ୍ୱାବଧାନରେ ଏହା ହୋଇ ନ ଥିଲା। ଲିଖା ତାରାଙ୍କୁ ସଭାପତି ଓ ଆମ୍ବେଦକର ଗୁପ୍ତାଙ୍କୁ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତ କରିଥିଲା। ଆଲୋଚାନ ପାଇଁ ଏହି ଦୁହିଁଙ୍କୁ ଆଇଓଏ ଡାକିଥିଲେ ମଧ୍ୟ ଏମାନେ ଆସି ନ ଥିଲେ।

# ଗୋପୀନାଥ ଚ୍ୟାଲେଞ୍ଜ: ପାରାମାଉଣ୍ଟ ସେମିରେ

**ଭଣ୍ଡାରିପୋଖରୀ, ୭।୧(ଡି.ଏନ୍.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମାଳଦା ପଞ୍ଚାୟତ ରଘୁନାଥପୁର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ତ୍ରୟୋଦଶ ବାର୍ଷିକ ଅଦୈତ ନାୟକ ମେମୋରିଆଲ ଗୋପୀନାଥ ଚ୍ୟାଲେଞ୍ଜ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱରର ରାମେଶ୍ୱର ସ୍ପୋର୍ଟିଂକୁ ହରାଇ ପାରାମାଉଣ୍ଟ କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ରାମେଶ୍ୱର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୩ ଓଭରରେ ୮୬ ରନ କରି ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ଗିରିଜା ମିଶ୍ର ୫୪ ବଲରେ ୧ ଛକା, ୨ ଚୌକା ବଳରେ ୩୬, ନିହାର ପଟ୍ଟନାୟକ ୨୧ ବଲରେ ୧୫ ରନ କରିଥିଲେ। ପ୍ରତିପକ୍ଷ ବୋଲର ରୋହିତ ସାଗର ୫ ଓଭରରେ ୧୦ ରନ ଦେଇ ୪ଟି ଏବଂ ଅମିତାଭ ରାଉତ ୫ ଓଭରରେ ୨୧ ରନ୍ ଦେଇ ୨ଟି ଉଇକେଟ୍ ନେଇଥିଲେ। ଜବାବରେ ପାରାମାଉଣ୍ଟ ୨୨.୩ ଓଭରରେ ୮୮ ରନ୍ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ସୌମ୍ୟରଞ୍ଜନ ବିଶ୍ୱାଳ ୬୧ ବଲରେ ଗୋଟିଏ ଛକା, ୪ ଚୌକା ସହାୟତାରେ ୪୬, ଅମିତାଭ ରାଉତ ୭ ବଲରେ ୧ ଚୌକା, ୧ ଛକା ବଳରେ ୧୨, ସୁଦର୍ଶନ ସ୍ୱାଇଁ ୩୪ ବଲରେ ୩ଟା ଚୌକା ସାହାଯ୍ୟରେ ୧୪ ରନ କରିଥିଲେ। ପ୍ରତିପକ୍ଷ ବୋଲର ନିରଞ୍ଜନ ଗୌଡ଼ ୪.୩ ଓଭରରେ ୧୪ ରନ୍ ଦେଇ ୩ ଉଇକେଟ୍, ରାକେଶ ଶର୍ମା ୫ ଓଭର ୨୩ ରନ୍ ଦେଇ ୨ ଉଇକେଟ୍ ନେଇଥିଲେ। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ପାରାମାଉଣ୍ଟ କ୍ଲବର ସୌମ୍ୟରଞ୍ଜନ ବିଶ୍ୱାଳଙ୍କୁ ପୁରସ୍କୃତ କରାଯାଇଥିଲା। ଅମ୍ପାୟର ଲଲାଟ କେଶରୀ ନନ୍ଦ, ରଞ୍ଜନ ମହାନ୍ତି ଖେଳ ପରିଚାଳନା କରିଥିଲେ। ଚିନ୍ମୟ ରାଉତରାୟ, ଜୟନ୍ତ ନାୟକ, ରଘୁନାଥ ମାଝୀ ସ୍କୋରର ଦାୟିତ୍ୱ ତୁଲାଇଥିବା ବେଳେ ପ୍ରଦୀପ୍ତ ନାୟକ, ବିଷ୍ଣୁ ବୋଇତାଇ, ଗୋପବନ୍ଧୁ ମାଝୀ ଧାରାବିବରଣୀ ପ୍ରଦାନ କରିଥିଲେ। ବୁଧବାର ଟୁର୍ନାମେଣ୍ଟର ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍ ୟୁନିୟନ ସ୍ପୋର୍ଟିଂ କଟକ ସହିତ ଇଲେଭେନଷ୍ଟାର ଯାଜପୁର ଟାଉନ ମଧ୍ୟରେ ଅନୁଷ୍ଠିତ ହେବ।



ପାରାମାଉଣ୍ଟର ସୌମ୍ୟରଞ୍ଜନ ବିଶ୍ୱାଳଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଦିଆଯାଉଛି।

### ବଙ୍ଗବନ୍ଧୁ ଆଡ୍‌ଭେଞ୍ଚର ଫେଷ୍ଟିଭାଲ
## ଓଡ଼ିଶାର ୫ ଭାଗନେବେ




ବାଂଲାଦେଶ ଯିବା ପୂର୍ବରୁ ପ୍ରତିଯୋଗୀଙ୍କୁ ଶୁଭକାମନା।

**ଭୁବନେଶ୍ୱର, ୭।୧(କ୍ରୀଡ଼ା ପ୍ରତିନିଧି):** ବାଂଲାଦେଶର ଚିଟାଗଙ୍ଗଠାରେ ଚଳିତମାସ ୧୦ରୁ ୧୫ ପର୍ଯ୍ୟନ୍ତ ବଙ୍ଗବନ୍ଧୁ ଆଡ୍‌ଭେଞ୍ଚର ଫେଷ୍ଟିଭାଲ ଅନୁଷ୍ଠିତ ହେବ। ଏଥିରେ ଆସୋସିଏଶନ ଫର ଆଡ୍‌ଭେଞ୍ଚର ଆଣ୍ଡ ସୋସିଆଲ ଆକ୍ଟିଭିଟିଜ୍(ଆସା)ର ୫ ଜଣ ଭାଗନେବେ। ସେମାନେ ହେଲେ ସତ୍ୟବ୍ରତ ଦାସ, ରୁଦ୍ର ନାରାୟଣ ଲେଙ୍କା, ଅତୁଲ୍ୟ କୁମାର ବାଉତ୍, ବିଭାରାଣୀ ପାତ୍ର ଓ ସଂଘମିତ୍ରା ଦଳାଇ। ଏହାଦ୍ୱାରା ବିଦେଶରେ କାର୍ଯ୍ୟକ୍ରମରେ ଅଂଶଗ୍ରହଣର ଅଭିଜ୍ଞତା ଆହରଣ କରିହେବ ବୋଲି ଆସାର ସମ୍ପାଦକ ଗଣେଶ ଚନ୍ଦ୍ର ଜେନା ପ୍ରକାଶ କରିଛନ୍ତି। ଓଡ଼ିଶାର ଏଭରେଷ୍ଟ ଆରୋହୀ ଗଣେଶଙ୍କୁ ଏହି କାର୍ଯ୍ୟକ୍ରମର ଅନ୍ୟତମ ଅତିଥିଭାବେ ନିମନ୍ତ୍ରଣ କରାଯାଇଛି। ଫେଷ୍ଟଭାଲରେ ଭାଗ ନେବାକୁ ଯାଉଥିବା ପ୍ରତିଯୋଗୀଙ୍କୁ ଆସାର ପରାମର୍ଶଦାତା ଅଶୋକ ମହାନ୍ତି, ଶକ୍ତିରଞ୍ଜନ ମହାନ୍ତି, ଗଣେଶ ପ୍ରମୁଖ ମଙ୍ଗଳବାର ରେଲୱେ ଷ୍ଟେଶନରେ ଉପସ୍ଥିତ ରହି ବିଦାୟୀ ଶୁଭେଚ୍ଛା ଜଣାଇଥିଲେ।

"ଭାରତରେ ପୁଣି ଭାରତ ବିପକ୍ଷରେ ଖେଳିବା ବିଶ୍ୱର ଯେକୌଣସି କ୍ରିକେଟ ଦଳ ପାଇଁ ବଡ଼ ଚ୍ୟାଲେଞ୍ଜ ।"
–ମାର୍ନସ ଲାବୁସେନ୍, ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନ



"ନ୍ୟୁଜିଲାଣ୍ଡ ଆମ ପାଇଁ ଏକ ସହଜ ଟୁର୍ ନୁହେଁ। ଚ୍ୟାଲେଞ୍ଜକୁ ସାମ୍ନା କରିବା ଲାଗି ଆମେ ପ୍ରସ୍ତୁତ ଅଛୁ ।"
–ରୋହିତ ଶର୍ମା, ଭାରତର ଷ୍ଟାର ବ୍ୟାଟ୍ସମ୍ୟାନ



## ସଂକ୍ଷେପରେ

### ଭାରତ ଟୁର୍‌ରୁ ଲାଙ୍ଗରଙ୍କ ବିଶ୍ରାମ



**ସିଡ୍‌ନୀ, ୭।୧ (ପି.ଟି.):** ଅଷ୍ଟ୍ରେଲିଆ କ୍ରିକେଟ୍ ଦଳର ମୁଖ୍ୟ କୋଚ୍ ଜଷ୍ଟିନ ଲାଙ୍ଗର ଆଗାମୀ ଭାରତ ଗସ୍ତରୁ ଓହରି ଯାଇଛନ୍ତି। ବ୍ୟକ୍ତିଗତ କାମ ଲାଗି ସେ କିଛି ସମୟ କ୍ରିକେଟ୍‌ରୁ ବିରତି ନେଇଛନ୍ତି। ଫଳରେ ସିନିୟର ସହାୟକ କୋଚ୍ ଆଣ୍ଡ୍ରିଉ ମ୍ୟାକ୍‌ଡୋନାଲ୍ଡ ଭାରତୀୟ ଗସ୍ତରେ ଦଳର ମୁଖ୍ୟ କୋଚ୍ ଦାୟିତ୍ୱ ସମ୍ଭାଳିବେ। ଅଷ୍ଟ୍ରେଲିଆ ଦଳ ଚଳିତ ମାସ ଦ୍ୱିତୀୟ ସପ୍ତାହରେ ଭାରତ ଆସି ୩ଟି ଏକଦିବସୀୟ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ୩୮ ବର୍ଷୀୟ ପୂର୍ବତନ ଅଲ୍‌ରାଉଣ୍ଡର ମ୍ୟାକ୍‌ଡୋନାଲ୍ଡ ପ୍ରଥମଥର ଲାଗି ଜାତୀୟ ଦଳର ପ୍ରଶିକ୍ଷକ ଦାୟିତ୍ୱ ତୁଲାଇବେ। ମ୍ୟାକ୍‌ଡୋନାଲ୍ଡ ଏହି ଦାୟିତ୍ୱକୁ ସୁଚାରୁ ରୂପେ ତୁଲାଇ ପାରିବେ ବୋଲି ଲାଙ୍ଗର ଆଶାବାଦୀ ରହିଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜକୁ ୩-୦ରେ କ୍ଲିନ ସୁଇପ୍ କରିବା ପରେ ଅଷ୍ଟ୍ରେଲିଆ ଦଳ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ ଖେଳିବା ଲାଗି ଭାରତ ଗସ୍ତ କରିବାକୁ ପ୍ରସ୍ତୁତ କରୁଛି। ମୁମ୍ବାଇରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଜାନୁୟାରୀ ୧୪ରେ ପ୍ରଥମ ଦିନିକିଆ ଖେଳାଯିବ। ଏହାପରେ ରାଜକୋଟ୍ (ଜାନୁୟାରୀ ୧୭) ଓ ବେଙ୍ଗାଲୁରୁ (ଜାନୁୟାରୀ ୧୯)ରେ ଯଥାକ୍ରମେ ଦ୍ୱିତୀୟ ଓ ୩ୟ ମ୍ୟାଚ୍ ଖେଳାଯିବ।

# ସୌରଭ ଗୌଡ଼ଙ୍କ ଦ୍ୱିଶତକ

## ସି.କେ. ନାଇଡୁ ଟ୍ରଫି

- ସିକ୍କିମକୁ ହରାଇଲା ଓଡ଼ିଶା
- ପ୍ରୀତମ ମ୍ୟାନ ଅଫ୍ ଦ ମ୍ୟାଚ

ସମ୍ବଲପୁର, ୭।୧ (ବ୍ୟୁରୋ)

ସୌରଭ ଗୌଡଙ୍କ ଦ୍ୱିଶତକ ଓ ବୋଲର ପ୍ରୀତମ ସିଂ ଚୌହାନଙ୍କ ଘାତକ ବୋଲିଂ ସହାୟତାରେ ଓଡ଼ିଶା ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଅନୁଷ୍ଠିତ ସି.କେ. ନାଇଡୁ ଟ୍ରଫି କ୍ରିକେଟ ମ୍ୟାଚରେ ୧ ଇନିଂସ ୯୮ ରନ୍‌ରେ ସିକ୍କିମକୁ ପରାସ୍ତ କରିଛି। ଫଳରେ ଦଳ ୭ ପଏଣ୍ଟ ପାଇଛି। ଓଡ଼ିଶା ଦଳ ପ୍ରଥମ ଇନିଂସରେ ୫୫୫/୩ରେ ଇନିଂସ ଘୋଷଣା କରିଥିଲା। ସୌରଭ ୩୫୨ଟି ବଲର ସମ୍ମୁଖୀନ ହୋଇ ୨୨୫ ରନ୍ ସଂଗ୍ରହ କରି ଅପରାଜିତ ରହିଥିଲେ। ଅନ୍ୟତମ ବ୍ୟାଟ୍ସମ୍ୟାନ ଅମ୍ରିତ ଖଟୁଆ ୧୨୨, ବିନିତ ମହାନ୍ତି ୬୩, ଦଳର ଅଧିନାୟକ ସ୍ୱସ୍ତିକ ସାମଲ ୬୯ ରନ୍ କରିଥିଲେ। ଶୁଭମ ଶତ୍ରୁଜିତ ୩୭ ବଲ୍‌ରେ ଧୂଆଁଧାର ୬୩ ରନ୍ କରି ଅପରାଜିତ ରହିଥିଲେ। ସିକ୍କିମ ବୋଲର ସନ୍ଦୀପ, ଦିନେଶ ଓ ହରିତ ଗୋଟିଏ ଲେଖାଏ ଉଇକେଟ ନେବାରେ ସଫଳ ହୋଇଥିଲେ। ମଙ୍ଗଳବାର ଭ୍ରମଣକାରୀ ସିକ୍କିମ ଦଳ ଦ୍ୱିତୀୟ ଇନିଂସ ବ୍ୟାଟିଂ କରିବାକୁ ପଡ଼ିଆକୁ ଓହ୍ଲାଇଥିଲା। ମାତ୍ର ପ୍ରିତମଙ୍କ ବୋଲିଂର ସାମ୍ନା କରି ନ ପାରି ଦଳ ୬୧ ଓଭରରେ ୨୪୯ ରନ କରି ଅଲଆଉଟ ହୋଇ ଯାଇଥିଲା। ପି. ପାର୍ଥ ୧୩୭ ବଲରେ ୧୧୫, ମହମ୍ମଦ ସାହାବାଜ ୯୯ ବଲରେ ୮୭, ଆକାଶ ଲୁଇଟେଲ ୫୧ ବଲରେ ୧୬ ରନ କରିଥିବା ବେଳେ ଅନ୍ୟ ବ୍ୟାଟ୍ସମ୍ୟାନମାନେ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ପ୍ରିତମ ୨୧ ଓଭରରେ ୮୮ ରନ ଦେଇ ୭ଟି ଉଇକେଟ ଅକ୍ତିଆର କରିଥିଲେ। ପୂର୍ବ ଇନିଂସରେ ମଧ୍ୟ ସେ ୪ଟି ଉଇକେଟ ନେବାରେ ସକ୍ଷମ ହୋଇଥିଲେ। ଅନ୍ୟତମ ବୋଲର କାର୍ତ୍ତିକ ବିଶ୍ୱାଳ ୮ଓଭରରେ ୨୮ ରନ ଦେଇ ୧ଟି ଓ ଅମ୍ରିତ ଖଟୁଆ ୧ ଓଭରରେ ୧ ରନ ଦେଇ ୧ ଉଇକେଟ ନେଇଥିଲେ। ଅମ୍ପାୟର ଭାରତୀ ଭର୍ଜ, ଅରୁଣ ବାସା ମ୍ୟାଚ ପରିଚାଳନା କରିଥିଲେ। ଏସ. ସୁରେଶ ମ୍ୟାଚ ରେଫରି ଥିବା ବେଳେ ରଜତ ଦାଶ ଓ ବୀରବର ନାୟକ ଅନଲାଇନ ସ୍କୋରର ଥିଲେ। ଆୟୋଜକ ଜିଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନଙ୍କ ପରିଚାଳନା ଓ କାଉନସିଲ ସଭ୍ୟ ସୁନୀଲ ସାହୁଙ୍କ ସଂଯୋଜନାରେ ପୁରସ୍କାର ବିତରଣ ଉତ୍ସବ ହୋଇଥିଲା। ପ୍ରିତମଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଓଡିଶା କ୍ରିକେଟ ଆସୋସିଏଶନ୍ ଯୁଗ୍ମ ସମ୍ପାଦକ ମେହେତାବ ଖାନ ମୁଖ୍ୟଅତିଥି, ୧୬ ଓ ୧୯ ବର୍ଷରୁ କମ ଓଡ଼ିଶା କ୍ରିକେଟ ଚୟନ କର୍ତ୍ତା ଶୋଭନ ଦେବ, ଝାରସୁଗୁଡା କ୍ରିକେଟ ସଂଘ ସାଧାରଣ ସମ୍ପାଦକ ପ୍ରଶାନ୍ତ ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଫୁଟବଲ ସମ୍ପାଦକ ଅବଦୁଲ ଗଫାର, କାଉନସିଲ ସଭ୍ୟ ସୁବୋଧ ସାହୁ, ଅଜୟ ହୋତା, ଅବିନାଶ ନନ୍ଦ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଦ୍ୱିଶତକ ହାସଲ ପରେ ସୌରଭ ଗୌଡ।

### ଦ୍ୱିଶତକ ସ୍ମୃତି ହୋଇ ରହିବ

"ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଦ୍ୱିଶତକ ହାସଲ କରିବା ପରେ ବହୁତ ଖୁସି ଅନୁଭବ କରୁଛି। ଶତକ ହାସଲ କରିବାକୁ ଆଶା ଥିଲା। କିନ୍ତୁ ୧୫୦ ରନ ହେବା ପରେ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରି ଦ୍ୱିଶତକ କରିବାକୁ ଆଶା ବାନ୍ଧିଥିଲି। ପ୍ରକୃତ ପକ୍ଷେ ଏହା ବ୍ୟାଟିଂ ପିଚ୍। ବ୍ୟାଟ୍ସମ୍ୟାନକୁ ସୁହାଇଛି। ଆଉଟ ଫିଲ୍ଡ ମଧ୍ୟ ଫାଷ୍ଟ ଅଛି। ମୋଟାମୋଟି ଭାବେ ଗ୍ରାଉଣ୍ଡ ମତେ ଭଲ ଲାଗିଲା। ତେଣୁ ଏହା ସବୁ ଦିନ ପାଇଁ ସ୍ମୃତି ହୋଇ ରହିବ"।

–ସୌରଭ ଗୌଡ

### ୧୦ ଉଇକେଟ ଆଶା ଥିଲା

"ଓଡିଶା ବନାମ ସିକ୍କିମ ମ୍ୟାଚ ମତେ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିବାକୁ ଉତ୍ସାହିତ କରିଛି। ଏହାଦ୍ୱାରା ପ୍ରଥମ ଇନିଂସରେ ସିକ୍କିମର ୪ଟି ଓ ଦ୍ୱିତୀୟ ଇନିଂସରେ ୭ଟି ଉଇକେଟ ନେବାରେ ସଫଳ ହୋଇଛି। ୧୦ଟି ଉଇକେଟ ନେବାର ଆଶା ରଖିଥିଲି। ବ୍ୟାଟିଂ ପିଚ୍ ହେଲେ ମଧ୍ୟ ବୁଝିବିଚାରି ବୋଲିଂ କଲେ ସଫଳତା ନିଶ୍ଚିତ ମିଳିବ"

–ପ୍ରୀତମ ସିଂ ଚୌହାନ



ପ୍ରଥମ ଜନ୍ମଦିନ ଶୁଭେଚ୍ଛା



ଶ୍ରେୟାଂଶ୍ରୀ ସିଂ
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ:
ସଂଯୁକ୍ତା ସିଂ ଓ ପରିବାରବର୍ଗ ।
ଧ-୬୨୩୧୧

୯ମ ଜନ୍ମଦିନ ଶୁଭେଚ୍ଛା



ଆଦର୍ଶ ମେହେର
ନି- ଲାଉମୁଣ୍ଡା, ଥା: ବିଜେପୁର, ଜିଲ୍ଲା:ବରଗଡ଼
ଆଜି ତୁମର ନବମ ଜନ୍ମଦିନରେ ଶିରିଡି ସାଇ ବାବା ତୁମକୁ ଶୁଭାଶିଷ ଦିଅନ୍ତୁ। ତୁମର ଚଲାପଥ ସଦା କୁସୁମିତ କରିବା ସଙ୍ଗେ ସଙ୍ଗେ ଭବିଷ୍ୟତ ଉଜ୍ଜ୍ୱଳମୟ, ମଙ୍ଗଳମୟ, ଦୀର୍ଘାୟୁ, ଯଶସ୍ୱୀ କରନ୍ତୁ।
ଶୁଭେଚ୍ଛା ସହ
ବାପା: ଶୁକଦେବ ମେହେର, ମାଆ: ସୌଦାମିନୀ ମେହେର, ଭଉଣୀ: କୁଲୁଲି ମେହେର, ମାମୁ, ମାଇଁ ଓ ଅଜା, ଆଈ ।
ଧ-୧୬୦୯୧

# ୪ ଦିନିଆ ଟେଷ୍ଟକୁ ସଚିନଙ୍କ ବିରୋଧ

**ନୂଆଦିଲ୍ଲୀ,୭।୧(ପି.ଟି.):** ପ୍ରସ୍ତାବିତ ୪ ଦିନିଆ ଟେଷ୍ଟକୁ କ୍ରିକେଟ ଆଇକନ ସଚିନ ତେନ୍ଦୁଲକର ବିରୋଧ କରିଛନ୍ତି। ଏଥି ସହିତ ଟେଷ୍ଟର ପାରମ୍ପରିକ ଫର୍ମାଟରେ କୌଣସି ପରିବର୍ତ୍ତନ ନ କରିବାକୁ ସେ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି)କୁ ପରାମର୍ଶ ଦେଇଛନ୍ତି। ପଞ୍ଚମ ଦିବସରେ ସ୍ପିନରମାନେ ବିଶେଷ ଭାବେ ସହାୟତା ପାଉଥିବାରୁ ଟେଷ୍ଟ ଏବେ ବେଶ୍ ରୋମାଞ୍ଚକ ହେଉଛି।

ସୀମିତ ଓଭର କ୍ରିକେଟକୁ ଅଧିକ ଗୁରୁତ୍ୱ ଦେବା ଓ ଟେଷ୍ଟର ଲୋକପ୍ରିୟତା ବୃଦ୍ଧି ପାଇଁ ଆଇସିସି ୧୪୩ ବର୍ଷର ଏହି ୫ ଦିନିଆ ଫର୍ମାଟକୁ ୪ ଦିନିଆ ବିଶିଷ୍ଟ କରିବାକୁ ଆଇସିସି ଚାହୁଁଛି। ତେବେ ବିଶ୍ୱବ୍ୟାପୀ ଆଇସିସିର ଏହି ଆଭିମୁଖ୍ୟକୁ କଡ଼ା ବିରୋଧ କରାଯାଉଛି। ବିରାଟ କୋହଲିଙ୍କ ସମେତ ରିକି ପଣ୍ଟିଂ, ଜଷ୍ଟିନ ଲାଙ୍ଗର ଓ ନାଥାନ ଲିୟନଙ୍କ ଭଳି ଏହି ପରିବର୍ତ୍ତନକୁ କଡ଼ା ବିରୋଧ କରିଛନ୍ତି।

ଟେଷ୍ଟ କ୍ରିକେଟକୁ ବହୁତ ପସନ୍ଦ କରେ। ଟେଷ୍ଟ ଫର୍ମାଟର ମୁଁ ଜଣେ ବଡ଼ ପ୍ରଶଂସକ। ଏଥିରେ କୌଣସି ପରିବର୍ତ୍ତନର ଆବଶ୍ୟକତା ନାହିଁ ବୋଲି ସଚିନ କହିଛନ୍ତି। ଦୀର୍ଘ ବର୍ଷ ଧରି ଯେଉଁଭଳି ଭାବେ ଟେଷ୍ଟ ଖେଳାଯାଉଛି, ଠିକ୍ ସେହିଭଳି ଖେଳାଯିବା ଉଚିତ ବୋଲି ସେ ମତ ଦେଇଛନ୍ତି। ଟେଷ୍ଟକୁ ୪ ଦିନିଆ କରାଗଲେ ଏହା ସୀମିତ ଓଭର କ୍ରିକେଟର ବର୍ଦ୍ଧିତ ସଂସ୍କରଣ ବୋଲି ବିଚାର କରିବାକୁ ହେବ। ଏପରି ହେଲେ ଟେଷ୍ଟ ଫର୍ମାଟର ମୌଳିକତା ନଷ୍ଟ ହେବ। ଉଲ୍ଲେଖଥାଉ କି, ସଚିନ ବିଶ୍ୱର ଏକମାତ୍ର ବ୍ୟାଟ୍ସମ୍ୟାନ ଭାବେ ୨୦୦ ଟେଷ୍ଟ ଖେଳିବାର ଗୌରବ ଅର୍ଜନ କରିଛନ୍ତି। ପୁଣି ଯଦି ୪ ଦିନି ବିଶିଷ୍ଟ ହେବ ତାହାଲେ ସ୍ପିନରଭାବେ ପ୍ରଭାବୀ ସାବ୍ୟସ୍ତ ହୋଇପାରିବେ ନାହିଁ।

## ଦ୍ୱିତୀୟ ଟି୨୦

# ଭାରତର ସହଜ ବିଜୟ

ଇନ୍ଦୋର, ୭।୧ (ପି.ଟି.)

ବୋଲରଙ୍କ ପ୍ରଭାବୀ ପ୍ରଦର୍ଶନ ପରେ ଟପ୍ ଅର୍ଡର ବ୍ୟାଟ୍ସମ୍ୟାନଙ୍କ ଉପଯୋଗୀ ବ୍ୟାଟିଂ ବଳରେ ଭାରତ ସ୍ଥାନୀୟ ହୋଲକାର ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ଦ୍ୱିତୀୟ ଟି୨୦ କ୍ରିକେଟ ମ୍ୟାଚରେ ଶ୍ରୀଲଙ୍କାକୁ ୭ ଉଇକେଟରେ ପରାସ୍ତ କରିଛି। ଶ୍ରୀଲଙ୍କା ପକ୍ଷରୁ ଧାର୍ଯ୍ୟ ୧୪୩ ରନ ବିଜୟ ଲକ୍ଷ୍ୟକୁ ଭାରତ ୧୭.୩ ଓଭରରେ ୩ ଉଇକେଟ ହରାଇ ହାସଲ କରିଛି। ଫଳରେ ଟିମ୍ ଇଣ୍ଡିଆ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀଲାଭ କରିଛି। ଗୁଆହାଟୀରେ ରବିବାର ପ୍ରଥମ ଟି୨୦ ବର୍ଷା କାରଣରୁ ବାତିଲ ହୋଇଥିଲା।

ଲୋକେଶ ରାହୁଲ ଓ ଶିଖର ଧାୱନ ଓପନିଂ ଯୋଡ଼ିରେ ୫୫ ବଲ୍‌ରୁ ୭୧ ରନ ସଂଗ୍ରହ କରି ଦଳର ବିଜୟ ପାଇଁ ପଥ ପରିଷ୍କାର କରିଥିଲେ। ଆକ୍ରମଣାତ୍ମକ ଖେଳି ୩୨ ବଲ୍‌ରୁ ୬ ଚୌକା ସହାୟତାରେ ୪୫ ରନ କରିଥିବାବେଳେ ରାହୁଲ ୱାନିନ୍ଦୁ ହସରଙ୍ଗାଙ୍କ ବଲ୍‌ରେ ବୋଲ୍ଡ ହୋଇ ପ୍ୟାଭିଲିୟନ ଫେରିଥିଲେ। ୨୯ ବଲ୍‌ରୁ ୨ ଚୌକା ସହ ୩୨ ରନ କରିଥିବା ଧାୱନ ୱାନିନ୍ଦୁଙ୍କ ଦ୍ୱିତୀୟ ଶିକାର ହେବାରୁ ୧୧.୨ ଓଭରରେ ଭାରତ ସ୍କୋର ୮୬/୨ ହୋଇଥିଲା। ଶ୍ରେୟାସ ଆୟାରଙ୍କ ସହ କ୍ରିଜ୍‌ରେ ଯୋଗଦେଇ ଅଧିନାୟକ ବିରାଟ କୋହଲି ଦ୍ରୁତ ହାରରେ ରନ ସଂଗ୍ରହ ସହ ଦଳର ବିଜୟକୁ ସହଜ କରି ଦେଇଥିଲେ। ଭାରତ ବିଜୟ ଲକ୍ଷ୍ୟଠାରୁ ୬ ରନ ଦୂରରେ ଥିବାବେଳେ ବଡ଼ ଶଟ୍ ଖେଳିବାକୁ ଯାଇ ଆୟାର ଲାହିରୁ କୁମାରଙ୍କ ବଲ୍‌ରେ ଆଉଟ ହୋଇଥିଲେ। ସେ ୨୬ଟି ବଲ୍‌ର ସମ୍ମୁଖୀନ ହୋଇ ୩ ଚୌକା ଓ ୧ ଛକା ସହାୟତାରେ ୩୪ ରନ କରିଥିଲେ। ଏହି ଓଭରରେ ରିଷଭ ପନ୍ତ ଏକ ସିଙ୍ଗଲ ନେଇଥିବାବେଳେ କୋହଲି ତୃତୀୟ ବଲ୍‌ରେ ଛକା ମାରି ମ୍ୟାଚର ରୋମାଞ୍ଚକ ପରିସମାପ୍ତି ଘଟାଇଥିଲେ। ୧୭ଟି ବଲ୍ ଖେଳିଥିବା ବିରାଟ ୧ ଚୌକା ଓ ୨ ଛକା ସହ ୩୦ ରନ କରି ଅପରାଜିତ ରହିଥିଲେ।

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଶ୍ରୀଲଙ୍କା ଭଲ ଆରମ୍ଭ କରିଥିଲେ ମଧ୍ୟ ଭାରତୀୟ ବୋଲରଙ୍କ ସମ୍ମୁଖୀନ ହୋଇ ନ ପାରି ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ଫଳରେ ଦଳ ବଡ଼ ସ୍କୋର ହାସଲ କରିପାରି ନ ଥିଲା। ଦଳ ତରଫରୁ କୁଶଲ ପେରେରା ୨୮ଟି ବଲ୍ ଖେଳି ୩ଟି ଛକା ସହ ସର୍ବାଧିକ ୩୪ ରନ ସଂଗ୍ରହ କରିଥିଲେ। ଦନୁଷ୍କା ଗୁଣତିଲକା ୨୦, ଅଭିଷ୍କା ଫର୍ନାଣ୍ଡୋ ୨୨ ରନ କରିଥିଲେ। ଭାରତ ପକ୍ଷରୁ ଶାର୍ଦ୍ଦୁଳ ଠାକୁର ସର୍ବାଧିକ ୩, ନବଦୀପ ସଇନୀ ଓ କୁଲଦୀପ ଯାଦବ ୨ଟି ଲେଖାଏ, ଯଶପ୍ରୀତ ବୁମ୍ରା ଓ ୱାଶିଂଟନ ସୁନ୍ଦର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର:** ଶ୍ରୀଲଙ୍କା ୨୦ ଓଭରରେ ୧୪୨/୯(ପେରେରା-୩୪, ଅଭିଷ୍କା-୨୨, ଶାର୍ଦ୍ଦୁଳ-୩/୨୩, ସଇନୀ-୨/୧୮, କୁଲଦୀପ-୨/୩୮, ବୁମ୍ରା-୧/୩୨, ସୁନ୍ଦର-୧/୨୯)। ଭାରତ ୧୭.୩ ଓଭରରେ ୧୪୪/୩(ଲୋକେଶ-୪୫, ଆୟାର-୩୪, ଧାୱନ-୩୨, କୋହଲି-୩୦*, ୱାନିନ୍ଦୁ ହସରଙ୍ଗା-୨/୩୦, ଲାହିରୁ କୁମାର-୧/୩୦)।



କୁଶାଲ ପେରେରାଙ୍କ ଉଇକେଟ ନେବାପରେ କୁଲ୍‌ଦୀପ ଯାଦବଙ୍କୁ ବିରାଟ କୋହଲିଙ୍କ ବଧେଇ।

# ରବିବାର ସମ୍ଭାବ୍ୟ ମହିଳା କ୍ରିକେଟ ଦଳ ଘୋଷଣା

ଇନ୍ଦୋର,୭।୧(ପି.ଟି.)

ଅଷ୍ଟ୍ରେଲିଆରେ ଖେଳାଯିବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ତ୍ରିରାଷ୍ଟ୍ରୀୟ ସିରିଜ ପାଇଁ ମହିଳା ଦଳ ଓ ଟି୨୦ ବିଶ୍ୱକପ୍ ପାଇଁ ଭାରତୀୟ ସମ୍ଭାବ୍ୟ ମହିଳା ଦଳ ରବିବାର ଘୋଷଣା ହେବ। ମୁମ୍ବାଇରେ ବୈଠକରେ ବସି ଚୟନ କମିଟି ଏହି ଦଳ ଘୋଷଣା କରିବ। ଏହି ତ୍ରିରାଷ୍ଟ୍ରୀୟ ସିରିଜରେ ଆୟୋଜକ ଅଷ୍ଟ୍ରେଲିଆ ସମେତ ଭାରତ ଓ ଇଂଲଣ୍ଡ ସାମିଲ ରହିବେ। କାନବେରାରୁ ଜାନୁୟାରୀ ୩୧ ତାରିଖରୁ ଏହି ସିରିଜ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ପ୍ରତ୍ୟେକ ଦଳ ପରସ୍ପର ବିପକ୍ଷରେ ଦୁଇଟି ଲେଖାଏ ମ୍ୟାଚ୍ ଖେଳିବେ। ଏହାପରେ ଶ୍ରେଷ୍ଠ ଦୁଇଟି ଦଳ ଫାଇନାଲରେ ପରସ୍ପରକୁ ଭେଟିବେ।

ଫେବୃୟାରୀ ୨୧ ତାରିଖରୁ ଟି୨୦ ବିଶ୍ୱ କପ୍ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ତେଣୁ ବିଶ୍ୱକପ୍ ପୂର୍ବରୁ ଖେଳାଯିବାକୁ ଥିବା ଏହି ତ୍ରିରାଷ୍ଟ୍ରୀୟ ଶୃଙ୍ଖଳାରୁ ଭାରତୀୟ ଖେଳାଳିମାନେ ସେମାନଙ୍କ ଦକ୍ଷତା ତଥା ପ୍ରତିଭା ପ୍ରମାଣିତ କରିବାର ସୁଯୋଗ ହାସଲ କରିବେ। ହରମନପ୍ରୀତ କୌରଙ୍କ ନେତୃତ୍ୱରେ ଭାରତୀୟ ଦଳ ୪ଥର ବିଶ୍ୱକପ୍ ହାସଲ କରିଥିବା ଆୟୋଜକ ଅଷ୍ଟ୍ରେଲିଆକୁ ଉଦ୍‌ଘାଟନୀ ମ୍ୟାଚ୍‌ରେ ଭେଟିବ। ମହିଳା କ୍ରିକେଟରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ହାଇପ୍ରୋଫାଇଲ ଦଳ ଭାବେ ବିବେଚିତ ହୁଅନ୍ତି।

ଏହି ତ୍ରିରାଷ୍ଟ୍ରୀୟ ସିରିଜ ଭାରତ ପାଇଁ ବେଶ୍ ଗୁରୁତ୍ୱ ବହନ କରୁଛି। ବିଶ୍ୱର ଦୁଇଟି ଶ୍ରେଷ୍ଠ ଦଳ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ବିପକ୍ଷରେ ଭାରତ ମ୍ୟାଚ୍‌ରେ ଅବତୀର୍ଣ୍ଣ ହେବ। ବିଶ୍ୱକପ୍ ପାଇଁ ଏକ ଶ୍ରେଷ୍ଠ ଦଳ ଚୟନରେ ଏହି ସିରିଜ ବେଶ୍ ସହାୟକ ହେବ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜଣେ ଅଧିକାରୀ କହିଛନ୍ତି। ଗତ ଅକ୍ଟୋବରରେ ଭାରତ ଦକ୍ଷିଣ ଆଫ୍ରିକାକୁ ୩-୧ରେ ଓ ୱେଷ୍ଟଇଣ୍ଡିଜକୁ ୫-୦ରେ ଆଓ୍ୱେ ସିରିଜରେ ପରାସ୍ତ କରିଥିଲା।

# ତ୍ରୁଟି ସୁଧାରୁ ହାଇଦ୍ରାବାଦ ଏଫ୍‌ସି

ବାଇଚୁଙ୍ଗ ଭୂଟିଆ

ଭାରତୀୟ ଫୁଟ୍‌ବଲ ଏବେ କେତୋଟି ନିର୍ଦ୍ଦିଷ୍ଟ ଆଞ୍ଚଳରେ ଆଉ ସୀମିତ ନାହିଁ। ଭାରତର ଟପ୍ ଫୁଟ୍‌ବଲ ଲିଗ୍ ଇଣ୍ଡିଆନ ସୁପର ଲିଗ(ଆଇଏସଏଲ)ରେ ଏବେ ଭୁବନେଶ୍ୱର ଓ ହାଇଦ୍ରାବାଦ ସାମିଲ ହୋଇଛନ୍ତି। ଇତିହାସ କୁହେ ଭାରତୀୟ ଫୁଟ୍‌ବଲ ସହିତ ଏହି ଜଡ଼ିତ ଦୁଇଟି ସେଣ୍ଟରର ଚରିତ୍ର ପରସ୍ପରଠାରୁ ଭିନ୍ନ। 'ସିଟି ଅଫ୍ ପର୍ଲ୍‌ସ' ବହୁ କିମ୍ବଦନ୍ତୀ ଖେଳାଳି ସୃଷ୍ଟି କରିପାରିଥିବାରୁ ଭାରତୀୟ ଫୁଟ୍‌ବଲ ସବୁବେଳେ ହାଇଦ୍ରାବାଦ ନିକଟରେ କୃତଜ୍ଞ ରହିବ। ଦିନଥିଲା ହାଇଦ୍ରାବାଦ ପୋଲିସ ଏକ ଶକ୍ତିଶାଳୀ ଫୁଟ୍‌ବଲ ଦଳ ଥିଲା। ଏହି ସହରରୁ ଅଙ୍କେ ବହୁତେ ଖେଳାଳି ଭାରତୀୟ ଜାତୀୟ ଦଳରେ ସ୍ଥାନ ପାଉଥିଲେ। ଅନ୍ୟପକ୍ଷରେ ଭୁବନେଶ୍ୱରକୁ ଏବେ କ୍ରୀଡ଼ା ରାଜଧାନୀ ବୋଲି କୁହାଯାଉଛି। ମନ୍ଦିରମାଳିନୀ ନଗର ଇତିମଧ୍ୟରେ ସଫଳତାର ସହିତ କେତୋଟି ହାଇ ପ୍ରୋଫାଇଲ କ୍ରୀଡ଼ା ଇଭେଣ୍ଟ ଆୟୋଜନ କରିସାରିଛି। ତନ୍ମଧ୍ୟରେ ଏଫଆଇଏଚ୍ ହକି ୱାର୍ଲ୍ଡ କପ୍ ଅନ୍ୟତମ। ଆଗକୁ ଭାରତରେ ହେବାକୁ ଥିବା ୧୭ବର୍ଷରୁ କମ୍ ଫିଫା ମହିଳା ବିଶ୍ୱକପ୍‌ର କେତୋଟି ମ୍ୟାଚ ଭୁବନେଶ୍ୱରରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ପୁନଶ୍ଚ ୧୯ବର୍ଷରୁ କମ୍ ଭାରତୀୟ ଦଳ ଇଣ୍ଡିଆ ଆରୋଜର ହୋମ୍ ଗ୍ରାଉଣ୍ଡ ରହିଛି। ଇଣ୍ଡିଆନ ସୁପର ଲିଗ୍‌ରେ ଓଡ଼ିଶା ଏଫ୍‌ସି ଏବଂ ହାଇଦ୍ରାବାଦ ଏଫ୍‌ସି ପ୍ରଥମ ଥର ପାଦ ଦେଇଛନ୍ତି। ମାତ୍ର ଉଭୟ ଦଳ ପ୍ରଭାବୀ ହୋଇପାରି ନାହାନ୍ତି। ଓଡ଼ିଶା ଏଫ୍‌ସି ବିଳମ୍ବରେ କେତୋଟି ମ୍ୟାଚରେ ଭଲ ପ୍ରଦର୍ଶନ କରିଛି। ଏହି ଦଳ ଏପର୍ଯ୍ୟନ୍ତ ଖେଳି ସାରିଥିବା ୪ଟି ମ୍ୟାଚରୁ ୯ ପଏଣ୍ଟ ହାସଲ କରି ପଏଣ୍ଟ ଟେବୁଲର ୫ମ ସ୍ଥାନରେ ରହିଛି। ନିକଟରେ ପ୍ଲେଅଫ୍‌କୁ ଉନ୍ନୀତ ହେବାର ସାମର୍ଥ୍ୟ ରହିଥିବା ମୁଁ ଦେଖିପାରୁଛି। ଯେଉଁ ଭାରତୀୟ ଖେଳାଳିମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି ସେମାନଙ୍କ କ୍ୱାଲିଟି ଖେଳ ମୋତେ ପ୍ରଭାବିତ କରିଛି। ଭିନିତ୍ ରାୟ ନନ୍ଦାକୁମାର, ଜେରି ମାୱିମିଙ୍ଗଥାଙ୍ଗା ଭଲ ଖେଳୁଛନ୍ତି। ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ବୋଲି ମୁଁ ମନେ କରୁଛି। ଯୁବ ଖେଳାଳି ଶୁଭମ ଷଡ଼ଙ୍ଗୀ ଜଣେ ପ୍ରତିଭା ସମ୍ପନ୍ନ ଖେଳାଳି। ଭୁବନେଶ୍ୱରରେ ଖେଳ ପ୍ରତି ଦର୍ଶକଙ୍କ ଆଗ୍ରହ ଉତ୍ସାହଜନକ। ସେ ତୁଳନାରେ ହାଇଦ୍ରାବାଦ ଏଫ୍‌ସି ଏବେ ଲିଗ୍ ଟେବୁଲ୍‌ରେ ସର୍ବ ନିମ୍ନ ସ୍ଥାନରେ ରହିଛି। ଏହି ଟିମ୍ ବିଶେଷ କରି ମାର୍ସେଲ ପେରେରାଙ୍କ ପ୍ରଦର୍ଶନ ଉପରେ ନିର୍ଭରଶୀଳ। ଏକ ଟୁର୍ନାମେଣ୍ଟରେ ଜଣେ ଖେଳାଳିଙ୍କ ପ୍ରଦର୍ଶନକୁ ନେଇ ଆଗକୁ ବଢ଼ିବା ସମ୍ଭବ ନୁହେଁ। ଗୋଲକିପରଙ୍କ ବାରମ୍ବାର ତ୍ରୁଟି ଦଳର ଚିନ୍ତା ବଢ଼ାଇ ଦେଇଛି। ଆଦିଲ ଖାଁ ଜଣେ କଠିନ ପରିଶ୍ରମୀ ଖେଳାଳି। ଜାତୀୟ ଦଳରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି। ମାତ୍ର ହାଇଦ୍ରାବାଦ ଏଫ୍‌ସି ଦଳର ଡିଫେନ୍ସରେ ତାଙ୍କୁ ସାଥୀ ଖେଳାଳିମାନଙ୍କଠାରୁ ଉପଯୁକ୍ତ ସହାୟତା ମିଳୁନାହିଁ। ମାର୍ସେଲଙ୍କୁ ମଧ୍ୟ ସମ ଦଶା ଭୋଗିବାକୁ ପଡୁଛି। ଫରୱାର୍ଡରେ ତାଙ୍କୁ ଏକାକି ଯାହା କରିବାକୁ ପଡୁଛି।

–(ଗେମ୍ ପ୍ଲାନ୍)




## ମନେ ପଡ଼ନ୍ତି

### ଏକାଦଶାହ



ସ୍ୱର୍ଗତ ଭରତ ଚନ୍ଦ୍ର ସେଠୀ
ବାଉରିପଦା, ସିମୁଳିଆ, ବାଲେଶ୍ୱର
ଧରାବତରଣ: ୦୧।୦୧।୧୯୨୮
ସ୍ୱର୍ଗାରୋହଣ: ୨୯।୧୨।୧୯
ଆପଣଙ୍କର ଅନୁପସ୍ଥିତି ଆମକୁ କଷ୍ଟ ଦେଉଛି। ତଥାପି ଯେଉଁଠି ବି ଥାଆନ୍ତୁ ମା' ରାଣୀରାଉତାଣୀଙ୍କ ଅଶେଷ କୃପାରୁ ଆପଣଙ୍କ ଆତ୍ମାର ସଦ୍‌ଗତି ହେଉ, ଏତିକି କାମନା।
ଶୋକସନ୍ତପ୍ତ:
ଗଜେନ୍ଦ୍ର, ଅର୍ଣ୍ଣପୂର୍ଣ୍ଣା, ଶଙ୍କର, ହଗିରି, ଜାଗିରୀ, ଠକିରୀ, କମଳା, ମଦନ, ବସନ୍ତ, ଦୈତାରୀ, ଦେବଦତ୍ତ, ବିଜୟ, ସୁରେନ୍ଦ୍ର, ତୁଳସୀ, ମାଳତୀ, କାମିନୀ, ରଶ୍ମି, ଗୀତା, ପ୍ରିୟ, ରାଣୀ, ମାମି, ପିଣ୍ଟୁ, ଖୁସୀ, ଓମ୍, ସାଇ, ପରିବାର ଓ ଆତ୍ମୀୟସ୍ୱଜନ ।
ଧ-୧୬୦୮୨

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଏକାଦଶାହ ଉପଲକ୍ଷେ



୰ ଗୋକୁଳ ଚନ୍ଦ୍ର ମିଶ୍ର
ଆବିର୍ଭାବ: ୦୧.୦୨.୧୯୩୭
ତିରୋଧାନ: ୨୯.୧୨.୨୦୧୯
ଆପଣଙ୍କର ତିରୋଧାନ ରେ ପ୍ରଭୁଙ୍କୁ ଏତିକି ନିବେଦନ ଯେ, ଆପଣଙ୍କର ସ୍ନେହ, ଆଶୀର୍ବାଦ, ପରୋପକାରିତା, ଆଦିକବି ର ପରିଚୟ, ଆମ ପାଇଁ ସଦାସର୍ବଦା ପ୍ରେରଣା ର ମାର୍ଗ ହୋଇଥାଉ ଓ ଆପଣଙ୍କର ଅମର ଆତ୍ମା ସଦ୍‌ଗତି ପ୍ରାପ୍ତ ହେଉ।
ଶୋକସନ୍ତପ୍ତ:
ନାତି-ନାତୁଣୀ, ପରିବାର ବର୍ଗ ଓ ଆତ୍ମୀୟସ୍ୱଜନ
ଧ-୧୬୦୯୦

### ପ୍ରଥମ ଶ୍ରାଦ୍ଧବାର୍ଷିକ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଧିରେନ୍ କୁମାର ଦାଶ
ସାହାସପୁର, ଧୂଷୁରୀ, ଭଦ୍ରକ
ଆବିର୍ଭାବ: ୦୮।୦୯।୧୯୮୦
ତିରୋଧାନ: ୦୭।୦୧।୨୦୧୯
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ରାଧାମୋହନଙ୍କ ନିକଟରେ ପ୍ରାର୍ଥନା କରୁଛୁ ।
ଶୋକସନ୍ତପ୍ତ:
ଆତ୍ମୀୟସ୍ୱଜନ ଓ ପରିବାରବର୍ଗ ।
ଧ-୧୬୦୮୯

### ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଜୟରୁଦ୍ର ପାଲ୍
ପିତା: Dr. S.K. Pal
ମାତା: Minati Pal
ଆବିର୍ଭାବ: ୦୮।୦୫।୧୯୭୮
ତିରୋଧାନ: ୦୮।୦୧।୨୦୧୧
ଚାହୁଁ ଚାହୁଁ ୧୦ବର୍ଷ ବିତିଗଲା। ତୁ ଥିଲୁ ଆମ ଘରର ସୂର୍ଯ୍ୟାଲୋକ। ଅସ୍ତ ହୋଇଗଲୁ ସିନା, ମାତ୍ର ପାସୋରି ହେଉନି ଆଜି ମଧ୍ୟ ତୋର ସେହି ତେଜୀୟାନ୍ ସ୍ମୃତି।
ଇତି ତୋର: ମାଆ, ବାପା ଓ ଶୋକସନ୍ତପ୍ତ ପରିବାରବର୍ଗ ।
ଧ-୧୬୦୮୮

DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ବୁଧବାର, ଜାନୁୟାରୀ ୮/୨୦୨୦ Sambalpur, Wednesday, January 8 / 2020

### ଚେକ୍ ଜାଲିଆତି କରି ୬.୮୨ ଲକ୍ଷ ଟଙ୍କା ଉଠାଣର ପର୍ଦ୍ଦାଫାଶ

# ବ୍ୟାଙ୍କ କର୍ମଚାରୀଙ୍କ ସମେତ ୪ ଗିରଫ

ମଥୁରାନଗରୀ/ଭଟଲି,୭।୧

- ବ୍ୟାଙ୍କ କର୍ମଚାରୀ ରଚିଥିଲେ ଠକେଇ ଯୋଜନା
- ଅଭିଯୁକ୍ତଙ୍କ ପାଖରୁ ମିଳିଲା ୨.୩୯ ଲକ୍ଷ ଟଙ୍କା
- ଠକେଇ ଟଙ୍କାରେ ଜଣେ କିଣିଥିଲେ ନୂଆ ସ୍କୁଟି





ସମ୍ବଲପୁର ଜିଲା ସମବାୟ କେନ୍ଦ୍ର(ଏସଡ଼ିସିସି) ବ୍ୟାଙ୍କ ଭଟଲି ଶାଖାର ଜଣେ ଉପଭୋକ୍ତା ତଥା ବରଗଡ଼ ଭାରତୀ ନଗର ବାସିନ୍ଦା ଅପରାଜିତା ମିଶ୍ର(୪୦)ଙ୍କ ଆକାଉଣ୍ଟରୁ ଚେକ୍ ଜାଲିଆତି କରି ୬ ଲକ୍ଷ ୮୨ହଜାର ଟଙ୍କା ଠକେଇ ଘଟଣାର ପର୍ଦ୍ଦାଫାଶ ହୋଇଛି । ପୋଲିସ ଏହି ଘଟଣାରେ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବରଗଡ଼ ଟାଉନ ଥାନା ପିପିଲିପାଲି ଗ୍ରାମର ନବୀନ କୁମ୍ଭାର(୨୮), ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ଼ ନଂ-୩ ମନାବନ୍ଧପଡ଼ାର ମାନସ କୁମାର ମଲ୍ଲିକ(୩୨), ୱାର୍ଡ଼ ନଂ-୭ ବିଶିପଡ଼ାର ରାଜୁ ଓରଫ ଦୀପକ ମହାନନ୍ଦ(୩୨) ଏବଂ ଅମ୍ବାଭୋନା ଥାନା ବେନିଆପାଲିର ଦୀପକ ଭୋଇ(୨୦)। ଅଭିଯୁକ୍ତ ମାନସ ବରଗଡ଼ସ୍ଥିତ ଏସଡ଼ିସିସି ବ୍ୟାଙ୍କ ମୁଖ୍ୟାଳୟର ଜଣେ କମ୍ପ୍ୟୁଟର ଅପରେଟର ଏବଂ ସେ ଏହି ଠକେଇ ମାମଲାର ମୁଖ୍ୟ ଅଭିଯୁକ୍ତ ବୋଲି ପୋଲିସ କହିଛି । ସେମାନଙ୍କ ପାଖରୁ ନଗଦ ୨ଲକ୍ଷ ୩୯ହଜାର ୫୦୦ ଟଙ୍କା, ନକଲି ଚେକ୍, ଗୋଟିଏ ନୂତନ ସ୍କୁଟି ଜବତ ହୋଇଛି । ଅଭିଯୁକ୍ତଙ୍କ ବିରୋଧରେ ଭଟଲି ଥାନାରେ ଏକ ମାମଲା (ନଂ.୨୦୮/୧୯ ରୁଜୁ ହୋଇଛି ।

ଜିଲା ପୋଲିସ ମୁଖ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇ ଏସ୍‌ପି ପଦ୍ମିନୀ ସାହୁ କହିଥିଲେ, ଅପରାଜିତା ଏସଡିସିସି ବ୍ୟାଙ୍କ ଭଟଲି ଶାଖାରେ ଏକ ଆକାଉଣ୍ଟ ଖୋଲିବା ସହିତ ଚେକ୍‌ବୁକ୍ ଇସ୍ୟୁ କରିଥିଲେ। ସେ ସେହି ଚେକ୍‌ବୁକ୍ ବ୍ୟବହାର କରି ନିୟମିତ ଟଙ୍କା ଉଠାଇ ଆସୁଥିଲେ। ଗତ ଡିସେମ୍ବର ୬ତାରିଖରେ ଅପରାଜିତା ଏକ ଚେକ୍ ଧରି ଉକ୍ତ ବ୍ୟାଙ୍କର ସଦର ଶାଖାକୁ ୨୦ହଜାର ଟଙ୍କା ଉଠାଇବା ପାଇଁ ଯାଇଥିଲେ । ଏହି ସମୟରେ ଜାଲ୍ ଚେକ୍ ବ୍ୟବହାର କରି କେହି ତାଙ୍କ ଆକାଉଣ୍ଟରୁ ୬ଲକ୍ଷ ୮୨ହଜାର ଟଙ୍କା ଉଠାଇ ନେଇଥିବା ସେ ଜାଣିବାକୁ ପାଇଥିଲେ । ଏହାପରେ ସେ ଭଟଲି ଶାଖାକୁ ଯାଇ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ପଚାରାଉଚୁରା କରିଥିଲେ ଏବଂ ତାହା ସ୍ପଷ୍ଟ ହେବା ପରେ ପୋଲିସରେ ଏତଲା ଦେଇଥିଲେ ।

ତାଙ୍କ ଏତଲାକୁ ଭିତ୍ତି କରି ପୋଲିସ ଅନୁସନ୍ଧାନ ଚଳାଇଥିଲା। ତଦନ୍ତରେ ଉପରୋକ୍ତ ଅଭିଯୁକ୍ତମାନେ ସମ୍ପୃକ୍ତ ଥିବା ଜଣାପଡ଼ିବା ପରେ ସେମାନଙ୍କୁ ଗିରଫ କରାଯାଇଥିଲା । ଜାଲିଆତି କରି ସେହି ଟଙ୍କା ଉଠାଇବା ପାଇଁ ଗିରଫ ବ୍ୟାଙ୍କ କର୍ମଚାରୀ ମାନସଙ୍କ ସମେତ ନବୀନ ଓ ରାଜୁ ଅମ୍ବାଭୋନା ଥାନା ଭୁକ୍ତାର ଏକ କମ୍ପ୍ୟୁଟର ଦୋକାନକୁ ଯାଇ ଅପରାଜିତାଙ୍କ ଚେକ୍ ବୁକ୍‌ରେ ରହିଥିବା ଚେକ୍ ନମ୍ବର ଅନୁଯାୟୀ ୩ଟି ଜାଲ୍ ଚେକ୍ ପ୍ରସ୍ତୁତ କରିଥିଲେ। ଏହାପରେ ନବୀନ ସେହି ଟଙ୍କା ଉଠାଇବା ପାଇଁ ଆଲ୍ଲାହାବାଦ ବ୍ୟାଙ୍କ ଓ ବିଜୟା ବ୍ୟାଙ୍କରେ ଆକାଉଣ୍ଟ ଖୋଲିଥିଲେ। ଟଙ୍କା ଉଠାଇବା ପାଇଁ ଗତ ନଭେମ୍ବର ୨୦ତାରିଖରେ ରାଜୁ ଓ ନବୀନ ସେହି ୩ଟି ଚେକ୍ ମଧ୍ୟରୁ ଗୋଟିଏ ଚେକ୍ ବିଜୟା ବ୍ୟାଙ୍କ ବରଗଡ଼ ଶାଖାରେ ଜମା କରିଥିଲେ। ମାତ୍ର ଚେକ୍‌ଟି ସେଠାରୁ ଫେରି ଆସିଥିଲା। ଏହାପରେ ନଭେମ୍ବର ୨୬ତାରିଖରେ ଅନ୍ୟ ଏକ ଚେକ୍ ଧରି ଆଲ୍ଲାହାବାଦ ବ୍ୟାଙ୍କ ବରଗଡ଼ ଶାଖାରେ ଜମା କରିଥିଲେ । କିନ୍ତୁ ସେହି ଚେକ୍ ନମ୍ବରରେ ଅପରାଜିତା ପୂର୍ବରୁ ୨୦ହଜାର ଟଙ୍କା ଉଠାଇ ସାରିଥିବା ଯୋଗୁ ତାହା ମଧ୍ୟ ଫେରି ଆସିଥିଲା। ଅପରପକ୍ଷେ ନଭେମ୍ବର ୨୮ତାରିଖରେ ପୁଣି ଆଲ୍ଲାହାବାଦ ବ୍ୟାଙ୍କକୁ ଯାଇ ଆଉ ଏକ ଚେକ୍ ଜମା ଦେଇଥିଲେ ଏବଂ ଅପରାଜିତାଙ୍କ ଆକାଉଣ୍ଟରୁ ଟଙ୍କା ଉଠାଇବାରେ ଅଭିଯୁକ୍ତମାନେ ସକ୍ଷମ ହୋଇଥିଲେ ବୋଲି ଏସ୍‌ପି ସାହୁ କହିଥିଲେ । ସେହିପରି ଅଭିଯୁକ୍ତ ରାଜୁଙ୍କ ବିରୋଧରେ ବରଗଡ଼ ଟାଉନ ଥାନାରେ ପୂର୍ବରୁ ୬ଟି ମାମଲା ରହିଥିବା ଏସପି ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀରେ ଏସ୍‌ଡ଼ିପିଓ ସୁଧାକର ସାହୁ, ଭଟଲି ଥାନା ଅଧିକାରୀ ରଞ୍ଜିତ ନାଏକ ଉପସ୍ଥିତ ଥିଲେ ।

### ଚିକିତ୍ସା ଅଭାବୁ ଜୀବନ୍ ମରନ୍ ସଂଗେ ଯୁଝୁଛନ୍ ବୁଲୁ

# ମାଏକିନାର ଉପରେ ୫ ପରାନୀର ବୋଝ୍

ଗଣ୍ଡତୁରୁମ, ୭।୧(ଡି.ଏନ୍.ଏ.)



ରୋଗ୍‌ରେ ଖଟେ ପଡ଼ିଥିବାର ବୁଲୁ ସଂଗେ ମାଏକିନା ଆର ୩ ଝିଁ ।

ବରଗଡ଼ ଜିଲା ଭେଡ଼େନ ବ୍ଲକ ମହୁଲପାଲି ପଁଚେତ୍ ଭାଙ୍ଗକୁଦ ଗାଁର ବୁଲୁ ହଂସ(୪୩)। ସେ ଆଏଜ୍‌କେ ୨ ବଛର ହେଲା ରୋଗ୍‌ବେମାରୀରେ ଶଢୁଛନ୍। ପରିବାର ଲୋକ୍‌ଲାଗ୍‌ବରମସ କରି ତାକର ଚିକିଛା କରେଇ ନିରାଶ ହେଇଛନ୍। ଏହେଦେ ଟଁକା ପଏସା ଅଭାବୁ ବୁଲୁ ଚିକିଛା କରେଇ ନାଇଁପାରି କରି ଭଗବାନ ଭରସାରେ ଘରେ ପଡ଼ି ରହିଛନ୍।

ସୂଚନା ଅନ୍‌ସାରେ ଭାଙ୍ଗକୁଦ ଗାଁର ବୁଲୁ ହଂସକଁର ପରିବାର କହେଲେ ମାଏକିନା ବେଲମତୀ (୩୯), ୩ ଝିଁ ବାସନ୍ତି (୧୩), ପଦ୍ମା(୯), ଅର୍ଚ୍ଚିତା (୨)କୁଁ ନେଇ ସଁସାର। ପରିବାରଟା ନିହାତି ଗରିବ୍। ଦୁଇ ମାଏଝି ମୁନୁଷ ପରହର କାମ୍‌ବୁତା କରି ଘରର ତେଲ୍‌ନୁନ୍, ପିଁଧନ୍‌ପଟା, ଛୁଆକର ପାଠ୍‌ପଢ଼ା ଖରଚ୍ ତୁଲଉଥିଲେ। ହେଲେ ଆଏଜ୍‌କେ ୨ ବଛର ତଲେ ବୁଲୁ ଦିନେ ଜରେ ପଡ଼ବାର ସଂଗେ ଅଁଟାଥି ଦରଦ୍ ଅନୁଭବ କରଥିଲେ। ଏନ୍ତାଥି ତାକର ମାଏକିନା ବେଲମତୀ ଲାଗ୍‌ବରମସ କରି ବୁଲୁକୁଁ ଚିକିଛା ଲାଗି ବୁର୍ଲା ଡାକ୍ତରଖାନା ନେଇଥିଲେ। ସେଠାନେ ପରୀକ୍ଷା ନିରୀକ୍ଷା ଉତାରୁ ବୁଲୁ ଟିବି, କିଡ୍‌ନୀ ରୋଗ୍‌ରେ ପୀଡ଼ିତ ଥିବାର ଜନାପଡ଼ିଥିଲା। ଡାକ୍ତର ତାହାକୁ ଉଚ ଚିକିଛା ଲାଗି ପରାମଶ ଦେଲେ। ହେଲେ ଉଷୋକଷା ଆର ଚିକିଛା ଖରଚ୍ ତୁଲେଇ ନାଇଁପାରି କରି ବୁଲୁ ସେଦିନ୍‌ଠାନୁ ଘରେ ପଡ଼ି ରହିଛନ୍। ଏନ୍ତାଥି ୫ ପରାନୀ କୁଟୁମ୍, ଆପ୍‌ନେର ଉଷୋକଷା, ସେବାଯତନ, ଝିଁମାନକର ପାଠ୍‌ପଢ଼ା ବୋଝ୍ ବେଲମତୀ ଉପରେ ରହିଛେ। ଇଆଡ଼େ ବେଲମତୀ ବି ବେମାରିଏନ୍ତା ସେ ଦୁଇଦିନ୍ ପରିଶ୍ରମ କଲେ ୪ ଦିନ୍ ଘରେ ଶୁଉଛନ୍। ଏନ୍ତା ପରିସ୍ଥିତିରେ ପରିବାରକେ ମିଲୁଥିବାର ୨୫ କେ.ଜି. ପିଡିଏସ୍ ଚାଉଲ ସାହାଭରସା ପାଲଟିଛେ। ଗଲା ବଛରନୁ ଇନ୍ଦିରା ଅବାସ ଯୋଜନାରେ ବୁଲୁର ନାଁ ରହିଛେ। ହେଲେ ତାହାକୁ କାମ୍ ମୂଳକରବାର ଅନୁମତି ପତର ନାଇଁ ଦିଆଯିବାର ବଲି ପରିବାର ଲୋକ୍ ଅଭିଯୋଗ କରିଛନ୍। ଏନ୍ତାଥି କୁଟୁମ୍‌ବସିଆ ଗାଁର ବସୁଦେବ ରଣାକଁର ଖଲାରେ ଗୁଟେ ଝାଟିମାଟି କୁରିଆରେ ମୁଡ଼ଗୁଁଜିଛନ୍। ଏନ୍ତାଥି ଉପେ ଶୁଇନ୍ ବେଲମତୀ ଗଣମାଧ୍ୟମ ଜରିଆରେ ଆପ୍‌ନେର ଚିକିଛା ସାହାଯ୍ ସଂଗେ ପରିବାରକେ ଅନ୍ତ୍ୟୋଦୟ ଅନ୍ନପୂର୍ଣ୍ଣା ଯୋଜନାରେ ୩୫ କେ.ଜି. ଚାଉଲ, ଆବାସ ଯୋଜନାରେ ଘରଖଁଡ଼େ ଯୁଗେଇ ଦେବାକେ ଜିଲା ପରଶାସନକେ ଆକୁଲବିକୁଲ ହେଇ ନିବେଦନ କରିଛନ୍।

- ୨ ବଛର ହେଲା ରୋଗ୍‌ରେ ଶଢୁଛନ୍ ବୁଲୁ
- ୨୫ କେ.ଜି. ପିଡିଏସ୍ ଚାଉଲ ସାହାଭରସା
- ଆବାସ ଯୋଜନାରୁ ବଁଚିତ୍ ପରିବାର

### ବିଶେଷଜ୍ଞ ଦଳର ପରିଦର୍ଶନ

# ବଦଳିବ ହୀରାକୁଦ ଡ୍ୟାମ୍‌ର ପୁରୁଣା ଯନ୍ତ୍ରାଂଶ



ହୀରାକୁଦ ଡ୍ୟାମ୍ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିବା ଅବସରରେ ବିଶେଷଜ୍ଞ ଦଳ ।

ସମ୍ବଲପୁର,୭।୧(ବ୍ୟୁରୋ)

ହୀରକୁଦ ଡ୍ୟାମ୍‌ର ସୁରକ୍ଷାକୁ ନେଇ ଏକ ବିଶେଷଜ୍ଞ ଦଳ ମଙ୍ଗଳବାର ପରିଦର୍ଶନ କରିଛନ୍ତି। ସେମାନେ ଅତିରିକ୍ତ ସ୍ପିଲୱେ, ଗେଟ୍, ନଦୀବନ୍ଧ ମରାମତି କାମ, ଗେଟ୍ ମରାମତି କାମ ତଦାରଖ କରିବା ସହ ବନ୍ଧର ସୁରକ୍ଷା ନେଇ ଆଲୋଚନା କରିଛନ୍ତି। ଡ୍ୟାମରେ ପୁରୁଣା କାଳିଆ ଯନ୍ତ୍ରାଂଶ ଲାଗିଛି। ଏହାକୁ ବଦଳାଇ ଆଧୁନିକୀକରଣ କରାଯିବା ଉପରେ ମଧ୍ଯ ବିଚାରବିମର୍ଶ ହୋଇଛି। କେନ୍ଦ୍ରୀୟ ଜଳ ଆୟୋଗର ପୂର୍ବତନ ମୁଖ୍ୟଯନ୍ତ୍ରୀ ଓବାଇକେ ହାଣ୍ଡା, ପୂର୍ବତନ ଅଧ୍ୟକ୍ଷ ଏ. ବି. ପାଣ୍ଡିଆ, ପୂର୍ବତନ ସଦସ୍ୟ ଏସ.କେ.ଜି. ପଣ୍ଡିତ, ବନ୍ଧ ସୁରକ୍ଷା ମୁଖ୍ୟଯନ୍ତ୍ରୀ ପି.ସି. ସାହୁ, ବନ୍ଧ ସୁରକ୍ଷା ନିର୍ଦ୍ଦେଶକ ଅକ୍ଷୟ ଦାସ, ଜଳ ସମ୍ପଦ ବିଭାଗ ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ଏମ.କେ. ମହାପାତ୍ର, ସୁଧାକର ପତି, ହୀରାକୁଦ ଜଳଭଣ୍ଡାର ମୁଖ୍ୟଯନ୍ତ୍ରୀ ସୁନୀଲ ନାଏକ, ଅଧିକ୍ଷଣ ଯନ୍ତ୍ରୀ ଭକ୍ତରଞ୍ଜନ ମହାନ୍ତି, କାର୍ଯ୍ୟନିର୍ବାହୀ ଅଧିକାରୀ ନିରାକାର ବିଶି, ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ ନରେଶ ବାରିକ, ଅତିରିକ୍ତ ସ୍ପିଲୱେ ଯନ୍ତ୍ରୀ ହିମାଂଶୁ ମିଶ୍ର ପ୍ରମୁଖ ଡ୍ୟାମ ପରିଦର୍ଶନ କରି ଆଲୋଚନାରେ ସାମିଲ ହୋଇଥିଲେ। କମିଟିର ଅଧ୍ୟକ୍ଷ ପାଣ୍ଡିଆ କହିଛନ୍ତି ଯେ, ଡ୍ୟାମ୍ ସୁରକ୍ଷିତ ରହିଛି । ପାଣି ଲିକ୍ ହେବା ସ୍ଥାନରେ ମରାମତି କରାଯାଉଛି। କୌଣସି ଚିନ୍ତା କରିବାର ଆବଶ୍ୟକତା ନାହିଁ। ଅତିରିକ୍ତ ସ୍ପିଲୱେ କାମ ମଧ୍ ଠିକ ଭାବେ ଚାଲିଛି । ମ୍ୟାପ ଓ ଅଟକଳ ଅନୁସାରେ ଭଲ ଭାବେ କାମ ହେଉଛି। ବନ୍ଧ ପ୍ୟାଚିଂ ମରାମତି କାମ ମଧ ଠିକ ଭାବେ ଚାଲୁଛି । ଜଳଭଣ୍ଡାର ପଟୁ ମାଟିରେ ପୋତି ହେଉଛି। ହେଲେ ଏତେ ବଡ ବନ୍ଧ ହୋଇଥିବାରୁ ପଟୁମାଟି ଉଦ୍ଧାର କରିବା କଷ୍ଟକର। ଏହାର ବିକଳ୍ପ ବ୍ୟବସ୍ଥା କରାଯାଇ ପଟୁମାଟି ଉଦ୍ଧାର କରାଯିବ। ଗେଟ୍ ଓ ଅନ୍ୟାନ୍ୟ ସ୍ଥାନରେ ପୁରୁଣା ଯନ୍ତ୍ରାଂଶ ଲାଗି ରହିଛି । ଏବେ ତାହା ଅତ୍ୟାଧୁନିକ କରଣ କରିବା ଆବଶ୍ୟକ ରହିଛି। ଏ ଦିଗରେ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ୧୯୯୨-୯୩ରେ ହୀରାକୁଦ ଡ୍ୟାମ୍‌ର ବାମ ଓ ଡାହାଣ ପଟ ସ୍ପିଲୱେରେ ଫାଟ ରହିଥିବା ଜାଣିବାକୁ ମିଳିଥିଲା । ସର୍ଭେ ପରେ ୧୯୯୫ ମସିହାରେ ଏହାର ମରାମତି କାମ କରାଯାଇଥିଲା। ବମ୍ବେର ଏକ କମ୍ପାନୀ ଏହି ଫାଟକୁ ଯାଞ୍ଚ କରୁଛି। ଏହା ପରେ ଅନେକ ଥର ସୁରକ୍ଷାକୁ ନେଇ ଯାଞ୍ଚ କରାଯାଇ ଗେଟ୍‌ଗୁଡିକରେ ମଧ୍ଯ ମରାମତି କରାଯାଉଛି । ପଟୁମାଟି ଜମା ହେବା ଏବେ ମୁଖ୍ୟ ସମସ୍ୟା ହୋଇଛି। ପ୍ରତିବର୍ଷ ବର୍ଷା ସମୟରେ ଡ୍ୟାମରେ ପଟୁମାଟି ଜମୁଛି। ଏଥିପାଇଁ ଜଳଧାରଣ କ୍ଷମତା ହ୍ରାସ ପାଇବା ସହ ଅନେକ ସମୟରେ ବିଦ୍ୟୁତ୍ ଉତ୍ପାଦନ ବାଧାପ୍ରାପ୍ତ ହେଉଛି ।

### ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ '୫-ଟି' ସଚିବ

# ଉତ୍ତମ ସ୍ୱାସ୍ଥ୍ୟସେବା ଉପରେ ଗୁରୁତ୍ୱ

ଝାରସୁଗୁଡ଼ା ଅଫିସ/ଲଖନପୁର,୭।୧(ଡି.ଏନ୍.ଏ.)



ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ସମୀକ୍ଷା ବୈଠକ ଚାଲିଛି ।

'୫-ଟି' ସଚିବ ଭି.କେ. ପାଣ୍ଡିଆନ୍ ମଙ୍ଗଳବାର ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିବା ସହ ଏକ ସମୀକ୍ଷା ବୈଠକରେ ଯୋଗଦେଇ ଉତ୍ତମ ସ୍ୱାସ୍ଥ୍ୟ ସେବା ଉପରେ ଗୁରୁତ୍ୱାରୋପ କରିଛନ୍ତି।

ଭୁବନେଶ୍ୱରରୁ ସ୍ୱତନ୍ତ୍ର ଏକ ବିମାନ ଯୋଗେ ଆସି ୫ଟି ସଚିବ ପାଣ୍ଡିଆନ୍ ଝାରସୁଗୁଡ଼ା ବୀରସୁରେନ୍ଦ୍ର ସାଏ ବିମାନ ବନ୍ଦରରେ ଓହ୍ଲାଇଥିଲେ। ଜିଲା ପ୍ରଶାସନ ତରଫରୁ ଜିଲାପାଳ ସରୋଜ କୁମାର ସାମଲ ଓ ଏସ୍‌ପି ଅଶ୍ୱିନୀ କୁମାର ମହାନ୍ତି ପ୍ରମୁଖ ୫ଟି ସଚିବ ପାଣ୍ଡିଆନଙ୍କ ସହ ଉନ୍ନୟନ କମିଶନର ସୁରେଶ ମହାପାତ୍ର ଓ ସ୍ୱାସ୍ଥ୍ୟ ବିଭାଗ ଯୁଗ୍ମ ସଚିବ ଗୁହା ପୁନମ ତାପସ କୁମାର ପ୍ରମୁଖଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପରେ ସଚିବ ପାଣ୍ଡିଆନଙ୍କ ସହ ଅଧିକାରୀମାନେ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଁଞ୍ଚି ବିଭିନ୍ନ ୱାର୍ଡ ପରିଦର୍ଶନ କରି ସ୍ୱାସ୍ଥ୍ୟସେବା ସମ୍ପର୍କରେ ରୋଗୀଙ୍କୁ ପଚାରି ବୁଝିଥିଲେ। ପରେ ସଚିବ ପାଣ୍ଡିଆନ୍ ମୁଖ୍ୟ ଚିକିତ୍ସାଳୟରେ ଏକ ସମୀକ୍ଷା ବୈଠକ କରିଥିଲେ। ଏହି ବୈଠକରେ ଉତ୍ତମ ସ୍ୱାସ୍ଥ୍ୟସେବା ସମ୍ପର୍କରେ ଆଲୋଚନା ହୋଇଥିଲା । ଏପରି କି ସ୍ୱାସ୍ଥ୍ୟକେନ୍ଦ୍ରର ପରିମଳ ବ୍ୟବସ୍ଥା, ସୁରକ୍ଷା, ମାଗଣାରେ ଔଷଧ ପ୍ରଦାନ, ଖାଦ୍ୟ, ଡାଇଲୋସିସ୍ ଆଦି ସ୍ୱାସ୍ଥ୍ୟସେବା ସହ ରୋଗୀଙ୍କୁ ଉତ୍ତମ ବ୍ୟବହାର ସମ୍ପର୍କରେ ଗୁରୁତ୍ୱାରୋପ କରାଯାଇଥିଲା । ଡାକ୍ତରଖାନାରେ ଆବଶ୍ୟକତା ରହିଥିବା ଲାପର୍‌ସ୍କୋପି ମେଶିନ୍, ଇଏନ୍‌ଟି ରିଲେଟେଡ୍ ଇକ୍ୱିପ୍‌ମେଣ୍ଟ, ଥାର୍ମୋଲୋଜୀ ଇକ୍ୱିପ୍‌ମେଣ୍ଟ, ଏଣ୍ଡୋସ୍କୋପି ମେଶିନ୍ ଆଦି ସମ୍ପର୍କରେ ସିଡିଏମ୍‌ଓ ଡା.ବାରିକ '୫-ଟି' ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆବଶ୍ୟକ ଯନ୍ତ୍ରାଂଶ ଯଥାଶୀଘ୍ର ଯୋଗାଇ ଦିଆଯିବ ବୋଲି ବୈଠକରେ ସଚିବ କହିଥିଲେ। ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ ସଚିବ ମହାପାତ୍ର, ସ୍ୱାସ୍ଥ୍ୟବିଭାଗ ଯୁଗ୍ମ ସଚିବ ଗୁହା ପୁନମ୍, ଜିଲାପାଳ ସାମଲ, ଡିଆଇଜି ହିମାଂଶୁଲାଲ୍, ଏସ୍‌ପି ମହାନ୍ତି, ଅତିରିକ୍ତ ଜିଲାପାଳ ପ୍ରଦୀପ ସାହୁ, ଜିଲା ମୁଖ୍ୟ ଚିକିତ୍ସକ ଡା.ଜଗଦୀଶ ଚନ୍ଦ୍ର ବାରିକ, ଏଡିଏମ୍‌ଓ ଡା.ଡୋଲାମଣି ପଟେଲ, ଡା.ସୁପ୍ରଭା ବାରିକ, ଡା.ରବୀନ୍ଦ୍ର ମାଝି, ଡା.ଲକ୍ଷ୍ମଣ କର୍ମୀ, ଡିପିଏମ୍ ଗୁଲୁ ସାହୁ, ଅଭିଷେକ କୁମାର ପ୍ରମୁଖ ଉପସ୍ଥିତ ଥିଲେ।










Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ସବୁ ସମସ୍ୟାର ମୂଳ କାରଣ ହେଉଛି ଆମେ ଧର୍ମ ଓ ଧାର୍ମିକ ବିଶ୍ୱାସଠାରୁ ଦୂରେଇ ଯାଉଛୁ।
- ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ



## ସଂକ୍ଷେପରେ

### ୧୫ରୁ ସର୍ବଭାରତୀୟ ଡିଏସ୍ କପ୍ ଫୁଟବଲ ଟୁର୍ନାମେଣ୍ଟ

ବୌଦ୍ଧ,୭।୧(ସ୍ୱ.ପ୍ର): ବୌଦ୍ଧ ଜିଲା ଫୁଟବଲ ଆସୋସିଏଶନ ପକ୍ଷରୁ ସର୍ବଭାରତୀୟ ଡିଏସ୍ କପ୍ ଫୁଟବଲ୍ ଟୁର୍ନାମେଣ୍ଟ ଆସନ୍ତା ୧୫ରୁ ସ୍ଥାନୀୟ କଚେରୀ ପଡିଆରେ ଆରମ୍ଭ ହେବ। ଅଲ ଇଣ୍ଡିଆ ଫୁଟବଲ ଫେଡରେଶନ ନୂଆଦିଲ୍ଲୀ ଓ ଫୁଟବଲ ଆସୋସିଏଶନ ଓଡିଶା ଦ୍ୱାରା ସ୍ୱୀକୃତିପ୍ରାପ୍ତ ଏହି ଟୁର୍ନାମେଣ୍ଟରେ ଓଡିଶାର ୪ଟି ଦଳ ସମେତ ବାହର ରାଜ୍ୟ ମଧ୍ୟପ୍ରଦେଶ, ଜାମସେଦପୁର, କଲିକତା, ବମ୍ବେର ଫୁଟବଲ ଦଳ ଭାଗ ନେବାର କାର୍ଯ୍ୟକ୍ରମ ରହିଛି । ଏହି ଟୁର୍ନାମେଣ୍ଟ ୭ ଦିନ ଧରି ହେବାକୁ ଥିବା ବେଳେ ବୌଦ୍ଧ ଜିଲା ଏକାଦଶ, ଟାଟା ଫୁଟବଲ ଏକାଡେମୀ ଜାମସେଦପୁର, ମଧ୍ୟପ୍ରଦେଶର ରତଲାମ ସିଟି ଏଫସି, ସ୍ପୋର୍ଟସ ହଷ୍ଟେଲ କଟକ, ଚାନ୍ଦନୀ ଏଫସି କଲିକତା, ୟୁନିଟ-୬ ଆଥଲେଟିକ ଆସୋସିଏଶନ ଭୁବନେଶ୍ୱର, ଓଡିଶା ପୋଲିସ କଟକ ଏବଂ ଏୟାର ଇଣ୍ଡିଆ ବମ୍ବେର ଫୁଟବଲ ଦଳ ଅଂଶଗ୍ରହଣ କରିବେ। ଟୁର୍ନାମେଣ୍ଟ ଫାଇନାଲ ଖେଳ ୨୧ ତାରିଖରେ ହେବ । ଏ ନେଇ ଜିଲା ଫୁଟବଲ୍ ଆସୋସିଏଶନ ସଭାପତି ଲମ୍ବୋଦର ପୁରୋହିତ ଓ ସମ୍ପାଦକ ଯୁଗଳ କିଶୋର ସାମଲ, ଟୁର୍ନାମେଣ୍ଟ ଅଭ୍ୟର୍ଥନା କମିଟି ମୁଖ୍ୟ ସତ୍ୟପ୍ରକାଶ ଦାଶ ପ୍ରମୁଖ ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି ।

# ସୁବର୍ଣ୍ଣ ଲୋକ ମହୋତ୍ସବ ଉଦ୍‌ଘାଟିତ

ସୋନପୁର,୭।୧(ନି.ପ୍ର.)

ସାଂସ୍କୃତିକ ଶୋଭାଯାତ୍ରା ଓ ଲୋକନୃତ୍ୟର ତାଳେ ତାଳେ ସୁବର୍ଣ୍ଣ ଲୋକ ମହୋତ୍ସବ ୨୦୨୦ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି । ପୂର୍ବାହ୍ନରେ ଲୋକ ବାଦ୍ୟ ଓ ଲୋକ ନୃତ୍ୟରେ ସହରର ରାସ୍ତା ଦୁଲୁକି ଉଠିଥିଲା। ରାଜ୍ୟ ଓ ରାଜ୍ୟ ବାହାରୁ ଆସିଥିବା ହଜାରହଜାର କଳାକାରଙ୍କ ନୃତ୍ୟ ଓ ବାଦ୍ୟରେ ମଶାଲ ଶୋଭାଯାତ୍ରା ତଥା ସାଂସ୍କୃତିକ ଶୋଭାଯାତ୍ରା ବେଶ ଆକର୍ଷଣୀୟ ହୋଇଥିଲା। ପ୍ରଶାସନିକ ଅଧିକାରୀଙ୍କ ସମେତ ବହୁ ଜନସାଧାରଣ ଓ ସଂସ୍କୃତିପ୍ରେମୀ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପ୍ରଥମ ସନ୍ଧ୍ୟାରେ ଓଡିଶୀ, ବିହୁ, ଛଉ, ଭାଙ୍ଗରା, ଯୋଡିଶଙ୍ଖ ନୃତ୍ୟ, ଢୋଲ, ନିଶାନ ଓ ବଂଶୀ ସ୍ୱରର ତାଳେ ତାଳେ ସୋନପୁର ଗାନ୍ଧୀ ପଡିଆର ଫକୀର ମୋହନ ପଟ୍ଟନାୟକ ମୁକ୍ତ ମଞ୍ଚରେ କଳାକାରମାନେ ଲୋକନୃତ୍ୟ, ଲୋକ ସଙ୍ଗୀତ ପରିବେଷଣ କରିଥିଲେ। ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ



ସୁବର୍ଣ୍ଣ ଲୋକ ମହୋତ୍ସବର ଉଦ୍‌ଘାଟନୀ ସଭାରେ ମଞ୍ଚାସୀନ ଅତିଥି ବୃନ୍ଦ ।

ମୁଗ୍ଧ କରିଥିଲା। ନୃତ୍ୟ ଓ ବାଦ୍ୟର ମହା ସଙ୍ଗମରେ ପ୍ରକମ୍ପିତ ହୋଇ ଉଠିଥିଲା ମଞ୍ଚ। ଭୁବନେଶ୍ୱରର ଭିନ୍ନକ୍ଷମ ନୃତ୍ୟଶିଳ୍ପୀ ଗୁରୁ ନିତ୍ୟାନନ୍ଦ ଦାସଙ୍କ ଓଡିଶୀ ନୃତ୍ୟ, କାଶ୍ମୀର କଳାକାରଙ୍କ କଶ୍ମୀରୀ ନୃତ୍ୟ, ଉତ୍ତର ପ୍ରଦେଶର ମଥୁରା ଡ୍ୟାନ୍ସ ଗ୍ରୁପ, ଭବାନୀପଟଣାର ନୃତ୍ୟାଙ୍ଗନା ଅନୁଷ୍ଠାନର ସମ୍ବଲପୁରୀ ନୃତ୍ୟ, ଆସାମର ବିହୁ ନୃତ୍ୟ, ପଞ୍ଜାବ ଭାଙ୍ଗରା ନୃତ୍ୟ, ପଶ୍ଚିମବଙ୍ଗର ପୁରୁଲିଆ ଛଉ ଓ ଗଞ୍ଜାମର ରଣପା ଓ ଯୋଡି ଶଙ୍ଖ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା । ବିଳମ୍ବିତ ରାତି ପର୍ଯ୍ୟନ୍ତ ନୃତ୍ୟର ଛନ୍ଦ ରସରେ ଝୁମିଥିଲେ ଦର୍ଶକ ।

ରାଜ୍ୟ ଅର୍ଥ ଓ ଅବକାରୀ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସୁବର୍ଣ୍ଣପୁର ଜିଲାର କଳା, ସାହିତ୍ୟ ଓ ସଂସ୍କୃତି ଦେଶ ବିଦେଶରେ ପ୍ରସିଦ୍ଧ ବୋଲି କହିବା ସହିତ ସ୍ଥାନଟିକୁ ବର୍ତ୍ତୁଳ ସଂସ୍କୃତିର ନାଭିକେନ୍ଦ୍ର ବୋଲି ଅଭିହିତ କରିଥିଲେ। ସୁବର୍ଣ୍ଣପୁରକୁ ରାଜ୍ୟର ଏକ ସୁନ୍ଦର ସହର କରିବା ପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିବା ସହ ପଞ୍ଚରଥ ମନ୍ଦିରକୁ ନୂଆ ରୂପ ଦିଆଯିବ ବୋଲି କହିଥିଲେ । ସମ୍ମାନିତ ଅତିଥିଭାବେ ରାଜ୍ୟ ଯୋଜନା ଓ ସଂଯୋଜନା ଏବଂ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଯୋଗଦେଇ ଲୁପ୍ତପ୍ରାୟ କଳା ଓ ସଂସ୍କୃତିକୁ ବଞ୍ଚାଇ ରଖିବାରେ ଲୋକ ମହୋତ୍ସବ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଅନ୍ୟପକ୍ଷେ ନୂତନ ଜିଲା ହେବା ପରେ ସୁବର୍ଣ୍ଣପୁର ବହୁ ପ୍ରଗତି କରିଛି ବୋଲି କହିଥିଲେ। ଜିଲାପାଳ

### ଲୋକନୃତ୍ୟ ଗୀତରେ ଦୁଲୁକିଲା ମଞ୍ଚ

ତଥା ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ମୋନିଷା ବାନାର୍ଜୀ ସଭାରେ ଅଧ୍ୟକ୍ଷତା କରି ସମସ୍ତଙ୍କୁ ସ୍ୱାଗତ କରିବା ସହ ଜିଲାର ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ପ୍ରସିଦ୍ଧ ଚଳଚ୍ଚିତ୍ର ନିର୍ମାତା ସବ୍ୟସାଚୀ ମହାପାତ୍ର ବିଶେଷ ଅତିଥି ଭାବେ ଯୋଗଦାନ କରି ମାଟିର ମହକ ଓ କଳା ସମ୍ପର୍କରେ ଆଲୋକପାତ କରିଥିଲେ । ଏସ୍‌ପି ଦେବୀପ୍ରସାଦ ଦାଶ ତାଙ୍କ ବକ୍ତବ୍ୟରେ ଏହି ଜିଲାର କଳା ଓ ସଂସ୍କୃତି ମହାନ ବୋଲି କହିଥିଲେ। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ଉତ୍ସବ ଜିଲାର କଳା, ସଂସ୍କୃତି, ଐତିହ୍ୟ ଓ ବିକାଶ ଧାରାର ବାର୍ତ୍ତାବହ ବୋଲି ମତପ୍ରକାଶ କରିଥିଲେ । ଅଭିନେତା ପ୍ରଦ୍ୟୁମ୍ନ ସାହୁ ମଞ୍ଚ ସଂଯୋଜନା କରିଥିଲେ। ସ୍ଥାନୀୟ ଭୀମଭୋଇ କଳା ପରିଷଦର କଳାକାର ମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଉତ୍ସବ ଉଦ୍‌ଘାଟନ ପୂର୍ବରୁ ମୁଖ୍ୟ ଅତିଥି ପୂଜାରୀ ଜିଲା ଉନ୍ନୟନ ପ୍ରଦର୍ଶନୀ ଓ ପଲ୍ଲିଶ୍ରୀ ମେଳାକୁ ଉଦ୍‌ଘାଟନ କରିଥିଲେ। ମେଳାରେ ମୋଟ ୨୦୦ଟି ଷ୍ଟଲ ଖୋଲାଯାଇଛି । ରାଜ୍ୟ ଓ ରାଜ୍ୟ ବାହାରୁ ସ୍ୱୟଂ ସହାୟକ ଦଳ ଓ ଶିଳ୍ପୀମାନେ ଏହି ମେଳାରେ ଯୋଗ ଦେଇଛନ୍ତି । ସୌଖିନ ହସ୍ତଶିଳ୍ପ, ଆୟୁର୍ବେଦିକ ଔଷଧ, ଦୈନନ୍ଦିନ ଘରକରଣା ସାମଗ୍ରୀ, ମସଲା, ଆଚାର, ଗାଲିଚା ପରି ବ୍ୟବହାରିକ ବସ୍ତୁର ପସରା ମେଲିଛି । ପ୍ରତିତି ମିଶ୍ର, ତୃପ୍ତି ଅମ୍ଳାନ ଜ୍ୟୋତି ଓ ମନୋଜ ପ୍ରଧାନ ସାଂସ୍କୃତିକ ସନ୍ଧ୍ୟାକୁ ସଂଯୋଜନା କରିଥିଲେ। ସଭା ପ୍ରାରମ୍ଭରେ ପଦ୍ମଲୋଚନ ସାହୁ, ଶାଶ୍ୱତ ତ୍ରିପାଠୀ, ବୀରେନ ଜଗଦଳା ଲୋକ ସଂଗୀତ ଗାନ କରିଥିଲେ। ଜିଲା ସଂସ୍କୃତି ପରିଷଦ, ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓରମାସର ମିଳିତ ଆୟୋଜନରେ ଏହି କାର୍ଯ୍ୟକ୍ରମ ଆୟୋଜନ ହେଉଛି ।

### ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ

## ଅନୁଗୋଳକୁ ହରାଇ ସୋନପୁର ସେମିରେ

ଅମରପାଲି, ୭।୧ (ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କମିରା ପଞ୍ଚାୟତର ବିକଲପୁରଠାରେ ଚାଲିଥିବା ୧୪ତମ ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ ମଙ୍ଗଳବାର ୟଙ୍ଗଷ୍ଟାର ଅନୁଗୋଳକୁ ହରାଇ ଏସଡିସିଏ ସୋନପୁର ସେମିଫାଇନାଲରେ ପ୍ରବେଶ କରିଛି। ସୋନପୁର ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୨୪୮ ରନ କରିଥିଲା । ଦଳର ପ୍ରବୀଣ ଲୁହା ୩୮ ବଲରୁ ୬ଟି ଛକା ଓ ୬ଟି ଚୌକା ସହ ୭୫, ସୌରଭ ବେଦବାକ ୨୩ ବଲରୁ ୬୦ ଓ ଉମାଶଙ୍କର ହୋତା ୧୮ ବଲରୁ ୪୮ ରନ କରିଥିଲେ । ବିପକ୍ଷ ଅନୁଗୋଳର ସନତ ସିଂଦେଓ ୪ଟି ଓ ଆଲୋକ ୨ଟି ଉଇକେଟ ନେଇଥିଲେ। ଜବାବରେ ୟଙ୍ଗଷ୍ଟାର ଅନୁଗୋଳ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୫୭ ରନ କରି ପରାସ୍ତ ହୋଇଥିଲା । ଦଳର ସନତ ସିଂଦେଓ ୪୫ ବଲରୁ ୬୭ ରନ ଓ ଆଲୋକ ୨୧ ରନ କରିଥିଲେ । ସୋନପୁରର ଆକାଶ ପାତ୍ର ୩ଟି ଓ ବିକାଶ ମଲ୍ଲିକ ଗୋଟିଏ ଉଇକେଟ ନେଇଥିଲେ। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ କ୍ରୀଡାବିତ ବରୁଣ ପଧାନ ଅତିଥି ଭାବେ ଯୋଗଦେଇ ଅନୁଗୋଳର ସନତ ସିଂଦେଓଙ୍କୁ ମ୍ୟାନ ଅଫ ଦି ମ୍ୟାଚଭାବେ ପୁରସ୍କୃତ କରିଥିଲେ । ଖେଳକୁ ଅଚ୍ୟୁତାନନ୍ଦ ସାହୁ ଓ ସୁରେଶ ବିଶି ପରିଚାଳନା କରିଥିଲେ। ରମଣ କୁମାର କର୍ଣ୍ଣ ସ୍କୋରିଂ ଏବଂ ଶ୍ରୀନିବାସ ପଧାନ ଓ ପରକ୍ଷିତ କର୍ଣ୍ଣ ଧାରା ବିବରଣୀ ପ୍ରଦାନ କରିଥିଲେ। ବୁଧବାର ପୁଲ-ଏର ସେମିଫାଇନାଲ ସୋନପୁର ଓ ରେଢ଼ାଖୋଲ ମଧ୍ୟରେ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ପ୍ରକାଶ ।





ସନତ ସିଂଦେଓଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କୃତ କରାଯାଉଛି ।

### ବୌଦ୍ଧ ମହୋତ୍ସବ, ପଲ୍ଲିଶ୍ରୀ ମେଳା ଉଦ୍‌ଯାପିତ

## ବୁଦ୍ଧଙ୍କ ଭଳି ବୌଦ୍ଧ ଶାନ୍ତିର ପ୍ରତୀକ



ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।

ବୌଦ୍ଧ,୭।୧(ସ୍ୱ.ପ୍ର)

ବୌଦ୍ଧ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଉଦ୍‌ଯାପିତ ହୋଇଯାଇଛି। ବୌଦ୍ଧ ସହରର କଚେରୀ ପଡିଆର ଗୌତମ ବୁଦ୍ଧ ମଣ୍ଡପରେ ଚାଲିଥିବା ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ଲଲାଟେନ୍ଦୁ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଏଥିରେ ଓଡିଶା ଭାଷା ପ୍ରତିଷ୍ଠାନ, ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି, କନ୍ଧମାଳ ବିଧାୟକ ମହୀଧର ରଣା, ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ଉପଦେଷ୍ଟା ମୁନ୍ନା ଖାଁ, ପଦ୍ମଶ୍ରୀ ଜିତେନ୍ଦ୍ରୀୟ ହରିପାଲ, ସିନେତାରକା ନମ୍ରତା ସିଂଦେଓ ଏବଂ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟଅତିଥି ମନ୍ତ୍ରୀ ପାଣିଗ୍ରାହୀ ବୌଦ୍ଧ ବୁଦ୍ଧଙ୍କ ଭଳି ଶାନ୍ତିର ପ୍ରତୀକ ବୋଲି ମତବ୍ୟକ୍ତ କରିଥିଲେ। ନାଏକପଡା ଗୁମ୍ଫାକୁ ପର୍ଯ୍ୟଟନ ମାନଚିତ୍ରରେ ରଖିବାକୁ ପ୍ରୟାସ କରାଯିବ ବୋଲି ମନ୍ତ୍ରୀ କହିଥିଲେ ଏବଂ ମହୋତ୍ସବ ଅବସରରେ ଇ ସ୍ମରଣିକା ଓ ଇ ବୌଦ୍ଧିକ ଉନ୍ମୋଚନ କରିଥିଲେ। ଅନ୍ୟତମ ଅତିଥି ମୁନା ଖାଁ ଇଚ୍ଛାଶକ୍ତି ଦୃଢ ରହିଲେ ସଫଳତା ନିଶ୍ଚୟ ମିଳିବ ବୋଲି ମତବ୍ୟକ୍ତ କରିଥିଲେ। ଉଦଯାପନୀ ଦିବସର ସାଂସ୍କୃତିକ ସନ୍ଧ୍ୟାରେ ଗୌତମ ବୁଦ୍ଧ ମଣ୍ଡପରେ ତ୍ରିଭଙ୍ଗ କଳା ନିକେତନ ଦ୍ୱାରା ଓଡିଶୀ ନୃତ୍ୟ, ବଲାଙ୍ଗୀର ଉପକାର ପକ୍ଷରୁ ଘୁଡୁକା ନୃତ୍ୟ, ପୁରୀ ଗୋଟିପୁଅ ନୃତ୍ୟ, ବୌଦ୍ଧ ଜବାହାର ନବୋଦୟ ବିଦ୍ୟାଳୟ ଦ୍ୱାରା ଫ୍ୟୁଜନ ଡ୍ୟାନ୍ସ, ଲୋଇସିଙ୍ଗା ଶଙ୍କର ଗ୍ରୁପ ଦ୍ୱାରା ପଞ୍ଚରସି, ବୌଦ୍ଧ ଆକୃତି ଦ୍ୱାରା ମହାପାରାଶକ୍ତି, କଲିକତା ବାଲାଟ ଗ୍ରୁପ ପକ୍ଷରୁ ଘୁମୁରା ନୃତ୍ୟ ପରିବେଷଣ କରାଯାଇଥିଲା। ସେହିପରି ପଦ୍ମଶ୍ରୀ ଜିତେନ୍ଦ୍ରୀୟ ହରିପାଲଙ୍କ ରଙ୍ଗବତୀ ଗୀତରେ ଜିଲାପାଳ, ଏସ୍‌ପି, ବିଧାୟକ, ପିଡି ପ୍ରମୁଖ ନାଚି ଉଠିଥିଲେ। ପ୍ରମୋଦ କୁମାର ପ୍ରଧାନ ସଭାମଞ୍ଚ ପରିଚାଳନା କରିଥିଲେ ।

### ପଞ୍ଚାୟତସ୍ତରୀୟ ହିତାଧିକାରୀ ଚିହ୍ନଟ ଶିବିର

## ଚିହ୍ନଟ ହେଲେ ବିଭିନ୍ନ ଯୋଜନାର ୧୦୯ ହିତାଧିକାରୀ

ଅମରପାଲି, ୭।୧ (ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଦୁର୍ଜନତୈଳା ପଞ୍ଚାୟତ କାର୍ଯ୍ୟାଳୟରେ ସାମାଜିକ ସୁରକ୍ଷା ଯୋଜନାରେ ପଞ୍ଚାୟତସ୍ତରୀୟ ହିତାଧିକାରୀ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତ ସମିତି ବୀରମହାରାଜପୁର, ସାମାଜିକ ସୁରକ୍ଷା ସମିତି ବୀରମହାରାଜପୁର, ଜିଲା ପ୍ରଶାସନ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓଡିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବୀରମହାରାଜପୁର ବିଡିଓ ନିରଞ୍ଜନ ନାଏକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କ୍ଷୀରୋଦ ଭୂଷଣ ରାୟ, ଦୁର୍ଜନତୈଳା ସରପଞ୍ଚ ରଞ୍ଜିତ କ୍ଷେତୀ, ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଲିଙ୍ଗରାଜ ବାଘ, ସୀମାରାଣୀ ପଣ୍ଡା, ଶିବାନୀ ଦାଶ ଓ ବିଜୁ ଯୁବ ବାହିନୀ ବ୍ଲକ ସଂଯୋଜକ ଦେବରାଜ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଶିବିରରେ ସର୍ବମୋଟ ୧୦୯ ଜଣ ହିତାଧିକାରୀଙ୍କୁ ବିଭିନ୍ନ ଯୋଜନା ପାଇଁ ଚିହ୍ନଟ କରାଯାଇଥିଲା । ସେଥିରୁ ୮୪ ଜଣ ବାର୍ଦ୍ଧକ୍ୟ ଭତ୍ତା, ୨ଜଣଙ୍କୁ ବିଧବା ଭତ୍ତା, ୫ଜଣ ଭିନ୍ନକ୍ଷମ ଭତ୍ତା, ୧୪ଜଣ ଅବିବାହିତ ମହିଳା, ୨ଜଣ ସ୍ୱାମୀ ପରିତ୍ୟକ୍ତା ମହିଳା ଓ ୨ଜଣ ଜାତୀୟ ପରିବାର ମଙ୍ଗଳ ଯୋଜନା ପାଇଁ ଚିହ୍ନଟ ହୋଇଥିଲେ ।



ଦୁର୍ଜନତୈଳାରେ ହିତାଧିକାରୀ ଚିହ୍ନଟ ଶିବିରରେ ଅଧିକାରୀମାନେ ଚିହ୍ନଟ କରୁଛନ୍ତି ।

### ବଳଦ ନେଇ ଯାଉଥିବା ପିକ୍ ଅପ୍ ଭ୍ୟାନ ଦୁର୍ଘଟଣାଗ୍ରସ୍ତ

## ୨ ବଳଦ ମୃତ, ଡ୍ରାଇଭର ଗୁରୁତର

ଉଲୁଣ୍ଡା, ୭।୧(ଡି.ଏନ.ଏ.)

ସୋନପୁର-ସମ୍ବଲପୁର ମୁଖ୍ୟରାସ୍ତାର ମାଟିଖାଇ ନୂଆପଡା ନିକଟରେ ମଙ୍ଗଳବାର ଅପରାହ୍ନରେ ବଳଦ ନେଇ ଯାଉଥିବା ଏକ ପିକଅପ ଭ୍ୟାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଦୁଇଟି ବଳଦର ମୃତ୍ୟୁ ହୋଇଛି। ଗାଡିରେ ଥିବା ଅନ୍ୟ ଏକ ବଳଦ ଗୁରୁତର ହୋଇଛି। ଦୁର୍ଘଟଣା ପରେ ଗାଡି ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱକୁ ଖସି ଯିବାରେ ଡ୍ରାଇଭର ବିନିକା ବ୍ଲକ ଡେଣ୍ଟୁପଦର ଗ୍ରାମର ବୁଠି ନାଏକ(୩୮) ଗୁରୁତର ହୋଇଛନ୍ତି। ତାଙ୍କୁ ସୋନପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ବୁଠି ରାମପୁରରୁ ପିକଅପ ଭ୍ୟାନ ଓଡି-୦୩ଜେ ୯୨୨୧ରେ ୪ଟିବଳଦ ଧରି ସୋନପୁର ପଟକୁ ଆସୁଥିବାବଳେ ଭାରସାମ୍ୟ ହରାଇ ଦୁଇଟି ଗଛରେ ପିଟି ହୋଇ ଚୁରମାର ହୋଇଯାଇଥିଲା। ଉଲୁଣ୍ଡା ଥାନା ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରିବା ସହିତ ଘଟଣାର ଅଧିକ ତଦନ୍ତ କରୁଛି।

## କୁଲୁତାଯୋରରେ ଖଜୁରଗୁରେନ ଯାତ୍ରା

ଘଣ୍ଟାପଡା, ୭।୧ (ଡି.ଏନ.ଏ)

କନ୍ଧମାଳ ବ୍ଲକ କୁଲୁତାଯୋର ଠାରେ ମାଁ ଖଜୁରଗୁରେନ ଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି। ଚଳିତ ବର୍ଷ ଗାଁ ଗୌନ୍ତିଆ ଗଣେଶ୍ୱର ରଣାଙ୍କ ତତ୍ତ୍ୱାବଧାନରେ ପୂର୍ବ ରାତ୍ରିରେ ନିଂଶି ପର୍ବ ପାଳନ କରାଯାଇଥିଲା। ପୂଜକ ଉପେନ୍ଦ୍ର ମାଝୀ ଢ଼େଲାଗୁରୁ, ଭୂଆସେନ, ଖଜୁରଗୁରେନ, ପେଞ୍ଜିପାଟ, କୁପେନବୁଢ଼ା, ହଳଦୀବୁଢ଼ା, ସୁନାମୁହିଁ ଆଦି ବିଭିନ୍ନ ଦେବୀଦେବଙ୍କ ପୂଜା କରିଥିଲେ। ରାତିରେ ଉଜାଗର ରହି ରୀତିନୀତି ଅନୁଯାୟୀ ପର୍ବ ପାଳନ କରାଯାଇଥିଲା। କଳାସୀ ପଦ୍ମନ ମାଝୀ, ଯୋଗୀନ୍ଦ୍ର ଭୁଏ ଓ ବିଜୟ ରଣାଙ୍କ ଦେହରେ ଦେବୀଦେବତା ସବାର ହୋଇଥିଲେ। ମାନସିକଧାରୀ ଭକ୍ତମାନେ ଦେବୀଙ୍କ ନିକଟରେ ଛେଳି, ମେଣ୍ଢା, କୁକୁଡା, ବତକ ଆଦି ଭୋଗ ଭାବେ ବଳି ଚଢାଇଥିଲେ ।

### ବ୍ଲକ କୃଷକ ଉପଦେଷ୍ଟା କମିଟିର ବୈଠକ

## କ୍ଷେତ୍ର ପ୍ରଦର୍ଶନ ସ୍ୱଚ୍ଛତା ଭିତ୍ତିରେ କରାଯାଉ

ଅମରପାଲି, ୭।୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର କୃଷି ସୂଚନା ପରାମର୍ଶ କେନ୍ଦ୍ର ସଭାଗୃହରେ ମଙ୍ଗଳବାର ବ୍ଲକ କୃଷକ ଉପଦେଷ୍ଟା କମିଟିର ଦ୍ୱିତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । କମିଟି ଅଧ୍ୟକ୍ଷ ଆଲୋକ କୁମାର ଦେହୁରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ ଯୋଗଦେଇ କୃଷି ବିଭାଗ ତରଫରୁ କ୍ଷେତ୍ର ପ୍ରଦାନ ପାଇଁ ଚାଷୀଙ୍କୁ ଦିଆଯାଉଥିବା ମୁଗ, ବାଦାମ ଆଦି ଚାଷରେ ସ୍ୱଚ୍ଛତା ଭିତ୍ତିରେ କରାଯିବାକୁ ପରାମର୍ଶ ଦେଇଥିଲେ। ରାଜ୍ୟ କୃଷି ମହୋତ୍ସବ-୨୦୨୦, ସୁବର୍ଣ୍ଣ ଉତ୍ସବ- ୨୦୨୦କୁ କ୍ଷେତ୍ର ପରିଦର୍ଶନ, ଜଳ ସଂରକ୍ଷଣ, ଜୈବିକ କୃଷି ପଦ୍ଧତି ଅବଲମ୍ବନ ପାଇଁ ଆତ୍ମା ତରଫରୁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଜିଲା ପରିଷଦ ଗାୟତ୍ରୀ ପାଣିଗ୍ରାହୀ, ଧରଣୀଧର ପାଢ଼ୀ, ସୁପ୍ରଭା ଦାନୀ, ପିତାମ୍ବର ସାହୁ ପ୍ରମୁଖ ସଦସ୍ୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଟିଟି କନଭେନର କାଳିନ୍ଦୀ ପରିଡା ମୁଖ୍ୟମନ୍ତ୍ରୀ ଅଭିନବ କୃଷି ଯନ୍ତ୍ରପାତି ସମ୍ମାନ ସମ୍ପର୍କରେ ଅବଗତ କରିଥିଲେ। ସହକାରୀ କୃଷି ଅଧିକାରୀ ତୁଷାରକାନ୍ତ ସାହୁ କୃଷି ବିଭାଗର ସ୍କିମ ସମ୍ପର୍କରେ ଅବଗତ କରିଥିଲେ। ବିଟିଏମ ଜିତେନ୍ଦ୍ର ମେହେର ଆତ୍ମା ସ୍କିମ ଉପରେ ଆଲୋଚନା କରିଥିଲେ। ସହକାରୀ ବୈଷୟିକ ମୀନକେତନ ମହାକୁର ସଭା ପରିଚାଳନା କରିଥିଲେ। ସ୍ଥାନୀୟ ବିଧାୟକ ତଥା ବାଣିଜ୍ୟ ପରିବହନ ଏବଂ ଯୋଜନା ସଂଯୋଜନ ମନ୍ତ୍ରୀ ପଦ୍ମନାଭ ବେହେରା କାର୍ଯ୍ୟକ୍ରମରେ ଯୋଗଦେଇ ଆନ୍ତଃଜିଲା କ୍ଷେତ୍ର ପରିଦର୍ଶନର ଶୁଭାରମ୍ଭ କରିଥିଲେ। ୨୦ଜଣ ଚାଷୀ ସୁବର୍ଣ୍ଣପୁରରେ ହେଉଥିବା ସୁବର୍ଣ୍ଣ ମହୋତ୍ସବକୁ କ୍ଷେତ୍ର ପରିଦର୍ଶନରେ ଯାଇଥିଲେ। ଏଟିଏମ ଚନ୍ଦ୍ରଶେଖର ନାଏକ ଓ ନାରାୟଣ ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ ।



କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ ମନ୍ତ୍ରୀ ପଦ୍ମନାଭ ବେହେରା ଓ ସଦସ୍ୟମାନେ।

## ଆନ୍ତଃରାଜ୍ୟ ହକି ଟୁର୍ନାମେଣ୍ଟ ଜିତିଲା ସୁନ୍ଦରଗଡ଼

ଉଲୁଣ୍ଡା, ୭।୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଏସ.ପତ୍ରାପାଲି ପଞ୍ଚାୟତର ଗିନ୍ଦିଲ୍ଲାମାଲଠାରେ ଉଲୁଣ୍ଡା ଯୁବ ମହାସଂଘ ଏବଂ ଆଦିବାସୀ ବିକାଶ କ୍ଲବ ମିଳିତ ଆନୁକୂଲ୍ୟରେ ଗତ ଚାରଦିନ ଧରି ଚାଲିଥିବା ଆନ୍ତଃ ରାଜ୍ୟ ହକି ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳରେ ସୁନ୍ଦରଗଡ ଦଳ ରେଢାଖୋଲକୁ ଟାଇବ୍ରେକର ୭-୬ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଛି। ପ୍ରଥମ ସେମିଫାଇନାଲରେ ସୁନ୍ଦରଗଡ ଦଳ ସମ୍ବଲପୁରକୁ ୩-୧ ଗୋଲରେ ହରାଇଥିବା ବେଳେ ଦ୍ୱିତିୟ ସେମିରେ ରେଢାଖୋଲ ଦଳ ୨-୧ଗୋଲରେ ଝାରସୁଗୁଡାକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲ ଖେଳ ସଙ୍ଘର୍ଷପୂର୍ଣ୍ଣ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଖେଳ ଗୋଲଶୂନ୍ୟ ଭାବରେ ସମାପ୍ତ ହେବାରୁ ମ୍ୟାଚ ରେଫରି ଟ୍ରାଇବ୍ରେକରର ସହାୟତା ନେଇଥିଲେ। ଖେଳକୁ ଜୋହନ ବାରଲା, ଜୋଲସେନ ହର, ସୁଲେମାନ ଲମଙ୍ଗା, ଜସେବ ବାର୍ଯ୍ୟୋ ପରିଚାଳନା କରିଥିଲେ। ଆଦିବାସୀ କ୍ଲବ ଗିନ୍ଦିଲ୍ଲାମାଲର



ଅତିଥିଙ୍କ ସହ ଚାମ୍ପିୟନ ସୁନ୍ଦରଗଡ଼ ଦଳର ଖେଳାଳିମାନେ।

ସଭାପତି ନିଲାନ କୁର୍ତୀଙ୍କ ଅଧ୍ୟକ୍ଷତା ଏବଂ ଉଲୁଣ୍ଡା ଯୁବମହାସଂଘ ସଭାପତି ପ୍ରମୋଦ ପଧାନଙ୍କ ସଂଯୋଜନାରେ ହୋଇଥିବା ପୁରସ୍କାର ବିତରଣ ଉତ୍ସବରେ ସାମାଜିକ କର୍ମୀ ସନାତନ ମହାଲିଗ, ବ୍ଲକ କ୍ରିଡା ସଂଯୋଜକ ଉରୁକ୍ରମ ପାଣ୍ଡିଆ, କମଲ ରଞ୍ଜନ ପରିଛା, ସଞ୍ଜୀବ କୁମାର ପାଣିଗ୍ରାହୀ, କୁଶ ବଘାର ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜେତା ସୁନ୍ଦରଗଡ ଏବଂ ଉପବିଜେତା ରେଢାଖୋଲକୁ ଟ୍ରଫିସହ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାନ ଅଫ ଦ ମ୍ୟାଚ ଭାବେ ରେଢାଖୋଲର ପ୍ରସନ୍ନ ବିଲୁଙ୍ଗ ଓ ମ୍ୟାନ ଅଫ ଦ ଟୁର୍ନାମେଣ୍ଟ ଭାବରେ ସୁନ୍ଦରଗଡର ରତିଆ ସୋରେନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ସ୍ଥାନୀୟ ଆଦିବାସୀ ଝିଅମାନେ ପାରମ୍ପରିକ ଆଦିବାସୀ ନୃତ୍ୟ ପରିବେଷଣ କରିଥିଲେ। ଚାରିଦିନ ଧରି ଚାଲିଥିବା ଟୁର୍ନାମେଣ୍ଟରେ ଉଲୁଣ୍ଡା ଯୁବ ମହାସଂଘ ଏବଂ ଆଦିବାସୀ ବିକାଶ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



ଅଯଥା ସନ୍ଦେହ ବିଶ୍ୱାସଘାତକତାକୁ ନିମନ୍ତ୍ରଣ କରି ଆଣେ।
- ଭଲଟାୟାର





ମଥୁରାରୁ ଅକ୍ରୂରଙ୍କ ଗୋପପୁର ଗମନବେଳେ ଶୋଭାଯାତ୍ରା (ବାମ)। ଘୋଡ଼ାଗାଡ଼ିରେ ଅକ୍ରୁର ମଥୁରାରୁ ଗୋପପୁରକୁ ଯାଉଛନ୍ତି (ମଝି)। ଗୋପପୁର ନନ୍ଦ ଦରବାରରେ କୃଷ୍ଣ, ବଳରାମଙ୍କ ସହ ଭୁବନେଶ୍ୱର ଏମ୍‌ପି ଅପରାଜିତା ସଡଙ୍ଗୀ।

# ଟ୍ରାଫିକ ସଚେତନତା ପତ୍ର ବଣ୍ଟନ

**ଗଣ୍ଡତୁରୁମ, ୭।୧ (ଡି.ଏନ.ଏ)**

ବରଗଡ଼ ଧନୁଯାତ୍ରାରେ ମହାରାଜ କଂସଙ୍କ ନିର୍ଦ୍ଦେଶ କ୍ରମେ ପଶ୍ଚିମ ଓଡ଼ିଶା ଟ୍ରାଫିକ ସଂଯୋଜକ ପଦ୍ମଲୋଚନ ଭୋସାଗର ମଙ୍ଗଳବାର ଭେଡେନ ବ୍ଲକର ବିଭିନ୍ନ ସ୍ଥାନରେ ଟ୍ରାଫିକ ସଚେତନତା ପତ୍ର ବଣ୍ଟନ କରିବା ସହ ସଡ଼କ ସୁରକ୍ଷା ସମ୍ପର୍କରେ ଗାଡି ଚାଳକ ଏବଂ ଯାତ୍ରୀମାନଙ୍କୁ ବୁଝାଇଥିଲେ। ଏପରି କି ଗର୍ଭଣା, ଭେଡେନ, ମହୁଲପାଲି ଏବଂ ଗଣ୍ଡତୁରୁମ ଛକରେ ବାଇକ୍ ଆରୋହୀ, ଭାରିଯାନ ଚାଳକ ଏବଂ ଜନସାଧାରଣଙ୍କୁ ଟ୍ରାଫିକ ନିୟମ ସମ୍ପର୍କରେ ଅବଗତ କରାଯାଇଥିଲା। ସେହିପରି ବିଭିନ୍ନ ଶିକ୍ଷାନୁଷ୍ଠାନ, ସାମାଜିକ ପ୍ରତିଷ୍ଠାନଗୁଡିକରେ ଟ୍ରାଫିକ ସଚେତନତା ପ୍ରଚାରପତ୍ର ବଣ୍ଟନ କରାଯାଇଥିଲା। ସୂଚନା ଯୋଗ୍ୟ, ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ରାଜ୍ୟର ୧୦୦ଟି କଲେଜ, ୧୫୦ଟି ଶିକ୍ଷାନୁଷ୍ଠାନ ଏବଂ ସାମାଜିକ ଅନୁଷ୍ଠାନକୁ ଟ୍ରାଫିକ ସଚେତନତା କରାଇବା ସହିତ ୩୦ହଜାର ପ୍ରଚାର ପତ୍ର ବାଣ୍ଟିବା ନେଇ ନିଷ୍ପତ୍ତି ନିଆଯାଇଥିବା ସଂଯୋଜକ ଭୋଇସାଗର କହିଛନ୍ତି।



ଗାଡି ଚାଳକମାନଙ୍କୁ ପ୍ରଚାରପତ୍ର ବଣ୍ଟନ କରି ପଶ୍ଚିମ ଓଡ଼ିଶା ଟ୍ରାଫିକ ସଂଯୋଜକ ପଦ୍ମଲୋଚନ ଭୋସାଗର ସଚେତନ କରାଉଛନ୍ତି।

# ଶ୍ରୀକୃଷ୍ଣ, ବଳରାମଙ୍କୁ ଦେଖି ଅକ୍ରୂର ଭାବବିହ୍ୱଳ

**ମଥୁରାନଗରୀ/ଗୋପପୁର,୭।୧**

ବରଗଡ଼ ଧନୁଯାତ୍ରା ମହୋତ୍ସବର ଅଷ୍ଟମ ଦିବସ ମଙ୍ଗଳବାର ଉଭୟ ମଥୁରାନଗରୀ ଓ ଗୋପପୁରର ଦୃଶ୍ୟାଭିନୟ ଦେଖିବା ପାଇଁ ଜନସମାଗମ ହୋଇଥିଲା। ଗୋଟିଏ ପଟେ ଗୋପପୁରର ବୃନ୍ଦାବନ ପଡ଼ିଆ ଏବଂ ଅନ୍ୟପଟେ ମଥୁରାନଗରୀର ରାଜ ଦରବାର ରଙ୍ଗମହଲର ଦୃଶ୍ୟାଭିନୟ ଚିତ୍ତାକର୍ଷକ ଥିଲା। ଗୋପାଳ ବାଳକଙ୍କ ଗହଣରେ ଶ୍ରୀକୃଷ୍ଣ, ବଳରାମ ଗୋପପୁର ପରିକ୍ରମା କରି ଯମୁନାକୂଳ ବୃନ୍ଦାବନ ପଡ଼ିଆକୁ ପହଞ୍ଚିଥିଲେ । ସେଠାରେ ଅନ୍ଧବ୍ରାହ୍ମଣ ଶ୍ରୀକୃଷ୍ଣକୁ ଭେଟିବାକୁ ଯାଇଥିଲେ ଏବଂ ଲୀଳାମୟ କୃଷ୍ଣଙ୍କୁ ଗିରିଗୋବର୍ଦ୍ଧନ ବେଶରେ ଦେଖିବା କ୍ଷଣି ଦୃଷ୍ଟିଶକ୍ତି ଫେରି ପାଇଥିଲେ। ସେହିପରି କଂସ ମହାରାଜଙ୍କ ନିର୍ଦ୍ଦେଶ କ୍ରମେ କୃଷ୍ଣ, ବଳରାମଙ୍କୁ ଆଣିବା ପାଇଁ ଅକ୍ରୁର ଏକ ସୁସଜ୍ଜିତ ରଥରେ ଗୋପପୁର ଅଭିମୁଖେ ଯାଇଥିଲେ । ଯିବା ବାଟରେ ଯମୁନା ଶଯ୍ୟାରେ ଶ୍ରୀକୃଷ୍ଣଙ୍କ ପାଦଚିହ୍ନ ଦେଖି ସେ ଭାବବିହ୍ୱଳ ହୋଇ ପଡ଼ିଥିଲେ। ପରେ ଶ୍ରୀକୃଷ୍ଣ, ବଳରାମ ଅକ୍ରୁରଙ୍କୁ ନନ୍ଦ ଦରବାରକୁ ନେଇଥିଲେ । ନନ୍ଦ ଦରବାରରେ ଅକ୍ରୁର ନନ୍ଦରାଜାଙ୍କୁ ବେନିଭାଇଙ୍କୁ ଧନୁଯାତ୍ରା ଦେଖିବା ପାଇଁ ମହାରାଜ କଂସ ଦେଇଥିବା ଚିଟାଉ ପ୍ରଦାନ କରିଥିଲେ।

ଅନ୍ୟପକ୍ଷେ କଂସ ମହାରାଜ ନିଜ ପାତ୍ରମନ୍ତ୍ରୀଙ୍କ ଗହଣରେ ମଥୁରା ଭ୍ରମଣ କରିଥିଲେ। ପରିଭ୍ରମଣ ସାରି କଂସ ମହାରାଜ ରଙ୍ଗମହଲକୁ ପହଞ୍ଚି ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର ନୃତ୍ୟରେ ବିଭୋର ହୋଇଥିଲେ। ସେଠାରୁ ରାଜ ଦରବାରକୁ ଆସି ବେନିଭାଇଙ୍କୁ ହତ୍ୟା ଏବଂ ଗୋପପୁରକୁ ଧ୍ୱଂସ କରିବା ନେଇ



ଶ୍ରୀକୃଷ୍ଣ, ବଳରାମଙ୍କ ସହିତ ଅକ୍ରୁରଙ୍କ ସାକ୍ଷାତ୍ ।

**ବରଗଡ଼ ଧନୁଯାତ୍ରା**

ନିଜ ସୈନ୍ୟ, ସାମନ୍ତ ଯୁଦ୍ଧ ଅଭ୍ୟାସ କରିଥିଲେ। ରାଜ ଦରବାରରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ପଶ୍ଚିମ ଓଡ଼ିଶା ବିକାଶ ପରଷଦ ଅଧ୍ୟକ୍ଷ ସୁବାସ ଚୌହାନ, କଳାକାର ପଦ୍ମିନି ଦୋରାଙ୍କ ସମେତ ଅବସରପ୍ରାପ୍ତ ସୈନିକ ସଂଘର ସଦସ୍ୟ ରାଜ ଅତିଥିଭାବେ ଯୋଗ ଦେଇଥିଲେ। ଏଠାରେ ଉଲ୍ଲେଖନୀୟ, ମଙ୍ଗଳବାର ସ୍ଥାନୀୟ ନିଶାମଣି ସ୍କୁଲ ସମ୍ମୁଖ ଲୋକମଣ୍ଡପ ପଡ଼ିଆର ମଞ୍ଚ କଂସଙ୍କ ରାଜ ଦରବାର ପାଲଟିଛି। ଧନୁଯାତ୍ରାର ଶେଷ ପର୍ଯ୍ୟନ୍ତ ଏହି ମଞ୍ଚରେ କଂସଙ୍କ ପ୍ରମୁଖ ଦୃଶ୍ୟାଭିନୟ ଅଭିନୀତ ହେବ। ଅନ୍ୟପକ୍ଷେ ଗତ ୩୧ତାରିଖରୁ କଂସ ଦରବାର ପାଲଟିଥିବା ହାଟପଦା ମଞ୍ଚ ଏବେ ରଙ୍ଗମହଲ ହୋଇଛି। ଆସନ୍ତାବର୍ଷ ଧନୁଯାତ୍ରା ମହୋତ୍ସବକୁ ରାଜ୍ୟସ୍ତରୀୟ ଉତ୍ସବ ଘୋଷଣା କରାଯିବ ବୋଲି ମନ୍ତ୍ରୀ ପାଣିଗ୍ରାହୀ କହିଛନ୍ତି।

# ଯକ୍ଷ୍ମାର ସଚେତନତା ବାର୍ତ୍ତା ଦେଲେ କଳାକାର

**ଭଟଲି,୭।୧(ଡି.ଏନ.ଏ.)**

ଯକ୍ଷ୍ମାରୋଗ ଏକ ଭୟାବହ ରୋଗ ବୋଲି ଲୋକ ଭାବୁଛନ୍ତି। ହେଲେ ଏହାର ପ୍ରତିକାର ସହଜରେ ହୋଇଥାଏ। ରୋଗର ଲକ୍ଷ୍ୟଣ ବିଷୟରେ ଅବଗତ ହେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେଇ ନିୟମିତ ଔଷଧ ଖାଇଲେ ଯକ୍ଷ୍ମା ରୋଗରୁ ନିସ୍ତାର ମିଳିଥାଏ ବୋଲି ମଙ୍ଗଳବାର ବରଗଡ଼ ଜିଲା ଭଟଲି ରଥଦାଣ୍ଡ ପଡ଼ିଆରେ ଅନୁଷ୍ଠିତ ପଥପ୍ରାନ୍ତ ନାଟକରେ କଳାକାରମାନେ ବାର୍ତ୍ତା ଦେଇଥିଲେ। ଜିଲା ସଂସ୍କୃତି ବିଭାଗ ଏବଂ ଜିଲା ସ୍ୱାସ୍ଥ୍ୟ ବିଭାଗର ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ମଞ୍ଚ କଳାକାର ତଥା ନୂଆଁଗଡ଼ ଧନୁଯାତ୍ରାର କଂସ ମହାରାଜ ଆଶାରାମ ଖମାରୀ ଯମରାଜ ଭୂମିକାରେ ଅବତିର୍ଣ୍ଣ ହୋଇଥିବାବେଳେ ମହାମନ୍ତ୍ରୀ ଚିତ୍ରଗୁପ୍ତ ଭୂମିକାରେ ବୈରାଗୀ ସାହୁ, ନାରଦ ଭୂମିକାରେ ନବକିଶୋର ଠାକୁର, ପ୍ରହରୀ ଭୂମିକାରେ ଧର୍ମଦେବ ପାତ୍ର, ଯକ୍ଷ୍ମାରୋଗୀ ଭୂମିକାରେ ଅଶୋକ ସାହୁ ଏବଂ ନର୍ତ୍ତକୀ ଭୂମିକାରେ ନିରୁପମା ସା ଅଭିନୟ କରି ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମକୁ ସଂଯୋଜକ ପ୍ରଶାନ୍ତ ପଧାନ ସଂଯୋଜନା କରିଥିବାବେଳେ ପ୍ରକାଶ ସାହୁ, ଚନ୍ଦ୍ର କାଳି, ରମେଶ ଚନ୍ଦ୍ର ନାଏକ, ଅର୍ଜୁନ ସାହୁ, ସଞ୍ଜୀବ ଷଡ଼ଙ୍ଗୀ, ସାନନ୍ଦ ସାହୁଙ୍କ ସମେତ ଭଟଲିର ସମସ୍ତ ଆଶାକର୍ମୀ ଅତିଥି ଭାବେ ଯୋଗଦେଇଥିଲେ।



କଳାକାରମାନେ ସଚେତନତା ବାର୍ତ୍ତା ଦେଉଛନ୍ତି।

# ୟୁକୋ ବ୍ୟାଙ୍କର ପ୍ରତିଷ୍ଠା ଦିବସ

**ଭଟଲି,୭।୧(ଡି.ଏନ.ଏ.)**

ବରଗଡ଼ ଜିଲା ଭଟଲି ୟୁକୋ ବ୍ୟାଙ୍କ ପରିସରରେ ବ୍ୟାଙ୍କର ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଧବଳେଶ୍ୱର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ୟାଙ୍କର ପ୍ରଥମ ସୁକନ୍ୟା ଯୋଜନାର ହିତାଧିକାରୀ ଚତୁର୍ଥ ଶ୍ରେଣୀ ଛାତ୍ରୀ ବନ୍ଦନା ଡନସନା କ୍ୟାକ୍ କାଟି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମକୁ ଗୋବିନ୍ଦ ନାଗ, ପ୍ରିୟଦତ୍ତ ପଣ୍ଡା, ସୁନୀଲ ପଧାନ, ଶାଖା ପରିଚାଳକ ସେଠୀ ଏବଂ ଏବିଏମ୍ ପ୍ରଶାନ୍ତ କୁମାର ନାୟକ ପ୍ରମୁଖ ବ୍ୟାଙ୍କର ପ୍ରତିଷ୍ଠାତା ଘନଶ୍ୟାମ ଦାସ ବିର୍ଲାଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ପରିଚାଳକ ସେଠୀ ଏବଂ ଉପପରିଚାଳକ ନାୟକ ବ୍ୟାଙ୍କର ବିଭିନ୍ନ ଯୋଜନା ସମ୍ପର୍କରେ ହିତାଧିକାରୀମାନଙ୍କୁ ଅବଗତ କରାଇଥିଲେ।

## ବୌଦ୍ଧରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ

# ଜଣେ ଶିକ୍ଷକରେ ଚାଲିଛି ସ୍କୁଲ

**ତଳଗାଁ, ୭।୧(ଡି.ଏନ.ଏ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ତଳଗାଁ ହାଇସ୍କୁଲରେ ସବୁବେଳେ ଶିକ୍ଷକ ସମସ୍ୟା ଲାଗିରହିଛି। ଏହି ସ୍କୁଲରେ ଅଷ୍ଟମରୁ ଦଶମ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଗୋଟିଏ ଶ୍ରେଣୀ ଗୃହରେ ପାଠ ପଢୁଛନ୍ତି । ସେହିପରି ଗତ ବର୍ଷ ବିଦ୍ୟାଳୟରେ ଦୁଇଜଣ ଶିକ୍ଷକ ଥିଲେ। ହଠାତ ଜଣେ ବିଜ୍ଞାନ ଶିକ୍ଷୟିତ୍ରୀଙ୍କ ମୃତ୍ୟୁ ଘଟିବାରୁ ଏବର୍ଷ ଜଣେ ଶିକ୍ଷକରେ ଶିକ୍ଷାଦାନ ଚାଲିଛି। ଜଣେ ଶିକ୍ଷକ ଅଫିସକାମ ଓ ହଷ୍ଟେଲ ଦାୟିତ୍ୱ ବୁଝୁଥିବାରୁ ପାଠପଢା ବ୍ୟାହତ ହେଉଛି । ଫଳରେ ଅଭିଭାବକମାନେ ସେମାନଙ୍କ ପିଲାଙ୍କ ପାଠପଢା ନେଇ ଚିନ୍ତାରେ ପଡିଯାଇଛନ୍ତି। ଏ ନେଇ ଅଭିଭାବକ, ସ୍ଥାନୀୟ ଜନସାଧାରଣ ଜିଲା ଶିକ୍ଷା ଅଧିକାରୀଙ୍କୁ ଅଭିଯୋଗ କରିଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଆଗକୁ ମାଟ୍ରିକ ପରୀକ୍ଷା ଥିବାବେଳେ ସ୍କୁଲରେ ଶିକ୍ଷକ ଅଭାବ ଯୋଗୁ ଛାତ୍ରୀଛାତ୍ରୀଙ୍କ ଚିନ୍ତା ବଢିଯାଇଛି। ଯଦି ଶିକ୍ଷା ବିଭାଗ ପକ୍ଷରୁ ଚଳିତ ଶିକ୍ଷା ବର୍ଷରେ ଶିକ୍ଷକ ଯୋଗାଇ ଦିଆ ନ ଯାଏ ତେବେ କୌଣସି ପିଲାଙ୍କ ନାମଲେଖା ହେବନାହିଁ ଏବଂ ସ୍କୁଲରେ ତାଲା ପଡିବ ବୋଲି ସ୍କୁଲ କମିଟି ପକ୍ଷରୁ କୁହାଯାଇଛି। ଏ ନେଇ ହରଭଙ୍ଗା ବିଇଓ ସନାତନ ଗାହାଣଙ୍କୁ ପଚାରିବାରୁ ସେ କହିଲେ, ଦୁଇଜଣ ଶିକ୍ଷକଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇଯିବାରୁ ବର୍ତ୍ତମାନ ଜଣେ ଶଇକ୍ଷକରେ ଉକ୍ତ ସ୍କୁଲ ଚାଲିଛି । ଏ ବିଷୟରେ ଜିଲା ଶିକ୍ଷା ଅଧିକାରୀଙ୍କୁ ଜଣାଇ ଦିଆଯାଇଛି ବୋଲି ଗାହାଣ ପ୍ରକାଶ କରିଥିଲେ ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୋରାଣି ସାଙ୍ଗକୁ ନ ଥାଏ ଲୁଣ**
**ମିଛେ ବୋଲୁଥାଏ ତିନି ତିଅଣ ।**

ଅନେକ କ୍ଷେତ୍ରରେ କିଛି ନ ଥିବା ବ୍ୟକ୍ତି ସମାଜରେ ନିଜ ଫମ୍ପା ଆଭିଜାତ୍ୟ ଦେଖାଇ ହେବାରେ କାଣିଚାଏ ହେଳା କରୁ ନ ଥିବା ଲକ୍ଷ୍ୟ କରାଯାଏ। ତେବେ ଅଭାବୀ ବ୍ୟକ୍ତି ପକ୍ଷେ ନିଜକୁ ଏପରି ଦେଖେଇ ହେବାରେ କୌଣସି ଯଥାର୍ଥତା ରହି ନ ଥାଏ। ବାହାରକୁ ନିଜ ବୃଥା ବଡ଼ିମା ଦେଖାଉଥିବା ବ୍ୟକ୍ତିର ଅସଲ ସ୍ୱରୂପ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ତୋ କାନ ମଲ୍ଲୀ କଢ଼ି**
**ତୋ କାନରେ ଥାଉ**
**ଠେଲା ପେଲା କରି ମାରିବା**
**ବରଷ ମୁଣ୍ଡ ପାଉ ।**

ସ୍ୱାମୀର ସ୍ତ୍ରୀ ପ୍ରତି ସ୍ନେହ ଓ ଶ୍ରଦ୍ଧା ଉକ୍ତି। ଘରର ଅଭାବ ଦୂର କରିବା ପାଇଁ ସ୍ତ୍ରୀର କାନ ଫୁଲ ବିକିବାକୁ ଅନିଚ୍ଛା ପ୍ରକାଶ କରୁଥିବା ସ୍ୱାମୀ ସ୍ତ୍ରୀକୁ ବୋଧ ବା ସାନ୍ତ୍ୱନା ଦେବାକୁ ଯାଇ ଯାହିତାହି ଘର ଚଳାଇ ବରଷ ପାଇଗଲେ ସମୟକ୍ରମେ ଅସୁବିଧା ଦୂର ହୋଇଯିବ କହି ସମୟ ଗଡ଼ାଇବାକୁ ପରାମର୍ଶ। ଏପରି ଅବସ୍ଥା ଅଳ୍ପ ବହୁତେ ବହୁ ଅଭାବୀ ପରିବାରରେ ଘଟୁଥିବା ସ୍ଥଳେ କଷ୍ଟରେ ଅର୍ଜିଥିବା ମୂଲ୍ୟବାନ ପଦାର୍ଥ ସହଜରେ ଛାଡ଼ିବାକୁ ଇଚ୍ଛା ନ ହେବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ଅମ୍ବାଭୋନା ବ୍ଲକରେ ମୋ ସରକାର ଯୋଜନାକୁ ବେଖାତିର

**ଅମ୍ବାଭୋନା, ୭।୧(ଡି.ଏନ୍.ଏ.)**

ବରଗଡ଼ ଜିଲା ସୀମାନ୍ତ ଅମ୍ବାଭୋନା ବ୍ଲକରେ ବିଭାଗୀୟ କର୍ମଚାରୀଙ୍କ ଦାୟିତ୍ୱହୀନତା, ଅଫିସରଙ୍କ ମନମୁଖି କାର୍ଯ୍ୟ ଏବଂ ପିସି କାରବାର ନେଇ ଜନ ଅସନ୍ତୋଷ ଦିନକୁ ଦିନ ବଢ଼ିବାରେ ଲାଗିଛି। ବିଭିନ୍ନ କାର୍ଯ୍ୟ ନେଇ ଲୋକେ ବ୍ଲକ କାର୍ଯ୍ୟାଳୟକୁ ଆସୁଛନ୍ତି। ହେଲେ ବିଭାଗୀୟ ଅଧିକାରୀଙ୍କୁ କାର୍ଯ୍ୟାଳୟରେ ନ ପାଇ ନିରାଶ ହେଉଥିବା ଦେଖିବାକୁ ମିଳୁଛି। କେତେଜଣ କର୍ମଚାରୀ ମଧ୍ୟାହ୍ନ ୧୨ଟାରେ ଅଫିସ ଆସୁଥିବା ବେଳେ ଅନ୍ୟ କିଛି ଅଧିକାରୀଙ୍କ କାର୍ଯ୍ୟାଳୟରେ ମଧ୍ୟାହ୍ନ ୧୨ଟାରେ ମଧ ତାଲା ଝୁଲୁଥିବା ଦେଖିବାକୁ ମିଳୁଛି। ବଣପାହାଡ଼ ଘେରା ବିଚ୍ଛିନାଞ୍ଚଳରୁ ଲୋକେ ବହୁ କଷ୍ଟରେ ବ୍ଲକ କାର୍ଯ୍ୟାଳୟକୁ ଆସୁଛନ୍ତି। ହେଲେ ବିଭାଗୀୟ ଅଧିକାରୀଙ୍କୁ ନ ପାଇ ନିଶାସ ହୋଇ ଫେରିଯିବାକୁ ପଡୁଥିବା ଲୋକ ଅଭିଯୋଗ କରିଛନ୍ତି। ଏପରି କି ବିଭିନ୍ନ ଉନ୍ନୟନ ମୂଳକ ଯୋଜନାରେ କାର୍ଯ୍ୟାଦେଶ ପାଉଥିବା ହିତାଧିକାରୀମାନଙ୍କୁ ବିଲ୍ କରାଇ ଦେବାକୁ କହି ବିଭାଗୀୟ କର୍ମଚାରୀଙ୍କ ସହ ଅଧିକାରୀମାନେ ଲାଞ୍ଚ ମାଗୁଥିବା ଜନସାଧାରଣ ଅଭିଯୋଗ କରିଛନ୍ତି।

ରାଜ୍ୟ ସରକାର ସ୍ୱଚ୍ଛତା ପାଇଁ ୫ଟି ଘୋଷଣା କରିଥିବାବେଳେ ଅମ୍ବାଭୋନା ବ୍ଲକରେ ମୋ ସରକାର ଯୋଜନାକୁ ବେଖାତିର କରାଯାଉଥିବା ଜନସାଧାରଣ ଅଭିଯୋଗ କରିଛନ୍ତି। ପ୍ରଶାସନିକ ଉଦାସୀନତା ଯୋଗୁ ଅମ୍ବାଭୋନା ବ୍ଲକ ପଛୁଆ ବ୍ଲକ ଭାବେ ପରିଗଣିତ ହୋଇଛି। ଏପରି କି ଅମ୍ବାଭୋନା ବ୍ଲକର ଜନସାଧାରଣ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ବିଭିନ୍ନ ସମସ୍ୟାକୁ ନେଇ ଅଭିଯୋଗ କରୁଛନ୍ତି। ଏପରି କି ଅଭିଯୋଗ ପଞ୍ଜୀକୃତ ହେଉଛି। ହେଲେ ଅଭିଯୋଗର ତଦନ୍ତ କିମ୍ବା ସମସ୍ୟାର ସମାଧାନ ପାଇଁ କର୍ମଚାରୀଙ୍କ ଆନ୍ତରିକତା ଦେଖିବାକୁ ମିଳୁ ନାହିଁ। ଫଳରେ ଲୋକେ ଅଭିଯୋଗ ଶୁଣାଣି ଶିବିରରୁ ମଧ୍ୟ କୌଣସି ଲାଭ ପାଉ ନ ଥିବା ଜଣାପଡିଛି। ଏନେଇ ଅମ୍ବାଭୋନା ବିଡିଓ ଆଲଫ୍ରାନ୍ସ ବିଲୁଙ୍ଗଙ୍କୁ ପଚାରିବାରୁ ବରଗଡ଼ ଡିଆର୍‌ଡିଏ ଅଫିସରେ ମିଟିଂ ଥିବା କହି କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ। ଏନେଇ ବ୍ଲକ ଅଧ୍ୟକ୍ଷା ନୀଳ କୁମାରୀ ନାଏକଙ୍କୁ ପଚାରିବାରୁ ବିଡିଓଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରିବାକୁ କହିଥିଲେ।




- କର୍ମଚାରୀଙ୍କ ମନମୁଖି କାର୍ଯ୍ୟ ଅଭିଯୋଗ
- ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ

**ସେମାନେ ଯାହା କୁହନ୍ତି...**

" ବ୍ଲକ କାର୍ଯ୍ୟାଳୟକୁ କର୍ମଚାରୀମାନେ ଠିକ୍ ଭାବେ ଆସୁ ନାହାନ୍ତି। ଏଥିପ୍ରତି ବରଗଡ଼ ଜିଲାପାଳ ଏବଂ ମନ୍ତ୍ରୀ ଦୃଷ୍ଟି ଦେବାକୁ ଅନୁରୋଧ।
**ରିକୁ ଦାଶ**

" ବିଭିନ୍ନ ସମସ୍ୟାରେ ଚାଲିଛି ଅମ୍ବାଭୋନା ବ୍ଲକ। କର୍ମଚାରୀମାନେ କାର୍ଯ୍ୟାଳୟକୁ ଠିକ୍ ଭାବେ ଆସୁ ନ ଥିବା ବେଳେ ଅଫିସରଙ୍କ ମନମୁଖି କାର୍ଯ୍ୟ ସହ ପିସି କାରବାର ସାଧାରଣ ଜନତାଙ୍କୁ ବ୍ୟତିବ୍ୟସ୍ତ କରୁଛି।
**ସତ୍ରାଜିତ ସାହୁ**

" କର୍ମଚାରୀଙ୍କ କାର୍ଯ୍ୟାଳୟକୁ ଆସିବାରେ ଅନିୟମିତତା ଯୋଗୁ ବ୍ଲକର ବିକାଶ କାର୍ଯ୍ୟ ଠପ୍ ହୋଇପଡିଛି । ଏପରି କି ଲୋକେ ସାମାନ୍ୟତମ କାମ ପାଇଁ ବାରମ୍ବାର ବ୍ଲକ କାର୍ଯ୍ୟାଳୟକୁ ଦୌଡି ନିରାଶ ହେଉଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦିଅନ୍ତୁ।
ବିଦ୍ୟାଧର ବାରିକ, ଆଇନଜୀବୀ

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୮ ଜାନୁୟାରୀ, ୨୦୨୦



ପରିବର୍ତ୍ତନ ସହିତ ଯିଏ ଖାପ ଖୁଆଇବାର କଳା ହାସଲ କରିପାରିନାହିଁ, ସେ ଅଶାନ୍ତି ଭିତରେ ବୁଡ଼ି ରହିବ।
-ଫ୍ରାନସିସ୍ ବେକନ



## ସଂକ୍ଷେପରେ

### ବସ୍ ଧକ୍କାରେ ବାଇକ୍ ଆରୋହୀ ମୃତ: ୧୫ ବସ୍ ଯାତ୍ରୀ ଆହତ

**ବଲାଙ୍ଗୀର ଅଫିସ, ୭।୧:** ବଲାଙ୍ଗୀର-ସୋନପୁର ୫୭ ନମ୍ବର ଜାତୀୟ ରାଜପଥର ପୁଇଁତଲା ଥାନା ନିକଟରେ ସୋନପୁରରୁ ବଲାଙ୍ଗୀର ଆସୁଥିବା ଯାତ୍ରୀବାହୀ ବସ୍ ଚକାଡୋଳାର ଚକ ଫାଟି ଯିବାରୁ ଭାରସାମ୍ୟ ହରାଇ ଏକ ବାଇକ୍ ଆରୋହୀଙ୍କୁ ଧକ୍କା ଦେଇଥିଲା। ଏଥିରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତ ବାଇକ୍ ଆରୋହୀ କଳାହାଣ୍ଡି ଜିଲା ଜୁନାଗଡର ନରେଶ କୁମାର ରାଉତ୍ ବୋଲି ଜଣାପଡିଛି। ବସ୍‌ଟି ଭାରସାମ୍ୟ ହରାଇବା ପରେ ରାସ୍ତାରୁ ବାହାରି ଜମି ଭିତରକୁ ଚାଲିଯାଇଥିଲା। ଏଥିରେ ୧୫ ଜଣ ଯାତ୍ରୀ ଆହତ ହୋଇଥିଲେ। ପୁଇଁତଲା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ଯାତ୍ରୀଙ୍କୁ ଉଦ୍ଧାର କରି ଭୀମଭୋଇ ମେଡିକାଲ କଲେଜ ହସପିଟାଲକୁ ନେଇ ଚିକିତ୍ସା କରିଥିଲେ। ବ୍ୟବଚ୍ଛେଦ ପରେ ବାଇକ୍ ଆରୋହୀଙ୍କ ମୃତଦେହ ତାଙ୍କ ପରିବାରକୁ ଦିଆଯାଇଛି। ଏହି ଘଟଣାକୁ ନେଇ ପୁଇଁତଲା ଥାନାରେ ଏକ ମାମଲା (ନଂ.୪/୨୦) ରୁଜୁ ହୋଇଛି।

# ୧୭ରେ ମୁକ୍ତିଲାଭ କରିବ ଚଳଚ୍ଚିତ୍ର ଶଳାବୁଢ଼ାର ବଦ୍‌ଲା

- ଓଡିଶାର ପ୍ରଥମ ଓ ଭାରତର ଦ୍ୱିତୀୟ ଟ୍ରାଇଲଜି
- ସୂଚନା ଦେଲେ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର.

**ବଲାଙ୍ଗୀର ଅଫିସ, ୭।୧**

ଆସନ୍ତା ୧୭ ତାରିଖ ବଲାଙ୍ଗୀରରେ ମୁକ୍ତିଲାଭ କରିବ ବହୁ ପ୍ରତୀକ୍ଷିତ କୋଶଲୀ-ସମ୍ବଲପୁରୀ ଚଳଚ୍ଚିତ୍ର ଶଳାବୁଢ଼ାର ବଦ୍‌ଲା। ଏହି ଓଡିଶାର ପ୍ରଥମ ଓ ସାରା ଭାରତର ଦ୍ୱିତୀୟ ଟ୍ରାଇଲଜି ବୋଲି ଚଳଚ୍ଚିତ୍ର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର ମଙ୍ଗଳବାର ସ୍ଥାନୀୟ ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ସିରିଜ୍‌ରେ ପ୍ରଥମେ ଶଳାବୁଢ଼ା ଓ ଦ୍ୱିତୀୟରେ ଆଦିମ ବିଚାର ଚଳଚ୍ଚିତ୍ର ମୁକ୍ତିଲାଭ କରିସାରି ଜାତୀୟ ଓ ଆନ୍ତର୍ଜାତିକ ପୁରସ୍କାର ଲାଭ କରିଥିଲା। ଏହି ଦୁଇ ଚଳଚ୍ଚିତ୍ର ପୃଥିବୀର ଅଧା ଦେଶର ଚଳଚ୍ଚିତ୍ର ମହୋତ୍ସବ ଗୁଡିକରେ ପ୍ରଦର୍ଶିତ ହୋଇ ବିପୁଳ ଲୋକପ୍ରିୟ ହେବା ସହ ସୁନାମ ଅର୍ଜନ କରିଥିଲା ଓ ଆଗାମୀ ଚଳଚ୍ଚିତ୍ର ଶଳାବୁଢ଼ାର ବଦ୍‌ଲା ମଧ୍ୟ ବେଶ୍ ଲୋକପ୍ରିୟ ହେବ ବୋଲି ବୋଲି ମହାପାତ୍ର ଆଶାପୋଷଣ କରିଥିଲେ। ଖ୍ୟାତିସମ୍ପନ୍ନ ଚଳଚ୍ଚିତ୍ର ନିର୍ଦ୍ଦେଶକ ସତ୍ୟଜିତ୍ ରାୟଙ୍କ ଅପୁ ଟ୍ରାଇଲଜିର ୬୦ ବର୍ଷରେ ଶଳାବୁଢ଼ା ଟ୍ରାଇଲଜି ତିଆରି ହୋଇଛି ବୋଲି ନିର୍ଦ୍ଦେଶକ ମହାପାତ୍ର ସୂଚନା ଦେଇଥିଲେ। ଆନ୍ତର୍ଜାତିକ ପୁରସ୍କାର ଲାଭ କରିଥିବା ପ୍ରଥମ କୋଶଲୀ ଚଳଚ୍ଚିତ୍ର ଭୁଖାର ପ୍ରାୟ ୩୦ ବର୍ଷ ପରେ ଦ୍ୱିତୀୟ ମ୍ୟୁଜିକାଲ ଚଳଚ୍ଚିତ୍ର ଭାବେ ଶଳାବୁଢ଼ା ରିଲିଜ୍ ହେବ। ଏହି ଚଳଚ୍ଚିତ୍ରରେ ସମୁଦାୟ ୯ଟି ଗୀତ ରହିଥିବା ସୂଚନା ଦେଇଛନ୍ତି। ସ୍ୱର୍ଗତ କପିଳେଶ୍ୱର ମହାପାତ୍ରଙ୍କ ରଚିତ କଥା କାହାଣୀ ଉପରେ ପର୍ଯ୍ୟବେଶିତ ଏହି ଚଳଚ୍ଚିତ୍ରର ଫଟୋ ନିର୍ଦ୍ଦେଶନା ତଥା ପ୍ରୟୋଜନା କୁମାର ସି ଦେବ ଦେଇଛନ୍ତି ଓ ସୁଶାନ୍ତ ମହାପାତ୍ର ସହକାରୀ ପ୍ରୟୋଜକ ରହିଛନ୍ତି। ଚଳଚ୍ଚିତ୍ରର ସଙ୍ଗୀତ ନିର୍ଦ୍ଦେଶନା ପଙ୍କଜ ଜାଲ ଦେଇଥିବାବେଳେ ଏଥିରେ ବଲାଙ୍ଗୀରର ଚନ୍ଦନା ସିଂଙ୍କ ସହ ବହୁ ନୂଆ କଳାକାରଙ୍କୁ ସୁଯୋଗ ଦିଆଯାଇଛି ବୋଲି କହିଥିଲେ। ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ ବରିଷ୍ଠ କଳାକାର ଅଟଳ ବିହାରୀ ପଣ୍ଡା ଅଭିନୟ କରିଛନ୍ତି। ଶଳାବୁଢ଼ା ଭଳି ଜଣେ ମାନବବାଦୀ ଚରିତ୍ର କିଭଳି ନିଆରା ଢ଼ଙ୍ଗରେ ବଦ୍‌ଲା ନେଇଛି ଏହା ହିଁ ଚଳଚ୍ଚିତ୍ରର ମୁଖ୍ୟ କଥାବସ୍ତୁ। ଏଥିରେ ଏକ ନିରୀହ ପ୍ରେମକାହାଣୀ ମଧ୍ୟ ରହିଛି। ଏହି ଚଳଚ୍ଚିତ୍ରକୁ ଦର୍ଶକ ମନଭରି ଉପଭୋଗ କରିବେ ବୋଲି ନିର୍ଦ୍ଦେଶକ ମହାପାତ୍ର ସୂଚନା ଦେଇଛନ୍ତି। ଆସନ୍ତା ୧୭ ତାରିଖ ବଲାଙ୍ଗୀରର ରୟାଲ ସିନେମା ହଲଠାରେ ଏହି ଚଳଚ୍ଚିତ୍ର ମୁକ୍ତିଲାଭ କରିବ ବୋଲି ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଗୋପାଳ ପ୍ରଧାନ, ହିମାଂଶୁ ଖମାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।




ଚଳଚ୍ଚିତ୍ର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର ଓ ସହକାରୀ ପ୍ରୟୋଜକ ସୁଶାନ୍ତ ମହାପାତ୍ର ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

### ୧୫ରୁ ସର୍ବଭାରତୀୟ ଡିଏସ୍ କପ୍ ଫୁଟବଲ ଟୁର୍ନାମେଣ୍ଟ

**ବୌଦ୍ଧ,୭।୧(ସ୍ୱ.ପ୍ର):** ବୌଦ୍ଧ ଜିଲା ଫୁଟବଲ ଆସୋସିଏଶନ ପକ୍ଷରୁ ସର୍ବଭାରତୀୟ ଡିଏସ୍ କପ୍ ଫୁଟବଲ୍ ଟୁର୍ନାମେଣ୍ଟ ଆସନ୍ତା ୧୫ରୁ ସ୍ଥାନୀୟ କଚେରୀ ପଡିଆରେ ଆରମ୍ଭ ହେବ। ଅଲ ଇଣ୍ଡିଆ ଫୁଟବଲ ଫେଡରେଶନ ନୂଆଦିଲ୍ଲୀ ଓ ଫୁଟବଲ ଆସୋସିଏଶନ ଓଡିଶା ଦ୍ୱାରା ସ୍ୱୀକୃତିପ୍ରାପ୍ତ ଏହି ଟୁର୍ନାମେଣ୍ଟରେ ଓଡିଶାର ୪ଟି ଦଳ ସମେତ ବାହର ରାଜ୍ୟ ମଧ୍ୟପ୍ରଦେଶ, ଜାମସେଦପୁର, କଲିକତା, ବମ୍ବେର ଫୁଟବଲ ଦଳ ଭାଗ ନେବାର କାର୍ଯ୍ୟକ୍ରମ ରହିଛି। ଏହି ଟୁର୍ନାମେଣ୍ଟ ୭ ଦିନ ଧରି ହେବାକୁ ଥିବା ବେଳେ ବୌଦ୍ଧ ଜିଲା ଏକାଦଶ, ଟାଟା ଫୁଟବଲ ଏକାଡେମୀ ଜାମସେଦପୁର, ମଧ୍ୟପ୍ରଦେଶର ରତଲାମ ସିଟି ଏଫସି, ସ୍ପୋର୍ଟସ ହଷ୍ଟେଲ କଟକ, ଚାନ୍ଦନୀ ଏଫସି କଲିକତା, ୟୁନିଟ-୬ ଆଥଲେଟିକ ଆସୋସିଏଶନ ଭୁବନେଶ୍ୱର, ଓଡିଶା ପୋଲିସ କଟକ ଏବଂ ଏୟାର ଇଣ୍ଡିଆ ବମ୍ବେର ଫୁଟବଲ ଦଳ ଅଂଶଗ୍ରହଣ କରିବେ। ଟୁର୍ନାମେଣ୍ଟ ଫାଇନାଲ ଖେଳ ୨୧ ତାରିଖରେ ହେବ।

## ଜେଏନ୍‌ୟୁର ଛାତ୍ରଙ୍କ ଆକ୍ରମଣ ବିରୋଧରେ ଛାତ୍ର କଂଗ୍ରେସର ବିକ୍ଷୋଭ

**ବଲାଙ୍ଗୀର ଅଫିସ, ୭।୧**

ନୂଆଦିଲ୍ଲୀସ୍ଥିତ ଜବାହାରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ)ଠାରେ ଛାତ୍ର ସଂସଦ ନେତ୍ରୀ ଆଇସା ଘୋଷ ଏବଂ ଅନ୍ୟ ଛାତ୍ରୀଛାତ୍ରଙ୍କ ଉପରେ ହୋଇଥିବା ବର୍ବରୋଚିତ ଆକ୍ରମଣ ପ୍ରତିବାଦରେ ମଙ୍ଗଳବାର ସନ୍ଧ୍ୟାରେ ସ୍ଥାନୀୟ କଚେରୀ ଛକଠାରେ ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜିଲା ଛାତ୍ର କଂଗ୍ରେସ ସଭାପତି ଅଙ୍କିତ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଜେଏନ୍‌ୟୁ ଛାତ୍ରଙ୍କୁ ଆକ୍ରମଣର ଦୃଢ଼ ନିନ୍ଦା କରାଯାଇଥିଲା। ଆକ୍ରମଣ ପଛରେ ଥିବା ଏବିଭିପି ବିରୋଧରେ କଡା ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି କରାଯାଇଥିଲା। ଏପରିକି ଜେଏନ୍‌ୟୁ ଆକ୍ରମଣରେ ପୋଲିସର ଭୂମିକାକୁ ନେଇ ସନ୍ଦେହ ପ୍ରକଟ କରାଯାଇଛି। ପୋଲିସ ଜାଣତରେ ଏବିଭିପିର ଛାତ୍ର ନେତାମାନେ ମୁଖା ଲଗାଇ ଘଟଣାସ୍ଥଳକୁ ଆସି ଛାତ୍ରୀଛାତ୍ରଙ୍କ ଉପରେ ଆକ୍ରମଣ କରିଥିବା ଅଭିଯୋଗ କରିଛନ୍ତି। ବିକ୍ଷୋଭ ସମାବେଶରେ ସାହିଲ କୁମ୍ଭାର, ସୁରେଶ ସିଂ, ଗୁଲୁ ସେନ, ନିରଞ୍ଜନ ମିଶ୍ର, ବିମେଶ୍ୱର ଦୀପ, ଓମ୍ ରାଉତ, ରୋହିତ ସିଂ, ସନାତନ ପଟ୍ଟାୟକ, ଶୁଭେନ୍ଦୁ ସାହୁ, ଅଭିଶେକ ବାଗ, ବିଭୀଷଣ ହୋତା, ସୁମିତ ପଟ୍ଟନାୟକ, ଶୁଭଙ୍କର ବାଗ, ରୋଶନ, ପ୍ରକାଶ ସାହୁ, ମଧୁ ନାଗ, ଅଭିନାଶ ସାଏ ସାମିଲ ଥିଲେ।




ଜେଏନ୍‌ୟୁ ଆକ୍ରମଣ ଘଟଣା ବିରୋଧରେ ବଲାଙ୍ଗୀର ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଜିପିଏଫ୍, ଫ୍ୟାମିଲି ପେନ୍‌ସନରୁ ବଁଚିତ୍ ପରିବାର

# ସୁବର୍ଣ୍ଣଙ୍କର ଉପରେ କୁଟ୍‌ମର ବୋଝ୍

**ଲୋଇସିଂହା, ୭।୧(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଧୀନ ଆଗଲପୁର ବ୍ଲକ ଝାଙ୍କରପାଲି ଗାଁର ସ୍ୱର୍ଗତ ଗୋପାଳ ବେହେରା। ସେ ଥାନୀଅ ରୋତ ପିଏସ୍ କଲେଜରେ ଚାକିରି କରି ଅବସର ନେଇଥିଲେ। ଅବସର ନେବାର ବଛରେ ଉତାରୁ ତାକର ମୁରତୁ ହେଇଥିଲା। ଆଏଜ୍‌କେ ତାକର ମୁରତୁକେ ୩ ବଛର ବିତିଯାଇଛେ। ହେଲେ କଲେଜ କତୁରପକ୍ଷଙ୍କର ଅବହେଲାରୁ ତାକର ଜିପିଏଫ୍ ଆର ଫ୍ୟାମିଲି ପେନ୍‌ସନ ଟଁକା ପରିବାର ନାଇଁ ପାଇବାରବାର। ଏନ୍ତାଥି ୧୧ ଝନିଆଁ କୁଟୁମଟା ବଡ଼ା ଗୁଲ୍‌ଗୁଲା ହେଇ ଚଲୁଥିବାର ଅଭିଯୋଗ କରିଛନ୍।

ସୂଚନା ଅନ୍‌ସାରେ ଆଗଲପୁର ବ୍ଲକ ଝାଙ୍କରପାଲି ଗାଁର ସ୍ୱର୍ଗତ ଗୋପାଳ ବେହେରା ରୋତ ପଞ୍ଚାୟତ ସମିତି କଲେଜରେ ଲାଇବ୍ରେରୀଆନ ହିସାବେ କାମ୍ କରୁଥିଲେ। ୨୮ ବଛର ଚାକିରି କଲା ଉତାରୁ ସେ ୩୦ ଜୁନ୍, ୨୦୧୫ରେ ଅବସର ନେଇଥିଲେ। ଅବସର ନେବାର ୮ ମାସ ଉତାରୁ ତଥା ପେନ୍‌ସନ ପାଏବାର ଆଗରୁ ୧୪ ଫେବୃୟାରୀ, ୨୦୧୬ରେ ହୁରୁଦ୍‌ଘାତରେ ତାକର ମୁରତୁ ହେଇଥିଲା। ଇ ଭିତ୍‌ରେ ତାକର ମରବାରଟାକେ ୪ ବଛର ପୂରବାକେ ଯାଉଛେ। ହେଲେ କଲେଜ କତୁରପକ୍ଷଙ୍କର ଖାମ୍‌ଖିଆଲି ମନଭାବ ଲାଗି ସ୍ୱର୍ଗତ ଗୋପାଳଙ୍କର ବିଧବା ମାଏକିନା ସୁବର୍ଣ୍ଣ ବେହେରା ଫ୍ୟାମିଲି ପେନ୍‌ସନ ପାଏବାରୁ ବଁଚିତ୍ ହେଇ ରହିଛନ୍। ବୁରୁଧି ସୁବର୍ଣ୍ଣଙ୍କର ୩ ପୁଓ ଗୁଟେ ଝି'। କୁଟୁମରେ ବିଧବା ବହ ସମେତ୍ ୧୧ ଝନ୍ ରହିଛନ୍। ଇଆଡ଼େ ଅଭାବ ଅନାଟନ ଲାଗି ପରିବାରର ଥିତି ଦିନୁ ଦିନ୍‌କେ ବିଗିଡ଼ି ଯାଉଛେ। ସୁବର୍ଣ୍ଣ ଆର ତାକର ବଡ଼ପୁଓ ଦେବେନ୍ଦ୍ରଙ୍କର ଦିହିପା ଠିକ୍ ନାଇଁ ରହିବାର। ଏନ୍ତାଥି ସୁବର୍ଣ୍ଣ ମାସିକ ୧୫ଶହ ଟଁକାର ଉଷୋକଷା ଖାଉଛନ୍। ହେଲେ ଏହେଦେ ଅଭାବ ଅନାଟନ ଲାଗି ସେ ଉଷୋକଷା ଖାଏବାରଟା ବଁଦ୍ କରିଦେଇଥିବାର କହିଛନ୍। ସେନ୍ତା ବଡ଼ପୁଓ ଦେବେନ୍ଦ୍ର ମଧୁମେହ ରୋଗ୍‌ରେ ପୀଡ଼ିତ ଅଛନ୍। ତାକର ଗୁଡ଼େ ଗୁଟେ ଘା' ହେଇଛେ। ହେଲେ ସେ ବି ଟଁକା ପଏସା ଅଭାବୁ ଚିକିଛା କରେଇ ନାଇଁ ପାରବାର। ବିଧବା ବୁରୁଧି ସୁବର୍ଣ୍ଣ ନିଜର ଦିହିପା, ଉଷୋକଷା ଆର ପରିବାର ଚିନ୍ତାରେ ହରମେଶା ମାନ୍‌ସିକ ଚାପ୍‌ରେ ରହୁଛନ୍। ଜିପିଏଫ୍ ଆର ଫ୍ୟାମିଲି ପେନ୍‌ସନ ବାବ୍‌ଦେ କଲେଜ କତୁରପକ୍ଷଙ୍କୁ କହେଲେ କାଗଜପତର ଭୁବନେଶ୍ୱର ପଠାଯାଇଥିବାର କହୁଛନ୍। ଇ ବାବ୍‌ଦେ କଲେଜ ଅଧ୍ୟକ୍ଷ ପ୍ରସନ୍ନ ବେହେରାଙ୍କୁ ପଚ୍‌ରାଲାରୁ ଜିପିଏଫ୍, ଫ୍ୟାମିଲି ପେନ୍‌ସନ ଆମର ହାତର କଥା ନୁହେ। କାଗଜପତର ଠିକ୍‌ଠାକ୍ କରି ଆମେ ଗଲା ସେପ୍ଟେମ୍ବର ୨୦୧୯ରେ ଡାଇରେକ୍ଟରଙ୍କର ପାସ୍‌କେ ପଠେଇ ଦେଇଛୁଁ। ଅବହେଲା, ଅଭିଯୋଗଟା ମିଛ୍ ଆଏ। ସ୍ୱର୍ଗତ ଗୋପାଳ ଆମର ଝନେ ଭଲ ସହକରମୀ ଥିଲେ ବଲି ସେ କହିଛନ୍। ହେଲେ କାଗଜପତରଥି କଲେଜ କତୁରକ୍ଷଙ୍କର ଭୁଲ୍‌ଭାଲ ଲାଗି ସବୁ କାମ୍ ଲେଠ୍‌ରଉଛେ ବଲି ଗୋପାଳଙ୍କର ବଡ଼ପୁଓ ଦେବେନ୍ଦ୍ର ଅଭିଯୋଗ କରିଛନ୍। ଜିଲାପାଳ ସମସିଆର ସମାଧାନ ଦିଗେ ଦୁରୁଷ୍ଟି ଦେଇ ପଦକ୍ଷେପ ନେବାକେ ସେ ଅନୁରୋଧ କରିଛନ୍।



ସ୍ୱର୍ଗତ ଗୋପାଳ ବେହେରାଙ୍କର ପରିବାର।

# ବ୍ଲକ କୃଷକ ଉପଦେଷ୍ଟା କମିଟି ବୈଠକ

**ଅମରପାଲି, ୭।୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର କୃଷି ସୂଚନା ପରାମର୍ଶ କେନ୍ଦ୍ର ସଭାଗୃହରେ ମଙ୍ଗଳବାର ବ୍ଲକ କୃଷକ ଉପଦେଷ୍ଟା କମିଟିର ଦ୍ୱିତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ଅଧ୍ୟକ୍ଷ ଆଲୋକ କୁମାର ଦେହୁରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ ଯୋଗଦେଇ କୃଷି ବିଭାଗ ତରଫରୁ କ୍ଷେତ୍ର ପ୍ରଦାନ ପାଇଁ ଚାଷୀଙ୍କୁ ଦିଆଯାଉଥିବା ମୁଗ, ବାଦାମ ଆଦି ଚାଷରେ ସ୍ୱଚ୍ଛତା ଭିତ୍ତିରେ କରାଯିବାକୁ ପରାମର୍ଶ ଦେଇଥିଲେ। ରାଜ୍ୟ କୃଷି ମହୋତ୍ସବ-୨୦୨୦, ସୁବର୍ଣ୍ଣ ଉତ୍ସବ- ୨୦୨୦କୁ କ୍ଷେତ୍ର ପରିଦର୍ଶନ, ଜଳ ସଂରକ୍ଷଣ, ଜୈବିକ କୃଷି ପଦ୍ଧତି ଅବଲମ୍ବନ ପାଇଁ ଆତ୍ମା ତରଫରୁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଜିଲା ପରିଷଦ ଗାୟତ୍ରୀ ପାଣିଗ୍ରାହୀ, ଧରଣୀଧର ପାଢ଼ୀ, ସୁପ୍ରଭା ଦାନୀ, ପିତାମ୍ବର ସାହୁ ପ୍ରମୁଖ ସଦସ୍ୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଟିଟି କନଭେନର କାଳିନ୍ଦୀ ପରିଡା ମୁଖ୍ୟମନ୍ତ୍ରୀ ଅଭିନବ କୃଷି ଯନ୍ତ୍ରପାତି ସମ୍ମାନ ସମ୍ପର୍କରେ ଅବଗତ କରିଥିଲେ। ସହକାରୀ କୃଷି ଅଧିକାରୀ ତୁଷାରକାନ୍ତ ସାହୁ କୃଷି ବିଭାଗର ସ୍କିମ ସମ୍ପର୍କରେ ଅବଗତ କରିଥିଲେ। ବିଟିଏମ ଜିତେନ୍ଦ୍ର ମେହେର ଆତ୍ମା ସ୍କିମ ଉପରେ ଆଲୋଚନା କରିଥିଲେ। ସହକାରୀ ବୈଷୟିକ ମୀନକେତନ ମହାକୁର ସଭା ପରିଚାଳନା କରିଥିଲେ। ସ୍ଥାନୀୟ ବିଧାୟକ ତଥା ବାଣିଜ୍ୟ ପରିବହନ ଏବଂ ଯୋଜନା ସଂଯୋଜନ ମନ୍ତ୍ରୀ ପଦ୍ମନାଭ ବେହେରା କାର୍ଯ୍ୟକ୍ରମରେ ଯୋଗଦେଇ ଆନ୍ତଃଜିଲା କ୍ଷେତ୍ର ପରିଦର୍ଶନର ଶୁଭାରମ୍ଭ କରିଥିଲେ। ୨୦ଜଣ ଚାଷୀ ସୁବର୍ଣ୍ଣପୁରରେ ହେଉଥିବା ସୁବର୍ଣ୍ଣ ମହୋତ୍ସବକୁ କ୍ଷେତ୍ର ପରିଦର୍ଶନରେ ଯାଇଥିଲେ। ଏଟିଏମ ଚନ୍ଦ୍ରଶେଖର ନାଏକ ଓ ନାରାୟଣ ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।




ବଲାଙ୍ଗୀର ଜିଲା ଲୋଇସିଂହା ସରସ୍ୱତୀ ଶିଶୁ ମନ୍ଦିରର ୧୪ତମ ବାର୍ଷିକ ଉତ୍ସବ ଅବସରରେ ଅନୁଷ୍ଠିତ ସଭାରେ ମଞ୍ଚାସୀନ ଅତିଥି।

ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ

## ଅନୁଗୋଳକୁ ହରାଇ ସୋନପୁର ସେମିରେ

**ଅମରପାଲି, ୭।୧ (ଡି.ଏନ.ଏ)**

ବୀରମହାରାଜପୁର ବ୍ଲକ କମିରା ପଞ୍ଚାୟତର ବିକଳପୁରଠାରେ ଚାଲିଥିବା ୧୪ତମ ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ ମଙ୍ଗଳବାର ୟଙ୍ଗଷ୍ଟାର ଅନୁଗୋଳକୁ ହରାଇ ଏସଡିସିଏ ସୋନପୁର ସେମିଫାଇନାଲରେ ପ୍ରବେଶ କରିଛି। ସୋନପୁର ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୨୪୮ ରନ କରିଥିଲା। ଦଳର ପ୍ରବୀଣ ଲୁହା ୩୮ ବଲରୁ ୬ଟି ଛକା ଓ ୬ଟି ଚୌକା ସହ ୭୫, ସୌରଭ ବେଦବାକ ୨୩ ବଲରୁ ୬୦ ଓ ଉମାଶଙ୍କର ହୋତା ୧୮ ବଲରୁ ୪୮ ରନ କରିଥିଲେ। ବିପକ୍ଷ ଅନୁଗୋଳର ସନତ ସିଂଦେଓ ୪ଟି ଓ ଆଲୋକ ୨ଟି ଉଇକେଟ ନେଇଥିଲେ। ଜବାବରେ ୟଙ୍ଗଷ୍ଟାର ଅନୁଗୋଳ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୫୭ ରନ କରି ପରାସ୍ତ ହୋଇଥିଲା। ଦଳର ସନତ ସିଂଦେଓ ୪୫ ବଲରୁ ୬୭ ରନ ଓ ଆଲୋକ ୨୧ ରନ କରିଥିଲେ। ସୋନପୁରର ଆକାଶ ପାତ୍ର ୩ଟି ଓ ବିକାଶ ମଲ୍ଲିକ ଗୋଟିଏ ଉଇକେଟ ନେଇଥିଲେ। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ କ୍ରୀଡାବିତ ବରୁଣ ପଧାନ ଅତିଥି ଭାବେ ଯୋଗଦେଇ ଅନୁଗୋଳର ସନତ ସିଂଦେଓଙ୍କୁ ମ୍ୟାନ ଅଫ ଦି ମ୍ୟାଚଭାବେ ପୁରସ୍କୃତ କରିଥିଲେ।




ସନତ ସିଂଦେଓଙ୍କୁ ମ୍ୟାନ ଅପ ଦି ମ୍ୟାଚ ପୁରସ୍କୃତ କରାଯାଉଛି।

# ସୁବର୍ଣ୍ଣ ଲୋକ ମହୋତ୍ସବ ଉଦ୍‌ଘାଟିତ

### ଲୋକନୃତ୍ୟ ଗୀତରେ ଦୁଲୁକିଲା ମଞ୍ଚ

**ସୋନପୁର,୭।୧(ନି.ପ୍ର.)**

ସାଂସ୍କୃତିକ ଶୋଭାଯାତ୍ରା ଓ ଲୋକନୃତ୍ୟର ତାଳେ ତାଳେ ସୁବର୍ଣ୍ଣ ଲୋକ ମହୋତ୍ସବ ୨୦୨୦ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ପୂର୍ବାହ୍ନରେ ଲୋକ ବାଦ୍ୟ ଓ ଲୋକ ନୃତ୍ୟରେ ସହରର ରାସ୍ତା ଦୁଲୁକି ଉଠିଥିଲା। ରାଜ୍ୟ ଓ ରାଜ୍ୟ ବାହାରୁ ଆସିଥିବା ହଜାରହଜାର କଳାକାରଙ୍କ ନୃତ୍ୟ ଓ ବାଦ୍ୟରେ ମଶାଲ ଶୋଭାଯାତ୍ରା ତଥା ସାଂସ୍କୃତିକ ଶୋଭାଯାତ୍ରା ବେଶ ଆକର୍ଷଣୀୟ ହୋଇଥିଲା। ପ୍ରଶାସନିକ ଅଧିକାରୀଙ୍କ ସମେତ ବହୁ ଜନସାଧାରଣ ଓ ସଂସ୍କୃତିପ୍ରେମୀ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପ୍ରଥମ ସନ୍ଧ୍ୟାରେ ଓଡିଶୀ, ବିହୁ, ଛଉ, ଭାଙ୍ଗରା, ଯୋଡିଶଙ୍ଖ ନୃତ୍ୟ, ଢୋଲ, ନିଶାନ ଓ ବଂଶୀ ସ୍ୱରର ତାଳେ ତାଳେ ସୋନପୁର ଗାନ୍ଧୀ ପଡିଆର ଫକୀର ମୋହନ ପଟ୍ଟନାୟକ ମୁକ୍ତ ମଞ୍ଚରେ କଳାକାରମାନେ ଲୋକନୃତ୍ୟ, ଲୋକ ସଙ୍ଗୀତ ପରିବେଷଣ କରିଥିଲେ। ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ମୁଗ୍ଧ କରିଥିଲା। ନୃତ୍ୟ ଓ ବାଦ୍ୟର ମହା ସଙ୍ଗମରେ ପ୍ରକମ୍ପିତ ହୋଇ ଉଠିଥିଲା ମଞ୍ଚ। ଭୁବନେଶ୍ୱରର ଭିନ୍ନକ୍ଷମ ନୃତ୍ୟଶିଳ୍ପୀ ଗୁରୁ ନିତ୍ୟାନନ୍ଦ ଦାସଙ୍କ ଓଡିଶୀ ନୃତ୍ୟ, କାଶ୍ମୀର କଳାକାରଙ୍କ କଶ୍ମୀରୀ ନୃତ୍ୟ, ଉତ୍ତର ପ୍ରଦେଶର ମଥୁରା ଡ୍ୟାନ୍ସ ଗ୍ରୁପ, ଭବାନୀପଟଣାର ନୃତ୍ୟଙ୍ଗନା ଅନୁଷ୍ଠାନର ସମ୍ବଲପୁରୀ ନୃତ୍ୟ, ଆସାମର ବିହୁ ନୃତ୍ୟ, ପଞ୍ଜାବ ଭାଙ୍ଗରା ନୃତ୍ୟ, ପଶ୍ଚିମବଙ୍ଗର ପୁରୁଲିଆ ଛଉ ଓ ଗଞ୍ଜାମର ରଣପା ଓ ଯୋଡି ଶଙ୍ଖ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ନୃତ୍ୟର ଛନ୍ଦ ରସରେ ଝୁମିଥିଲେ ଦର୍ଶକ।

ରାଜ୍ୟ ଅର୍ଥ ଓ ଅବକାରୀ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସୁବର୍ଣ୍ଣପୁର ଜିଲାର କଳା, ସାହିତ୍ୟ ଓ ସଂସ୍କୃତି ଦେଶ ବିଦେଶରେ ପ୍ରସିଦ୍ଧ ବୋଲି କହିବା ସହିତ ସ୍ଥାନ ଟିକୁ ବର୍ତ୍ତୁଳ ସଂସ୍କୃତିର ନାଭି କେନ୍ଦ୍ର ବୋଲି ଅଭିହିତ କରିଥିଲେ। ସୁବର୍ଣ୍ଣପୁରକୁ ରାଜ୍ୟର ଏକ ସୁନ୍ଦର ସହର କରିବା ପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିବା ସହ ପଞ୍ଚରଥ ମନ୍ଦିରକୁ ନୂଆ ରୂପ ଦିଆଯିବ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ରାଜ୍ୟ ଯୋଜନା ଓ ସଂଯୋଜନା ଏବଂ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଯୋଗଦେଇ ଲୁପ୍ତପ୍ରାୟ କଳା ଓ ସଂସ୍କୃତିକୁ ବଞ୍ଚାଇ ରଖିବାରେ ଲୋକ ମହୋତ୍ସବ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଅନ୍ୟପକ୍ଷେ ନୂତନ ଜିଲା ହେବା ପରେ ସୁବର୍ଣ୍ଣପୁର ବହୁ ପ୍ରଗତି କରିଛି ବୋଲି କହିଥିଲେ। ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ ମୋନିଷା ବାନାର୍ଜୀ ସଭାରେ ଅଧ୍ୟକ୍ଷତା କରି ସମସ୍ତଙ୍କୁ ସ୍ୱାଗତ କରିବା ସହ ଜିଲାର ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରସିଦ୍ଧ ଚଳଚ୍ଚିତ୍ର ନିର୍ମାତା ସବ୍ୟସାଚୀ ମହାପାତ୍ର ବିଶେଷ ଅତିଥି ଭାବେ ଯୋଗଦାନ କରି ମାଟିର ମହକ ଓ କଳା ସମ୍ପର୍କରେ ଆଲୋକପାତ କରିଥିଲେ। ଏସ୍‌ପି ଦେବୀପ୍ରସାଦ ଦାଶ ତାଙ୍କ ବକ୍ତବ୍ୟରେ ଏହି ଜିଲାର କଳା ଓ ସଂସ୍କୃତି ମହାନ ବୋଲି କହିଥିଲେ। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଏହି ଉତ୍ସବ ଜିଲାର କଳା, ସଂସ୍କୃତି, ଐତିହ୍ୟ ଓ ବିକାଶ ଧାରାର ବାର୍ତ୍ତାବହ ବୋଲି ମତପ୍ରକାଶ କରିଥିଲେ। ଅଭିନେତା ପ୍ରଦ୍ୟୁମ୍ନ ସାହୁ ମଞ୍ଚ ସଂଯୋଜନା କରିଥିଲେ। ସ୍ଥାନୀୟ ଭୀମଭୋଇ କଳା ପରିଷଦର କଳାକାରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଉତ୍ସବ ଉଦ୍‌ଘାଟନ ପୂର୍ବରୁ ମୁଖ୍ୟ ଅତିଥି ପୂଜାରୀ ଜିଲା ଉନ୍ନୟନ ପ୍ରଦର୍ଶନୀ ଓ ପଲ୍ଲିଶ୍ରୀ ମେଳାକୁ ଉଦ୍‌ଘାଟନ କରିଥିଲେ। ମେଳାରେ ମୋଟ ୨୦୦ଟି ଷ୍ଟଲ ଖୋଲାଯାଇଛି। ରାଜ୍ୟ ଓ ରାଜ୍ୟ ବାହାରୁ ସ୍ୱୟଂ ସହାୟକ ଦଳ ଓ ଶିଳ୍ପୀମାନେ ଏହି ମେଳାରେ ଯୋଗ ଦେଇଛନ୍ତି। ସୌଖିନ ହସ୍ତଶିଳ୍ପ, ଆୟୁର୍ବେଦିକ ଔଷଧ, ଦୈନନ୍ଦିନ ଘରକରଣା ସାମଗ୍ରୀ, ମସଲା, ଆଚାର, ଗାଲିଚା ପରି ବ୍ୟବହାରିକ ବସ୍ତୁର ପସରା ମେଲିଛି। ପ୍ରତିଡି ମିଶ୍ର, ତୃପ୍ତି ଅମ୍ଳାନ ଜ୍ୟୋତି ଓ ମନୋଜ ପ୍ରଧାନ ସାଂସ୍କୃତିକ ସନ୍ଧ୍ୟାକୁ ସଂଯୋଜନା କରିଥିଲେ। ସଭା ପ୍ରାରମ୍ଭରେ ପଦ୍ମଲୋଚନ ସାହୁ, ଶାଶ୍ୱତ ତ୍ରିପାଠୀ, ବୀରେନ ଜଗଦଲା ଲୋକ ସଂଗୀତ ଗାନ କରିଥିଲେ। ଜିଲା ସଂସ୍କୃତି ପରିଷଦ, ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓରମାସର ମିଳିତ ଆୟୋଜନରେ ଏହି କାର୍ଯ୍ୟକ୍ରମ ଆୟୋଜନ ହେଉଛି।



ସୁବର୍ଣ୍ଣ ଲୋକ ମହୋତ୍ସବର ଉଦ୍‌ଘାଟନୀ ସଭାରେ ମଞ୍ଚାସୀନ ଅତିଥି ବୃନ୍ଦ।



"ସଫଳତା ହିଁ ଅନେକ ବିରାଟ ପ୍ରମାଦକୁ ଘୋଡ଼ାଇ ପକାଏ।
- ଜର୍ଜ ବର୍ଣ୍ଣାଡ ଶ'



## ସଂକ୍ଷେପରେ

### କଣ୍ଟାପାଲି ଉନ୍ନୀତ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

**କୋମନା,୭।୧(ଡି.ଏନ.ଏ.)**

ନୂଆପଡା ଜିଲା କୋମନା ବ୍ଲକ କଣ୍ଟାପାଲି ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦଘାଟିତ ହୋଇଯାଇଛି। ପ୍ରଧାନଶିକ୍ଷକ ନିଳାମ୍ବର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସିଆରସିସି ବିନୋଦ କୁମାର ଭୋଇ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଆଶିଷ କୁମାର ଖମାରୀ, ଏସଏମସି ଓ ଏସଏମଡିସି ସଦସ୍ୟ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ସକାଳ ୮ଟାରେ ସ୍ଥାନୀୟ ଗଙ୍ଗାଦୀ ଗୁଡ଼ିରୁ ମଶାଲ ଶୋଭାଯାତ୍ରା ବାହାରି କଣ୍ଟାପାଲି ଗାଁ ପରିକ୍ରମା କରିବା ପରେ ଆନୁଷ୍ଠାନିକ ଭାବରେ ବାର୍ଷିକ କ୍ରୀଡା ଶୁଭାରମ୍ଭ ହୋଇଥିଲା। ଏହାପରେ ଛାତ୍ରୀଛାତ୍ରମାନେ ୧୦୦ ମିଟର ଦୌଡ, ଡିସକସ ଥ୍ରୋ, ଲଙ୍ଗଜମ୍ପ, ସଟପୁଟ ଥ୍ରୋ, ଖୋଖୋ, ଭଲିବଲ ଖେଳରେ ଅଂଶଗ୍ରହଣ କରି ନିଜ ଦକ୍ଷତା ପ୍ରଦର୍ଶନ କରିଥିଲେ। ଏଥିରେ କ୍ରୀଡା ଶିକ୍ଷକ ଶ୍ରୀପତି ଦଣ୍ଡସେନା ଖେଳ ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ।



### ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ଦାବିରେ ଯୁବକଙ୍କ ପଦଯାତ୍ରା

**କୋମନା,୭।୧(ଡି.ଏନ.ଏ.):** ଓଡ଼ିଶାକୁ ଏକ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ଦାବିରେ ଜନସଚେତନ ମଞ୍ଚ ଓଡିଶା ପକ୍ଷରୁ ରାଜ୍ୟର ୩୧୪ଟି ବ୍ଲକକୁ ଜଗତସିଂପୁର ଜିଲାର ମଞ୍ଚ ଅବାହକ ସତ୍ୟବ୍ରତ ଦାସ ୧୮୦ ଦିନ ହେଲା ପଦଯାତ୍ରାରେ ବାହାରିଛନ୍ତି। ସେ ଜୁଲାଇ ୧୦ରୁ ଯାଜପୁର ଜିଲାରୁ ପଦଯାତ୍ରାରେ ବାହାରି କେନ୍ଦ୍ରାପଡା, ଭଦ୍ରକ, ବାଲେଶ୍ୱର, ମୟୁରଭଞ୍ଜ, ସୁନ୍ଦରଗଡ, କେନ୍ଦୁଝର, ଝାରସୁଗୁଡା, ସମ୍ବଲପୁର, ବରଗଡ ଜିଲାର ବ୍ଲକ ଅତିକ୍ରମ କରି ନୂଆପଡା ଜିଲାରେ ସୋମବାର ଠାରୁ ପଦଯାତ୍ରା କରିଛନ୍ତି। ୬ ମାସ ହେଲା ଓଡିଶାର ୩୬୦୦ କି.ମି. ପଦଯାତ୍ରା କରି ସାରିଥିବା ଆବାହକ ଦାସ କହିଛନ୍ତି । ଏହି ଅବସରରେ ସେ ବଭିନ୍ନ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ସାକ୍ଷାତ କରି ତାଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ଏକ ଦାବିପତ୍ର ଦେଉଛନ୍ତି। ଦାବିପତ୍ରରେ ଦର୍ଶାଯାଇଛି ଯେ, ଓଡିଶା ଏକ ଏମିତି ରାଜ୍ୟ ଯାହାକି ପ୍ରତ୍ୟେକ ସମୟରେ ଲୋକଙ୍କୁ ବିପର୍ଯ୍ୟୟର ସମ୍ମୁଖୀନ ହେବାକୁ ପଡିଥାଏ। ବିପର୍ଯ୍ୟୟ ଯୋଗୁ ରାଜ୍ୟ ରାଜସ୍ୱ କ୍ଷତି ହୋଇଥାଏ। ଦ୍ୱିତୀୟରେ ମହାନଦୀ ଜଳ ସମସ୍ୟା ଯୋଗୁ ଚାଷୀମାନଙ୍କ ଚାଷ କାର୍ଯ୍ୟ ପ୍ରବଳ ମାତ୍ରାରେ ବାଧାପ୍ରାପ୍ତ ଓ ପ୍ରଭାବିତ ଶିକାର ହେଉଥିବା ଏବଂ ପୋଲାଭରମ ପ୍ରକଳ୍ପ ଯୋଗୁ ମାଲକାନଗିରି ଜିଲାରେ ଏକ ବଡ ଅଂଶ ଜଳ ମଗ୍ନ ହେବା ଦ୍ୱାରା ହଜାର ହଜାର ଆଦିବାସୀ ବାସହରା ହେଉଥିବାରୁ ଉକ୍ତ ପ୍ରକଳ୍ପକୁ ତୁରନ୍ତ ବନ୍ଦ କରାଯିବା ପାଇଁ ଉଲ୍ଲେଖ ହୋଇଛି।




ଜୀବନ କଲ୍ୟାଣ ସାଧନା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଜନସାଧାରଣ।

# କଡ଼ା ଦଣ୍ଡବିଧାନ ହେଲେ ସମାଜ ସୁଧୁରିବ

**ନୂଆପଡା ଅଫିସ,୭।୧**

■ସମାଜ ନିର୍ମାଣର ବାର୍ତ୍ତା ଦେଲେ ସ୍ୱାମିଜୀ

■ଜୀବନ କଲ୍ୟାଣ ଶିବିର

ସମାଜ ଧୀରେ ଧୀରେ କଳୁଷିତ ହେବାରେ ଲାଗିଛି। ସମାଜରେ ଖଳ ପ୍ରକୃତିର ଲୋକଙ୍କ ସଂଖ୍ୟା ବଢିବାରେ ଲାଗିଛି। ଦେଶର ସମ୍ବିଧାନରେ ଦଣ୍ଡ ବିଧାନ ବ୍ୟବସ୍ଥାରେ ସୁଧାର ଆଣିବା ଆବଶ୍ୟକତା ରହିଛି। କଡା ଦଣ୍ଡ ବିଧାନ ହେଲେ ସମାଜ ସୁଧୁରିବ ବୋଲି ମତ ପ୍ରକାଶ ପାଇଛି। ସ୍ଥାନୀୟ ଜିଲା କୋର୍ଟ ପରିସରରେ ଆୟୋଜିତ ଏକ ଆଧ୍ୟାତ୍ମିକ ଚେତନା ସଭାରେ ଜିବନ କଲ୍ୟାଣ ଆଶ୍ରମ ମୁଖ୍ୟ ବିବେକାନନ୍ଦ ପରିବ୍ରାଜକ ଯୋଗଦେଇ ଏହି ମତ ରଖିଛନ୍ତି। ମଙ୍ଗଳବାର ଅପରାହ୍ନ ୪ଟାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ ସଭାପତିତ୍ୱ କରିଥିବାବେଳେ ବିବେକାନନ୍ଦ ପରିବ୍ରାଜକ ମୁଖ୍ୟବକ୍ତା, ଜିଲା ଦୌରା ଜଜ୍ ଭଗବାନ ପ୍ରଧାନ, ଡ.ସୁଦର୍ଶନ ଦେବାଚାର୍ଯ୍ୟ ବିଶେଷ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ମାନବ ଜୀବନ ଚର୍ଯ୍ୟା ଉପରେ ବିଶେଷ ଆଲୋଚନା ହୋଇଥିଲା। ଏଥିରେ ମନୁଷ୍ୟ ଜୀବନ, ମୋକ୍ଷ ପ୍ରାପ୍ତି, ନ୍ୟାୟିକ ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା। ମଣିଷ ଶରୀର ଏକ ଜଡ ବସ୍ତୁ । ଏଥିରେ ଆତ୍ମା କାମ କରୁଛି। ଏହାକୁ ଈଶ୍ୱର ପରିଚାଳନା କରୁଛନ୍ତି। ଈଶ୍ୱର ଏକ ଏବଂ ଏହା ସର୍ବବିଦ୍ୟମାନ। ଏହାକୁ ବିଜ୍ଞାନ ସମ୍ମତ ପ୍ରମାଣିତ କରିଥିଲେ ସ୍ୱାମିଜୀ। ଆମକୁ ସର୍ବଦା ଠିକ କାମ କରିବା ଦରକାର। ଯଦି ଖରାପ କାମ କରିବା ତାରି ପରିଣାମ ଖରାପ ହେବ। ଏହା ଇହ ଜନ୍ମ କିମ୍ବା ପର ଜନ୍ମରେ ହୋଇପାରେ। ଶତପ୍ରତିଶତ ଠିକ କାମ କଲେ ଆମକୁ ମୋକ୍ଷ ପ୍ରାପ୍ତି ହେବ। ବେଦରେ ମଧ୍ୟ ଦଣ୍ଡ ବିଧାନ ବ୍ୟବସ୍ଥା କଡା କରାଯିବାକୁ ନିର୍ଦ୍ଦେଶ ରହିଛି। ଏହି ଅନୁଯାୟୀ ଭାରତ ସରକାର ଦଣ୍ଡ ବିଧାନକୁ କଡା କରିବା ଜରୁରୀ। ଏହା ହେଲେ ହତ୍ୟା, ବଳାତ୍କାର ଭଳି କାଣ୍ଡ କମିଯିବ। ସଂସ୍କାରିତ ସମାଜ ନିର୍ମାଣ ପାଇଁ ସମସ୍ତଙ୍କୁ ଅଣ୍ଟା ଭିଡିବାକୁ ହେବ। ନଚେତ ଦଣ୍ଡ ବିଧାନକୁ କଡା କରି ସମାଧାନର ରାସ୍ତା ବାହାର କରିବାକୁ ହେବ ବୋଲି ସ୍ୱାମିଜୀ ମନ୍ତ୍ର ଦେଇଥିଲେ। କାର୍ଯ୍ୟକ୍ରମରେ କୋର୍ଟର ଅତିରିକ୍ତ ଜିଲା ଦୌରାଜଜ୍ ମଦନଲାଲ ଖେଡିଆ, ଡିଏଲଏସଏ ସଚିବ ଅଜିତ କୁମାର ଓତା, ସବ ଜଜ୍ ସୁଧୀର କୁମାର ମିଶ୍ର, ଜିଡିସିଆରଲ ମାଜିଷ୍ଟ୍ରେଟ ଫାଷ୍ଟକ୍ଲାସ ସୁମିତ କୁମାର ପାଣିଗ୍ରାହୀ, ଏସଡିଜେଏମ ସସ୍ମିତା ନାଏକ, ରେଜିଷ୍ଟ୍ରାର ଜୟ ପ୍ରକାଶ ନାଏକ, ବରିଷ୍ଠ ଆଇନଜୀବୀ ପ୍ରସନ୍ନ ଚନ୍ଦ୍ର ମହାପାତ୍ର, ମୂରଲୀଧର ପଣ୍ଡା, ବରିଷ୍ଠ ନାଗରିକ ସଂଘ ପକ୍ଷରୁ କ୍ଷିରୋଦ ନିବାସ ପଣ୍ଡା, ରାମେଶ୍ୱର ମୁଣ୍ଡ, ବଜେନ୍ଦ୍ର ମିଶ୍ର, ଓକିଲ ସଂଘ ସମ୍ପାଦକ ଅଶ୍ୱିନୀ କୁମାର ବାଗ, ଧର୍ମବୀର ଯୋଷୀ, ଶ୍ୱେତରାମ ଦେୱାଙ୍ଗନ, ଅଶ୍ୱିନୀ କୁମାର ପାତ୍ର, ତପସ୍ୱିନୀ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

### ପ୍ରେମିକାଙ୍କୁ ପ୍ରତାରଣା, ଥାନାରେ ପ୍ରେମିକ ଅଟକ

**ଜୁନାଗଡ,୭।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହରର ଜଣେ ପ୍ରେମିକ ବିବାହର ପ୍ରଲୋଭନ ଦେଖାଇ ପ୍ରେମିକାଙ୍କୁ ପ୍ରତାରଣା କରିଥିବା ଅଭିଯୋଗ ହୋଇଛି। ଏ ନେଇ ପ୍ରେମିକା ଜୁନାଗଡ ଥାନାରେ ସମ୍ପୃକ୍ତ ପ୍ରେମିକଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାରେ ପୋଲିସ ପ୍ରେମିକଙ୍କୁ ଥାନାକୁ ଆଣି ଅଟକ ରଖି ପଚରାଉଚୁରା କରୁଛି। ପ୍ରେମିକା ଏବେ ୫ ମାସର ଅନ୍ତସତ୍ତ୍ୱା ଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ଜୁନାଗଡ ସହରର ଯୁବକ ଜଣେ ଯୁବତୀଙ୍କୁ ଏକବର୍ଷ ହେଲା ଭଲ ପାଇବା ଓ ବିବାହର ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ଯୁବତୀ ଜଣକ ୫ ମାସର ଅନ୍ତସତ୍ତ୍ୱା ହେବା ଜାଣିବା ପରେ ସମ୍ପୃକ୍ତ ଯୁବକ ତାଙ୍କୁ ବିବାହ କରିବା ପାଇଁ ମନା କରିଦେଇଥିଲେ। ଯୁବତୀ ଜଣକ ଅନ୍ୟ କିଛି ଉପାୟ ନ ପାଇ ଜୁନାଗଡ ଥାନାରେ ଗତ ସୋମବାର ଲିଖିତ ଅଭିଯୋଗ କରିଥିଲେ। ଯୁବତୀଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଆଇପିସି ଦଫା ୪୯୩, ୪୧୭, ୫୦୬ରେ ମାମଲା ଏକ (ନଂ.୧୦/୨୦୨୦) ରୁଜୁ କରିଛି। ପୋଲିସ ପ୍ରେମିକଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଥିବାବେଳେ ଘଟଣାର ତଦନ୍ତ ଚାଲୁଥିବା ନେଇ ଥାନାଧିକାରୀ ଉତ୍ତମ ସାହୁ ପ୍ରକାଶ କରିଛନ୍ତି।

■ ଚା ଦୋକାନରେ ସଟ୍ଟା, ଚଢ଼ାଉ ବେଳେ ଧରାପଡ଼ିଲା

## ଦେଢ଼ କେଜି ଗଞ୍ଜେଇ, ଟଙ୍କା, ସଟ୍ଟା ପଟ୍ଟି ଜବତ

**ଜୁନାଗଡ,୭।୧(ଡି.ଏନ.ଏ.)**

**ଅଭିଯୁକ୍ତ କୋର୍ଟ ଚାଲାଣ**

କଳାହାଣ୍ଡି ଜିଲା ଜୁନାଗଡ ଥାନା ଅନ୍ତର୍ଗତ ବଲଦିଆମାଲ ଛକଠାରେ ସୋମବାର ରାତିରେ ଜୁନାଗଡ ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ଏକ ଚା ଦୋକାନରେ ସଟ୍ଟା ଖେଳ ଚାଲିଥିବା ସନ୍ଧାନ ପାଇଥିଲେ। ଏହାପରେ ଚଢାଉ କରି ପ୍ରାୟ ଦେଢ କେଜି ଗଞ୍ଜେଇ, ସଟ୍ଟା ପଟ୍ଟି ଓ ଟଙ୍କା ଜବତ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଜୁନାଗଡ ଥାନାଧିକାରୀ ଉତ୍ତମ କୁମାର ସାହୁଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ପାଟ୍ରୋଲିଂ ପାଇଁ ବଲଦିଆମାଲ ଛକକୁ ଯାଇଥିଲେ। ଉକ୍ତ ଛକରେ ଥିବା ଏକ ଚା ଦୋକାନରେ ମନୋଜ କୁମାର ମେହେର(୪୦) ସଟ୍ଟା ଖେଳାଉଥିବା ନେଇ ସୂଚନା ପାଇ ଅତର୍କିତ ଚଢାଉ କରିଥିଲେ। ଚଢାଉ ସମୟରେ ସଟ୍ଟା ପଟି ସହିତ ନଗଦ ୫୫୨୦ ଟଙ୍କା ଜବତ କରିଥିଲେ। ପରେ ପୋଲିସ ଉକ୍ତ ଦୋକାନକୁ ପୁଣି ଥରେ ଖାନତଲାସି କରିବାରୁ ପ୍ରାୟ ଦେଢ କେଜିର ଗଞ୍ଜେଇ ପାଇଥିଲେ। ମଙ୍ଗଳବାର ସକାଳରେ ଘଟଣାସ୍ଥଳକୁ ମାଜିଷ୍ଟ୍ରେଟ ଦାୟିତ୍ୱରେ ଜୁନାଗଡ ତହସିଲଦାର ଉପେନ୍ଦ୍ର ଲୁହା ପହଞ୍ଚି ତାଙ୍କ ସମ୍ମୁଖରେ ଜବତ ହୋଇଥିବା ଗଞ୍ଜେଇ, ସଟ୍ଟାପଟି ଓ ଟଙ୍କା ଜବତ କରାଯାଇଥିଲା। ପୋଲିସ ମନୋଜଙ୍କ ନାମରେ ଦଫା ୨୯୪(ଏ), ୪୨୦,୩୫୩, ୫୦୬ରେ ଏକ ମାମଲା (ନଂ.୧୨/୨୦୨୦) ରୁଜୁକରିବା ସହିତ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

■ ଜେଏନ୍‌ୟୁ ଛାତ୍ର, ଅଧ୍ୟାପକଙ୍କୁ ଆକ୍ରମଣ ଘଟଣା

## ଜିଲା ଛାତ୍ର ବିଜେଡିର ବିକ୍ଷୋଭ

**ଭବାନୀପାଟଣା,୭।୧(ଡି.ଏନ.ଏ.)**

ଦିଲ୍ଲୀର ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ) ପରିସରରେ ଗତ ରବିବାର ରାତିରେ ଛାତ୍ରୀଛାତ୍ର ଓ ଶିକ୍ଷକଙ୍କ ଉପରେ ହୋଇଥିବା ଆକ୍ରମଣକୁ ଦେଶବ୍ୟାପୀ ନିନ୍ଦା କରାଯାଇଛି। ଏହି ଘଟଣାକୁ ଜିଲ୍ଲା ଛାତ୍ର ବିଜେଡି ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ଛାତ୍ରୀଛାତ୍ରଙ୍କ ବିରୋଧରେ ହୋଇଥିବା ଆକମଣକୁ ବିରୋଧ କରି ଶତାଧିକ ଛାତ୍ର ଭବାନୀପାଟଣା ସହରସ୍ଥିତ ସ୍ଥାନୀୟ କଲେଜ ଛକଠାରୁ ଏକ ଶୋଭାଯାତ୍ରାରେ ବାହାରି ମାଣିକେଶ୍ୱରୀ ଛକ ପର୍ଯ୍ୟନ୍ତ ଯାଇଥିଲେ। ହାତରେ ବ୍ୟାନର ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସରକାରୀ ପ୍ରାୟୋଜିତ ଦମନ ବନ୍ଦ କରି ଜେଏନ୍‌ୟୁ ଛାତ୍ରଛାତ୍ରୀମାନଙ୍କ ସହିତ ଆଲୋଚନା ଜରିଆରେ ସମସ୍ୟା ସମାଧାନ କରିବା ପାଇଁ ପ୍ରତିବାଦ ସଭାରେ ଦାବି କରାଯାଇଛି। ଏହି ଶୋଭାଯାତ୍ରାରେ ଜିଲା ଛାତ୍ର ବିଜେଡି ସଭାପତି ଅବିନାଶ ଠାକୁର, ରାଜ୍ୟ ଅନୁସୂଚିତ ଜାତି କାର୍ଯ୍ୟକାରୀ ସଦସ୍ୟ ମଣ୍ଟୁ ନାଏକ, ପୂର୍ବତନ ଛାତ୍ର ସଭାପତି ଆଶିଷ ମହାପାତ୍ର, ଶୁଭମ ନାଏକ, କେ. ପ୍ରବୀଣ କୁମାର, ହରିଶ ଅହୀର, ରାହୁଲ ରୟ କବି, ଉତ୍କଳ ହରପାଲ, ରୋମାଞ୍ଚଳ ମେହେର, ଶିବା ସାହୁ, ଶିନୁ ବେହେରା, ଚିତ୍ତ ସାହୁ ପ୍ରମୁଖ ସାମିଲ ଥିଲେ।

### ଲଡୁଗାଁ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**କୋକସରା,୭।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁସ୍ଥିତ ମିନି ଷ୍ଟାଡିୟମଠାରେ ପ୍ରିମିୟର ଲିଗ କ୍ରିକେଟ ଟୁର୍ନାମେଣ୍ଟ-୨୦୨୦ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍ କାଉଡୋଲା ବନାମ ଗତାବନ୍ଧ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କାଉଡୋଲା ଦଳ ୧୨ ଓଭରରେ ମାତ୍ର ୯୮ ରନ କରି ଅଲଆଉଟ ହୋଇଥିଲା। ଜବାରେ ବିପକ୍ଷ ଗତାବନ୍ଧ ଦଳ ୧୧ ଓଭର ୪ ବଲରେ ନିର୍ଦ୍ଧାରିତ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ମ୍ୟାଚର ଅମ୍ପାୟାର ଭାବେ ପଙ୍କଜ ଦାସ, ବଜେନ୍ଦ୍ର ଦାସ, ଆଲୋକ ରନ ଦାସ, ଅମନ ଅଗ୍ରୱାଲ, ରାଜା ଦାସ ପ୍ରମୁଖ ଦାୟିତ୍ୱ ନେଇଥିଲେ। ବାବୁଲି ଦାସ ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଭାଜପା ଯୁବ ମୋର୍ଚ୍ଚା ଉପ ସଭାପତି ତଥା କଲମପୁର ବ୍ଲକ ଜିଲା ପରିଷଦ ସଭ୍ୟ ବିଜୟଦେବ ସାହୁ, ସମ୍ମାନିତ ଅତିଥି ଭାବେ ଲଡୁଗାଁ ସରପଞ୍ଚ କହ୍ନେଇ ଚରଣ ଦାସ, ବିଜେଡି ବରିଷ୍ଠ ନେତା ମୋହନ ଚରଣ ଦାସ, ଯୁଗଳ କିଶୋର ଦାସ ଯୋଗଦେଇ କେଳାଳିଙ୍କୁ ଉତ୍ସାହିତ କରିଥିଲେ। ହେଲୋ ବ୍ରଦର କ୍ଲବ ଆନୁକୁଲ୍ୟରେ ଆରମ୍ଭ ହୋଇଥିବା କ୍ରିକେଟ ଟୁର୍ନାମେଣ୍ଟ ୧୬ ତାରିଖରେ ଫାଇନାଲ ମ୍ୟାଚ ସହ ଉଦ୍‌ଯାପିତ ହେବ।

## ନବବର୍ଷ କ୍ରିକେଟ କପ୍ ଉଦ୍‌ଯାପିତ: ଦୁହେଲ ଚାମ୍ପିୟନ

**ରିଷିଡା,୭।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ରିଷିଡା ବାପୁଜୀ ମିନି ଷ୍ଟାଡିୟମଠାରେ ଚାଲିଥିବା ନବବର୍ଷ କ୍ରିକେଟ କପ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଦୁହେଲ (ବଲାଙ୍ଗୀର) ଦଳ ଅବୁଜବାହାଲ (କଳାହାଣ୍ଡି) ଦଳକୁ ପରାସ୍ତ କରି ଚାମ୍ପିୟନ ହୋଇଛି । ପ୍ରଥମ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ଦୁହେଲ ଦଳ ୪୦ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ଅବୁଜବାହାଲ ଦଳ ମାତ୍ର ୧୦ ରନରେ ଅଲଆଉଟ ହୋଇଯାଇଥିଲା। ଧର୍ମେନ୍ଦ୍ର ରଣା ଓ ରଞ୍ଜନ ନାୟକ ଖେଳ ପରିଚାଳନା କରିଥିଲେ। ଆୟୋଜିତ ପୁରସ୍କାର ବିତରଣୀ ସଭାରେ ମୁଖ୍ୟଅତିଥି ଭାବେ ବାଣିଜ୍ୟକର କମିଶନର ଲକ୍ଷ୍ମୀକାନ୍ତ ସାହୁ, ସମ୍ମାନିତ ଅତିଥି ଭାବେ ସମାଜ ସଂସ୍କାରକ ବାବା ଭଗବାନ ସାହୁ, ମୁଖ୍ୟବକ୍ତା ଭାବେ କର୍ଲାମୁଣ୍ଡା ପ୍ରେସ କ୍ଲବର ସଭାପତି ନରୋତ୍ତମ ସେଲମା, ରିଷିଡା ନାଏବ ସରପଞ୍ଚ କୈଳାଶ ଚନ୍ଦ୍ର ପାତ୍ର, ୱାର୍ଡ ସଭ୍ୟ ଆଶୁତୋଷ ଦାଶ, ଯୁବ ବିଜେଡି ସଭାପତି ବିଶ୍ୱଦୀପକ ପାତ୍ର, ବିଜୁ ଯୁବ ବାହିନୀର ସଭାପତି ତ୍ରିଶଙ୍କର ରଣା ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାନ ଅଫ୍ ଦି ଟୁର୍ନାମେଣ୍ଟ ଭାବେ ଜଗମୋହନ, ମ୍ୟାନ ଅଫ ଦି ଫାଇନାଲ ଭାବେ ଆଶିଷ, ବେଷ୍ଟ ବୋଲର ଭାବେ ଶେଖରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଧାରାବିବରଣୀ ସୁଶାନ୍ତ କୁମାର ଦୀପ ପ୍ରଦାନ କରିଥିବା ବେଳେ ଅଭିନାଶ ମଲ୍ଲ ସ୍କୋରର ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ଆୟୋଜକ ୨୦୧୬ ମାଟ୍ରିକ ସୁବର୍ଣ୍ଣ ଜୟନ୍ତୀ ବର୍ଷର ଛାତ୍ରମାନେ ଆୟୋଜନ କରିଥିଲେ। ସଭାପତି ଶୁଭ୍ରାଂଶୁ ଶୁଭ୍ରଜିତ ସେଲମା ଓ ସମ୍ପାଦକ ଜିତୁ ରଣା ଖେଳ ପରିଚାଳନା କରିଥିଲେ।



ଚାମ୍ପିୟନ ଦୁହେଲ ଦଳକୁ ପୁରସ୍କାର ପ୍ରଦାନ କରାଯାଇଛି ।

## ଜୁନାଗଡ଼ରେ ରାଜ୍ୟସ୍ତରୀୟ ଶୀତ ଉତ୍ସବ ଆଜିଠୁ

**ଜୁନାଗଡ,୭।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହର ହାଇସ୍କୁଲ ଖେଳପଡିଆଠାରେ ବୁଧବାରଠାରୁ ରାଜ୍ୟସ୍ତରୀୟ ଶୀତ ଉତ୍ସବ ଅନୁଷ୍ଠିତ ହେବ। ଏହା ୨ଦିନ ଧରି ବୁଧବାର ଓ ଗୁରୁବାର ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ଜୁନାଗଡ ସହର ଚଳଚଞ୍ଚଳ ହୋଇଥିବାବେଳେ ସାଂସ୍କୃତିକ କାର୍ଯ୍ୟକ୍ରମରେ ମା' ଲଙ୍କେଶ୍ୱରୀଙ୍କ ମଞ୍ଚ ଦୁଲୁକିବ ବୋଲି ଜଣାପଡୁଛି। ଏହି ଉତ୍ସବକୁ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡିଶା ଆନୁକୂଲ୍ୟରେ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ଭୁବନେଶ୍ୱର ଓ କଳାହାଣ୍ଡି ଜିଲା ପ୍ରଶାସନ, ଜିଲା ସଂସ୍କୃତି ପରିଷଦ ମିଳିତ ସହଯୋଗରେ କରାଯାଉଛି। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ ଯୋଗଦେଇ ଉତ୍ସବ ଶୁଭାରମ୍ଭ କରିବେ ବୋଲି ଜଣାପଡିଛି। ସେହିପରି ବାଦ୍ୟ ବିଚିତ୍ରା, ଓଡିଆ କଣ୍ଠ ସଙ୍ଗୀତ, ସୁଗମ ସଙ୍ଗୀତ, ଲୋକନୃତ୍ୟ (ଗୋଟିପୁଅ), ଲୋକନୃତ୍ୟ (ବଜାସାଲ) ଆଦି ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସୁଗମ ସଙ୍ଗୀତ କାର୍ଯ୍ୟକ୍ରମରେ ଓଡିଶାର ଜଣାଶୁଣା କଣ୍ଠଶିଳ୍ପୀମାନେ ଯୋଗଦେବା ରହିଛି। କାର୍ଯ୍ୟକ୍ରମ ସଂଯୋଜକ ଭାବେ ପ୍ରବୋଧ କୁମାର ରଥ ରହିଥିବା ବେଳେ ଭୁବନେଶ୍ୱର ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସଭ୍ୟ ସତ୍ୟ ନାରାୟଣ ସିଂହ ଓ ଅକ୍ଷୟ କୁମାର ସ୍ଥାନୀୟ ସହଯୋଗ ଭାବେ ରହିଛନ୍ତି। ଏହି ଉତ୍ସବ ଶାନ୍ତିଶୃଙ୍ଖଳାରେ ଯେମିତି ହେବ ସେ ନେଇ ଜୁନାଗଡ ବ୍ଲକ ପ୍ରଶାସନ, ପୋଲିସ ପ୍ରଶାସନ, ବୁଦ୍ଧିଜୀବୀ, ବିଭିନ୍ନ ଅନୁଷ୍ଠାନର କମକର୍ତ୍ତା ଲାଗି ପଡିଛନ୍ତି।

## ରୟାଲ କପ୍ କ୍ରିକେଟ: ସେମିରେ ରଜନା

**କୋମନା,୭।୧(ଡି.ଏନ.ଏ.)**

ନୂଆପଡା ଜିଲା କୋମନା ବ୍ଲକ ଗନିଆରି କଳିଙ୍ଗ ଷ୍ଟାଡିୟମରେ ରୟାଲ କ୍ଲବ ଆନୁକୁଲ୍ୟରେ ଚାଲିଥିବା ୧୩ତମ ରୟାଲ କପ କ୍ରିକେଟ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲ ମ୍ୟାଚରେ ଜଡାମୁଣ୍ଡାକୁ ହରାଇ ରଜନା ସେମି ଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଟର୍ନାମେଣ୍ଟର ଚତୁର୍ଥ ଦିବସରେ ଦୁଇଟି ଲିଗ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏହି ଲିଗ ମ୍ୟାଚରେ ଦୁଇ ବିଜୟୀ ଦଳ ମଧ୍ୟରେ ଅପରାହ୍ନରେ କ୍ୱାର୍ଟର ଫାଇନାଲ ମ୍ୟାଚ ହୋଇଥିଲା। ଏଥିରେ ରଜନା ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୫ ଉଇକେଟ ବିନିମୟରେ ୧୦୦ ରନ କରିଥିଲା। ଜବାବରେ ଜଡାମୁଣ୍ଡା ଦଳ ୧୦ ଓଭରରେ ୫ ଉଇକେଟରେ ୬୨ ରନ କରି ରଜନାଠାରୁ ପରାଜୟ ବରଣ କରିଥିଲା। ଏହି ବିଜୟ ପରେ ରଜନା ସିଧାସଳଖ ୪ର୍ଥ ଦଳ ଭାବେ ସେମିକୁ ପ୍ରବେଶ କରିଛି। ଅମ୍ପାୟାର ଭାବେ କଶ୍ୟପ ଶଗରିଆ ଓ ରୁଦ୍ରା ହଂସ ଖେଳ ପରିଚାଳନା କରିଥିବା ବେଳେ ପ୍ରବେଶ ନାଗ ଧାରାବିବରଣୀ ପ୍ରଦାନ କରିଥିଲେ। ସ୍କୋରର ଭାବେ ରାମେଶ ନାଗ ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ଭାବେ ଗନିଆରି ସ୍କୁଲ ପ୍ରଧାନଶିକ୍ଷକ ନକୁଲ ମାଝି, ସମ୍ମାନିତ ଅତିଥି ଭାବେ ରଜତ କୁମାର ଠାକୁର ଓ ଜନ୍ମେଜୟ ଶବର ପ୍ରମୁଖ ଯୋଗଦେଇଥିଲେ। ଇନ୍ଦ୍ର ଛତ୍ରିଆ, ସହଦେବ ଥପା, ବବଲୁ ହଂସ, ଥବିର ହଂସ, ହେମନ୍ତ ହଂସ ପ୍ରମୁଖ ରୟାଲ କ୍ଲବ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



ମୁଖ୍ୟଅତିଥି ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି।

■ ସର୍ବଭାରତୀୟ ୱାଇଏମ୍‌ସି କପ କ୍ରିକେଟ

## ଇଷ୍ଟକୋଷ୍ଟ ରେଲୱେ ସେମିକୁ ଉନ୍ନୀତ

**ନୂଆପଡା ଅଫିସ,୭।୧**

ସ୍ଥାନୀୟ ମିନିଷ୍ଟାଡିୟମରେ ଚାଲିଥିବା ୨୮ତମ ସର୍ବଭାରତୀୟ ୱାଇଏମସି କପ କ୍ରିକେଟର ମଙ୍ଗଳବାର ଥିଲା ଦ୍ୱିତୀୟ ଦିବସ। ଇଷ୍ଟକୋଷ୍ଟ ରେଲୱେ ଭୁବନେଶ୍ୱର ଏବଂ ନାଗପୁର ମଧ୍ୟରେ ମ୍ୟାଚ ହୋଇଥିଲା। ଇଷ୍ଟକୋଷ୍ଟ ରେଲୱେ ବିଜୟୀ ହୋଇ ପ୍ରଥମ ସେମିଫାଇନାଲକୁ ଉନ୍ନୀତ ହୋଇଛି। ବୁଧବାର ପୁଲ ଏ'ର ପ୍ରଥମ ସେମିଫାଇନାଲ ୱାଇଏମସି ନୂଆପଡା ଏବଂ ଇଷ୍ଟକୋଷ୍ଟ ରେଲୱେ ମଧ୍ୟରେ ହେବା ସ୍ପଷ୍ଟ ହୋଇଯାଇଛି। ନାଗପୁର ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ସମସ୍ତ ଉଇକେଟ ହରାଇ ୧୪୦ ରନ କରିଥିଲା। ଜବାବରେ ଇଷ୍ଟକୋଷ୍ଟ ଦଳ ଧୂଆଁଧାର ବ୍ୟାଟିଂ କରିଥିଲା। ଦଳର ଗିରିରାଜ ରାଉତ ସର୍ବାଧିକ ୫୦ବଲରେ ୬୧ରନ କରି ଦଳକୁ ମଜଭୁତ ସ୍ଥିତିରେ ଆଣିଥିଲେ। ମାତ୍ର ୬ ଉଇକେଟ ହରାଇ ନିର୍ଦ୍ଧାରିତ ୧୪୧ ରନ ସଂଗ୍ରହ କରି ଦଳକୁ ବିଜୟୀ କରିଥିଲେ। ଦଳର ଗିରିରାଜଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ବିବେଚିତ କରାଯାଇଥିଲା। ମଙ୍ଗଳବାର ମ୍ୟାଚକୁ ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ ମୁଖ୍ୟଅତିଥି, ରାଜ୍ୟ କ୍ରିକେଟ ଆସୋସିଏଶନ ଉପସଭାପତି ସରୋଜ କୁମାର ସାହୁ ବିଶେଷ ଅତିଥି ଭାବେ ଯୋଗଦେଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ପୂର୍ବତନ କ୍ରିକେଟ ଖେଳାଳି ଗୁଲାମ ସତାର ମୁଖ୍ୟଅତିଥି ଭାବେ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।



ଅତିଥିମାନେ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।



ପ୍ରତ୍ୟେକ ମନୁଷ୍ୟ ଭଗବାନଙ୍କ ଦୃଷ୍ଟିରେ ସମାନ। ସୁତରାଂ ସମାନତା ପାଇଁ ଦେଶ ଓ ବର୍ଣ୍ଣର ଭେଦ ରହିବା ଉଚିତ ନୁହେଁ।
-ସ୍ୱାମୀ ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ



### ଓଏଏସ୍ ପାଇଲେ କଣ୍ଟାବାଞ୍ଜିର ବିଭୂତି ମହାପାତ୍ର

**କଣ୍ଟାବାଞ୍ଜି, ୭।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ପୁଟେଲ କଲୋନୀର ବିଜୟ୍ କୁମାର ମହାପାତ୍ର ଓ ପାର୍ବତୀ ମହାପାତ୍ରଙ୍କ ଏକମାତ୍ର ପୁଅ ବିଭୂତି ମହାପାତ୍ର ୨୦୧୮-୧୯ ଓଡିଶା ସିଭିଲ ସର୍ଭିସ(ଓଏଏସ) ପରୀକ୍ଷାରେ ୨୦ତମ ସ୍ଥାନ ହାସଲ କରି ସଫଳତା ପାଇଛନ୍ତି। ବିଭୂତି ସ୍ଥାନୀୟ୍ ସରସ୍ୱତୀ ଶିଶୁ ମନ୍ଦିରରେ ପଞ୍ଚମ ଶ୍ରେଣୀ ଯାଏ ଅଧ୍ୟୟନ କରିବା ପରେ ବେଲପଡା ନବୋଦୟ୍ ବିଦ୍ୟାଳୟ୍‌ରେ ଯୁକ୍ତଦୁଇ ପର୍ଯ୍ୟନ୍ତ ଶିକ୍ଷାଦାନ କରିଥିଲେ। ଓୟୁଏଟି ଭୁବନେଶ୍ୱରରେ ସେ ଉଚ୍ଚଶିକ୍ଷା ଲାଭ କରିଥିଲେ । ଚଳିତ ଥର ସେ ଓଏଏସ କରିଛନ୍ତି। ତାଙ୍କ ସଫଳତାରେ ଶ୍ରେୟ୍ ମା ବାପାଙ୍କୁ ଦେଇଛନ୍ତି। ଯେଉଁଠାରେ ଅବସ୍ଥାପିତ ହୁଅନ୍ତୁ ନା କାହିଁକି କଣ୍ଟାବାଞ୍ଜିର ବିକାଶ ପାଇଁ ସେ ଉଦ୍ୟମ କରିବେ ବୋଲି କହିଛନ୍ତି।

### ପାଏନ୍ ପ୍ରକଳ୍ପ ଅଚଲ୍: ଉହକ୍‌ବିକଲ କନ୍ଦାଜୁରୀବାସୀ

**ଲୋଇସିଂହା, ୭।୧(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅଧୀନ କନ୍ଦାଜୁରୀ ଗାଁର ପାଏନ୍ ପ୍ରକଳ୍ପର ପାଇପ୍ ଫାଟିଯାଇଛେ। ପଁଚେତ୍ କତ୍ତୁରପକ୍ଷ ଇତାର ମରାମତି ନାଇଁ କରବାର ଲାଗି ଗଲା ୨ ମାସ ହେଲା ପ୍ରକଳ୍ପ ଅଚଲ ହେଇ ପଡ଼ିଛେ। ଏନ୍‌ତାଥି କନ୍ଦାଜୁରୀ ଗାଁବାସୀ ପିଇଲା ପାଏନ୍ ଲାଗି ବଡ଼ା ଗୁଲ୍‌ଗୁଲା ହେଉଥିବାର ଅଭିଯୋଗ କରିଛନ୍। ସୂଚନା ଅନ୍‌ସାରେ ଲୋଇସିଂହା ବ୍ଲକ କନ୍ଦାଜୁରୀ ପଁଚେତ୍ ସଦର ଗାଁ ୮ଟା ୱାର୍ଡକେ ନେଇ ରହିଛେ। ଅନେକ ଦିନ୍ ହେଲା ପାଏନ୍ ପ୍ରକଳ୍ପ ଜରିଆରେ ଗାଁବାସୀକୁ ନିରମଲ ପିଇଲା ପାଏନ୍ ଯୁଗେଇ ଦିଆଯାଉଛେ। ହେଲେ ଗଲା ୨ ବଛର ହେଲା ପ୍ରକଳ୍ପ ପରିଚାଲନାରେ ବଡ଼ଭାରି ଅବେବସ୍‌ତା ଲାଗିରହିଛେ। ଏନ୍‌ତାଥି ଗାଁର ଅନେକ ଲୋକ୍ ପିଇଲା ପାଏନ୍ ପାଏବାରୁ ବଁଚିତ୍ ହେଉଛନ୍। ଗଲା ୨ ମାସ ତଲେ ଥାନୀଅ ତିନ୍‌କୁନିଆଁ ଛକ୍ ପାସେ ପ୍ରକଳ୍ପର ପାଇପ ଫାଟିଯାଇଛେ। ହେଲେ ଇତାର ମରାମତି ଦିଗେ ପଁଚେତ୍ କତ୍ତୁରପକ୍ଷ ଆଁତରିକତା ନାଇଁ ଦେଖଉଥିବାର ଗାଁବାସୀ ଅଭିଯୋଗ କରିଛନ୍। ଇ ଦିଗେ ବ୍ଲକ ଆର ଜିଲା ପରଶାସନ ଦୁରୁଷ୍‌ଟି ଦେଇ ପଦକ୍ଷେପ ନେବାକେ ଗାଁବାସୀ ଦାବି କରିଛନ୍।

### କ୍ୟାମେରାମ୍ୟାନ୍‌ଙ୍କୁ ଆକ୍ରମଣ ଘଟଣା: ୫ ଗିରଫ

**ବଲାଙ୍ଗୀର ଅଫିସ, ୭।୧:** ଏକ ବୈଦ୍ୟୁତିକ ଗଣମାଧ୍ୟମର କ୍ୟାମେରାମ୍ୟାନ୍ ଚିତ୍ତରଞ୍ଜନ ସାହୁଙ୍କୁ ୫ ତାରିଖ ରାତି ପ୍ରାୟ ସାଢ଼େ ୧୦ଟାରେ ସ୍ଥାନୀୟ ବ୍ରାହ୍ମଣପଡା ଏସବିଆଇ ଏଟିଏମ୍ ନିକଟରେ ୫ଜଣ ଯୁବକ ଆକ୍ରମଣ କରିଥିଲେ। ପରେ ତାଙ୍କଠାରୁ ୫ ହଜାର ୯ ଶହ ଟଙ୍କା ଲୁଟି ନେଇଥିଲେ । ଜଣେ ଯୁବକ କ୍ୟାମେରାକୁ ମଧ୍ୟ ଫିଙ୍ଗି ଦେଇଥିଲା । ଏହି ଘଟଣାକୁ ନେଇ ଟାଉନ୍ ଥାନାରେ ଅଭିଯୋଗ ହେବା ପରେ ଏକ ମାମଲା (ନଂ. ୧୨/୨୦) ରୁଜୁ କରି ୫ ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନଙ୍କ ମଧ୍ୟରେ ଜଣେ ନାବାଳକ ଧରାପଡିଛନ୍ତି। ଅଭିଯୁକ୍ତମାନେ ହେଲେ ସୁବାସ କବାଟ (୧୯), ରୋହନ୍ ବାଗ (୧୯), ଗୋବିନ୍ଦ ମହାଲିଙ୍ଗ (୧୯) ଓ ବିକାଶ ନାଗ (୧୯) । ଅଭିଯୁକ୍ତମାନଙ୍କଠାରୁ ପୋଲିସ ୧୫ଶହ ଟଙ୍କା ଜବତ କରିଛି ।

ସର୍ବଭାରତୀୟ ପାଟଣା କପ୍

# ସେମିରେ ପଶ୍ଚିମବଙ୍ଗ ହାଓଡ଼ା

**ପାଟଣାଗଡ, ୭।୧(ଡି.ଏନ.ଏ.)**



ରବି ଶର୍ମାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।

ବଲାଙ୍ଗୀର ଜିଲା ପାଟଣାଗଡ ରମାଇ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ୧୯ତମ ସର୍ବଭାରତୀୟ ପାଟଣା କପ୍ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିନର ମ୍ୟାଚ ମଙ୍ଗଳବାର ବ୍ରଜରାଜନଗର ଏବଂ ପଶ୍ଚିମବଙ୍ଗ ହାଓଡା କ୍ରିକେଟ ଏକାଡେମୀ ମଧ୍ୟରେ ହୋଇଥିଲା । ଟସ୍ ଜିଣି ବ୍ରଜରାଜନଗର ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳ ନିର୍ଦ୍ଧାରିତ ୩୦ ଓଭରରେ ୮ ଉଇକେଟ ହରାଇ ୧୬୯ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ କମଳେଶ ଶର୍ମା ସର୍ବାଧିକ ୩୯ ରନ ସଂଗ୍ରହ କରିଥିଲେ। ଏହାର ଜବାବରେ ହାଓଡା କ୍ରିକେଟ ଏକାଡେମୀ ୨୭ ଓଭରରେ ୩ ଉଇକେଟ ହରାଇ ୧୭୧ ରନ ସଂଗ୍ରହ କରି ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ହାଓଡା ପକ୍ଷରୁ ରଭି ଶର୍ମା ୪୧ ବଲ୍‌ରେ ୪୯ ରନ ଓ ସୌରଭ ସେନ ୨୯ ବଲରେ ୪୦ ରନ କରିଥିଲେ। ରତିରାଜ ସିଂ ୩ଟି ଉଇକେଟ ଅକ୍ତିଆର କରିଥିଲେ। ରବି ଶର୍ମାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଲାୟନ୍ସ କ୍ଲବ ପାଟଣାଗଡ ତରଫରୁ ଶ୍ରୀକାନ୍ତ ପାତ୍ର ପ୍ରଦାନ କରିଥିଲେ। ମୁଖ୍ୟ ଅତିଥିଭାବେ ପାଟଣାଗଡ ଏନଏସି ନିର୍ବାହୀ ଅଧିକାରୀ ସୁକାନ୍ତ କୁମାର ବେଉରା ଯୋଗ ଦେଇଥିଲେ। ଆଜିର ମ୍ୟାଚକୁ ଓସିଏ ମାନ୍ୟତାପ୍ରାପ୍ତ ଅମ୍ପେୟାର ସତ୍ୟ ରଥ ଏବଂ ସମୀର ପାଣିଗ୍ରାହୀ ପରିଚାଳନା କରିଥିଲେ। ସ୍କୋରର କୁବେର ରଣା ଓ ବିକାଶ ବନଛୋର, ପୂର୍ଣ୍ଣଚନ୍ଦ୍ର ମେହେର ଓ ଇବୁଲ ରାଉତ ଧାରା ବିବରଣୀ ପ୍ରଦାନ କରିଥିଲେ। ବୁଧବାର ପୁଲ ଏର ସେମି ଫାଇନାଲ ମ୍ୟାଚ ବିଳାସପୁର ଏବଂ ହାଓଡା କ୍ରିକେଟ ଏକାଡେମୀ ମଧ୍ୟରେ ଅନୁଷ୍ଠିତ ହେବ।



ଜଣେ ଛାତ୍ରୀଙ୍କୁ ଅଧ୍ୟୟନ କୃତିତ୍ୱ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

## ଡିଗ୍ରୀ ମହାବିଦ୍ୟାଳୟ କୃତୀ ବିଦ୍ୟାର୍ଥୀଙ୍କୁ ମାନପତ୍ର ପ୍ରଦାନ

**ମୁରିବାହାଲ, ୭।୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ଡିଗ୍ରୀ ମହାବିଦ୍ୟାଳୟ ତରଫରୁ କଲେଜ ପରିସରରେ ମଙ୍ଗଳବାର କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡିଗ୍ରୀ ମହାବିଦ୍ୟାଳୟ ଅଧକ୍ଷ ସରୋଜ କୁମାର ନାୟକଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ସଭାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ଅଧ୍ୟୟନ କୃତ୍ତିତ୍ୱ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହିଅବସରରେ ଅଧାପକ ଗୁଣସାଗର ମେହେର, ସୋମେଶଦତ୍ତ ହୋତା ପ୍ରମୁଖ ଉପସ୍ଥିତ ଥିଲେ ।

## ଡ୍ରାଇଭର ସଂଘ ଅସ୍ଥାୟୀ କାର୍ଯ୍ୟାଳୟ ଉଦ୍‌ଘାଟିତ



ଅସ୍ଥାୟୀ କାର୍ଯ୍ୟାଳୟ ଉଦ୍‌ଘାଟନ ଅବସରରେ ଅତିଥିଙ୍କ ସହ ଡ୍ରାଇଭର ସଂଘ ସଦସ୍ୟମାନେ।

**ମୁରିବାହାଲ, ୭।୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକସ୍ତରୀୟ ଡ୍ରାଇଭର ସଂଘର ଅସ୍ଥାୟୀ କାର୍ଯ୍ୟାଳୟ ରେଲୱେ ଷ୍ଟେଶନ ନିକଟରେ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି । ଏମପି ପ୍ରତିନିଧି ଶ୍ରୀବତ୍ସ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ଏଥିସହ ସରକାରଙ୍କ ନୂତନ ନିୟମ ଅନୁଯାୟୀ ଡ୍ରାଇଭରମାନେ କାର୍ଯ୍ୟ କରିବା ବେଳେ ମାଦକ ଦ୍ରବ୍ୟ ସେବନ ନକରିବା ଉପରେ ଗୁରୁତ୍ୱ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ବ୍ଲକ ସାମ୍ବାଦିକ ସଂଘ ସଭାପତି ଭଗବାନ ମହାନ୍ତି, ବ୍ଲକ ଯୁବ ଯାଦବ ସଭାପତି ଗଙ୍ଗାଧର ହେର୍ଣ୍ଣା, ସାମାଜିକ କର୍ମୀ ନିମାଇଁ ଚରଣ ବଘାର, ନାରାୟଣ ସାହୁ, ଅଜିତ କୁମାର ତରିଆ, ରାଜୀବ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଉଦଘାଟନୀ କାର୍ଯ୍ୟକ୍ରମରେ ଡ୍ରାଇଭର ଦେବେନ୍ଦ୍ର ହାତୀ, ଦୁଃଶମନ୍ତ ପଧାନ, ସୁରେଶ ଖାଡିଆ, ରିଙ୍କୁ ତରିଆ, ଜେମନ୍ତ ଭୋଇ, କନକ ସାହୁ ଚିତ୍ର ଆଡିଯୁଡେ ବିକାଶ ଭୋଇ, ଲଙ୍କେଶ ବାଗ, ତରୁଣ ମହାକୁର, ପ୍ରମୋଦ ଦାସ ପ୍ରମୁଖ ସହଯୋଗ କରିଥିଲେ ।

## ମୋ ସ୍କୁଲ ନିର୍ଦ୍ଦେଶିକାଙ୍କ ପାଟଣାଗଡ଼ ଗସ୍ତ

**ପାଟଣାଗଡ, ୭।୧(ଡି.ଏନ.ଏ.)**

ପାଟଣାଗଡ ବାଳିକା ଉଚ୍ଚ ବିଦ୍ୟାଳୟକୁ ମଙ୍ଗଳବାର ରାଜ୍ୟ ସରକାରଙ୍କ ମୋ ସ୍କୁଲ ଯୋଜନାର ଅଧକ୍ଷା ସସ୍ମିତା ବାଗଚି ଅଚାନକ ପରିଦର୍ଶନ କରିଥିଲେ। ସେଠାରେ ସେ ବିଦ୍ୟାଳୟର ଅନୁସାଙ୍ଗିକ ସାମଗ୍ରୀ ତଥା ସ୍କୁଲର ପରିବେଶ, ପାଠ୍ୟକ୍ରମ, ଲାଇବ୍ରେରୀ ତଥା ସୁବିଧା ଅସୁବିଧା ଉପରେ ପଚାରି ବୁଝିଥିଲେ। ସ୍କୁଲ ପରିବେଶ କିପରି ସ୍ୱଚ୍ଛ ରହିବ, ମୋ ସ୍କୁଲ ଅଭିଯାନର ଟଙ୍କା କେମିତି ଖର୍ଚ୍ଚ କରାଯାଉଛି ତାହା ପଚାରି ବୁଝିଥିଲେ। ଆଗାମୀ ଦିନରେ ବାଳିକା ଉଚ୍ଚ ବିଦ୍ୟାଳୟରେ ଗୋଟିଏ ଭଲ ଲାଇବ୍ରେରୀ ଖୋଲାଯିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଏହି ଅବସରରେ ସେ ପ୍ରତିଶ୍ରୁତି ଦେଇଥିଲେ। ପରେ ପାଟଣାଗଡ ରମାଇଁ ଉଚ୍ଚ ବିଦ୍ୟାଳୟକୁ ଯାଇ ଛାତ୍ରୀଛାତ୍ରଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ସରକାରୀ ଶିକ୍ଷାନୁଷ୍ଠାନମାନଙ୍କରେ ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରାଗଲେ ବିଦ୍ୟାର୍ଥୀମାନେ ପୁଣି ଫେରି ଆସିବେ ବୋଲି ବାଗଚି କହିଥିଲେ।

## ଆଇଆମ୍ କଲାମ କପ୍ : ସେମିରେ ପଦ୍ମପୁର

**ଲୋଇସିଂହା, ୭।୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ଏପିଜେ ଅବଦୁଲ କଲାମ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟାଡିୟମରେ ଚାଲିଥିବା ଆଇ ଆମ୍ କଲାମ କପ୍ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ଥିଲା ପଞ୍ଚମ ଦିବସ। ବି ଗ୍ରୁପର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ଖେଳ ରାଉରକେଲା କଳିଙ୍ଗ ଏସ୍‌ଏଫ ଓ ପଦ୍ମପୁର ବୋରାସମ୍ବର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ନିର୍ଦ୍ଧାରିତ ସମୟରେ ଖେଳା ବରାବର ରହିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ପଦ୍ମପୁର ୪-୩ଗୋଲରେ ବିଜୟୀ ହୋଇଥିଲା। ପଦ୍ମପୁରର ବିଜୟ କିଷାନ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ । ରେଫରି ଶେଷଦେବ ବେହେରା ଖେଳ ପରିଚାଳନା କରିଥିବାବେଳେ ତାଙ୍କୁ ଦେବାଶିଷ ବାଗ, ସୁଧାଂଶୁ ସେଠ ଓ ସୁଦୟ ବାରିକ ଲାଇନରେ ସହଯୋଗ କରିଥିଲେ। ଆଜିର ମ୍ୟାଚରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ବିଜେଡି କର୍ମୀ ସତ୍ୟନାରାୟଣ ଭୋଇ ଯୋଗଦେଇ ଖେଳାଳି ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ । ବୁଧବାର ପଦ୍ମପୁର ଓ କଟକ ନିପନ କ୍ଲବ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।



ଟେଣ୍ଟ ମାଲିକ ସଂଘର ବାର୍ଷିକ ସମାବେଶରେ ଉପସ୍ଥିତ କର୍ମକର୍ତ୍ତା।

## ଟେଣ୍ଟ ମାଲିକ ସଂଘର ବାର୍ଷିକ ସମାବେଶ

**ଖପ୍ରାଖୋଲ, ୭।୧(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ହରିଶଙ୍କର ଛକ ନିକଟରେ ବ୍ଲକସ୍ତରୀୟ ଟେଣ୍ଟ ମାଲିକ ସଂଘର ବାର୍ଷିକ ସମାବେଶ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଂଘର ବ୍ଲକ ସଭାପତି ବିକାଶ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ମୁଖ୍ୟ ଅତିଥିଭାବେ ସଂଘ ଉପଦେଷ୍ଟା ପ୍ରମୋଦ କୁମାର ଭୋଇ, ସମ୍ମାନିତ ଅତିଥି ଉପସଭାପତି ସୀତାରାମ ମେହେର, ରବିନ୍ଦ୍ର ଗଡତିଆ, ବାଙ୍କବିହାରୀ ନାଏକ, ଆନନ୍ଦ କୁମାର ପୁଟେଲ, ତେଜରାଜ ଦଣ୍ଡସେନା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସଂଘର ଆୟବ୍ୟୟ ସହ ଆଗାମୀ କାର୍ଯ୍ୟ ପନ୍ଥା ଉପରେ ଆଲୋଚନା ହୋଇଥିଲା । ସମାଜର ଗରୀବ ଶ୍ରେଣୀର ବିବାହ ଏବଂ ବିଭିନ୍ନ ସାମାଜିକ ଉତ୍ସବରେ ସଂଘ କମ୍ ଦରରେ ଟେଣ୍ଟ ସେବା ଯୋଗାଇବାକୁ ଆଲୋଚନା ହୋଇଥିଲା। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଗୋପାଳ ପାତ୍ର, ସୁମନ୍ତ ଭୋଇ, ଅମର ପୁଟେଲ, ଦୁର୍ଗାଦତ୍ତ ମେହେର, ସାମାଜିକ ପୁଟେଲ, ମନୋଜ ପୁଟେଲ, ରାଜକିଶୋର ନାଏକ, ପୁରନ୍ଦର ସାହୁ, ବେଦବ୍ୟାସ ବେହେରା, ଧରଣୀ ନିଆଲ, ସୁରେଶ ବାଗ, ବଳରାମ ବେହେରା ପ୍ରମୁଖ ସଂଘର ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ ।

## ଯୁରିଆ ଧାନମଣ୍ଡି ପରିଦର୍ଶନ କଲେ ତହସିଲଦାର

**ଖପ୍ରାଖୋଲ, ୭।୧(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଲୁହାସିଂହା ପ୍ରାଥମିକ କୃଷି ସମବାୟ ସମିତି ଯୁରିଆ ଧାନ ମଣ୍ଡି ପରିଦର୍ଶନ କରିଛନ୍ତି ତହସିଲଦାର ନିରଞ୍ଜନ ନାଏକ । ଏହି ସମୟରେ ଅଦିନିଆ ବର୍ଷା ପରେ ମଣ୍ଡି ପରିସରରେ ଚାଷୀ ରଖିଥିବା ଶହଶହ କୁଇଣ୍ଟାଲ ଧାନର ସେ ସ୍ଥିତି ପରଖିଥିଲେ। ପରେ ସେ ଚାଷୀଙ୍କ ସହ ଆଲୋଚନା କରିଥିଲେ। ଧାନ ମଣ୍ଡିର ପ୍ରଥମ ପର୍ଯ୍ୟାୟ ଟାର୍ଗେଟ ସରିଯାଇଥିବାବେଳେ ପଞ୍ଜୀକୃତ ୨୯୨ଚାଷୀ ଧାନବିକ୍ରି ପାଇଁ ଟୋକନ ପାଇ ଅପେକ୍ଷା କରି ରହିଛନ୍ତି। ଇତିମଧ୍ୟରେ ସପ୍ତାହେ ବିତି ଯାଇଥିଲେ ବି ନୂଆ ଟାର୍ଗେଟ ଆସିନାହିଁ। ପ୍ୟାକ୍ସ କର୍ତ୍ତୃପକ୍ଷ ଯୋଗାଣ ବିଭାଗକୁ ଜଣାଇଥିଲେ ବି ଟାର୍ଗେଟ ବଢ଼ି ନ ଥିବା ଚାଷୀମାନେ ତହସିଲଦାରଙ୍କୁ ଜଣାଇଥିଲେ । ଏହି ଅବସରରେ ଚାଷୀ ନେତା କନ୍ଦର୍ପ ସୁଆର, ସନ୍ତୋଷ ପଟେଲ, ପ୍ରଦୀପ ସିଂଦେଓ, ଚିକେଶ୍ୱର ମେହେର, ସତ୍ୟନାରାୟଣ ସାହୁ, ଅନ୍ତର୍ଯ୍ୟାମୀ ଦାଶ, ହୃଦାନନ୍ଦ ମଟାରୀ, ପ୍ରକାଶ ନାଗ, ଶିରିଶ ସିଂଦେଓ, ସମ୍ପାଦକ କିଶୋର ପଟେଲ, ଯଦୁମଣି ରଣା ପ୍ରମୁଖ ଉପସ୍ଥିତ ଥିଲେ।

## ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

**ବେଲପଡା, ୭।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ବେଲପଡା ବ୍ଲକର ବିଭିନ୍ନ ପଞ୍ଚାୟତରେ ମଙ୍ଗଳବାର ଆମ ଗାଁ ଆମ ବିକାଶ ଓ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ରିଲିଫ ପାଣ୍ଠିରୁ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ପାଟଣାଗଡ ବିଧାୟକ ସରୋଜ ମେହେର। ଏହି ଅବସରରେ ବିଡିଓ ଭିକ୍ଟର ସୋରେନ ଉପସ୍ଥିତ ଥିଲେ। ବିଧାୟକ ମେହେର ଧୁମାଭଟା ଜଗନ୍ନାଥ ମନ୍ଦିର ଓ ଶିବ ମନ୍ଦିର ନିକଟରେ ନୂତନ ଗୋଷ୍ଠୀ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନା କରିଥିଲେ। ପରେ ଧୁମାଭଟା ବୀଣାପାଣି ମହାବିଦ୍ୟାଳୟକୁ ଯାଇ ସେଠାରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ତଦାରଖ କରି ଲୋକଙ୍କ ସୁବିଧା ଅସୁବିଧା ବୁଝିଥିଲେ । ପରେ ମଣ୍ଡଳ ପଞ୍ଚାୟତର ରାଉବାହାଲ, ମଣ୍ଡଳ, ସର୍ଗିଗୁଡା, ଜାମଖାରୀ, ମଣ୍ଡଳ କଲେଜ, ମଣ୍ଡଳ ସାଗରପଡାରେ ଗୋଷ୍ଠୀ କେନ୍ଦ୍ରଗୁଡିକର ଶିଳାନ୍ୟାସ କରିଥିଲେ। ବିଧାୟକ ମଣ୍ଡଳ ସରସ୍ୱତୀ ଶିଶୁ ମନ୍ଦିରକୁ ପରିଦର୍ଶନରେ ଯାଇ କମ୍ପ୍ୟୁଟର କିଣିବା ପାଇଁ ନିଜସ୍ୱ ଦରମାରୁ ୧୧ହଜାର ଟଙ୍କା ପ୍ରଦାନ କରିଥିଲେ। ବିଧାୟକଙ୍କ ଗସ୍ତ ସମୟରେ ଅତିରିକ୍ତ ବିଡିଓ ରାମବିଳାସ ମଙ୍ଗରାଜ, ରାଜକୁମାର ପାଣିଗ୍ରାହୀ, ଦୁର୍ଯ୍ୟୋଧନ କୁମ୍ଭାର, ଜୟ କିଶାନ ରଣା, ଯୁବା ସମିତି ସଭ୍ୟ ଲକ୍ଷ୍ମୀଧର ପୁଟା, ତେତେଲମୁଣ୍ଡା ସମିତି ସଭ୍ୟ ଶୁକ୍ରୁ ସୁନାନୀ, ବିଧାୟକ ପ୍ରତିନିଧି ଗଣେଶ କୁମ୍ଭାର, ପ୍ରଦୀପ ମହେର, ବଳଦେବ ଠାକୁର ରଘୁନାଥ ପୁରୋହିତ, ଜଗନ୍ନାଥ ଖମାରୀ, ସତ୍ୟ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ।

## ବଳଦ ନେଇ ଯାଉଥିବା ପିକ୍ ଅପ୍ ଭ୍ୟାନ୍ ଦୁର୍ଘଟଣାଗ୍ରସ୍ତ

**ଉଲୁଣ୍ଡା, ୭।୧(ଡି.ଏନ.ଏ.)**

ସୋନପୁର-ସମ୍ବଲପୁର ମୁଖ୍ୟରାସ୍ତାର ମାଟିଖାଇ ନୂଆପଡା ନିକଟରେ ମଙ୍ଗଳବାର ଅପରାହ୍ନରେ ବଳଦ ନେଇ ଯାଉଥିବା ଏକ ପିକଅପ ଭ୍ୟାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଦୁଇଟି ବଳଦର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ଗାଡିରେ ଥିବା ଅନ୍ୟ ଏକ ବଳଦର ଅବସ୍ଥା ଗୁରୁତର ହୋଇଛି। ଅନ୍ୟପକ୍ଷରେ ଗାଡି ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱକୁ ଖସି ଯିବାରେ ଗାଡି ଡ୍ରାଇଭର ଗରୁତର ହୋଇଛନ୍ତି।

# ମଦ ବନ୍ଦ ପାଇଁ ଏସ୍‌ଏଚ୍‌ଜି ମହିଳା ଥାନାର ଦ୍ୱାରସ୍ଥ

## ମଦଭାଟି ନିଲାମ ପାଇଁ ପ୍ରସ୍ତୁତି, ସେପଟେ ଆନ୍ଦୋଳନ ପାଇଁ ସଜବାଜ

**ଦେଓଗାଁ, ୭।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଗୌରଗୋଠରେ ମଦକୁଚିଆ ବନ୍ଦ କରିବା ଦାବିକୁ ନେଇ ସ୍ଥାନୀୟ ଲୋକ ଉନ୍ନତି ସଂଗଠନ, ମହିଳା ଶ୍ରମଜୀବୀ ମଞ୍ଚ ତଥା ଏସ୍‌ଏଚ୍‌ଜି ମହିଳାମାନେ ଅଣ୍ଟା ଭିଡିଛନ୍ତି । ଏ ନେଇ ସେମାନେ ବାରମ୍ବାର ପଞ୍ଚାୟତ, ପୋଲିସ ତଥା ଅବକାରୀ ବିଭାଗକୁ ଲିଖିତ ଅଭିଯୋଗ କରିଆସୁଛନ୍ତି । ହେଲେ ପ୍ରଶାସନ ମଦବନ୍ଦ ଉପରେ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରୁନାହିଁ। ଫଳରେ କେତେକ ଅସାଧୁ ବ୍ୟକ୍ତି ଗାଁରେ ମଦଭାଟି ନିଲାମ କରିବାକୁ ଚକ୍ରାନ୍ତ ଚଳାଇଥିବା ସଂଗଠନର କର୍ମକର୍ତ୍ତା ବୃନ୍ଦ ଅଭିଯୋଗ କରିଛନ୍ତି । ରବିବାର କେତେକ ମହିଳାଙ୍କୁ ଗାଁର ଜନୈକ ବ୍ୟକ୍ତି ମଦବିକ୍ରୀ ବାବଦରେ ଗାଳିଗୁଲଜ କରିବା ପରେ ସେମାନେ ତୁଷୁରା ଥାନାକୁ ଯାଇ ଅଭିଯୋଗ କରିଥିଲେ । ପରେ ଗାଁର ଭଦ୍ରବ୍ୟକ୍ତିଙ୍କ ବୁଝାମଣା ଓ ସମ୍ପୃକ୍ତ ବ୍ୟକ୍ତି କ୍ଷମା ପ୍ରାର୍ଥନା କରିବା ପରେ ଆପୋଷ ବୁଝାମଣା ହୋଇଥିଲା । ଏବେ ଗାଁରେ କୁଚିଆ ମଦ ବେପାରୀ ବଦଳରେ ଜନୈକ ବ୍ୟକ୍ତିଙ୍କୁ ବାର୍ଷିକ ନିଲାମ ସୂତ୍ରରେ ମଦ ବ୍ୟବସାୟ କରିବା ପାଇଁ କେତେକ ବ୍ୟକ୍ତି ପ୍ରୟାସ ଚଳାଇଥିବା ସୂଚନା ପାଇ ସଂଗଠନ ତଥା ଏସଏଚଜି ସଦସ୍ୟାଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରୀୟା ପ୍ରକାଶ ପାଇଛି । ଆଗକୁ ଯଦି ପୋଲିସ ଅବା ଅବକାରୀ ବିଭାଗ ଏଦିଗରେ କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ ନକଲେ ଆନ୍ଦୋଳନ ବ୍ୟାପକ ହେବ ଏବଂ ପଞ୍ଚାୟତ ଅଫିସରେ ତାଲା ପକାଇ ଅଚଳ କରିଦିଆଯିବ ବୋଲି ସଂଗଠନ ତରଫରୁ ଚେତାବନୀ ଦିଆଯାଇଛି । ଏ ନେଇ ତୁଷୁରା ଥାନା ଅଧିକାରୀ ଯଶୋବନ୍ତ ପ୍ରଧାନୀଙ୍କୁ ପଚାରିବାରୁ ମହିଳାମାନେ ଅଭିଯୋଗ କରିବାକୁ ଆସିଥିଲେ। ହେଲେ ଆପୋଷ ବୁଝାମଣା ହୋଇଛି । ମଦ ବନ୍ଦ ଉପରେ ଅବକାରୀ ବିଭାଗ ପଦକ୍ଷେପ ନେବାକଥା। ତେବେ କୌଣସି ଗଣ୍ଡଗୋଳ ହେଲେ ଆମେ ତୁରନ୍ତ ପଦକ୍ଷେପ ନେବୁ ବୋଲି କହିଛନ୍ତି।

ବନ୍ଧପଡ଼ା ପ୍ରାଥମିକ ବିଦ୍ୟାଳୟ୍

# ଛାତ୍ରୀଛାତ୍ରଙ୍କୁ ମିଳିନି ଜୋତା, ପୋଷାକ

**ଦେଓଗାଁ, ୭।୧(ଡି.ଏନ.ଏ.)**



ପୋଷାକ ବଣ୍ଟନ ହୋଇ ନଥିବାରୁ ଅଧିକାଂଶ ପିଲା ବିନା ୟୁନିଫର୍ମରେ ଆସିଛନ୍ତି।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବନ୍ଧପଡା ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଜୋତା ଓ ପୋଷାକରୁ ବଞ୍ଚିତ ରହିଛନ୍ତି । ୨୦୧୮ ଆର୍ଥିକ ବର୍ଷର ଏସ୍‌ଆଇଜି, ଆରଏମ୍‌ଜି ସ୍କୋର୍ବ୍ କମ୍ପୋଜିଟ ଅର୍ଥ ରାଶି ଆଜକୁ ୩ମାସ ତଳେ ବ୍ଲକର ପ୍ରାୟ ସମସ୍ତ ବିଦ୍ୟାଳୟ ଆକାଉଣ୍ଟକୁ ଆସିଥିଲା। ହେଲେ କୌଣସି କାରଣବଶତଃ ଏପର୍ଯ୍ୟନ୍ତ ବନ୍ଧପଡା ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଆସିନାହିଁ। ଫଳରେ ମାଗଣା ଜୋତା, ପୋଷାକ ପାଇବାରୁ ବିଦ୍ୟାଳୟର ୪୭ ଜଣ ଛାତ୍ରୀଛାତ୍ର ବଞ୍ଚିତ ରହିଛନ୍ତି। ଅଭିଭାବକମାନେ ଏ ନେଇ ସ୍କୁଲରେ ତାଲା ପକାଇ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି । ପ୍ରଧାନଶିକ୍ଷକ ଉପେନ୍ଦ୍ର ମେହେରଙ୍କୁ ପଚାରିବାରୁ, ଏ ପର୍ଯ୍ୟନ୍ତ ଟଙ୍କା ଆସି ନ ଥିବାରୁ ପୋଷାକ ଜୋତା ଦିଆଯାଇ ପାରିନାହିଁ ବୋଲି କହିଛନ୍ତି।



ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।
- ଠାକୁର ଅନୁକୂଳଚନ୍ଦ୍ର



## ସଂକ୍ଷେପରେ



### କଲମପୁର ତହସିଲରେ ନୂତନ ତହସିଲଦାରଙ୍କ ଯୋଗଦାନ

**କଲମପୁର,୭।୧(ଡି.ଏନ.ଏ.):** କଳାହାଣ୍ଡି ଜିଲା କଲମପୁର ତହସିଲ କାର୍ଯ୍ୟାଳୟଠାରେ ନୂତନ ତହସିଲଦାର ଭାବେ ସୋମବାର ଦିବାକର ବାଗ ଯୋଗଦେଇ ଦାୟୀତ୍ୱ ଗ୍ରହଣ କରିଛନ୍ତି। ବିଶେଷ କରି ଜମିଜମା ସମ୍ବନ୍ଧୀୟ କାଗଜପତ୍ର ସେ ବିଷୟରେ ବିଶେଷ ଧ୍ୟାନ ବୋଲି ତହସିଲଦାର ବାଗ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଏଥିସହ ତହସିଲ କାର୍ଯ୍ୟାଳୟଠାରେ ଯେକୌଣସି କାମଥିଲେ ତାହାକୁ ତୁରନ୍ତ କାର୍ଯ୍ୟକାରୀ କରାଯିବ, ଯେଭଳି ଜନସାଧାରଣ କାର୍ଯ୍ୟାୟାଳୟକୁ ଆସି ଛିଡା ହେବାକୁ ପଡିବ ନାହିଁ। ସେଥିପ୍ରତି ଧ୍ୟାନ ଦିଆଯିବ ବୋଲି ବାଗ କହିଛନ୍ତି।

### ଶିଶୁ ବୈଜ୍ଞାନିକ ସୁଶୀଳାଙ୍କ ପ୍ରକଳ୍ପ ଜୋନସ୍ତରକୁ ମନୋନୀତ

**ଭବାନୀପାଟଣା,୭।୧(ଡି.ଏନ.ଏ.):** କଳାହାଣ୍ଡି ଜିଲା ସଦର ବ୍ଲକ ନୂଆପଡା ଛାୟାଦେବୀ ହାଇସ୍କୁଲ ଛାତ୍ରୀ ଶିଶୁ ବୈଜ୍ଞାନିକ ସୁଶୀଳା ରଣାଙ୍କ ବିଜ୍ଞାନ ପ୍ରକଳ୍ପ ଜୋନସ୍ତରକୁ ମନୋନୀତ ହୋଇଛି। ଗତ ଡିସେମ୍ବର ୩ ଓ ୪ରେ ଭବାନୀପାଟଣା ବ୍ରଜମୋହନ ହାଇସ୍କୁଲରେ ଅନୁଷ୍ଠିତ ଜିଲାସ୍ତରୀୟ ବିଜ୍ଞାନ ମେଳାରେ ସୁଶୀଳାଙ୍କ ପ୍ରକଳ୍ପ ଶ୍ରେଷ୍ଠ ବିବେଚିତ ହୋଇ ରାଜ୍ୟସ୍ତରୀୟ ପ୍ରଦର୍ଶନୀକୁ ଯାଇଥିଲା। ସେଠାରେ ଶ୍ରେଷ୍ଠ ପ୍ରକଳ୍ପ ଭାବେ ବିବେଚିତ ହୋଇ ଜୋନସ୍ତରକୁ ମନୋନୀତ ହୋଇଛି। ଘରର ସୁରକ୍ଷା ଓ ନିରାପତ୍ତା ପାଇଁ ସାଧାରଣ ମୋବାଇଲ ମାଧ୍ୟମରେ ନୂତନ କୌଶଳ ଉଦ୍ଭାବନ ପାଇଁ ସୁଶୀଳା ଏହି ସଫଳତା ପାଇଛନ୍ତି। ତାଙ୍କ ଏହି ସଫଳତା ପାଇଁ ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରଶାନ୍ତ ମହାପାତ୍ର, ଭବାନୀପାଟଣା ବ୍ଲକ ଅଭିଭାବକ ସଂଘ ସଭାପତି ରୋଶନ ଲାଲ ଛତର, ଜିଲା ଶିକ୍ଷା ଅଧିକାରୀ ସଞ୍ଜୀବ ସିଂ, ଜିଲା ବିଜ୍ଞାନ ନିରୀକ୍ଷକ ହିମାଂଶୁ ପଟ୍ଟନାୟକ ପ୍ରୋତ୍ସାହିତ କରିଛନ୍ତି।

# ପର୍ଯ୍ୟଟନସ୍ଥଳୀ ମାନ୍ୟତା ଅପେକ୍ଷାରେ ଘୁମର ଜଳପ୍ରପାତ

**ସଞ୍ଜୀବ କୁମାର ଯୋଷୀ**
**ଭବାନୀପାଟଣା,୭।୧(ଡି.ଏନ.ଏ.)**

ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପର୍ଯ୍ୟଟନସ୍ଥଳୀକୁ ଚିହ୍ନଟ କରି ଏହାର ଉନ୍ନତୀକରଣ ଓ ବିକାଶ ତଥା ପର୍ଯ୍ୟଟକମାନେ ଆସିବା ପାଇଁ ବିଭିନ୍ନ ପଦକ୍ଷେପ ନେଉଛନ୍ତି। ପର୍ଯ୍ୟଟନ ବିଭାଗ ଦୂରଦୃଷ୍ଟି ଅଭାବ ଯୋଗୁ ଦୁର୍ଗମ ଅଞ୍ଚଳରେ ଥିବା ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଅବହେଳିତ ଅବସ୍ଥାରେ ପଡିରହିଛି। କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଭୀମବନ୍ଧା ପାହାଡ ମଝିରେ ଘୁମର ଜଳପ୍ରପାତ ଓ ଏକ ଐତିହାସିକ ଗୁମ୍ଫା ଅବସ୍ଥିତ। ପ୍ରକୃତି କୋଳରୁ ସୃଷ୍ଟି ହୋଇଥିବା ଏହି ଜଳପ୍ରପାତକୁ ପର୍ଯ୍ୟଟନ ବିଭାଗ ଓ ସରକାରଙ୍କ ଦୃଷ୍ଟି ନ ପଡିବା ଯୋଗୁ ଆଜି ବି ଅବହେଳିତ ଅବସ୍ଥାରେ ପଡ଼ି ରହିବା ଘଟଣା ସାଧାରଣରେ ଉଦ୍‌ବେଗର ବିଷୟ ହୋଇଛି। ଥୁଆମୂଳ ରାମପୁର ପଞ୍ଚାୟତରେ ଘୁମର ଜଳପ୍ରପାତ ଅବସ୍ଥିତ। ଥୁଆମୂଳ ରାମପୁର ସହରରୁ ଏହି ଘୁରମ ଜଳପ୍ରପାତକୁ ଯିବାକୁ ହେଲେ ମାତ୍ର ୫ କିମି ପଡିଥାଏ।



ଥୁଆମୂଳ ରାମପୁର ଭୀମବନ୍ଧା ପାହାଡ ମଝିରେ ଘୁମର ଜଳପ୍ରପାତ।

ସେହିଭଳି ଭବାନୀପାଟଣାରୁ ୭୪ କି.ମି. ଓ କଲମପୁରଠାରୁ ମାତ୍ର ୨୨ କି.ମି. ପଡିଥାଏ। ଏହି ଜଳପ୍ରପାତକୁ ଯିବାକୁ ହେଲେ ଥୁଆମୂଳ ରାମପୁର ପଞ୍ଚାୟତ ଦେରଗୁଡା ଗାଁକୁ ଯିବାକୁ ପଡିଥାଏ। ସେଠାରେ ଯାନବାହନ ରଖି ଏକ ପାଦଚଲା ରାସ୍ତାରେ ୨ କି.ମି. ଦୂର ଭୀମବନ୍ଧା ପାହାଡ ଉପରକୁ ଚାଲିଚାଲି ଯିବାକୁ ପଡିଥାଏ। ଏହି ପାହାଡରେ ଅନେକ ଝରଣା ରହିଛି । ବହୁ ପୂର୍ବରୁ ବଡ ବଡ ଦୁଇଟି ପାହାଡର ପଥରରୁ ପାଣି ଘୁମୁରି ଘୁମୁରି ତଳେ ପଡୁଥିବା ଯୋଗୁ ଏହାକୁ ଘୁମର ଜଳପ୍ରପାତ ବୋଲି ଅଞ୍ଚଳର ଅଧିବାସୀମାନେ ନାମକରଣ କରିଥିଲେ। ଜଳପ୍ରପାତର ୫୦୦ ମିଟର ଦୂରରେ ଏକ ଐତିହାସିକ ଗୁମ୍ଫା ରହିଛି। ଏହି ଗୁମ୍ଫାରେ ବହୁବର୍ଷର ଐତିହାସିକ ପ୍ରାଚୀନ ଦେବଦେବୀଙ୍କ ମୂର୍ତ୍ତି ଦେଖିବାକୁ ମିଳେ। ପ୍ରତିଦିନ ଶହଶହ ପର୍ଯ୍ୟଟକ ଏହି ସୁନ୍ଦର ଜଳପ୍ରପାତ ସହିତ ଗୁମ୍ଫାର ମନଲୋଭା ଦୃଶ୍ୟକୁ ଦେଖିବାକୁ ଆସିଥାନ୍ତି। ଏବେ ନୂଆବର୍ଷରେ ପର୍ଯ୍ୟଟକଙ୍କ ଭିଡ ଦେଖିବାକୁ ମିଳୁଛି। ପ୍ରଶାସନ ଓ ପର୍ଯ୍ୟଟକ ବିଭାଗର ଦୋମୁହାଁ ନୀତି ଯୋଗୁ ଏହି ଜଳପ୍ରପାତର ପାରିପାର୍ଶ୍ୱିକର ବିକାଶ ହୋଇ ପାରୁନାହିଁ। ଯଦି ଘୁମର ଜଳପ୍ରପାତ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ସାମିଲ ହୁଅନ୍ତା ତାହେଲେ ଏହି ଅଞ୍ଚଳର ବିକାଶ ହେବା ସହିତ ଅନେକ ଯୁବକ ରୋଜଗାରକ୍ଷମ ହୋଇପାରନ୍ତେ। ଥୁଆମୂଳ ରାମପୁର ବ୍ଲକରେ ଅନେକ ଜଳପ୍ରପାତ, ଐତିହାସିକ ପାହାଡ, ଝରଣା ପ୍ରତ୍ନତାତ୍ତ୍ୱିକ ସ୍ଥାନ, ପ୍ରାଚୀନ ମନ୍ଦିର ଥିବାବେଳେ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇପାରୁ ନ ଥିବାରୁ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

## ଜିଲାସ୍ତରୀୟ ଜାତୀୟ ସଂହତି ଶିବିର ଉଦ୍‌ଘାଟିତ

**କର୍ଲାମୁଣ୍ଡା,୭।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦରସ୍ଥିତ ପୁଟିଗାଁ ଚିନାବାଡିଠାରେ ଜିଲାସ୍ତରୀୟ ଭାରତ ସ୍କାଉଟ ଆଣ୍ଡ ଗାଇଡ ପକ୍ଷରୁ ଜିଲାସ୍ତରୀୟ ଜାତୀୟ ସଂହତି ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ୪ ଦିନ ଧରି ହେବାକୁ ଥିବା ଏହି ଜାମ୍ବୋରିକୁ ସ୍ଥାନୀୟ ବିଧାୟକ ଭୂପିନ୍ଦର ସିଂ ଉଦଘାଟନ କରିଥିଲେ। ଆୟୋଜିତ ସଭାରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଲୁମାଲୁ ଭୀମରାଜ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ନର୍ଲା ବିଧାୟକ ସିଂ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ଅମ୍ରିତା ସାହୁ, ତହସିଲଦାର ବାସନ୍ତୀ ସେଠୀ, ଗଜବାହାଲ ହାଇସ୍କୁଲ ପ୍ରଧାନଶିକ୍ଷକ ବିଜୟ ପୁରୋହିତ, କର୍ଲାମୁଣ୍ଡା ଯୁକ୍ତ ୨ କଲେଜ ଅଧ୍ୟକ୍ଷ ଗୁପ୍ତେଶ୍ୱର ସାହୁ, ସ୍କାଉଟ ଆଣ୍ଡ ଗାଇଡର ସମ୍ପାଦକ ମହେନ୍ଦ୍ର କୁମାର ପଣ୍ଡା, କମିଶନର ସୁନିଲ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ସ୍କାଉଟ କ୍ୟାମ୍ପରେ ଯୋଗଦେଇଥିବା ଛାତ୍ରୀଛାତ୍ରୀଙ୍କ ଶୃଙ୍ଖଳାଜ୍ଞାନ ସେମାନଙ୍କ ଭବିଷ୍ୟତ ଗଠନରେ ସହାୟକ ହୋଇଥାଏ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଆୟୋଜକ କର୍ଲାମୁଣ୍ଡା ହାଇସ୍କୁଲ ପ୍ରଧାନଶିକ୍ଷକ ପ୍ରଶନ୍ନ କୁମାର ପଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହାପରେ ଅପରାହ୍ନରେ ମହାତ୍ମା ଗାନ୍ଧୀ ବେଶ ପ୍ରତିଯୋଗୀତା ଓ କାମ୍ପ ଫାୟାର ଅନୁଷ୍ଠିତ ହୋଇଥିଲା। କର୍ଲାମୁଣ୍ଡା ହାଇସ୍କୁଲ ସ୍କାଉଟ ଶିକ୍ଷକ ପବିତ୍ର ମୋହନ ପାଶାଙ୍କ ସମେତେ ସମସ୍ତ ଶିକ୍ଷକ, କର୍ମଚାରୀ ସହଯୋଗ କରିଥିଲେ।

## ମଦ ବିରୋଧରେ ୩ ପଞ୍ଚାୟତ ମହିଳା ଏକାଠି



୩ ପଞ୍ଚାୟତରେ ମଦ ବନ୍ଦ ପାଇଁ ଶତାଧିକ ମହିଳା ଜିଲାପାଳଙ୍କୁ ଭେଟିବାକୁ ଆସିଛନ୍ତି।

**ଭବାନୀପାଟଣା,୭।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ୩ଟି ପଞ୍ଚାୟତରେ ମଦ ବନ୍ଦ ପାଇଁ ଶତାଧିକ ମହିଳା ଏକାଠି ହୋଇଛନ୍ତି। ସେମାନେ ଜିଲାପାଳଙ୍କୁ ଲିଖିତ ଭାବେ ମଦ ବନ୍ଦ ପାଇଁ ଦାବି କରିଛନ୍ତି। ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ନୂଆଗାଁ, ଉଛୁଳା ଓ ବଡଚେର ଗାଁ ପ୍ରମୁଖ ୩ଟି ପଞ୍ଚାୟତ ପ୍ରାୟ ଆଦିବାସୀ ବହୁଳ ତଥା ପଛୁଆ ଅଞ୍ଚଳଅଟେ। ଏହି ଅଞ୍ଚଳର ଲୋକେ କୁଲିମଜୁରୀ କରି ପରିବାର ପ୍ରତିପୋଷଣ କରିଥାନ୍ତି। ହେଲେ ସାନଚେରଗାଁ ଓ ଗରଗାବଠାରେ ଦେଶୀମଦ ଭାଟି ଓ ବିଭିନ୍ନ ଗାଁରେ ଶତାଧିକ ବେଆଇନ କୋଠି ଥିବା ଯୋଗୁ ଲୋକେ ମଦ ପିଇ ମାତାଲ ହୋଇ ଘରେ ମହିଳାମାନଙ୍କୁ ପିଟାମରା କରୁଛନ୍ତି। ଅନ୍ୟପକ୍ଷରେ ମଦୁଆଙ୍କ ଦୌରାତ୍ମ୍ୟ ଯୋଗୁ ଛାତ୍ରୀ ଓ ଯୁବତୀମାନେ ସ୍କୁଲ, କଲେଜ ଯିବାକୁ ଉଚିତ ମଣୁ ନାହାନ୍ତି। ଏଣୁ ଏହି ବେଆଇନ ମଦ କୋଠିକୁ ବନ୍ଦ କରିବା ପାଇଁ ଶତାଧିକ ମହିଳାଙ୍କ ସହ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ସୋମବାର ଜିଲାପାଳଙ୍କୁ ଲିଖିତ ଭାବେ ଅନୁରୋଧ କରିଥିଲେ। ଏହାର ସମାଧାନ କରା ନ ଯାଏ ତାହେଲେ ମହିଳାମାନେ ସମସ୍ତ ଭାଟି ଓ କୋଠିକୁ ଭାଙ୍ଗି ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି।

## ପଞ୍ଚାୟତକୁ ଆସୁନାହାନ୍ତି ନିର୍ବାହୀ ଅଧିକାରୀ

**ଲାଞ୍ଜିଗଡ଼,୭।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଛତ୍ରପୁର ପଞ୍ଚାୟତକୁ ନିର୍ବାହୀ ଅଧିକାରୀ ବିଘ୍ନରାଜ ମୁଣ୍ଡ ଠିକ୍ ଭାବେ ଆସୁନାହାନ୍ତି। ଫଳରେ ପଞ୍ଚାୟତରେ ହେବାକୁ ଥିବା ବିଭିନ୍ନ ଉନ୍ନୟନକାମଗୁଡିକ ଠପ୍ ହୋଇଯାଉଛି। ବିଧବା ଭତ୍ତା, ଭିନ୍ନକ୍ଷମ ଭତ୍ତା,ବାର୍ଦ୍ଧକ୍ୟ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ପାଇଁ ହିତାଧିକାରୀମାନେ ପଞ୍ଚାୟତ କାର୍ଯ୍ୟାଳୟକୁ ଆସୁଛନ୍ତି।

**ଉନ୍ନୟନ କାମ ବ୍ୟାହତ, ଅସୁବିଧା ଭୋଗୁଛନ୍ତି ଲୋକେ**

ନିର୍ବାହୀ ଅଧିକାରୀଙ୍କ ଅନୁପସ୍ଥିତି ଯୋଗୁ ଲୋକେ ଅନେକ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଛତ୍ରପୁର ପଞ୍ଚାୟତରେ ୧୨ଟି ଗାଁଥିବା ବେଳେ ଲେପଟାଗୁଡା, ଟାଙ୍ଗନକଣା, ବାରବୁଲି, ରଘୁନାଥପୁର, ବାଇରିକୁପୁଲି ଓ ପଥରାପଡାରେ ଅନେକ ଗରିବ ବାସ କରୁଛନ୍ତି। ଅନେକ ଲୋକ ଘର ପାଇବାରୁ ବଞ୍ଚିତ ରହିଛନ୍ତି। ନିର୍ବାହୀ ଅଧିକାରୀଙ୍କ ଇଚ୍ଛାଶକ୍ତିର ଅଭାବ ଯୋଗୁ ଏହି ସବୁ ଅବ୍ୟବସ୍ଥା ଦେଖା ଦେଇଛି ବୋଲି ଅଭିଯୋଗ ହେଉଛି। ଏ ନେଇ ଛତ୍ରପୁର ନିର୍ବାହୀ ଅଧିକାରୀ ବିଘ୍ନରାଜ ମୁଣ୍ଡଙ୍କୁ ପଚାରିବାରୁ ମୋତେ ୨ଟି ପଞ୍ଚାୟତର ଦାୟିତ୍ୱ ଦିଆଯାଇଛି, ବିଡଓ ୩ ମାସ ପାଇଁ ଗୁଣ୍ଡୁରୀ ଗ୍ରାମପଞ୍ଚାୟତ କାର୍ଯ୍ୟଭାର ଦେଇଛନ୍ତି। ସେଥିପାଇଁ ସପ୍ତାହକୁ ୩ ଦିନ ଛତ୍ରପୁର ପଞ୍ଚାୟତରେ ସମୟ ଦେଇପାରୁଛି ବୋଲି ପ୍ରକାଶ କରିଥିବା ବେଳେ ଯୋଗାଣ ସହାୟକ ଓ ଗ୍ରାମ ରୋଜଗାର ସେବକ ପଞ୍ଚାୟତ ବିଭିନ୍ନ କାର୍ଯ୍ୟସବୁ ତଦାରଖ କରୁଛନ୍ତି ବୋଲି କହିଛନ୍ତି।

■ ମାଣିକେରା ପଞ୍ଚାୟତଠାରେ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୦

## ମନମୋହିନେଲା କୁନି କଳାକାରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ

**ମୋହନଗିରି,୭।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ମାଣିକେରା ପଞ୍ଚାୟତଠାରେ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୦ ମଙ୍ଗଳବାର ମହାସମାରୋହରେ ପାଳିତ ହୋଇଯାଇଛି। ହାଇସ୍କୁଲ ପଡିଆରେ ଦୁଇ ଦିନ ଧରି ଚାଲିଥିବା ଏହି ଉତ୍ସବର ପ୍ରାରମ୍ଭରେ ସ୍ଥାନୀୟ ଟାପରେଙ୍ଗସ୍ଥିତ ମା' ଡୁକୁରୁ ମନ୍ଦିରରୁ ମଶାଲ ଅଣାଯାଇ ସ୍ଥାପନ କରାଯିବା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଦସ୍ୟ ପୁଷ୍ପେନ୍ଦ୍ର କୁମାର ସିଂହଦେଓ, ସ୍ଥାନୀୟ ସରପଞ୍ଚ ରୁପକାନ୍ତି ସୁନା, ସମିତି ସଭ୍ୟା ସାବିତ୍ରି ଦେହେରି, ମୀନ କେତନ ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଉତ୍ସବରେ ସ୍ଥାନୀୟ ଯୁବଗୋଷ୍ଠି, ଜନସାଧାରଣ ଓ ସମସ୍ତ ସ୍କୁଲ ଛାତ୍ରୀଛାତ୍ରମାନେ ସାମିଲ ହୋଇଥିଲେ। କବାଡି, ଭଲିବଲ, ଝୋଟି, ହୁଳହୁଳି ସାଙ୍ଗକୁ ବିଭିନ୍ନ କଣ୍ଠ ସଙ୍ଗୀତ ଆଦି ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲରୁ ଆସିଥିବା ଛାତ୍ରୀଛାତ୍ରମାନେ ପରିବେଷଣ କରିଥିବା ଦେଶାତ୍ମବୋଧକ ସଙ୍ଗୀତ ଓ ଭଜନ ଦର୍ଶକମାନଙ୍କୁ ବେଶ ଆକୃଷ୍ଟ କରିଥିଲା। କୁନି କଳାକାରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ମନମୋହିନେଲା। ରାତି ୯ଟାରୁ ସୋନପୁର ଓ ବରଗଡ ଜିଲାରୁ ଆସିଥିବା ସଂକିର୍ତ୍ତନ୍ୟ ମଣ୍ଡଳି ଦ୍ୱାରା ବୈଠକି କିର୍ତ୍ତନ ପରିବେଷଣ କରାଯିବା କାର୍ଯ୍ୟକ୍ରମ ରହିଛି। ଏହା ଦେଖିବା ପାଇଁ ଲୋକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ରହିଥିବା ଦେଖିବାକୁ ମିଳିଛି।



କୁନିକୁନି କଳାକାରମାନଙ୍କ ଦ୍ୱାରା ପରିବେଷଣ ସାଂସ୍କୃତିକ କାର୍ଯ୍ୟକ୍ରମ।

## ଚୋକି ପରବ୍ ଉଦ୍ଦେଶ୍ୟରେ ଧାଙ୍ଗଡ଼ିଝୁଲା ପର୍ବ

**କଲମପୁର,୭।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କଲମପୁର ବ୍ଲକ ଅନ୍ତର୍ଗତ ଖଣ୍ଡିଡୋଙ୍ଗରୀଗୁଡା, କଦଳୀଗୁଆଁ ଏବଂ ତୁରାଗାଁଠାରେ ଆଦିବାସୀଙ୍କ ଚୋକି ପରବ୍ ଧୁମଧାମର ସହ ପାଳିତ ହୋଇଥିବାବେଳେ ସୋମବାର ଧାଙ୍ଗଡିଝୁଲା ପର୍ବ ଅନୁଷ୍ଠିତ ହୋଇଯାଇଛି। ଧାଙ୍ଗଡିଝୁଲାରେ ଧାରଣୀ ପୂଜାର୍ଚ୍ଚନା କରିବା ପରେ ଗୁରୁମେ, ଦିଶାରୀ, ଯୋଗକରିଆ, ମନ୍ଦରାଧରିଆ, ଗ୍ରାମ୍ୟ ଗୌଣ୍ଡିଆ ଧାରଣୀ ଦେବୀଙ୍କ ପାଖରେ ପୋତିଥିବା ଲାଠି ଉପରେ ଚଢିଥାନ୍ତି। ଲାଠି ଚଢା ପରେ ଗ୍ରାମ୍ୟ ପୂଝାରୀ, ଗୌନ୍ତିଆ ଏବଂ ଦିଶାରୀଙ୍କୁ ଏକ ଖଟିଆରେ ବସାଇ ନଚାଇଥାନ୍ତି। ଏହି ଧାଙ୍ଗଡିଦୋଲା ଦିନ ଆଦିବାସୀ ଯୁବକ ଯୁବତୀମାନେ ପରସ୍ପରକୁ ଭଲପାଇ ନିଜ ଇଚ୍ଛାରେ ବିବାହ କରିଥାନ୍ତି। ଏହି ପ୍ରଥାକୁ ନିଜ ସମାଜରେ ମଧ୍ୟ ଗ୍ରହଣ କରିଥାନ୍ତି। ଏହାର ମୁଖ୍ୟତ ହେଲା ପୂର୍ବରୁ ନିଜ ଭିତରେ କୌଣସି ମନମାଳିନ୍ୟ ଯଦି ଥାଏ ଏହି ଦିନ ତୁଟିଯାଏ ଏବଂ ଭାଇଚାରା ସୃଷ୍ଟିହୁଏ। ଏହି ଦିନ ସମସ୍ତେ ଗୋଟିଏ ସ୍ଥାନରେ ମିଳିମିଶି ନାଚଗୀତ କରିବା ସହ କାନ୍ଧରେ କାନ୍ଧ ମିସାଇ ସମ୍ପର୍କ ଯୋଡିଥାନ୍ତି। ଏହା ହେଉଛି ଆଦିବାସୀ ସମ୍ପ୍ରଦାୟର ମୁଖ୍ୟ ଉଦ୍ଦେଶ୍ୟ। ଶେଷରେ ସମସ୍ତ ଏକାଠି ଭୋଜି ଭାତ ଖାଇସାରି ପରସ୍ପର ମଧ୍ୟରେ ଶୁଭେଚ୍ଛା ଜଣାଇବା ସହିତ ପର୍ବକୁ ସମାପନ କରିଥାନ୍ତି।

## ଶାସ୍ତ୍ରିଜୀ ଶିକ୍ଷା ନିକେତନର ବାର୍ଷିକୋତ୍ସବ

**ଭବାନୀପାଟଣା,୭।୧(ଡି.ଏନ.ଏ.)**

ଭବାନୀପାଟଣା ସହରସ୍ଥିତ ଶାସ୍ତ୍ରୀଜୀ ଶିକ୍ଷା ନିକେତନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ନିର୍ଦ୍ଦେଶକ ପରମାନନ୍ଦ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା, ମୁଖ୍ୟବକ୍ତା ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ, ସମ୍ମାନିତ ଅତିଥି ଭବାନୀପାଟଣା ବିଇଓ ଜଗନ୍ନାଥ ପୁରୋହିତ, ଏମଜିଇଟି ଅଧ୍ୟକ୍ଷା ନିହାରିକା ପୁରୋହିତ, ସମ୍ପାଦକ ଆଶୁତୋଷ ମୁଣ୍ଡ ପ୍ରମୁଖ ଉଦବୋଧନ ଦେଇଥିଲେ। ଏହି ଅବସରରେ ପ୍ରବେଶ ପାତ୍ରଙ୍କୁ କୃତୀ ଶିକ୍ଷକ ଓ କୃତୀ ଛାତ୍ରୀ ଭାବେ ନବମ ଶ୍ରେଣୀର ରିତାଞ୍ଜଳି ତାଣ୍ଡି ଏବଂ ଉତ୍ସର୍ଗୀକୃତ କର୍ମୀ ଭାବେ ମଞ୍ଜୁଲତା ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟ ଅଧ୍ୟକ୍ଷ ବସନ୍ତ କୁମାର ମହାପାତ୍ର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଏମଜିଇଟି ସଦସ୍ୟା ସ୍ୱପ୍ନା ପ୍ରଧାନ ବିବରଣୀ ପାଠ କରିଥିଲେ। ମୁକୁନ୍ଦ ନାଏକ ମଞ୍ଚ ପରିଚାଳନା କରିଥିବା ବେଳେ ମଧୁସୂଦନ ପ୍ରଧାନ ଧନ୍ୟବାଦ ଦେଇଥିଲେ। ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଜ୍ୟୋତିର୍ମୟ ହରପାଲ, ବାପି ମହାରଣା, ସାବିତ୍ରୀ ମହାରଣା, ସବିତା ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

■ ଘରଖଁଡ଼େ ଲାଗି ପରଶାସନକେ ଗୁହାରି କରି ନିରାଶ

## ପୋଲିଥିନ୍ ତଳେ ୪ ପରାନୀ କୁଟୁମ୍

**ପର୍ଲା, ୭।୧(ଡି.ଏନ୍.ଏ.)**

ଗରିବ୍ ଦୁଖିକର ଲାଗି ଉଭଏ କେନ୍ଦ୍ର ଆର ରାଏଜ୍ ସରକାର ଖାଏଦ୍ ସୁରକ୍ଷା, ଆବାସ ଯୋଜନା ଲେଖେଁ ଅନେକ ମହତ୍ ଯୋଜନା କାଯ୍‌କାରୀ କରୁଛନ୍। ହେଲେ ଅନେକ ଜାଗାରେ ଥାନୀଅ ରାଜନେତା, ପରଶାସନିକ ଅଧିକାରୀ, କରମଚାରୀକଁର ଉଦାସିନତା ଲାଗି ସରକାରକଁର ଇ ମହତ୍ ଯୋଜନାମାନ ବାଟ୍‌ବନା ହେଉଛେ। ଏନ୍ତା ଗୁଟେ ଉଦାହରନ୍ ଦେଖିବାକେ ମିଳିଛେ କଳାହାଣ୍ଡି ଜିଲା ଛଞ୍ଚାଣବାହାଲି ପଁଚେତ୍ ଅଧୀନ ଚଣାମୁଣ୍ଡା ଗାଁରେ। ସୂଚନା ଅନ୍‌ସାରେ ଚଣାମୁଣ୍ଡା ଗାଁର ବଜନାଥ ନାଏକ(୫୦)। ପରିବାର କହେଲେ ମାଏକିନା ଭୁବନେଶ୍ୱରୀ(୪୫), ଝିଁ ରାଧିକା(୧୭) ଆର ପୁଓ ଗୁଡୁ(୧୨)କେ ନେଇ ସଁସାର। ପରିବାରଟା ନିହାତି ଗରିବ୍। ସଖାଲ ପାଏଲେ ଦୁଇ ମାଏଝିମୁନୁଷ ପହରହର କାମ୍‌ବୁତା କରି ଦୁଇ ପଏସା ରୁଜ୍‌ଗାର କରୁଛନ୍। ସେଥିରେ ପରିବାର ଚଲବାର ସଂଗେ ଦିହିପା,



ନିଜର ପଲିଥିନ୍ ଢପା ଦଦ୍‌ରା କୁରିଆ ଆଘେ ବଜନାଥ।

କପଡ଼ାଲତା, ଛୁଆକର ପାଠ୍‌ପଢ଼ା ଖରଚ୍ ତୁଲଉଛନ୍। ଘରେ ଅଭାବ୍ ଅନାଟନ ସବୁବେଲେ ଲାଗି ରହିଛେ। ଏନ୍ତାଥି ବଜନାଥ ଭଲ ଘରଖଁଡ଼େ ତିଆରି ନାଇଁପାରବାର। ବାପ୍‌ଅଜା ଅମଲୁ ଥିବାର ମାଏଟ୍ କୁରିଆଟା ଦୁରବଲ ହେଇ ଦୁଇ ବଛର ତଲେ ଭାଂଗିଯାଇଛେ। ଏନ୍ତାଥି କୁଟୁମଟା ଗୁଟେ ଝାଟିମାଟିର କୁରିଆରେ ପଲିଥିନ୍ ଢାପି ମୁଡ଼ ଗୁଁଜିଛନ୍। ସରକାରୀ ଯୋଜନାରେ ଘରଖଁଡ଼େ ପାଏବାର ଲାଗି ବଜନାଥ ଥାନୀଅ ସରପଁଚ୍, ବ୍ଲକ ଅଧକ୍ଷକ, ବ୍ଲକ ପରଶାସନକେ ଗୁହାରି କରି ନିରାଶ ହେଇଥିବାର କହିଛନ୍। ସେନ୍ତା ଘର ଭାଂଗି ଗଲାରୁ ରାଜସ୍ୱ ନିରୀକ୍ଷକ, ତହସିଲଦାରକୁଁ ଗୁହାରି କରିଥିଲେ ବି ଆଏଜ୍‌ତକ ପଲିଥିନ୍ ଖଁଡ଼େ ବି ସାହାଯ୍ ନାଇଁ ମିଳିଥିବାର ସେ ଅଭିଯୋଗ କରିଛନ୍। ଇଆଡ଼େ ସରକାରୀ ସାହାଯ୍ କହେଲେ ପରିବାରକେ ମାସିକ୍ ମିଳୁଥିବାର ୨୦ କେ.ଜି. ଚାଉଲ ନ ସାହାଭରସା। ବଜନାଥକଁର ଦୁରଦଶା ବାବ୍‌ଦେ ଥାନୀଅ ସରପଁଚ୍ ବଳରାମ ପୂଝାରୀକୁଁ ପଚ୍‌ରାଲାରୁ ସର୍ଭେରେ ତାକର ନାଁ ତାଲିକାରେ ଚଢ଼ାଯାଇଛେ। ଇ ବାବ୍‌ଦେ ଧର୍ମଗଡ଼ ବିଡିଓକଁର ସଂଗେ କଥା ହେଇ ଘର ଦେବାର ବେବସ୍ତା କରାଯିବା ବଲି ସେ କହିଥିଲେ। ସେନ୍ତା ଇ ବାବ୍‌ଦେ ଧର୍ମଗଡ଼ ଏବିଡିଓ ଗୋପାଳ କୃଷ୍ଣ ମିଶ୍ରକୁଁ ପଚ୍‌ରାଲାରୁ ହିତାଧିକାରୀ ଲେଖିକରି ଦେଲେ ତାହାକୁ ଆବାସ ଯୋଜନାରେ ସାମିଲ କରି ଘର ଯୁଗେଇଦେବାର ବେବସ୍ତା କରାଯିବା ବଲି ସେ କହିଛନ୍।

## ପ୍ରଧାନମନ୍ତ୍ରୀ ସଡ଼କ ନିର୍ମାଣରେ ନିମ୍ନମାନ ଅଭିଯୋଗ

**ଭବାନୀପାଟଣା,୭।୧(ଡି.ଏନ.ଏ.)**

ରାଜ୍ୟ ଓ କେନ୍ଦ୍ର ସରକାର ଗ୍ରାମାଞ୍ଚଳରେ ବାସ କରୁଥିବା ଲୋକଙ୍କ ପାଇଁ ରାସ୍ତା ନିର୍ମାଣ ନାମରେ ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ଏହି ଯୋଜନାର ସଫଳତା କେବଳ କାଗଜ କଲମରେ ସିମିତ ରହୁଥିବା ବେଳେ ବିଭାଗୀୟ ଅଧିକାର ଓ ଠିକାଦାରମାନଙ୍କ ଅର୍ଥ ଲାଳସା ଯୋଗୁ ଗ୍ରାମାଞ୍ଚଳ ଲୋକମାନେ ସରକାରଙ୍କ ଯାଜନାର ସୁଫଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଯାହାର ଉଦାହରଣ କଳାହାଣ୍ଡି ଜିଲାରେ ଦେଖିବାକୁ ମିଳୁଛି। ଆଦିବାସି ଅଧୁସିତ ଥୁଆମୂଳ ରାମପୁର ବ୍ଲକ ସଦରମହକୁମା ଥୁଆମୂଳ ରାମପୁର ଆରର୍ଡି ରାସ୍ତାଠାରୁ ମେଲ୍‌କୁନ୍ଦେଲ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡକ ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେବା ସହ ଅତି ନିମ୍ନମାନର କାମ ହେଉଥିବା ଗ୍ରାମବାସୀ ବିଭାଗୀୟ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କଠାରେ ଅଭିଯୋଗ କରିଥିବା ଜଣାପଡ଼ିଛି। ଅଭିଯୋଗ ଜଣାଯାଏ ଯେ, ଥୁଆମୂଳ ରାମପୁରରୁ ମେଲକୁନ୍ଦେଲ ପର୍ଯ୍ୟନ୍ତ ଦୀର୍ଘ ୯ କି.ମି. ନିର୍ମାଣ ହେଉଥିବା ପ୍ରଧାନମନ୍ତ୍ରୀ ସଡକରେ ବ୍ୟୟ ଅଟକଳ ମୂଲ୍ୟ ୭ କୋଟି ୧୦ ଲକ୍ଷ ୭ ହଜାର ୫୨୦ ରହିଛି। ଏହି ରାସ୍ତା କାର୍ଯ୍ୟ ଗତ ତା ୪।୩।୨୦୧୯ରିଖ ମଧ୍ୟରେ ଶେଷ ହେବା କଥା । କିନ୍ତୁ ନିର୍ଦ୍ଧାରିତ ସମୟ ସିମାର ୯ ମାସ ବିତିଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଉକ୍ତ ରାସ୍ତାକାମ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଏହି ରାସ୍ତା କାମ କରୁଥିବା ଠିକାଦାର ଓ ତଦାରଖ ଦାୟୀତ୍ୱରେ ଥିବା ଯନ୍ତ୍ରୀମାନଙ୍କ ଅର୍ଥ ଲାଳସା ଯୋଗୁ ଅତିନିମ୍ନମାନର କାମ କରାଯିବା ଯୋଗୁ ବିଭିନ୍ନ ସ୍ଥାନରେ ପିଚୁ ଉଠିଯାଉଥିବା ଦେଖାଦେଉଛି। ଏ ସମ୍ପର୍କରେ ସ୍ଥାନୀୟ ଗ୍ରାମବାସୀ ବାରମ୍ବାର ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କୁ ଉଚ୍ଚମାନର ରାସ୍ତା ନିର୍ମାଣ କରିବା ପାଇଁ ବାରମ୍ବାର ଅନୁରୋଧ କରାଯାଉଥିଲେ ସୁଦ୍ଧା ଏଥିପ୍ରତି ବିଭାଗୀୟ ଅଧିକାରୀ ଓ ଠିକାଦାର କର୍ଣ୍ଣପାତ କରୁ ନାହାନ୍ତି। ଫଳରେ ବାଧହୋଇ ଗ୍ରାମବାସୀ ଘଟଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।





ପ୍ରଧାନମନ୍ତ୍ରୀ ସଡକ ନିର୍ମାଣ ସୂଚନା ଫଳକ (ବାମ) । ନିମ୍ନମାନର ରାସ୍ତା କାମ ।



ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।
- ଠାକୁର ଅନୁକୂଳଚନ୍ଦ୍ର



## ସଂକ୍ଷେପରେ

### ଯୁବକଙ୍କ କ୍ଷତବିକ୍ଷତ ମୃତଦେହ ଉଦ୍ଧାର: ହତ୍ୟା ସନ୍ଦେହ

**ରାଜଗାଙ୍ଗପୁର, ୭।୧ (ଡି.ଏନ.ଏ)-** ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ରେଲୱେ ଫାଣ୍ଡି ଅଧିନ ସୋନାଖଣ୍ଡି ରେଲୱେ ଷ୍ଟେସନର ଅଳ୍ପ ଦୂରରୁ ଜଣେ ଯୁବକଙ୍କ କ୍ଷତବିକ୍ଷତ ମୃତଦେହ ସୋମବାର ରାତିରେ ରାଜଗାଙ୍ଗପୁର ରେଲୱେ ପୋଲିସ ଉଦ୍ଧାର କରିଛି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ପରେ ଘରଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୋମବାର ସନ୍ଧ୍ୟା ସମୟରେ ରାଜଗାଙ୍ଗପୁର ଷ୍ଟେସନ ମାଷ୍ଟରଙ୍କଠାରୁ ସୋନାଖଣ୍ଡି ଷ୍ଟେସନର ଡାଉନଲାଇନ କଡରେ ଜଣେ ଯୁବକଙ୍କ ମୃତଦେହ ପଡିଥିବା ଖବର ପାଇ ରାଜଗାଙ୍ଗପୁର ରେଲୱେ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ବିଳମ୍ବିତ ରାତିରେ ମୃତଦେହକୁ ରାଜଗାଙ୍ଗପୁର ଆଣିଥିଲେ । ସକାଳେ ମୃତଦେହକୁ ସ୍ଥାନୀୟ ଲୋକେ ଚିହ୍ନଟ କରିଥିଲେ। ମୃତ ଯୁବକ ଜଣକ ରାଜଗାଙ୍ଗପୁର ସହରର ଲିପଲୋଇ ନିବାସୀ ରବିନାରାୟଣ ନାୟକଙ୍କ ପୁଅ ଦିଲୀପ ବୋଲି ଜାଣିବା ପରେ ତାଙ୍କ ଘର ଲୋକଙ୍କୁ ରେଲୱେ ପୋଲିସ ଖବର ଦେଇଥିଲା। ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଥିବା ଜଣାପଡିଛି। ହେଲେ ମୃତକ ଦିଲୀପ ରବିବାରଠାରୁ ଘରକୁ ଯାଇ ନ ଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଏ ବାବଦରେ ରେଲୱେ ପୋଲିସ ଅଧିକାରୀଙ୍କୁ ପଚାରିବାରୁ ଘର ଲୋକେ କୌଣସି ଅଭିଯୋଗ କରି ନ ଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ପରେ ସମସ୍ତ ଘଟଣା ଜଣାପଡିବ ବୋଲି ଉତ୍ତର ଦେଇଥିଲେ।

### ଶିଶୁ ବୈଜ୍ଞାନିକ ସୁଶୀଳାଙ୍କ ପ୍ରକଳ୍ପ ଜୋନ୍‌ସ୍ତରକୁ ମନୋନୀତ

**ଭବାନୀପାଟଣା,୭।୧(ଡି.ଏନ.ଏ.):** କଳାହାଣ୍ଡି ଜିଲା ସଦର ବ୍ଲକ ନୂଆପଡା ଛାୟାଦେବୀ ହାଇସ୍କୁଲ ଛାତ୍ରୀ ଶିଶୁ ବୈଜ୍ଞାନିକ ସୁଶୀଳା ରଣାଙ୍କ ବିଜ୍ଞାନ ପ୍ରକଳ୍ପ ଜୋନ୍‌ସ୍ତରକୁ ମନୋନୀତ ହୋଇଛି। ଗତ ଡିସେମ୍ବର ୩ ଓ ୪ରେ ଭବାନୀପାଟଣା ବ୍ରଜମୋହନ ହାଇସ୍କୁଲରେ ଅନୁଷ୍ଠିତ ଜିଲାସ୍ତରୀୟ ବିଜ୍ଞାନ ମେଳାରେ ସୁଶୀଳାଙ୍କ ପ୍ରକଳ୍ପ ଶ୍ରେଷ୍ଠ ବିବେଚିତ ହୋଇ ରାଜ୍ୟସ୍ତରୀୟ ପ୍ରଦର୍ଶନୀକୁ ଯାଇଥିଲା। ସେଠାରେ ଶ୍ରେଷ୍ଠ ପ୍ରକଳ୍ପ ଭାବେ ବିବେଚିତ ହୋଇ ଜୋନସ୍ତରକୁ ମନୋନୀତ ହୋଇଛି। ଘରର ସୁରକ୍ଷା ଓ ନିରାପତ୍ତା ପାଇଁ ସାଧାରଣ ମୋବାଇଲ ମାଧମରେ ନୂତନ କୌଶଳ ଉଦ୍ଭାବନ ପାଇଁ ସୁଶୀଳା ଏହି ସଫଳତା ପାଇଛନ୍ତି। ତାଙ୍କ ଏହି ସଫଳତା ପାଇଁ ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରଶାନ୍ତ ମହାପାତ୍ର, ଭବାନୀପାଟଣା ବ୍ଲକ ଅଭିଭାବକ ସଂଘ ସଭାପତି ରୋଶନ ଲାଲ ଛତର, ଜିଲା ଶିକ୍ଷା ଅଧିକାରୀ ସଞ୍ଜୀବ ସିଂ, ଜିଲା ବିଜ୍ଞାନ ନିରୀକ୍ଷକ ହିମାଂଶୁ ପଟ୍ଟନାୟକ ପ୍ରୋତ୍ସାହିତ କରିଛନ୍ତି।

■ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ବଣାଇ ଅଞ୍ଚଳରୁ ଟପ୍ପରଙ୍କ ସହ ୪ ଜଣଙ୍କ କୃତିତ୍ୱ

# ସିଟିଜେନ ଫୋରମ୍ ପକ୍ଷରୁ ସମ୍ବର୍ଦ୍ଧନା

**ବଣାଇ, ୭।୧ (ସ୍ୱ.ପ୍ର.)**

ସଦ୍ୟ ପ୍ରକାଶିତ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା ଫଳରେ ସର୍ବୋଚ୍ଚ ନମ୍ବର ରଖି ଟପ୍ପର ହୋଇଥିବା ପରୀକ୍ଷାର୍ଥୀଙ୍କ ସମେତ ବଣାଇ ଉପଖଣ୍ଡରୁ ସମୁଦାୟ ୪ଜଣ କୃତୀ ପ୍ରତିଯୋଗୀଙ୍କ ସମ୍ମାନାର୍ଥେ ମଙ୍ଗଳବାର ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା । ବଣାଇ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବଣାଇ ସିଟିଜେନ ଫୋରମ ଆନୁକୂଲ୍ୟରେ ବଣାଇ ସାମ୍ବାଦିକ ସଂଘ, ଓକିଲ ସଂଘ, ହନୁମାନ କମିଟି ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବଣାଇ ଓକିଲ ସଂଘ ସଭାପତି ଲିଙ୍ଗରାଜ ମିଶ୍ର ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବଣାଇଗଡ଼ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ପରେ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଙ୍କୁ ପାରମ୍ପରିକ ରିତିରେ ସ୍ୱାଗତ କରିବା ପରେ ସମ୍ବର୍ଦ୍ଧନ ଉତ୍ସବ ଆରମ୍ଭ ହୋଇଥିଲା। ଏଥିରେ



ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅବସରରେ କୃତୀ ପ୍ରତିଯୋଗୀ, ଅତିଥି ଓ ସିଟିଜେନ ଫୋରମର କର୍ମକର୍ତ୍ତା।

ମୁଖ୍ୟ ଅତିଥି ଭାବେ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ବଣାଇ ବନଖଣ୍ଡ ଅଧିକାରୀ ସନତ କୁମାର ଏନ, ଉପଜିଲାପାଳ ପ୍ରଦୀପ ଡାଙ୍ଗ, ବିଡିଓ ସନ୍ତୋଷ କୁମାର ସାହୁ, ଏସିଏଫ୍ ଜୋହନା ଓରାମ, ଡାକ୍ତର ଭୋଳେଶ୍ୱର ପ୍ରଧାନ, ଭାଜପା ନେତା ଅନିଲ ବାର୍ଲା ପ୍ରମୁଖ ଯୋଗଦେଇଥିଲେ। ବଣାଇ ଅଞ୍ଚଳରେ ଏକକାଳୀନ ୪ଜଣ ପ୍ରତିଯୋଗୀ କୃତିତ୍ୱ ହାସଲ କରିବା ସହ ବଣାଇର ଦେବାଶିଷ ପଣ୍ଡା ସମ୍ପୃକ୍ତ ପରୀକ୍ଷାରେ ଟପ୍ପର ହେବା ଅଞ୍ଚଳ ପାଇଁ ଏକ ଗର୍ବ ଓ ଗୌରବର ବିଷୟ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଉତ୍ସବରେ ଯୋଗଦେଇଥିବା ଅତିଥି ସଫଳତା ହାସଲ କରିଥିବା ପ୍ରତିଯୋଗୀଙ୍କୁ ଆଗାମୀ ଦିନରେ ଅଞ୍ଚଳରୁ କିଭଳି ଅଧିକ ଛାତ୍ରୀଛାତ୍ର କୃତକାର୍ଯ୍ୟ ହେବେ ସେଥିନେଇ ପ୍ରେରଣା ସାଜିବା ସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ଉତ୍ସବରେ ବଣାଇ ଉପଖଣ୍ଡର ୪ଜଣ କୃତିତ୍ୱ ହାସଲକାରୀ ଛାତ୍ରୀଛାତ୍ର ଦେବାଶିଷ ପଣ୍ଡା (ଟପର), ଡେନିସ ବେହେରା (ର୍‍ୟାଙ୍କ -୫୫), ତନ୍ମୟ ନାୟକ(ର୍‍ୟାଙ୍କ-୭୭) ଏବଂ ସୁଶ୍ରୀ ରେଖା ମାହାନ୍ତ (ର୍‍ୟାଙ୍କ-୧୦୦)ଙ୍କ ମଧ୍ୟରୁ ଉପସ୍ଥିତ ଦୁଇଜଣ ଦେବାଶିଷ ଏବଂ ଡେନିସଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲ। ଅନ୍ୟ ଦୁଇଜଣ କୃତୀତ୍ୱ ହାସଲକାରି ତନ୍ମୟ ନାୟକ ଓ ରେଖା ମାହାନ୍ତଙ୍କ ଅଭିଭାବକମାନଙ୍କୁ ଏହି ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଅଞ୍ଚଳର ବୁଦ୍ଧିଜୀବୀ, ରାଜନେତା, ଛାତ୍ରୀଛାତ୍ର ଏବଂ ଅଭିଭାବକମାନେ ଯୋଗଦେଇଥିଲେ। ବଣାଇ ପାଇଁ ଆଜି ଏକ ଐତିହାସିକ ଦିନ ବୋଲି ଅଭିହିତ କରି କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଆର୍ଶୀବାଦ କରୁଥିବା ଦେଖାଯାଇଥିଲା। ଉତ୍ସବ ପରିଚାଳନାରେ ସଂଯୋଜକ ଭାବେ ଅଧ୍ୟାପକ ତପନ କୁମାର ଦଣ୍ଡିଆ ସଂଯୋଜନା କରିଥିଲେ। ଶେଷରେ ସିଟିଜେନ ଫୋରମର ସଭ୍ୟ ତଥା ଯୁବ ଆଇନଜୀବୀ ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

■ ଓଏଏସ୍‌ରେ୨୪ତମ ର୍‍ୟାଙ୍କରେ ରାଉରକେଲା ଝିଅ ଐଶ୍ୱର୍ଯ୍ୟା

# ସଫଳତାର ଶ୍ରେୟ ମା, ବାପା ଓ ଗୁରୁଜନଙ୍କର

**କୁଆଁରମୁଣ୍ଡା, ୭।୧(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ସରକାରୀ ଡାଏରୀ ଫାର୍ମର ଅଧୀକ୍ଷକ ଡା. ମୁକ୍ତିକାନ୍ତ ଭୂୟାଁଙ୍କ ଝିଅ ଐଶ୍ୱର୍ଯ୍ୟା ଓଏଏସ୍ ପରୀକ୍ଷାରେ ୨୪ତମ ର୍‍ୟାଙ୍କରେ ରହି କୁଆଁରମୁଣ୍ଡା, ରାଉରକେଲା ତଥା ସମଗ୍ର ଜିଲା ପାଇଁ ଗୌରବ ଆଣିଛନ୍ତି। ଐଶ୍ୱର୍ଯ୍ୟା ଏବେ ବ୍ୟାଙ୍କ ଅଫ ନ୍ୟୁୟର୍କ ଆଇଟି, ପୁନେରେ କାର୍ଯ୍ୟରତ ଅଛନ୍ତି। ସେ ତାଙ୍କର ପ୍ରଥମ ଉଦ୍ୟମରେ ଓଏଏସ୍ ପରୀକ୍ଷାରେ ସଫଳତା ଲାଭ କରିଛନ୍ତି। ଏହି ପରୀକ୍ଷାରେ ସଫଳ ହେବା ପାଇଁ ନିଜର ଚାକିରି ସମୟ ବାହାରେ କଠୋର ପରିଶ୍ରମ କରୁଥିଲେ ବୋଲି ସୂଚନା ଦେଇଛନ୍ତି। ଏହା ସହ ଆଗାମୀ ଦିନରେ ଭାରତୀୟ ପ୍ରଶାସନିକ ସେବା ପରୀକ୍ଷା ଦେଇ ସଫଳତା ପାଇଁ ଆଶା ରଖିଛନ୍ତି ବୋଲି ଐଶ୍ୱର୍ଯ୍ୟା କହିଛନ୍ତି। ସଫଳତା ପାଇଁ ଐଶ୍ୱର୍ଯ୍ୟା ନିଜ



ଐଶ୍ୱର୍ଯ୍ୟା ଭୂୟାଁ।

ବାପା ଡା. ମୁକ୍ତିକାନ୍ତ, ମାତା ବର୍ଷାଙ୍କ ଯଥେଷ୍ଟ ଅବଦାନ ଓ ଗୁରୁଜନଙ୍କ ଆଶୀର୍ବାଦ ରହିଛି ବୋଲି କହିଛନ୍ତି।

# ନାଗରିକତା ସଂଶୋଧନ ଅଧିନିୟମ କାର୍ଯ୍ୟକାରୀ କରିବାକୁ ଭାଜପାର ଜନଜାଗରଣ ଅଭିଯାନ

**ବଣାଇ, ୭।୧(ସ୍ୱ.ପ୍ର.)**

ଭାରତୀୟ ଜନତାପାର୍ଟି (ଭାଜପା) ସାଙ୍ଗଠନିକ ଜିଲା ବଣାଇ ପକ୍ଷରୁ ନାଗରିକତା ସଂଶୋଧନ ଅଧିନିୟମ ୨୦୧୯ ସପକ୍ଷରେ ରାଜ୍ୟବ୍ୟାପି ବ୍ୟାପକ ଜନସଚେତନତା କରାଯିବା ଉଦ୍ଦେଶ୍ୟରେ ମଙ୍ଗଳବାର ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳା ଠାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନବ ନିଯୁକ୍ତ ଜିଲା ସଭାପତି ଅନିଲ ବାର୍ଲାଙ୍କ ସମେତ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ମନୋଜ ପ୍ରଧାନ, ବରିଷ୍ଠ ନେତା ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ମହିଳା ମୋର୍ଚ୍ଚା ନେତ୍ରୀ ମିର୍ଥିଳା ପାତ୍ର ଉପସ୍ଥିତ ରହି ଏହି ଅଧିନିୟମକୁ କାର୍ଯ୍ୟ କରିବା ପାଇଁ ଏହାର ସପକ୍ଷରେ ଆଗାମୀ ଏକମାସ ମଧ୍ୟରେ ବଣାଇରେ ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯିବ। ଏହି ଅଧିନିୟମ ବିରୋଧରେ ହେଉଥିବା ଅପପ୍ରଚାରକୁ ଦୂରକରି ଜନସାଧାରଣଙ୍କୁ ସଚେତନ କରିବା ପାଇଁ ପଦଯାତ୍ରା, ଗ୍ରାମରେ ବୈଠକ, ପ୍ରଚାରପତ୍ର ବଣ୍ଟନ ଆଦି କାର୍ଯ୍ୟକ୍ରମ ଜାରି ରହିବ। ଦଳୀୟ କର୍ମୀ ଘରଘର ବୁଲି ଏହି ନାଗରିକ ସଂଶୋଧନ ଅଧିନିୟମ କାର୍ଯ୍ୟକାରିତା ଉପରେ ଲୋକଙ୍କୁ ସଚେତନ କରିବେ। ଏଥିପାଇଁ ଆସନ୍ତା ୧୩ ତାରିଖ ବଣାଇଗଡ଼ ସହରରେ ପଦ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ କରାଯିବ ବୋଲି ଘୋଷଣା କରାଯାଇଥିଲା। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମଣ୍ଡଳ ସଭାପତି ହେମନ୍ତ ସାହୁ, ବାସୁଦେବ ସାହୁଙ୍କ ସମେତ ବୁଲୁ ସ୍ୱାଇଁ, ଯୁଧିଷ୍ଠିର ବେହେରା, ମହିଳା ନେତ୍ରୀ ପ୍ରମୁଖ ଉପସ୍ଥିତ ରହିଥିଲେ।



ଖବରଦାତା ସମ୍ମିଳନୀରେ ଭାଜପା ନେତା ଉପସ୍ଥିତ।

# କ୍ଷମତା ଏକ୍ସପ୍ରେସର ଶୁଭାରମ୍ଭ

**ସୁନ୍ଦରଗଡ, ୭।୧ (ଡି.ଏନ୍.ଏ)**

ଜିଲା ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ସଦର ବ୍ଲକ ଅନ୍ତର୍ଗତ କିରେଇ ଗ୍ରାମପଞ୍ଚାୟତଠାରେ କ୍ଷମତା ଏକ୍ସପ୍ରେସର ଶୁଭାରମ୍ଭ କରାଯାଇଛି। ଏହି କ୍ଷମତା ଏକ୍ସପ୍ରେସ ମାଧ୍ୟମରେ ଦିବ୍ୟାଙ୍ଗ, କୁଷ୍ଠଆରୋଗ୍ୟ ବ୍ୟକ୍ତି, ଅବିବାହିତା ଅସହାୟ ମହିଳା, ବିଧବା, ବରିଷ୍ଠ ନାଗରିକ, ସ୍ୱାମୀ ପରିତ୍ୟକ୍ତାମାନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ପରିଚୟପତ୍ର ପ୍ରଦାନ କରିବା ତଥା କାନ ଆଖି ପରୀକ୍ଷା କରାଯାଇ ଚିକିତ୍ସା ସେବା ଉପଲବ୍ଧ କରାଯିବ। ଏତଦ୍‌ବ୍ୟତୀତ ଦିବ୍ୟାଙ୍ଗମାନଙ୍କ ପାଇଁ ଧନ୍ଦାମୂଳକ କର୍ମଶାଳା ନିମନ୍ତେ ଚୟନ , ବାର୍ଦ୍ଧକ୍ୟ , ବିଧବା ,ସ୍ୱାମୀ ପରିତ୍ୟକ୍ତା ଓ ଭିନ୍ନକ୍ଷମ ମାନଙ୍କୁ ଭତ୍ତା ଦେବା ନିମନ୍ତେ ଏହି ଅବସରରେ ଚୟନ କରାଯାଇଥିଲା। ଏହି କ୍ଷମତା ଏକ୍ସପ୍ରେସର ଶୁଭାରମ୍ଭ ଅବସରରେ ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ କୁମାର ବିଶି, ସଦର ବ୍ଲକ ବିଡିଓ ଅନାମିକା ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ୨୧୭ ଜଣରୁ ଅଧିକ ହିତାଧିକାରୀଙ୍କୁ ପଞ୍ଜିକରଣ କରାଯାଇଥିଲା। ଏହି କ୍ଷମତା ଏକ୍ସପ୍ରେସର ଶୁଭାରମ୍ଭ କିରେଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ହୋଇଥିଲା।



ବିଜ୍ଞାନ ମେଳାରେ ପ୍ରକଳ୍ପ ପ୍ରଦର୍ଶିତ କରାଯାଉଛି।

# ବିଜ୍ଞାନ ମେଳା: ୭ ବିଜ୍ଞାନଭିତ୍ତିକ ପ୍ରକଳ୍ପ ପ୍ରଦର୍ଶିତ

**ବଣାଇ, ୭।୧(ସ୍ୱ.ପ୍ର.)**

ବଣାଇସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ବାର୍ଷିକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହାକୁ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସନ୍ଧ୍ୟାରାଣୀ ମିଶ୍ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏଥିରେ ଶିକ୍ଷାକେନ୍ଦ୍ରର ଛାତ୍ରୀଛାତ୍ର ତିନୋଟି ଗ୍ରୁପରେ ମୋଟ ୭୦ଟି ବିଭିନ୍ନ ବିଜ୍ଞାନଭିତ୍ତିକ ପ୍ରକଳ୍ପ ସ୍ଥାପନ କରିଥିଲେ। ଏହାକୁ ବିଦ୍ୟାଳୟର ଛାତ୍ରୀଛାତ୍ର ସମେତ ଅଭିଭାବକ, ଜନସାଧାରଣ ପରିଦର୍ଶନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପରିଚାଳନା କମିଟିର ସଭାପତି ଦିଲ୍ଲୀପ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବଣାଇ ଉପଜିଲାପାଳ ପ୍ରଦୀପ କୁମାର ଡାଙ୍ଗ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବିଜ୍ଞାନ ସମ୍ବନ୍ଧୀୟ ବିଭିନ୍ନ ଉପଦେଶ ଦେଇଥିଲେ। ଏହାସହ ସେମାନେ ବିଜ୍ଞାନ ସହିତ ଆଧ୍ୟାତ୍ମିକ ଶିକ୍ଷା ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ବଣାଇ ମହାବିଦ୍ୟାଳୟର ଅଧ୍ୟକ୍ଷ ପରେଶଚନ୍ଦ୍ର ଗିରି, ବଣାଇ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖାର ମୁଖ୍ୟ ପରିଚାଳକ ଗଜେନ୍ଦ୍ର ଖାଲକୋ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ଉପଦେଷ୍ଟା ପ୍ରଦୀପ କୁମାର ମିଶ୍ର ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହା ପରେ ବିଜ୍ଞାନମେଳାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ବଳଦେବ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଉତ୍ସବରେ ଶିକ୍ଷାକେନ୍ଦ୍ରର ସମସ୍ତ ଅପା ଓ ଭାଇ ପରିଚାଳନାରେ ସହାୟତା କରିଥିଲେ।

# ସରକାରୀ ମହାବିଦ୍ୟାଳୟର ହୀରକ ଜୟନ୍ତୀ ପାଳନ ନିମନ୍ତେ ବୈଠକ

**ସୁନ୍ଦରଗଡ଼, ୭।୧ (ଡି.ଏନ୍.ଏ)**

ଜିଲାର ସର୍ବପୁରାତନ ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟର ହୀରକ ଜୟନ୍ତୀ ପାଳନ ନିମନ୍ତେ ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. କିଶୋର କୁମାର ଦାଶ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ପୁରାତନ ଛାତ୍ର ସଂଘ କର୍ମକର୍ତ୍ତା, ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ଯୋଗଦେଇ ହୀରକ ଜୟନ୍ତୀ ପାଳନର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଅଧ୍ୟକ୍ଷ ଏକ ସ୍ୱାଗତ ଅଭିଭାଷଣ ପରେ ଗତବର୍ଷ ପରି ଚଳିତବର୍ଷ ଜାନୁୟାରୀ ୧୨ରେ ହେବାକୁ ଥିବା ପଥପ୍ରାନ୍ତ ଖୁଏଲ୍ ଯାତ୍ରା ସମ୍ପର୍କରେ ସୂଚନା ଦେଇଥିଲେ। ପରେ ହୀରକ ଜୟନ୍ତୀ ପାଳନ କମିଟିର ଅଧ୍ୟକ୍ଷ ଡ. ଗୌରୀଶଙ୍କର ପଟେଲ ଏହି ସମାରୋହ ପାଳନ ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। କାର୍ଯ୍ୟକାରୀ ସଭାପତି ଇଂ ଦିଲୀପ ପଟେଲ, ସୌମେନ୍ ବାରିକ, ନିର୍ମଳ ନାଏକ, ପ୍ରଫୁଲ୍ଲ ସୁନାନୀ, ଅଜୟ ପଟେଲ, ପ୍ରାଧ୍ୟାପିକା ଡ. ଜୟଶ୍ରୀ ଶୁକ୍ଳା, ପ୍ରାଧ୍ୟାପିକା ଡ. କୁମୁଦିନୀ ରାଉତରାୟ ପ୍ରମୁଖ ବକ୍ତବ୍ୟ



ସରକାରୀ ମହାବିଦ୍ୟାଳୟର ହୀରକ ଜୟନ୍ତୀ ପାଳନ ନିମନ୍ତେ ବୈଠକ।

ରଖି ନିର୍ଦ୍ଧାରିତ ସମୟ ପୂର୍ବରୁ ଏହି ମହାବିଦ୍ୟାଳୟରେ ଶିକ୍ଷାଦାନ କରିଥିବା ଅଧ୍ୟାପିକା,ଅଧ୍ୟାପକ, କର୍ମଚାରୀ ଓ ପାଠ ପଢିଥିବା ପୁରାତନ ଛାତ୍ରୀଛାତ୍ରଙ୍କୁ ସୋସିଆଲ ମିଡିଆ ଓ ଡାକ ଯୋଗେ ସୂଚିତ କରାଯାଇ ଏହି ସମାରୋହରେ ସାମିଲ କରାଯିବା, ଉତ୍ସବ ପାଳନ ପାଇଁ ପାଣ୍ଠି ସଂଗ୍ରହ ନିମନ୍ତେ ସ୍ୱତନ୍ତ୍ର ବ୍ୟାଙ୍କ ଆକାଉଣ୍ଟ, ଉତ୍ସବ ପରିଚାଳନା ନିମନ୍ତେ ଓ ସମସ୍ତ ପୁରାତନ ଛାତ୍ରୀଛାତ୍ର ମାନଙ୍କୁ ଯୋଗା ଯୋଗ ନିମନ୍ତେ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ ଖୋଲାଯିବା, କାର୍ଯ୍ୟରତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀଙ୍କଠାରୁ ମଧ୍ୟ ସହଯୋଗ ରାଶି ସକାଶେ ପ୍ରସ୍ତାବ ଗୃହୀତ ହୋଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଡ. ସୁଧୀର କୁମାର ଦାଶ, ଡ. ରାଧେଶ୍ୟାମ ଓତା, ଡ. ଲଳିତରଞ୍ଜନ ସାହୁ, ସଞ୍ଜୟ ସାହୁ, ପୂର୍ବତନ କାଉନ୍ସିଲର ପଞ୍ଚାବାର୍ଲା, ବୈକୁଣ୍ଠ ବନଛୋର, ସୁନୀଲ ମହାନନ୍ଦିଆ, କାର୍ଯ୍ୟାଳୟ ମୁଖ୍ୟ ପ୍ରଦୀପ ବହିଦାର ସମେତ ସମସ୍ତ ଅଧ୍ୟାପିକା, ଅଧ୍ୟାପକ କର୍ମଚାରୀ, ପୁରାତନ ଛାତ୍ରୀଛାତ୍ର ଓ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇଥିଲେ।

# ବିଭିନ୍ନ ସମସ୍ୟା ନେଇ ଓକିଲମାନଙ୍କ ସହ ଆଲୋଚନା

**ସୁନ୍ଦରଗଡ,୭।୧(ଡି.ଏନ୍.ଏ)**

ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ ସୋମବାର ସୁନ୍ଦରଗଡ ଜିଲା ଓକିଲ ସଂଘ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ଜିଲା ଓକିଲ ସଂଘର ସଭାପତି ଦୁଷନ୍ତ ନାଏକଙ୍କ ନେତୃତ୍ୱରେ ସଂଘର ସଦସ୍ୟମାନେ ଜିଲାପାଳଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଜିଲାପାଳ ସଂଘର ସଦସ୍ୟମାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଜିଲା ଓକିଲସଂଘ ତରଫରୁ ଗତ ସେପ୍ଟେମ୍ବର ୨୧ରେ ପଂଚାୟତିରାଜ ଓ ଆଇନ ବିଭାଗ ମନ୍ତ୍ରୀ ପ୍ରତାପ ଜେନାଙ୍କ ଜରିଆରେ ଜିଲାପାଳଙ୍କୁ କେତେକ ଜରୁରୀ ସମସ୍ୟାର ସମାଧାନ ନିମନ୍ତେ ପ୍ରସ୍ତାବ ଦିଆଯାଇଥିଲା। ସେ ସମୟରେ ଜିଲାପାଳ ଏସବୁର ସମାଧାନ ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ମୁତାବକ ଜିଲାପାଳ ଏହି ପରିଦର୍ଶନ କରି ପ୍ରତ୍ୟକ୍ଷ ଭାବେ ବିଭିନ୍ନ ସମସ୍ୟା ଗୁଡିକୁ ଅନୁଧ୍ୟାନ କରି ବୁଝିଥିଲେ। ଓକିଲସଂଘର ସଦସ୍ୟମାନେ ପ୍ରତିଦିନ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡିକର ଶିଘ୍ର ସମାଧାନ କରିବା ପାଇଁ ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଜିଲା ଓକିଲସଂଘ ତରଫରୁ ଜିଲାପାଳଙ୍କୁ ଦିଆଯାଇଥିବା ପ୍ରସ୍ତାପ ଗୁଡିକମଧ୍ୟରେ ଜିଲା ଓକିଲ ସଂଘର ଲାଇବ୍ରେରୀ ହଲର ମରାମତି, ଅସମ୍ପୂର୍ଣ୍ଣ ହୋଇପଡିରହିଥିବା ଗୃହକୁ ସମ୍ପୂର୍ଣ୍ଣ କରାଯିବା, ପାର୍କିଂ ସୁବିଧା, କଲେକ୍ଟର କ୍ୟାମ୍ପସରେ ଥିବା ପୁରୁଣା ସଂଘର ଗୃହ ମରାମତି,ଶୌଚାଳୟ ବ୍ୟବସ୍ଥାଦାବିକରାଯାଇ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

■ ଜିଲା ପୋଲିସ ପକ୍ଷରୁ ମୋ ସରକାର ରକ୍ତଦାନ ଶିବିର

# ଜିଲାପାଳ, ଏସ୍‌ପିଙ୍କ ରକ୍ତଦାନ

**ସୁନ୍ଦରଗଡ଼, ୭।୧ (ଡି.ଏନ୍.ଏ)**

ସୁନ୍ଦରଗଡ ଜିଲା ପୋଲିସ ପକ୍ଷରୁ ମଙ୍ଗଳବାର ମୋ ସରକାର ରକ୍ତଦାନ ଶିବିର ଶଙ୍କରାସ୍ଥିତ ରିଜର୍ଭ ପୋଲିସ ଲାଇନ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଜିଲାପାଳ ଓ ଏସ୍‌ପି ସୌମ୍ୟା ମିଶ୍ରା ଏହି ଶିବିରରେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରି ରକ୍ତଦାନ ଭଳି ଏକ ମହତ୍ ସେବା କାର୍ଯ୍ୟ ଦ୍ୱାରା ଅନେକ ଜୀବନ ରକ୍ଷା ପାଇପାରିଥାଏ ବୋଲି ପ୍ରକାଶ କରିଥିଲେ। ଏହା ସହ ସମସ୍ତେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିବାକୁ



ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରାଯାଉଛି।

ପରାମର୍ଶ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ସରୋଜ କୁମାର ମିଶ୍ର, ଜିଲା ଶିକ୍ଷାଧିକାରୀ ରଞ୍ଜନ କୁମାର ଗିରି ସମ୍ମାନିତ ଅତିଥି ଭାବେ ଯୋଗଦେଇ ରକ୍ତଦାନର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ରେଡକ୍ରସ ରକ୍ତଭଣ୍ଡାର ରତ୍ନପ୍ରଭା ନାୟକ ଓ କର୍ମଚାରୀମାନେ ଶିବିର ପରିଚାଳନା କରିଥିଲେ । ଅତିରିକ୍ତ ଏସ୍‌ପି ରବିନାରାୟଣ ବାରିକ, ସଦର ଏଡିପିଓ ମଧୁସ୍ମିତା ମିଶ୍ର, ଟାଉନଥାନା ଆଇଆଇସି ବିଭିସ୍ୱ ପ୍ରଧାନ, ସଦର ଆଇଆଇସି ରମାକାନ୍ତ ସାଏ, ରିଜର୍ଭ ଇନ୍ସପେକ୍ଟର ବିକାଶ ଚନ୍ଦ୍ର ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ଶିବିରରେ ମୋଟ ୧୦୩ଜଣ ପୋଲିସ କର୍ମଚାରୀ ରକ୍ତଦାନ କରିଥିଲେ। ପରେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିବା କର୍ମଚାରୀମାନଙ୍କୁ ଜିଲାପାଳ ଓ ଏସ୍‌ପି ମାନପତ୍ର ପ୍ରଦାନ କରିଥିଲେ।



ଅଯଥା ସନ୍ଦେହ ବିଶ୍ୱାସଘାତକତାକୁ ନିମନ୍ତ୍ରଣ କରି ଆଣେ।
- ଭଲଟାୟାର

# ଷ୍ଟିଲ ସିଟିରେ ଶୋଭାଯାତ୍ରା, ପଥପ୍ରାନ୍ତ ସଭା

- ଦେଶବ୍ୟାପୀ ୨୪ଘଣ୍ଟିଆ ହରତାଳ ଆଜି
- ଷ୍ଟିଲ ସିଟିରେ ବିଭିନ୍ନ ୟୁନିୟନ ପକ୍ଷରୁ ପ୍ରସ୍ତୁତି ଜୋରଦାର

**ରାଉରକେଲା ଅଫିସ, ୭।୧**

କେନ୍ଦ୍ର ନେତୃତ୍ୱାଧିନ ମୋଦି ସରକାରଙ୍କ ଜନମାରଣ ନୀତି ବିରୋଧରେ ୮ଜାନୁୟାରୀ ଦେଶବ୍ୟାପି ୨୪ ଘଣ୍ଟିଆ ଧର୍ମଘଟ ଡାକରା ଦିଆଯାଇଛି। ଏନେଇ ଷ୍ଟିଲ ସିଟି ରାଉରକେଲାରେ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏହା ୮ ସକାଳ ୬ରୁ ୯ ତାରିଖ ସକାଳ ୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏନେଇ ସିଆଇଟି, ୟୁଟିୟୁସି, ଜିଲା କଂଗ୍ରେସ, ରାଉରକେଲା ଶ୍ରମିକ ସଂଘ ସମେତ ବିଏମଏସ ବ୍ୟତୀତ ଅନ୍ୟ ସମସ୍ତ ଟ୍ରେଡ ୟୁନିୟନ ପକ୍ଷରୁ ମଙ୍ଗଳବାର ପ୍ରଚାର ଅଭିଯାନକୁ ଜୋରଦାର କରାଯାଇଛି। ସହରରେ ଡାକବାଜି ଯନ୍ତ୍ର ସହ ମଶାଲ ଶୋଭାଯାତ୍ରା ଓ ପଥପ୍ରାନ୍ତ ସଭା ମାଧ୍ୟମରେ ସାଧାରଣ ଲୋକଙ୍କୁ ସଚେତନ କରାଯାଇଛି। ବିଭିନ୍ନ ଛକ, ବଜାର ସହ ଆର୍‌ଏସ୍‌ପି ଗେଟ ସମ୍ମୁଖରେ ପିକେଟିଂ କରାଯାଇ ପ୍ରତିବାଦ କରିବାକୁ ନିଷ୍ପତି ନିଆଯାଇଛି। ଉତ୍ପାଦନ ପ୍ରଭାବିତ ଆଶଙ୍କାରେ ଆର୍‌ଏସ୍‌ପି ସମେତ ଅନ୍ୟ କେତେକ କଳ କାରଖାନା ଶ୍ରମିକ ମଙ୍ଗଳବାର ରାତିରୁ ଡ୍ୟୁଟିରେ ଯୋଗ ଦେଇ ୯ ତାରିଖ ସକାଳ ଯାଏ କାରଖାନାରେ ରହିବାକୁ ପରିଚାଳନା କର୍ତ୍ତୃପକ୍ଷ ମସୁଧା କରିଥିବା ସୂଚନା ମିଳିଛି। ଏହି ବନ୍ଦ ପୂର୍ବରୁ ସରକାର ସମସ୍ତ ସ୍କୁଲ ଛୁଟି କରି ଦେଇଛନ୍ତି। କାରଣ ଦୋକାନ ବଜାର, ଗାଡିଘୋଡା ଆଦି ବନ୍ଦ ରହିବ। ମୋଦି ସରକାର କ୍ଷମତାକୁ ଫେରିବା ପରେ କିଭଳି ଗୋଟିକ ପରେ ଅନ୍ୟ ଗୋଟିଏ ଜନସ୍ୱାର୍ଥ ବିରୋଧି ପଦକ୍ଷେପ ନେଉଛନ୍ତି ତାକୁ ସାଧାରଣ ଲୋକଙ୍କୁ ବୁଝା ଯାଇଛି। ଦରଦାମ ବୃଦ୍ଧିଠୁ ନେଇ ପେଟ୍ରୋଲ ଡିଜେଲ ଦର ବୃଦ୍ଧି ଓ ଶ୍ରମିକ, କୃଷକ ମାରଣ ନୀତି ଅସହ୍ୟ ହେଲାଣି ବୋଲି ୟୁନିୟନଗୁଡିକ ପକ୍ଷରୁ କୁହାଯାଇଛି। ମୋଦିଙ୍କ ମେରି ରାୟ ଶାସନକୁ ପ୍ରତିରୋଧ କରିବାକୁ ସମସ୍ତେ ବିରୋଧିଙ୍କ ସହ ସ୍ୱର ମିଳାଇବାକୁ ଆହ୍ୱାନା ଦିଆଯାଇଛି। ବନ୍ଦ ପାଳନ ସମୟରେ ଯେଭଳି ଶାନ୍ତିଶୃଙ୍ଖଳା ବଜାୟ ରହିବ ସେ ଦିଗରେ ଜିଲା ପୋଲିସ ସଜାଗ ରହିଛି। ଏନେଇ ବ୍ୟାପକ ପଦକ୍ଷେପ ନିଆଯାଇଛି। ମଙ୍ଗଳବାର ସକାଳୁ ପୋଲିସ ପାଟ୍ରୋଲିଂ ଗାଡି ସହରରେ ପଇଁତରା ମାରୁଛି। ହରତାଳ ସମୟରେ ଗଣ୍ଡଗୋଳକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନ୍‌ୁଷ୍ଠାନ ନିଆଯିବ ବୋଲି କୁହାଯାଇଛି।



ବନ୍ଦ ଲାଗି ସଚେତନତା ଉଦ୍ଦେଶ୍ୟରେ ଟ୍ରେଡ ୟୁନିୟନ ପକ୍ଷରୁ ମଶାଲ ଶୋଭାଯାତ୍ରା।

## ସଂକ୍ଷେପରେ

### ହରତାଳକୁ କଂଗ୍ରେସ ପକ୍ଷରୁ ସମର୍ଥନ

ରାଉରକେଲା ଅଫିସ, ୭।୧-ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ପରାମର୍ଶ କ୍ରମେ ୮ ଜାନୁୟାରୀ ହରତାଳକୁ ଜିଲା କଂଗ୍ରେସ ପକ୍ଷରୁ ସମର୍ଥନ ଘୋଷଣା କରାଯାଇଛି। ଜନସ୍ୱାର୍ଥ ବିରୋଧି ମୋଦି ସରକାରଙ୍କ ଉପରେ ଦେଶବାସୀଙ୍କ ଆସ୍ଥା ତୁଟି ଯାଇଥିବା ବେଳେ ଏହି ବାର୍ତ୍ତା ଘରେ ଘରେ ପହଞ୍ଚାଇବାକୁ ଦଳ ପକ୍ଷରୁ ନିଷ୍ପତି ନିଆଯାଇଛି। ବନ୍ଦ ପାଳନରେ ସମସ୍ତ କଂଗ୍ରେସ କର୍ମୀ ସାମିଲ ହୋଇ କେନ୍ଦ୍ର ସରକାରଙ୍କୁ ଦୃଢ଼ ଜବାବ ଦେବାକୁ କଂଗ୍ରେସ ନେତା ରବି ରାୟ ଆହ୍ୱାନ ଦେଇଛନ୍ତି।

### ଚିଟ୍ ଫଣ୍ଡ ନେଇ ୨ ଅଟକ

ରାଉରକେଲା ଅଫିସ,୭।୧-ଚିଟଫଣ୍ଡ କାରବାର ନେଇ ମଙ୍ଗଳବାର ଉଦିତନଗର ପୋଲିସ ୨ଜଣଙ୍କୁ ଅଟକ ରଖିଛି। ଏମାନେ ହେଲେ ଅନୀଲ ଶର୍ମା ଓ ଅଜିତ ରାୟ। ଦୁହେଁ ପଶ୍ଚିମବଙ୍ଗ ବାସିନ୍ଦା। ଏନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ସୂଚନାନୁସାରେ ବାସନ୍ତୀ କଲୋନୀ ଅଞ୍ଚଳରେ ଏକ ଅଫିସ ଖୋଲି ଦୁହେଁ ଚିଟଫଣ୍ଡ କାରବାର ଚଳାଇ ଆସୁଥିବା ପୋଲିସକୁ ସୂଚନା ମିଳିଥିଲା। ଏମିତିକି ସକାଳୁ ଜଣଙ୍କୁ ଉଧାର ଦେଇ ସନ୍ଧ୍ୟାକୁ ୨ ପ୍ରତିଶତ ସୁଧ ସହ ମୂଳ ଆଦାୟ କରିବା ଏମାନଙ୍କ ମୂଖ୍ୟ କାରବାର ଥିଲା। ଏନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲେ ବି କାର୍ଯ୍ୟାନୁଷ୍ଠାନ ନିଆଯାଇ ନଥିଲା।

### ଆଶ୍ ଗାଡିକୁ ଗାନ୍ଧୀ ଛକରେ ଅଟକ, ଉତ୍ତେଜନା

ବ୍ରଜରାଜନଗର,୭।୧ (ଡି.ଏନ.ଏ)- ବ୍ରଜରାଜନଗର ଭାଜପା ପକ୍ଷରୁ ୪୯ ନମ୍ବର ଜାତୀୟ ରାଜପଥ ଗାନ୍ଧୀଛକ ଫାଣ୍ଡି ନିକଟରେ ମଙ୍ଗଳବାର ଏକ ଆଶ୍ ବୋଝେଇ ଗାଡିକୁ ଅଟକ ରଖାଯାଇଥିଲା। ଏନେଇ ଘଟଣାସ୍ଥଳରେ ସାମାନ୍ୟ ଉତ୍ତେଜନ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏସ୍‌ଡିପିଓ ଦିଲୀପ ଦାଶ, ନଳିତା ମୋଦି ପ୍ରମୁଖ ପହଞ୍ଚି ଭାଜପା କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ସେତିକିବେଳେ ଭାଜପା କର୍ମକର୍ତ୍ତା ବେଦାନ୍ତ କମ୍ପାନୀରୁ ନିର୍ଗତ ଆଶ୍ କିପରି ବ୍ରଜରାଜନଗର ଅଞ୍ଚଳରେ ପଡୁଛି ଏହାର ତଦନ୍ତ ଦାବି କରିଥିଲେ। ଏଥିରେ ସ୍ଥାନୀୟ ଅଞ୍ଚଳବାସୀ ମଧ ଉପସ୍ଥିତ ଥିଲେ । ଘଟଣାସ୍ଥଳରେ ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା ପହଞ୍ଚି ଆଶ୍ ପଡୁଥିବା ସ୍ଥାନକୁ ପ୍ରଶାସନିକ ଅଧିକାରୀଙ୍କୁ ନେଇ ଦେଖାଇଥିଲେ। ଏପରି କି ଘଟଣାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ଦାବି କରାଯାଇଥିଲା। ଆନ୍ଦୋଳନରେ ବବଲୁ ଦାଶ, ତପନ ସ୍ୱାଇଁ, କ୍ରିଷ୍ଣା ମୁରାରୀ, ରତନ ଜୟସ୍ୱାଲ, ପିନି ସାଏ ପ୍ରମୁଖ ସାମିଲ ଥିଲେ।

## ପୁରୁଣା ସରକାରୀ ବିଜ୍ଞପ୍ତି ଭାଇରାଲ
# କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ୍

**ଭୁବନେଶ୍ୱର, ୭।୧(ବ୍ୟୁରୋ)**

ଟ୍ରେଡ୍ ୟୁନିୟନ୍ ୮ ତାରିଖରେ ଭାରତ ବନ୍ଦ ଡାକରା ଦେଇଥିବାରୁ ଉକ୍ତ ଦିନ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବ ବୋଲି ସମସ୍ତେ ଆଶା କରୁଥିଲେ। ଏହି ସମୟରେ ସରକାରୀ ଛୁଟି ଘୋଷଣା ନେଇ ମଙ୍ଗଳବାର ଏକ ବିଜ୍ଞପ୍ତି ଭାଇରାଲ ହୋଇଥିଲା। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜାରି ଉକ୍ତ ବିଜ୍ଞପ୍ତିରେ ଭାରତ ବନ୍ଦ ପାଇଁ ୮ ତାରିଖରେ ଶିକ୍ଷାନୁଷ୍ଠାନଗୁଡ଼ିକ ଛୁଟି ବୋଲି ଉଲ୍ଲେଖ ରହିଥିଲା। ତେବେ ତାହା ଗତବର୍ଷର ବିଜ୍ଞପ୍ତି ବୋଲି ଜଣାପଡ଼ିଛି। ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ ଏହି ବିଜ୍ଞପ୍ତିକୁ ଉଚ୍ଚଶିକ୍ଷା ବିଭାଗ ଗୁରୁତର ସହ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଘଟଣାର ତଦନ୍ତ ପରେ ଜଣାପଡ଼ିଥିଲା ଯେ, ଆଗରପଡ଼ା କଲେଜର ଜଣେ ଡେମନ୍‌ଷ୍ଟ୍ରେଟର ପ୍ରଥମେ ଏହି ବିଜ୍ଞପ୍ତି ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଏନେଇ ତାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛି ଉଚ୍ଚଶିକ୍ଷା ବିଭାଗ। ସୂଚନାଯୋଗ୍ୟ, ୨୦୧୯ ଜାନୁୟାରୀ ୮ ଓ ୯ରେ ଭାରତ ବନ୍ଦ ଡାକରାକୁ ଦୃଷ୍ଟିରେ ରଖି ବିଭାଗ ବିଜ୍ଞପ୍ତି ପ୍ରକାଶ କରିଥିଲା।

## ପଞ୍ଚାୟତିରାଜ ବିଭାଗ ନିର୍ଦ୍ଦେଶିକାଙ୍କ ଲଖନପୁର ବ୍ଲକ ଗସ୍ତ
# ତିଲିଆ ପାନୀୟଜଳ ଯୋଗାଣ ପ୍ରକଳ୍ପ ଶେଷ କରିବାକୁ ନିର୍ଦ୍ଦେଶ

**ଲଖନପୁର,୭।୧(ଡି.ଏନ୍.ଏ.):**

ରାଜ୍ୟ ସରକାରଙ୍କ ମୋ ସରକାର ଯୋଜନାରେ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀମାନେ ଭୁବନେଶ୍ୱର ନ ବସି ବିଭିନ୍ନ ଜିଲାକୁ ଯାଇ ଉନ୍ନୟନ କାର୍ଯ୍ୟର ତଦାରଖ କରିବା ପାଇଁ ସରକାରୀ ନିର୍ଦ୍ଦେଶ ରହିଛି। ନିର୍ଦ୍ଦେଶ କ୍ରମେ ରାଜ୍ୟ ସରକାରଙ୍କ ପଞ୍ଚାୟତି ରାଜ ଓ ପାନୀୟଜଳ ବିଭାଗ ନିର୍ଦ୍ଦେଶିକା ରୂପା ମିଶ୍ର ମଙ୍ଗଳବାର ଝାରସୁଗୁଡ଼ା ଜିଲା ଗସ୍ତ କରିଥିଲେ। ନିର୍ଦ୍ଦେଶିକା ମିଶ୍ର ଲଖନପୁର ବ୍ଲକ ଗସ୍ତକରି ବିଭିନ୍ନ ଉନ୍ନୟନ କାର୍ଯ୍ୟର ତଦାରଖ କରି ଫେରିଛନ୍ତି। ଗସ୍ତ ସମୟରେ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ଅଧିକାରୀ ତପିରାମ ମାଝି, ଲଖନପୁର ବିଡିଓ ପ୍ରସନ୍ନ ପାଣ୍ଡେ, ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର ବିଭୂପ୍ରସାଦ ରାଉତ ପ୍ରମୁଖଙ୍କ ସହ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ନିର୍ଦ୍ଦେଶିକା ମିଶ୍ର ବନ୍ଧବାହାଲ ପଞ୍ଚାୟତ ତିଲିଆ ପଞ୍ଚାୟତ ଓ ପିପିଲିକାନୀ ପଞ୍ଚାୟତରେ ପହଞ୍ଚି ବିଭିନ୍ନ କାର୍ଯ୍ୟର ତଦାରଖ କରିଥିଲେ। ଗସ୍ତ ସମୟରେ ନିର୍ଦ୍ଦେଶିକା ମିଶ୍ର ବନ୍ଧବାହାଲ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ସରପଞ୍ଚ ରାଜେନ୍ଦ୍ର ନାୟକଙ୍କ ସହ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ପରେ ତଲିଆ ପଞ୍ଚାୟତରେ ପହଞ୍ଚି ସେବା ସମବାୟ ସମିତି ପକ୍ଷରୁ କିଣାଯାଉଥିବା ଧାନ ସମ୍ପର୍କରେ ଚାଷୀଙ୍କୁ ପଚାରି ବୁଝିଥିଲେ । ଓପିଜିସି ପକ୍ଷରୁ ତିଲିଆ ଗ୍ରାମରେ ନିର୍ମାଣ କରାଯାଉଥିବା ପାଇଖାନା ପରିଦର୍ଶନ କରିଥିଲେ। ନିର୍ମାଣ କାର୍ଯ୍ୟ ବିଳମ୍ବ ହେଉଥିବା ନେଇ ଗ୍ରାମବାସୀ ନିର୍ଦ୍ଦେଶିକା ମିଶ୍ରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶିକା ମିଶ୍ର ପିଡିଡିଆର୍‌ଡିଏ ମାଝିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏପରି କି ତିଲିଆ ପଞ୍ଚାୟତର ବିଭିନ୍ନ କାର୍ଯ୍ୟ ସଂକ୍ରାନ୍ତରେ ସରପଞ୍ଚ ଠଣସୁନ୍ଦର ସାହୁଙ୍କ ସହ ଆଲୋଚନା କରିଥିଲେ। ଅନ୍ୟପକ୍ଷେ ତିଲିଆ ପଞ୍ଚାୟତରେ ନିର୍ମାଧୀନ ପାନୀୟଜଳ ମେଗାପ୍ରକଳ୍ପ ପରିଦର୍ଶନ କରିଥିଲେ। କାମକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବାକୁ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର ରାଉତଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ପିପିଲିକାନୀ ଆଶ୍ରମ ସ୍କୁଲ୍ ପରିଦର୍ଶନ କରି ହଷ୍ଟେଲ୍ ଅନ୍ତେବାସୀଙ୍କୁ ଭେଟି ସୁବିଧା ଅସୁବିଧା ପଚାରି ବୁଝିଥିଲେ। ପଞ୍ଚାୟତି ରାଜ ବିଭାଗ ନିର୍ଦ୍ଦେଶିକା ମିଶ୍ରଙ୍କ ଗସ୍ତ ଖବର ପାଇ ପଞ୍ଚାୟତ ଅଧିକାରୀ ଓ ଜନପ୍ରତିନିଧି ତତ୍ପର ହୋଇଉଠିଥିଲେ।



ପଞ୍ଚାୟତି ରାଜ ନିର୍ଦ୍ଦେଶିକା ରୂପା ମିଶ୍ର ବନ୍ଧବାହାଲ ପଞ୍ଚାୟତରେ ପହଞ୍ଚି ସରପଞ୍ଚ ରାଜେନ୍ଦ୍ର ନାୟକଙ୍କ ସହିତ ଆଲୋଚନା କରୁଛନ୍ତି।

# ବେଆଇନ ପଲିଥିନ ଧରପଗଡ଼

**ରାଉରକେଲା ଅଫିସ, ୭।୧**

ସ୍ୱଚ୍ଛ ସର୍ବେକ୍ଷଣ ନେଇ ଅଭିଯାନକୁ ରାଉରକେଲା ମହାନଗର କର୍ତ୍ତୃପକ୍ଷ ଜୋରଦାର କରିଛନ୍ତି। ମଙ୍ଗଳବାର ବିଭିନ୍ନ ସ୍ଥାନରେ ପଲିଥିନ ଭଳି ବେଆଇନ ନିଷିଦ୍ଧ ବସ୍ତୁ କାରବାର ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଛି। ରାଉରକେଲା ମହାନଗର ନିଗମ (ଆର୍‌ଏମସି) ଡେପୁଟି କମିଶନର ସୁଧାଂଶୁ ଭୋଇ ସହରର କେତେକ ସ୍ଥାନକୁ ଯାଇ ଅଚାନକ ଚଢାଉ କରିଥିଲେ। ଏହି ଯାଞ୍ଚକାଳରେ ଟ୍ରାଫିକ ମାର୍କେଟ ଏବଂ ପାୱାର ହାଉସ ରୋଡ ଭଳି କେତେକ ଅଞ୍ଚଳରେ ପଲିଥିନ କ୍ୟାରି ବ୍ୟାଗ ବ୍ୟବହାର ନେଇ ଉପାୟୁକ୍ତଙ୍କ ନଜର ପଡିଥିଲା। ସେ ଏହାକୁ ତତକ୍ଷଣାତ ଜବତ କରିବା ସହ ଜରିମାନା ଆଦାୟ କରିଥିଲେ। ବାରମ୍ବାର ତାଗିଦ ସତ୍ତ୍ୱେ ବ୍ୟବସାୟୀ ସତର୍କ ରହୁ ନ ଥିବା ଏଥିରୁ ସ୍ପଷ୍ଟ ପ୍ରମାଣିତ ହୋଇଛି। ସ୍ୱଚ୍ଛ ସର୍ବେକ୍ଷଣରେ ରାଉରକେଲା ଯେଭଳି ଏକ ନମ୍ବର ସ୍ଥାନରେ ରହିବ ସେ ଦିଗରେ ସମସ୍ତ ପଦକ୍ଷେପ ନେବାକୁ କର୍ତ୍ତୃପକ୍ଷ ଅଣ୍ଟା ଭିଡିଛନ୍ତି। ଏଥିରେ ଉତ୍ସାହିତ ସହରବାସୀ ସହଯୋଗ କରିବା ଦେଖାଯାଇଛି। ଇତି ମଧରେ ବନ୍ଧମୁଣ୍ଡା ଭଳି ସହର ତଳି ଅଞ୍ଚଳରେ ମଧ ସ୍ୱଚ୍ଛ ସର୍ବେକ୍ଷଣ କରିବାକୁ ଉଦ୍ୟମ ଆରମ୍ଭ କରାଯାଇଛି। ମହାନଗର ନଗର କର୍ତ୍ତୃପକ୍ଷ ନିଷ୍ଠାର ସହ କାର୍ଯ୍ୟ କରୁଥିବା ଜଣାଯାଇଛି।



ପଲିଥିନ କ୍ୟାରି ବ୍ୟାଗ ଜବତ କରାଯାଇଛି।

# ଦୁଇ ବାଇକ୍ ମୁହାଁମୁହିଁ ଧକ୍କା, ଯୁବକ ମୃତ

**କୋଲାବିରା,୭।୧(ଡି.ଏନ.ଏ)**

ଝାରସୁଗୁଡା ଜିଲା କୋଲାବିରା ବ୍ରିଜ୍ ନିକଟରେ ମଙ୍ଗଳବାର ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ କୋଲାବିରା ଥାନା ଅନ୍ତର୍ଗତ ରଘୁନାଥପାଲି ପଞ୍ଚାୟତ କଁଟାଟିକ୍ରା ଗ୍ରାମର ଶଚ୍ଚିଦାନନ୍ଦ ଧରୁଆ(୨୫) । ଏହି ଦୁର୍ଘଟଣାରେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି । ଅପରାହ୍ନ ୧ଟା ସମୟରେ ବ୍ରଜରାଜନଗର ବୁନ୍ଦିଆର କାହ୍ନୁ କିସାନ(୨୯) ନିଜ ବାଇକ (ନଂ.ଓଡି୨୩ବି/୧୦୪୩) ଯୋଗେ କୋଲାବିରା ଅଭିମୁଖେ ଆସୁଥିବା ବେଳେ କୋଲାବିରା ପଟୁ ଶଚ୍ଚିଦାନନ୍ଦ ବାଇକ (ନଂ.ଓଡି୨୩ଏଫ୍/୮୬୯୦)ରେ ନିଜ ଘର କଁଟାଟିକ୍ରା ଗ୍ରାମକୁ ଫେରୁଥିଲେ। ଏହି ସମୟରେ କୋଲାବିରା ବ୍ରିଜ ଉପରେ ଉଭୟଙ୍କ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଗୁରୁତର ଅବସ୍ଥାରେ ଉଭୟଙ୍କୁ ପ୍ରଥମେ କୋଲାବିରା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ଝାରସୁଗୁଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯିବା ବାଟରେ ଶଚ୍ଚିଦାନନ୍ଦଙ୍କ ମୃତ୍ୟୁ ହୋଇଥିଲା। କାହ୍ନୁ ଏବେ ଚିକିତ୍ସାଧୀନ ଅବସ୍ଥାରେ ଅଛନ୍ତି। ଏ ସଂକ୍ରାନ୍ତରେ କୋଲାବିରା ପୋଲିସ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି ।

# ଯକ୍ଷ୍ମାର ସଚେତନତା ବାର୍ତ୍ତା ଦେଲେ କଳାକାର

**ଭଟଲି,୭।୧(ଡି.ଏନ.ଏ.)**

ଯକ୍ଷ୍ମାରୋଗ ଏକ ଭୟାବହ ରୋଗ ବୋଲି ଲୋକ ଭାବୁଛନ୍ତି। ହେଲେ ଏହାର ପ୍ରତିକାର ସହଜରେ ହୋଇଥାଏ। ରୋଗର ଲକ୍ଷ୍ୟଣ ବିଷୟରେ ଅବଗତ ହେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେଇ ନିୟମିତ ଔଷଧ ଖାଇଲେ ଯକ୍ଷ୍ମା ରୋଗରୁ ନିସ୍ତାର ମିଳିଥାଏ ବୋଲି ମଙ୍ଗଳବାର ବରଗଡ଼ ଜିଲା ଭଟଲି ରଥଦାଣ୍ଡ ପଡ଼ିଆରେ ଅନୁଷ୍ଠିତ ପଥପ୍ରାନ୍ତ ନାଟକରେ କଳାକାରମାନେ ବାର୍ତ୍ତା ଦେଇଥିଲେ। ଜିଲା ସଂସ୍କୃତି ବିଭାଗ ଏବଂ ଜିଲା ସ୍ୱାସ୍ଥ୍ୟ ବିଭାଗର ମିଳିତ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବନ୍ଧବାହାଲ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବର ଚତୁର୍ଥ ଦିବସ
# ଅଷ୍ଟମଲ୍ଲ ନିହତ: ମହାରାଜ କଂସ ମର୍ମାହତ

**ଲଖନପୁର,୭।୧(ଡି.ଏନ୍.ଏ.):**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ବନ୍ଧବାହାଲ ଶିଳ୍ପାଞ୍ଚଳ କଳାହୀରାନଗରୀରେ ଚାଲିଥିବା ଦଶମ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବର ମଙ୍ଗଳବାର ଥିଲା ଚତୁର୍ଥଦିବସ। ମହାରାଜା କଂସଙ୍କ ନିମନ୍ତ୍ରଣ କ୍ରେମେ ମୁଖ୍ୟଅତିଥି ଭାବେ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଏମ୍‌ସିଏଲ୍ ଲଖନପୁର କ୍ଷେତ୍ର ମହାପ୍ରବନ୍ଧକ ଅନିଲ କୁମାର ସିଂହ, କୋଲ୍‌ମୁଭର ଆସୋସିଏଶନ୍ ସାଧାରଣ ସମ୍ପାଦକ ବାବୁଲା ମିଶ୍ର, ପ୍ରସନ୍ନ କୁମାର ସିଂହ, ବିରଞ୍ଚି ମାଝି, ରଘୁନନ୍ଦନ ପଣ୍ଡା ପ୍ରମୁଖ କଂସ ଦରବାରରେ ମଞ୍ଚାସୀନ ଥିଲେ। ଏହି ଅବସରରେ ଗୋପପୁରରେ କୃଷ୍ଣ ବଳରାମଙ୍କ ଦହି ଚୋରି, ଅଷ୍ଟମଲ ବଧ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସେହିଭଳି ମଥୁରାପୁରରେ ଅଷ୍ଟମଲ ନିହତ ଖବରରେ କଂସ ମର୍ମାହତ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଗୋପପୁର ଓ ମଥୁରାପୁରରେ ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ପ୍ରବଳ ଥଣ୍ଡା ସତ୍ତ୍ୱେ ଦର୍ଶକଙ୍କ ଭିଡ ଜମିଥିଲା। ଯାତ୍ରା କମିଟି କର୍ମକର୍ତ୍ତାଙ୍କ ମଧ୍ୟରେ ଉପସଭାପତି ଘନଶ୍ୟାମ ସିଂହ,ସଞ୍ଜୟ ସିଂହ, ସୁବ୍ରତ ପ୍ରଧାନ, ପ୍ରଦୀପ କରାଳୀ, ନିରଞ୍ଜନ କରାଳୀ, ଦେବାନନ୍ଦ ପ୍ରଧାନ, ବିଜୟ ପତି, ମହେନ୍ଦ୍ର କଣ୍ଡା, ବିରଞ୍ଚି ପ୍ରଧାନ, ପ୍ରେମାନନ୍ଦ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି।



ମଥୁରାପୁର କଂସ ଦରବାରରେ ମଞ୍ଚାସୀନ ଅତିଥିବୃନ୍ଦ।

## ଅର୍ଜୁନ କୁଜୁର ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ
# ରାଉରକେଲା ସ୍ପୋର୍ଟ୍‌ସ ଆସୋସିଏଶନ ବିଜୟୀ

**ରାଉରକେଲା ଅଫିସ, ୭।୧**

ବନ୍ଧମୁଣ୍ଡା ଜୟହିନ୍ଦ କ୍ଲବ ପକ୍ଷରୁ ଦ୍ୱିତୀୟ ଅର୍ଜୁନ ମୁଣ୍ଡା ନକ୍‌ଆଉଟ ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଘାଟିତ ହୋଇ ଯାଇଛି। ଏଥିରେ ୧ମ ଖେଳ ଝାଡ଼ଖଣ୍ଡର କହ୍ନେୟା ଏଫସି ସହିତ ରାଉରକେଲା ସ୍ପୋର୍ଟ୍‌ସ ଆସୋସିଏଶନ ମଧ୍ୟରେ ହୋଇଥିଲା। ପେନାଲଟିକ ଗେମରେ ୩-୧ରେ ସ୍ପୋର୍ଟ୍‌ସ ଆସୋସିଏଶନ ବିଜୟ ଲାଭ କରିଥିଲା। ଏହି ଖେଳ ଆସନ୍ତା ୧୫ରେ ଉଦ୍‌ଯାପିତ ହେବ। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଭାଜପା ସମ୍ପାଦକ ଧିରେନ ସେନାପତି ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡ. ଚିନ୍ମୟ ସାହୁ, ରଣଧିର ଲେଙ୍କା, ଜ୍ୟୋତ୍ସ୍ନା ମହାପାତ୍ର, ଆଇ ରାଜା ରମେଶ ପ୍ରମୁଖ ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥି ସେନାପତି ନିଜ ବକ୍ତବ୍ୟରେ କହିଥିଲେ, ବନ୍ଧମୁଣ୍ଡା ଅଞ୍ଚଳରେ ଏଭଳି ପ୍ରତିଯୋଗିତା ସ୍ଥାନୀୟ ଖେଳପ୍ରେମୀଙ୍କୁ ଉତ୍ସାହିତ କରିଛି। ଏହା ଦ୍ୱାରା ନୂତନ ପ୍ରତିଭା ଲୋକଲୋଚନକୁ ଆସିବା ନେଇ ସୁଯୋଗ ସୃଷ୍ଟି ହୋଇ ପାରୁଛି। ଖେଳକୁଦରେ ସୁନ୍ଦରଗଡ ଜିଲା ଜାତୀୟ ସ୍ତରରେ ସୁନାମ ବଜାୟ ରଖିଛି। ଏହାକୁ କିଭଳି ଆହୁରି ସୁନ୍ଦର ଓ ବ୍ୟବସ୍ଥିତ କରାଯାଇ ପାରିବ ସେ ନେଇ ଉଦ୍ୟୋକ୍ତା ଉଦ୍ୟମ ଜାରି ରଖିବାକୁ ସେ ପରାମର୍ଶ ପ୍ରଦାନ କରିଥିଲେ। ଅନ୍ୟ ମଞ୍ଚାସୀନ ଅତିଥିବୃନ୍ଦ ନିଜ ବକ୍ତବ୍ୟରେ ଫୁଟବଲ ଖେଳ ଆମ ଜିଲାର ଅତି ପ୍ରଚୀନ ବୋଲି କହିବା ସହ ନୂତନ ଖେଳାଳିଙ୍କୁ ପ୍ରୋତ୍ସାହିତ କରିବାକୁ ଗ୍ରାମାଞ୍ଚଳରେ ଏଭଳି ପ୍ରତିଯୋଗିତା ଆୟୋଜନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଖେଳକୁ ଭାନୁ ବାଉରୀ, ଠାକୁରା ମୁର୍ମୁ, ସାମୁ ହାଁସଦା, ଠାକୁର ବରୁଣ ଓ ରାଜେଶ ଭଇଁସା ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ ଭୋଳା ସାମଲ, ରାଜା ଚୌଧୁରୀ, ତପନ ମହାନ୍ତି, ଧିରେନ ମଲିକ, ସୁବ୍ରତ ନାୟକ, ଚୂଡାମଣୀ ତନ୍ତି, ରାଜୁ ତନ୍ତି, କାଞ୍ଚନ ପ୍ରଧାନ, ପୁଷ୍ପା ସିଂ, ଆଇ ମୋହନ ରାଓ ପ୍ରମୁଖ ଉପସ୍ଥିତ ଥିଲେ।




ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଘାଟନୀରେ ମଞ୍ଚାସୀନ ଅତିଥି ଓ ଜୟହିନ୍ଦ କ୍ଲବର କର୍ମକର୍ତ୍ତା।